# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, November 2/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 336 | ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ | Bhubaneswar, Sunday, November 2/2025 | ପୃଷ୍ଠା-୧



**ବଢୁଛି ରଶ୍ମିକାଙ୍କ କ୍ରେଜ୍**
ବକ୍ସ ଅଫିସ୍‌ରେ 'ଥାମା'ର କଲେକ୍ସନକୁ ଦେଖିଲେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ ବଢୁଥିବା ସ୍ପଷ୍ଟ ହେଉଛି। ୦୯

୧୨ **ଟେନିସ୍‌ରୁ ବୋପାନ୍ନାଙ୍କ ଅବସର**
ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭାରତର ରୋହନ ବୋପାନ୍ନା ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଦେଶରେ ୪ଟି ନୂଆ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି କ୍ରମେ ଜଟଣୀର ଇନ୍‌ଫୋଭ୍ୟାଲିରେ ଶନିବାର ରାଜ୍ୟର ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ ପଡ଼ିଛି। ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାସିଲିଟିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଉତ୍ପାଦନ ୟୁନିଟ୍‌ର ଭୂମିପୂଜନ କରି କହିଛନ୍ତି, ଏହି ସଫଳତା ଓଡ଼ିଶାର ବିକାଶମୂଳକ ନୀତି ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପରିବେଶକୁ ଦର୍ଶାଉଛି। ଓଡ଼ିଶାର ଶିଳ୍ପ ଓ କାରିଗରି ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସିକ୍‌ସେମ୍ ଏଥିରେ ୨,୦୬୭ କୋଟି ଟଙ୍କାର ନିବେଶ କରିବ, ଯେଉଁଠୁ ପ୍ରାୟ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାର ଆଶା କରିଛନ୍ତି।




ଜଟଣୀସ୍ଥିତ ଇନ୍‌ଫୋଭ୍ୟାଲିରେ ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଭୂମିପୂଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସିକ୍‌ସେମ୍ ଏମ୍‌ଡି ଗୁରୁ ଥାଲ୍ଲାପାନେନୀ।

ଭୁବନେଶ୍ୱର,୧।୧୧
(ଅନୁରାଧା ମହାରଣା/ସୁନିତ୍ ମିଶ୍ର)

- **ପ୍ରଥମ ୟୁନିଟ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ହେବ ପୂର୍ବୋଦୟର ପ୍ରବେଶପଥ: ଅଶ୍ୱିନୀ**
- **୨,୦୬୭ କୋଟିର ନିବେଶ, ସୃଷ୍ଟିହେବ ୫,୦୦୦ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ସମୁଦାୟ ୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧,୦୦୦ ପ୍ରଫେସନାଲଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜଭୁତ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ ତାହା ମିଶାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଲୱେ ଓ ସୌରଶକ୍ତି ଭଳି କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଣ୍ଟର ସ୍ଥାପନ କରିଛି। ରେଳମନ୍ତ୍ରୀ ☞ପୃଷ୍ଠା-୨

# ଆନ୍ଧ୍ର ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା: ଓଡ଼ିଆ ଯୁବତୀଙ୍କ ସମେତ ୯ ମୃତ

କାସିବୁଗା,(ପି.ଟି.)/ ପାତ୍ରପୁର, (ଉମାଚରଣ ନେପାକ) ୧।୧୧

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଦଳାଚକଟା ଘଟି ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଓ ଜଣେ ୧୨ ବର୍ଷର ବାଳକ ରହିଛନ୍ତି। ଅନ୍ୟ ଜଣେ ଗୁରୁତର ଥିବା କାସିବୁଗା ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି।

ଭେଙ୍କଟେଶ୍ୱର ମନ୍ଦିର ଏକ ଘରୋଇ ମନ୍ଦିର ହୋଇଥିବାବେଳେ ଏହା ନିକଟରେ ନିର୍ମାଣ ହୋଇଥିଲା। ଏହାକୁ ମିନି ତିରୁପତି ମନ୍ଦିର କୁହାଯାଉଥିବାବେଳେ ମାତ୍ର ୪ ମାସ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଥିଲା। ଏଥିରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଛି। ଶନିବାର ଏକାଦଶୀ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ପାହାଚ ପାଖରେ ଏକ ଲୁହା ଗ୍ରିଲ୍ ଭୁଶୁଡ଼ି ପଡ଼ିବାରୁ କିଛି ଗୋଟାଏ ଖସିପଡ଼ିବ ଭାବି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ କେତେଜଣ ଲୋକ ୬ ଫୁଟ୍ ତଳକୁ ଖସିପଡ଼ିଥିଲେ। ଜଣକ ଉପରେ ଅନ୍ୟ ଜଣେ ପଡ଼ିଯିବାରୁ ଦଳାଚକଟା ଘଟିଥିଲା ବୋଲି ପୋଲିସ ଅଫିସର ସୂଚନା ଦେଇଛନ୍ତି। ଏହା ମନ୍ଦିର ମାଲିକଙ୍କ ଭୁଲ୍ କାରଣ ସେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ଡାକି ନ ଥିଲେ ଓ ସେମାନଙ୍କୁ ☞ପୃଷ୍ଠା-୨



ରାଙ୍ଗଲା ରୂପା

# ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି

**ଟିକସ ହ୍ରାସ ସତ୍ତ୍ୱେ ୪.୬% ବୃଦ୍ଧି**

ନୂଆଦିଲ୍ଲୀ,୧।୧୧(ପି.ଟି.)

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ସତ୍ତ୍ୱେ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଗତବର୍ଷ ଅକ୍ଟୋବର ତୁଳନାରେ ଏହା ୪.୬ ପ୍ରତିଶତ ଅଧିକ। ତେବେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବନିମ୍ନ ବୃଦ୍ଧି। ସେପ୍ଟେମ୍ବର ୨୨ ନବରାତ୍ରିର ପ୍ରଥମ ଦିନରେ କେନ୍ଦ୍ର ସରକାର ରୋଷେଇ ସାମଗ୍ରୀଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ଗାଡ଼ି ପର୍ଯ୍ୟନ୍ତ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିଥିଲେ।

ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧.୮୭ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ତାହା ୪.୬% ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ବିକ୍ରିରୁ ରାଜସ୍ୱ ସଂଗ୍ରହ ୨ ପ୍ରତିଶତ ବଢ଼ି ୧.୪୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆମଦାନୀରୁ ସଂଗୃହୀତ ଟିକସ ୧୩ ପ୍ରତଶତ ବଢ଼ି ୫୦,୮୮୪ କୋଟି ଟଙ୍କା ହୋଇଛି। ତେବେ ☞ପୃଷ୍ଠା-୨




# ଖୋଲିଲା ସୁଭଦ୍ରା ପୋର୍ଟାଲ

**ମାସେ ପର୍ଯ୍ୟନ୍ତ ଆବେଦନ**

ଭୁବନେଶ୍ୱର, ୧।୧୧
(ସୁଚିସ୍ମିତା ସାହୁ)

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ଶନିବାରଠାରୁ 'ସୁଭଦ୍ରା' ପୋର୍ଟାଲ ଖୋଲିଛି। ଯେଉଁମାନଙ୍କୁ ଏପ୍ରିଲ ୧ରୁ ୨୧ ବର୍ଷ ହୋଇଥିବ ସେମାନେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପାଇଁ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ଯେଉଁମାନେ ଆବେଦନ କରି ନ ଥିବେ, ସେମାନେ ମଧ୍ୟ ସୁଯୋଗ ପାଇବେ। ଯୋଗ୍ୟ ଆବେଦନକାରୀଙ୍କୁ ମାର୍ଚ୍ଚ ୮ରେ ଏକକାଳୀନ ଦୁଇଟି କିସ୍ତି ଅର୍ଥାତ ୧୦ହଜାର ଟଙ୍କା ମିଳିବ। ମାସେ ପର୍ଯ୍ୟନ୍ତ ମହିଳାମାନେ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ହିତାଧିକାରୀଙ୍କ ସହ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ କରି କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ବିଦେଶରେ ରହୁଥିଲେ ଏବେ ଆସିଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଯେଉଁମାନେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି, ସେମାନେ ଆବେଦନ କରନ୍ତୁ ନାହିଁ। ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରିପାରିବେ। କୌଣସି ସ୍ଥାନରେ ଭିଡ଼ ନ କରି ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।




# ଉପକୂଳରେ ୬ ମାସିଆ ସାମୁଦ୍ରିକ କଇଁଛ କଟକଣା

ପାରାଦୀପ,୧।୧୧
(ଶରତ ରାଉତ)

ଓଡ଼ିଶାର ୪୮୨ କିମି ସାମୁଦ୍ରିକ ଉପକୂଳରେ ଶନିବାରଠାରୁ ସରକାରୀ ଭାବେ କଇଁଛ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିଶେଷକରି ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। କାରଣ ଏହି ସମୟରେ ବିଲୁପ୍ତପ୍ରାୟ ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛ ଆଗମନ କରିବା ସହ ମିଳନ ଓ ଅଣ୍ଡାଦାନ ଆଦି କରିବେ। ଏଥିଯୋଗୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ଆଇନ ୧୯୮୧ ଅନୁସାରେ ☞ପୃଷ୍ଠା-୨

# ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

**ସମ୍ପର୍କୀୟଙ୍କ ସମେତ ୨ ଅଟକ, ଜଣେ ଫେରାର**

ସୋନପୁର/ବୀରମହାରାଜପୁର,୧।୧୧
(ମୃତ୍ୟୁଞ୍ଜୟ ଶତପଥୀ/ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିକୁଡିଠାରେ ଜଣେ ୨୦ବର୍ଷିୟା କର୍ମଜୀବୀ ଯୁବତୀଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଶୁକ୍ରବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ଥାନାରେ ଏନେଇ ଏକ ମାମଲା(ନଂ.୨୨୯/୨୫) ରୁଜୁ ହୋଇଛି। ପୋଲିସ ପୀଡିତାଙ୍କ ଡାକ୍ତରୀମାଇନା କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏହି ଘଟଣାରେ ପୀଡ଼ିତାଙ୍କ ଜଣେ ଦୂର ସମ୍ପର୍କୀୟଙ୍କ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ତେବେ ତଦନ୍ତ ସମୟରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ରବିବାର ପୋଲିସ ଏହାର ପର୍ଦ୍ଦାଫାଶ କରିବ ବୋଲି ଜଣାପଡ଼ିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଯୁବତୀ ଜଣକ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। କାମ ସାରି ଶୁକ୍ରବାର ସନ୍ଧ୍ୟାରେ ସେ ସାଇକେଲରେ ନିଜ ଘରକୁ ଫେରୁଥିଲେ। ଉଲୁଣ୍ଡା ବ୍ଲକ ହିକୁଡିସ୍ଥିତ ସରକାରୀ ଆଇଟିଆଇ ନିକଟରେ ଥିବା ବନ୍ଧ ପାଖରେ ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇଥିଲେ। ଯୁବତୀ ଜଣକ ସେଠାରେ ନ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କ ମୁହଁକୁ କୌଣସି ଏକ ତରଳ ପଦାର୍ଥ ସ୍ପ୍ରେ କରିଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ବିଲପାର୍ଶ୍ୱକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚେତା ଫେରିବା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଇନ୍ସପେକ୍ଟର ଅବିନାଶ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଏସ୍‌ପି ନାରାୟଣ ନାୟକ ଘଟଣାସ୍ଥଳ ଓ ପୀଡ଼ିତାଙ୍କ କର୍ମକ୍ଷେତ୍ରକୁ ଯାଇ ଅନୁଧ୍ୟାନ କରିଛନ୍ତି। ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ କୁମାର ରାଓ ଓ ବୀରମହାରାଜପୁର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଅଟକ ଥିବା ଜଣେ ଯୁବକ ପୀଡ଼ିତାଙ୍କ ସମ୍ପର୍କୀୟ। ତାଙ୍କ ଘର ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ। ଏ ସମ୍ପର୍କରେ ଏସ୍‌ପି ନାୟକଙ୍କୁ ପଚାରିବାରୁ ସମସ୍ତ ଦିଗକୁ ନେଇ ସାଇଣ୍ଟିଫିକ୍ ଉପାୟରେ ତଦନ୍ତ ହୋଇଛି। ତଦନ୍ତରୁ ସମସ୍ତ ସତ୍ୟ ସାମ୍ନାକୁ ଆସିବ। ରବିବାର ଘଟଣା ସମ୍ପର୍କରେ ସୂଚନା ଦିଆଯିବ ବୋଲି ସେ କହିଥିଲେ।

**ଆଜିର ସମ୍ପାଦକୀୟ**
ସ୍ମାର୍ଟ ସିଟିର ବାସ୍ତବତା

# ଆଜି ଭାରତ-ଦ. ଆଫ୍ରିକା ଫାଇନାଲ




ନବିମୁମ୍ବାଇରେ ଶନିବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ କୌର ଓ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଡଟ୍।

**ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍**

ନଭି ମୁମ୍ବାଇ,୧।୧୧(ପି.ଟି.)

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ☞ପୃଷ୍ଠା-୨

# କପି ଧରାପଡ଼ିଲେ 'ଶୂନ' | ୟୁଏଇରେ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ

ଦୁବାଇ,୧।୧୧

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପରୀକ୍ଷା ଋତୁର ଆଗମନ ସହ ସେଠାକାର ସରକାର ପରୀକ୍ଷାର୍ଥୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ କଡ଼ା ନିୟମ କରିଛନ୍ତି। ତଦନୁସାରେ କୌଣସି ଛାତ୍ରୀଛାତ୍ର ପରୀକ୍ଷା ବେଳେ କପି କରି ଧରାପଡ଼ିଲେ ତାଙ୍କୁ ଶୂନ ମାର୍କ ମିଳିବ। ଏପରି କି ପରୀକ୍ଷା ପରିଚାଳନା ଓ ନିରୀକ୍ଷଣକାରୀ ଷ୍ଟାଫ୍‌ଙ୍କୁ ମଧ୍ୟ ୨ ଲକ୍ଷ ଧିରାମ (ପ୍ରାୟ ୪୮ ଲକ୍ଷ ଟଙ୍କା) ଜରିମାନା ଦେବାକୁ ପଡ଼ିବ।

ୟୁଏଇରେ ନଭେମ୍ବର ୨୦ରେ ପ୍ରଥମ ଅବଧି କେନ୍ଦ୍ରୀୟ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ କଟକଣା ଜାରି କରିଛି। ପରୀକ୍ଷା ହଲ୍‌ରେ ମୋବାଇଲ ଫୋନ୍ ସମେତ ଅନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସେହିପରି ସୋସିଆଲ ମିଡିଆ କିମ୍ବା ଅନ୍ୟ କୌଣସି ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ର ପୋଷ୍ଟ କରିବା, ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କଥା ହେବା ଏବଂ ଇନ୍‌ଭିଜିଲେଟରଙ୍କୁ ପ୍ରଭାବିତ ଉଦ୍ୟମ କରିବା ଭଳି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ପିଲାମାନେ ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ଯଦି କେହି କପି ଉତାରୁଥିବା ଧରାପଡ଼ନ୍ତି, ତେବେ ତାଙ୍କୁ ଜିରୋ ଗ୍ରେଡ୍ ମିଳିବ। ଏହାସହ ୧୨-ପଏଣ୍ଟ କଣ୍ଡକ୍ଟ ପେନାଲ୍ଟି ମଧ୍ୟ ଜାରି କରାଯିବ, ଯାହାକି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଚରଣ ରେକର୍ଡ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ତାଙ୍କୁ ଆଚରଣରେ ସଂସ୍କାର ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ। ପିଲା କପି କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କର୍ମଚାରୀ ଜରିମାନା ବାବଦକୁ ୪୮ ଲକ୍ଷ ଟଙ୍କା ଦେବେ। ଏହି ନୂଆ ନିୟମ ସାରା ଦେଶର ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ କ୍ଷେତ୍ରରେ ଲାଗୁ ହେବ। ଅର୍ଥାତ୍ ପରୀକ୍ଷାରେ କୌଣସି ପ୍ରକାର ଅସାଧୁ ଉପାୟକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି 'ଗାଇଡ୍ ଟୁ କମ୍ବାଟିଂ ଚିଟିଂ ଆଣ୍ଡ ଏକ୍‌ଜାମ ମିସ୍‌କଣ୍ଡକ୍ଟ'ରେ ଶିକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ସନ୍ଦେଶ ଦେଇଛି। ୟୁଏଇର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖି ଜାତୀୟ ମୂଲ୍ୟାଙ୍କନରେ ସୁଧାର ଆଣିବା ପାଇଁ ଏଥିରେ ଆଣ୍ଟି-ଚିଟିଂ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହାଦ୍ୱାରା ସମସ୍ତ ପରୀକ୍ଷାର୍ଥୀ ସମାନ ସୁଯୋଗ ଲାଭ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀର ଉଦ୍‌ଘାଟନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍କୁର ଫାଉଣ୍ଡେଶନ୍ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ରାଉତ୍‌ରାୟ ଇଣ୍ଟରନ୍ୟାଶନାଲ୍ ଡିଷ୍ଟ୍ରିକ୍ଟ-୩୨୬୨ ପକ୍ଷରୁ ଜିଲା ପୁରସ୍କାର ବିତରଣ 'ଅର୍ଜୁନ' କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିଅମ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳନ, ସ୍ଥାନ: ସାଇ ଜନନୀ , ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକୀ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୟୁଥ୍ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭିକାରୀ ବଳ ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବିଜୟା ବନ୍ଧୁମିଳନ ସମାରୋହ, ସ୍ଥାନ: ଡାକବଙ୍ଗଳା, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଏସ୍‌କେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷ, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଯୋଗ ଶିବିର ଓ କାର୍ଯ୍ୟକାରୀ ବୈଠକ, ସ୍ଥାନ: ନାଗରିକ ପରିଷଦ ସଭାଗୃହ, ଧାମନଗର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ଭଦ୍ରକ, ସମୟ: ସକାଳ ୯ଟା।
- ମିଲେଟ୍ ଦିବସ ପାଳନ, ସ୍ଥାନ: ହୋଟେଲ ହାର୍ଦ୍ଦିକ, ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

- ବ୍ଲକସ୍ତରୀୟ ସୁରଭି, ସ୍ଥାନ: ନରସିଂହପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଆରଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସ୍ଥାନୀୟ ଅଡିଟୋରିମ, କେନ୍ଦୁଝର, ସମୟ: ସକାଳ ୮ଟା।
- ରାଧାକୃଷ୍ଣଙ୍କ ପୂଜା ଏବଂ ରାସ ଉତ୍ସବ ଉପଲକ୍ଷେ ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଡ଼ରମ୍ପାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା, ସ୍ଥାନ: ଭପୁର, ବାରିପଦା, ସମୟ: ସକାଳ ୮ଟା।
- ଥିଏଟର କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା, ସ୍ଥାନ: ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୩୦।
- ମହାନ ସଂଘର ବାର୍ଷିକ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୬ଟା।।

## କନ୍ଧମାଳ

- ଅଷ୍ଟପ୍ରହର ନମଯଜ୍ଞ, ସ୍ଥାନ: ପୁରୁଣା ନୂଆଗାଁ କନ୍ଧମାଳ, ସମୟ: ସକାଳ ୮ ଟା।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ : ମା'ମହାମାୟୀ ମନ୍ଦିର, ଭଗାମୁଣ୍ଡା, ବାଲିଗୁଡ଼ା, ସମୟ: ସକାଳ ୯ ଟା।
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ : ସକାଳ ୯ ଟା।

## ଢେଙ୍କାନାଳ

- ସାମାଜିକ କର୍ମୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନୟ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ରାସଯାତ୍ରାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖ ରାସମଣ୍ଡପ, ସମୟ: ସକାଳ ୮ଟା।
- ପୋଲିସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ଇନଡୋର ହଲ୍, ସମୟ: ସକାଳ ୯ଟା।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ଦୋଳମଣ୍ଡପ ସାହି ରାସ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ଯଜ୍ଞ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ଲକ୍ ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଥାନା ପରିସର, ପାରାଦୀପଗଡ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଯୁବା ସମ୍ମିଳନୀ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ:ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଶିଆଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୮ ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଧୁମାତ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭାଗବତ ପାରାୟଣ, ସ୍ଥାନ : ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଆପାଳ ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭା, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର ପୋଲିସ ଆୟୋଜନରେ ସାଇକ୍ଲୋଥନ, ସ୍ଥାନ: ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୭ଟା ।
- ଗ୍ରୁମିଂ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ, ସ୍ଥାନ : ସମ୍ବଲପୁର ଆଇଆଇଏମ୍ ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ବହିକୁ ନେଇ ଆଲୋଚନା ଓ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୦ଟା ।
- କଳାସଂସ୍କୃତି ମହୋତ୍ସବ ପାଇଁ ଆଙ୍ଗାମାଳ, ସ୍ଥାନ: ସମଲେଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୨ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ:ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା ।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା ।
- ଟିମ୍ ସମ୍ବଲପୁର ପକ୍ଷରୁ ଫେଶନ ଉଇକ-୨୫, ସ୍ଥାନ: ଭାଲୁପାଲି ଛକସ୍ଥିତ ଡିଲଙ୍ଗ ସଭାକକ୍ଷ, ସମୟ : ଅପରାହ୍ନ ୪ଟା ।
- କୁଲତା ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜ ଭବନ ମୁକ୍ତାକାଶ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଯୁବ ନେତୃତ୍ୱ ଦକ୍ଷତା ଶିବିରର ତୃତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ: ପିଏ ଆଇଟିଡିଏ, ସମୟ: ପୂର୍ବାହ୍ନ ୧୧ଟା।
- ନୌବାଣିଜ୍ୟରୁ ମହତାବ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ : ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସାଇବର ସୁରକ୍ଷା ପଦଯାତ୍ରା, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ସକାଳ ୭ଟା।
- ରାମଜୀ, ନୃସିଂହ ମନ୍ଦିର କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାମଜୀ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶୁଣ୍ଢୀ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଜିଲା ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗୀତା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ଶ୍ରୀ ସିଦ୍ଧଗୁରୁ ବାବା ମଠ, ଡମ୍ବରୁଗଡ, କଙ୍କଲା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭିତିରିଆସାହି ପକ୍ଷରୁ ରାହାସ ଯାତ୍ରା ଅଧିବାସ ପାଇଁ ଆକର୍ଷଣୀୟ ଶୋଭାଯାତ୍ରା, ନଗର ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୫ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳାଭିଷେକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୫ଟା ୩୦।
- ଡୁଙ୍ଗୁରିପାଲି ଦିଗଶିରାଠାରେ କଳାସୀ ଯାତ୍ରା ମହୋତ୍ସବ, ସ୍ଥାନ: ଅଙ୍ଗନଦୀ ଯାତ୍ରା ପଡିଆ, ସମୟ: ସକାଳ ୮ଟାରୁ ରାତି ୧୨ଟା ପର୍ଯ୍ୟନ୍ତ।
- ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ତରଭା ବ୍ଲକର ପୁଆ ଓ ଲକ୍ଷ୍ମୀମୁଣ୍ଡାରେ କଳାସୀ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଳାସୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡ଼ିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତି ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଅଶ୍ୱିନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ବି କିଛି କରିପାରିବେ ନାହିଁ। ପ୍ରଶାସନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** — କୃତ୍ତିକା ନକ୍ଷତ୍ରର ଅଧିକାଂଶ ସମୟ ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବ। ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ, ଏଜେନ୍‌ଶିପ୍ ଓ ପରିବହନରୁ ଲାଭବାନ୍ ହେବେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ।

**ମିଥୁନ** — ମୃଗଶିରା ନକ୍ଷତ୍ର ପାଇଁ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** — ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ ସମସ୍ୟାକୁ ସାମ୍ନା କରିବାର ଦୁଃସାହସ କରିପାରିବେ ନାହିଁ। ଅତୀତ କଥାକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ଧାରଣା ସମସ୍ୟା ସୃଷ୍ଟି କରିବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ନୂତନ ପରିବେଶରେ ବନ୍ଧୁଙ୍କୁ ଆପ୍ୟାୟିତ କରି ଖୁସି ହୋଇ ପାରନ୍ତି।

**ସିଂହ** — ପାରିବାରିକ କ୍ଷେତ୍ରରେ ନୀରବ ରହିବା ଭଲ ହେବ। ମଘା ନକ୍ଷତ୍ର ସକାଶେ ଆଜି ଯାତ୍ରାରେ ସଫଳତା ମିଳିବ, ତଥାପି କାମର ଚାପ ବହୁତ ବଢ଼ିଯାଇପାରେ। ଉନ୍ନତିମୂଳକ କାମ ସକାଶେ ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ ବନ୍ଧୁଗହଣରେ ପ୍ରଶଂସିତ ହେବେ। ଆଜି ଦିନଟିରେ କଳା, ସାହିତ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଭଲ।

**କନ୍ୟା** — କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ହୁଏତ ସଫଳ ହୋଇପାରିବେନି। ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ ଅବସାଦ ଦେଖାଦେବ। ପରିବାରର ଆବଶ୍ୟକତାକୁ ଅନୁଭବ କରି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** — ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିନେବେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ।

**ବିଛା** — ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିରୁ ବିଚଳିତବୋଧ କରିପାରନ୍ତି। ଅନୁରାଧା ନକ୍ଷତ୍ର ଏଜେନ୍‌ଶିପ୍, ସାମ୍ବାଦିକତା, ରାଜନୀତି, ସାହିତ୍ୟ, ଏଜେନ୍‌ଶିପ୍ ପ୍ରଭୃତିରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆତ୍ମୀୟତା ବୃଦ୍ଧି ଯୋଗୁ ନିଜ ଲୋକ ଈର୍ଷା କରିବେ। ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, କର୍ମାରମ୍ଭ, ବ୍ୟବସାୟ ଓ ନିର୍ମାଣମୂଳକ କାମରେ ଶୁଭଫଳ ପାଇବେ।

**ଧନୁ** — ପ୍ରତ୍ୟେକ କ୍ଷେତ୍ରରେ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ମୂଳା ନକ୍ଷତ୍ର ଅନ୍ୟମାନଙ୍କଠାରୁ ଅର୍ଥ ସାଙ୍ଗକୁ କାମ ଆଦାୟରେ ସଫଳ ହେବେ।

**ମକର** — ଖର୍ଚ୍ଚାନ୍ତ ହୋଇ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଜଣେ ବାନ୍ଧବୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ପଡ଼ୋଶୀ କଅଁଳିଆ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି।

**କୁମ୍ଭ** — ପ୍ରତିବନ୍ଧକ ଲାଗି ରହିବା କାରଣରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇ ନ ପାରେ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଶତଭିଷା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ** — ଆନୁଷ୍ଠାନିକ କାମରୁ ଅଥବା ଆଲୋଚନାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

ଆଜି ନଭେମ୍ବର ୨ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, କାର୍ତ୍ତିକ ଶୁକ୍ଳ ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର, ରବି ନାରାୟଣ ବ୍ରତ, ଗରୁଡ଼ ଉତ୍ଥାପନ, ତୁଳସୀ ବିବାହ, ବକପଞ୍ଚକ, ଶରତ୍‌ରାସ ଆରମ୍ଭ, ଚାତୁର୍ମାସ୍ୟା ବ୍ରତ ସମାପନ, ସ୍ମାର୍ତ୍ତସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ବୈଷ୍ଣବ ସମ୍ମତ ତ୍ରିସ୍ପୃଶା ଏକାଦଶୀ ଉପବାସ, ଭକ୍ତ ଦାସିଆ ଜୟନ୍ତୀ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଦିବା ଘ.୧୧।୨୫ମି. ଗତେ ମୀନଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୭ ଗତେ ଘ.୦୮।୫୨ ମଧ୍ୟେ, ଘ.୧୨।୫୪ମି. ଗତେ ଘ.୦୨।୫୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୮ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଉପକୂଳରେ ୬ ମାସିଆ ...

କଟକଣା ଲାଗୁ କରାଯାଇଛି ବୋଲି ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ସବୁ ମାଛଧରା ବନ୍ଦରଗୁଡ଼ିକୁ ନୋଟିସ ଦିଆଯାଇଛି ଏବଂ ଡାକବାଜି ଜରିଆରେ ସୂଚନା ମଧ୍ୟ ଦିଆଯାଇଛି। ସମୁଦ୍ର କୂଳଠାରୁ ୨୦ କିମି ସୀମା ମଧ୍ୟରେ କୌଣସି ମାଛଧରା ବୋଟ୍ ମାଛ ଧରିପାରିବେ ନାହିଁ। ୨୦ କିମି ସମୁଦ୍ର ପରେ ସେମାନେ ମାଛ ଧରିପାରିବେ। ଏହିପରି କଟକଣା ସବୁ ବର୍ଷ ହୋଇଥାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନେ ଖାଇଛି ଦହି,**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦୁ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ। କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡେ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲା ପଣ୍ଡୁ, ମଲେ ମଶା,**
**ଫାଟୁଆ ଦେଲେ ମୁରୁକି ହସା ।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡିଲେ ମଶା ମରିଯାନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ,ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହିପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ସେମିକଣ୍ଡକ୍ଟର ...

ଅଶ୍ୱିନୀ ବୈଷ୍ଣବ ତାଙ୍କ ଏମ୍‌ପି ଫଣ୍ଡରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗି ଯାଉଥିଲା ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହେଉଛି ନୂତନ ଭାରତର ଗତି ଏବଂ ଶକ୍ତି। ବେଙ୍ଗାଲୁରୁ ପରେ ବର୍ତ୍ତମାନ ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଜଧାନୀ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢ଼ୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍‌ର ସଫଳତାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଦିଲ୍ଲୀରେ ମଧ୍ୟ ୨ଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ କରିଥିଲେ। ଆଗାମୀ ଦିନରେ ଏହି ୨ କମ୍ପାନୀ ଓଡ଼ିଶାରେ ପ୍ରାୟ ୩,୦୦୦ କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବର୍ତ୍ତମାନ ଯୁବ ପିଢ଼ି ପାଇଁ ଏ କ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ ଓ ଗବେଷଣା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆଇଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ଓଡ଼ିଶା ଏହି ଗୁରୁଦାୟିତ୍ୱକୁ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇ.ଆଇ.ଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍କର, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ମ୍ୟାନେଜିଂ ଡାଇରେକ୍ଟର ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଗୁରୁ ଥାଲ୍ଲାପାନେନୀ, କ୍ଲାସ୍-ସିକ୍ ୱାଫର୍ ଫ୍ୟାବ୍ ଲିମିଟେଡର ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ମିସ୍ ଜେନିଫର୍ ୱାଲସ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଧ୍ର ଭେଙ୍କଟେଶ୍ୱର ...

ପ୍ରବେଶ ଅନୁମତି ନ ଥିଲା ବୋଲି ଡିଏସ୍‌ପି କହିଛନ୍ତି। ମୃତକଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ରହିଛନ୍ତି। ସେ ହେଲେ ପାତ୍ରପୁର ବ୍ଲକ ଜରଡା ଥାନା ଅନ୍ତର୍ଗତ ଗୁଡ଼ିପଦର ଗ୍ରାମର ରାଙ୍ଗଲା ରୂପା(୧୯)। ତାଙ୍କ ସହ ଯାଇଥିବା ବି. ରୋହିଣୀ ଆହତ ହୋଇଥିବା ଜଣାପଡିଛି। କାଶୀବୁଗାର ଏକ ନର୍ସିଂ କଲେଜରେ ରୂପା ପାଠ ପଢୁଥିଲେ। ଶନିବାର ରୂପା ଗୁଡିପଦର ଗ୍ରାମରେ ବିବାହ କରିଥିବା ମଞ୍ଜୁଷାର ବି. ରୋହିଣୀଙ୍କ ସହ ମନ୍ଦିରକୁ ଯାଇଥିଲେ। ରୂପା ଗୁଡିପଦର ଗ୍ରାମର ଆର୍. ଡ଼ିଲେଶୁଙ୍କ ଏକମାତ୍ର ଝିଅ ହୋଇଥିବା ବେଳେ ଡିଲେଶୁଙ୍କ ସ୍ତ୍ରୀଙ୍କର ଦୁଇବର୍ଷ ତଳୁ ମୃତ୍ୟୁ ଘଟିଛି। ରୂପାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ରୂପାଙ୍କ ମୃତଦେହ ଗ୍ରାମକୁ ଆସିଥିବା ଜଣାପଡିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ନିମନ୍ତେ ୨,୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କେତେଜଣ ଲୋକଙ୍କ କାର୍ଯ୍ୟ ପାଇଁ ଦଳାଚକଟା ଘଟି ୯ ଜଣଙ୍କ ଜୀବନ ଗଲା ବୋଲି ସେ କହିଛନ୍ତି। ଏକାଦଶୀ ଉତ୍ସବ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷ ପୋଲିସ କିମ୍ବା ସ୍ଥାନୀୟ ପ୍ରଶାସନକୁ ନ ଜଣାଇବା ଦୁର୍ଭାଗ୍ୟଜନକ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ୱାଇଏସ୍‌ଆର୍‌ସିପି ନେତା ଜଗନମୋହନ ରେଡ୍ଡୀ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ପୂର୍ବରୁ ରାଜ୍ୟରେ ଏଭଳି ଏକାଧିକ ଘଟଣା ଘଟିଥିଲେ ମଧ୍ୟ ଉପଯୁକ୍ତ ସତର୍କତା ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ପୁନର୍ବାର ଦଳାଚକଟାରେ ୯ ଜୀବନ ଗଲା। ଏଥିପାଇଁ ସରକାରଙ୍କ ଉଦାସୀନତା ଦାୟୀ ବୋଲି ଜଗନ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୩ଟି ବଡ଼ ମନ୍ଦିର ଦୁର୍ଘଟଣା ଘଟି ୨୨ ଜଣଙ୍କ ମୃତ୍ୟୁ ହେବା ସହ ପ୍ରାୟ ୧୦୦ ଜଣ ଆହତ ହେଲେଣି। ଗତ ଏପ୍ରିଲରେ ସୀମାଚଳମ୍‌ର ଶ୍ରୀବରାହ ଲକ୍ଷ୍ମୀନରସିଂହ ସ୍ୱାମୀ ମନ୍ଦିରରେ ପାଚେରି ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜାନୁଆରୀରେ ତିରୁପତିର ବୈରାଗୀ ପଟ୍ଟେଡ଼ାଠାରେ ଦଳାଚକଟାରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୪୦ ଜଣ ଆହତ ହୋଇଥିଲେ। ତିରୁପତି ମନ୍ଦିରରେ ପ୍ରବେଶ ପାଇଁ ଟିକେଟ ନିମନ୍ତେ ସେମାନେ ଭିଡ଼ ଜମାଇଥିବାବେଳେ ଦଳାଚକଟା ଘଟିଥିଲା।

## ଜିଏସ୍‌ଟି ସଂଗ୍ରହ...

ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବୃଦ୍ଧି ହାର ହାରାହାରି ୯ ପ୍ରତିଶତ ଥିବାବେଳେ ଅକ୍ଟୋବରରେ ତାହା ୪.୬ ପ୍ରତିଶତକୁ ଖସିଆସିଛି। ଗତ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୬.୫% ବଢ଼ି ୧.୮୬ ଲକ୍ଷ କୋଟି ହୋଇଥିବାବେଳେ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯.୧% ବୃଦ୍ଧି ପାଇ ୧.୮୯ ଲକ୍ଷ କୋଟି ଟଙ୍କା ହୋଇଥିଲା। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁ ଚାହିଦା ବୃଦ୍ଧି ସହ ଅଧିକ ସଂଖ୍ୟାରେ ଜିଏସ୍‌ଟି ସଂଗୃହୀତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ ଦୀପାବଳି ପୂର୍ବରୁ ଜିଏସ୍‌ଟି ହ୍ରାସ ସମ୍ପର୍କରେ ଘୋଷଣା କରିଥିବାରୁ ଲୋକେ ସେମାନଙ୍କ କ୍ରୟ ନିଷ୍ପତ୍ତିକୁ ଟିକସ କମିବା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଫଳରେ ଅକ୍ଟୋବରରେ ଅଧିକ ଲୋକେ କିଣାକିଣି କରିଥିଲେ। ତଥ୍ୟ ଅନୁଯାୟୀ, ଜିଏସ୍‌ଟି ରିଫଣ୍ଡ ଗତବର୍ଷ ଅକ୍ଟୋବର ତୁଳନାରେ ଗତ ମାସରେ ୩୯.୬ ପ୍ରତିଶତ ବୃଦ୍ଧି ପାଇ ୨୬,୯୩୪ କୋଟି ଟଙ୍କାରେ ପହଞ୍ଚିଛି। ରିଫଣ୍ଡକୁ ବାଦ୍ ଦେବା ପରେ ଚଳିତ ବର୍ଷ ଅକ୍ଟୋବରରେ ଜିଏସ୍‌ଟି ରାଜସ୍ୱ ୧.୬୯ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷ ଅକ୍ଟୋବର ତୁଳନାରେ ୦.୨ ପ୍ରତିଶତ ଅଧିକ।

## ଆଜି ଭାରତ-ଦ. ଆଫ୍ରିକା ...

ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ଏଥର ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ମିଳିବ। ଭାରତ ଏହି ଫାଇନାଲ ଜିତିବାକୁ ସକ୍ଷମ ହେଲେ ହରମନପ୍ରୀତ୍ କୌର ପ୍ରଥମ ଭାରତୀୟ ଅଧିନାୟିକା ଭାବେ ବିଶ୍ୱକପ୍ ଟ୍ରଫି ଉଠାଇବେ। ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ୭ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସ ସହ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଫ୍ରେଣ୍ଡ୍‌ଲି ପିଚ୍ ଓ ସନ୍ଧ୍ୟାରେ କାକରର ସମ୍ଭାବନା ରହିଥିବାରୁ ଏହା ଏକ ହାଇ ସ୍କୋରିଂ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ସମାନ ଭେନ୍ୟୁରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟର ପିଛା କରି ଭାରତୀୟ ମହିଳା ଦଳ ଐତିହାସିକ ବିଜୟ ହାସଲ କରିଥିଲା।

# କୋମନାରେ ରାତିଅଧିଆ ବ୍ଲାଙ୍କ୍ ଫାୟାରିଂ

■ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ ■ ବିଧାୟକଙ୍କ ପିଏସ୍ଓ ସସ୍‌ପେଣ୍ଡ


କୋମନା ଥାନା ଅଧିକାରୀଙ୍କୁ ଶନିବାର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା,୧।୧୧(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ଏଠାକାର ରାଜନୈତିକ ମାହୋଲ ସେତିକି ସରଗରମ ହେବାରେ ଲାଗିଛି। ବିଜେଡି ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଖଡ଼ିଆଳସ୍ଥିତ ଭଡ଼ାଘରେ ଚଢ଼ାଉ କରାଯିବା ପରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ (ବବି) ଓ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଜଣେ ଯୁବକଙ୍କୁ ମାଡ଼ ମାରିବା ସହ ଧମକ ଦେଇଥିବା ନେଇ ଉଭୟଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ଜାରି ରହିଥିବା ବେଳେ ଶୁକ୍ରବାର ରାତିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋମନାରେ ହୋଇଛି ବ୍ଲାଙ୍କ୍ ଫାୟାରିଂ। ଗୋଟିଏ ରାଉଣ୍ଡ ଗୁଳି ଫୁଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇଛନ୍ତି। ତେବେ କୋମନାର ସଂକଳ୍ପ ହୋଟେଲରେ ରହୁଥିବା କୋରାପୁଟ ବିଧାୟକ ରଘୁନାଥ ମାଛଙ୍କ ପିଏସ୍ଓଙ୍କ ବନ୍ଧୁକରୁ ବ୍ଲାଙ୍କ ଫାୟାରିଂ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଶନିବାର କୋମନା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହେବା ସହ ପିଏସ୍ଓ ଡମ୍ବରୁ ହନ୍ତାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

କଂଗ୍ରେସ ଅଭିଯୋଗର ଅନୁଯାୟୀ, ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଶାସକ ଦଳର ଜଣେ ଲୋକପ୍ରତିନିଧିଙ୍କ ସୁରକ୍ଷା ଅଧିକାରୀ ଫାୟାରିଂ କରି ଲୋକଙ୍କୁ ଆତଙ୍କିତ କରାଇବା ସହ ନିର୍ବାଚନ ଫଳକୁ ଶାସକ ଦଳ ପକ୍ଷକୁ ନେବା ଲାଗି ଚେଷ୍ଟା କରିବା ଆଇନ ଅନୁଯାୟୀ ଅପରାଧ। ଏହା ବିଧାୟକଙ୍କ ପ୍ରତ୍ୟକ୍ଷ ସମର୍ଥନ ବିନା ସମ୍ଭବ ନୁହେଁ। ଏହି ଘଟଣା ପାଇଁ ପିଏସ୍ଓଙ୍କୁ ତୁରନ୍ତ ଗିରଫ କରିବା ସହିତ ବିଧାୟକଙ୍କୁ ଜିଲ୍ଲାରୁ ବାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଯଦି ପିଏସ୍ଓଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଯାଏ ତେବେ ରବିବାର କୋମନା ଥାନା ଘେରାଉ ସହ ଧାରଣା ଦେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଉପନିର୍ବାଚନ ଯୋଗୁ ଏଠାକୁ ଏବେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମାଳମାଳ ନେତା, ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ତାଙ୍କର କର୍ମୀମାନେ ଆସି ଡେରା ପକାଇଛନ୍ତି। ପ୍ରଚାର ପାଇଁ ଆସିଥିବା ନେତା ନୂଆପଡ଼ା ସମେତ କୋମନା, ଖରିଆର ରୋଡ୍‌ର ସବୁ ହୋଟେଲ, ଗେଷ୍ଟ ହାଉସରେ ରହିଛନ୍ତି। ସେମାନେ ବଡ଼ ବଡ଼ ଗାଡ଼ିରେ ରାସ୍ତାରେ ଯିବାଆସିବା କରୁଛନ୍ତି। ତେବେ କୋମନାରେ ବ୍ଲାଙ୍କ ଫାୟାରିଂ ଘଟଣା ଶାନ୍ତ ନୂଆପଡ଼ାକୁ ବାହାର ଲୋକ ଅଶାନ୍ତ କରୁଥିବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଫାୟାରିଂ ସମ୍ପର୍କରେ କୋମନା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନଙ୍କୁ ପଚାରିବାରୁ ଏନେଇ ଥାନାରେ ଏକ ମାମଲା( ନଂ .୩୧୯/୨୫)ରୁଜୁ କରାଯାଇଛି ବୋଲି କହିବା ସହ ବିଧାୟକଙ୍କ ପିଏସଓ ଡମ୍ବରୁ ହନ୍ତାଳଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ତାଙ୍କଠୁ ତାଙ୍କର ବନ୍ଧୁକ ଜବତ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ସବିଶେଷ ଖବର ଅନୁଯାୟୀ ସଂପୃକ୍ତ ପିଏସ୍ଓଙ୍କୁ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ନିଲମ୍ବନ କରିଥିବା ନୂଆପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସ୍ ଆଇ ମିନତି ବଡ଼ନାଏକଙ୍କୁ ଦିଆଯାଇଛି।

## ଆନ୍ଧ୍ର ଶ୍ରୀକାକୁଳମ୍‌ରେ ଦଳାଚକଟା




# ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ କାମ ଚାଲିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ସୁନିଲ୍ ମିଶ୍ର)

■ ପ୍ରତି ଘରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ
■ ସୁଭଦ୍ରା ଶକ୍ତିମେଳାର ୨ୟ ସଂସ୍କରଣ ଉଦ୍‌ଘାଟିତ

ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍ ସ୍ତରରେ ରାଜ୍ୟର ପ୍ରତ୍ୟେକ ମହିଳା ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ରତା ହାସଲକରି ଦକ୍ଷ ଉଦ୍ୟୋଗୀ ହେବେ ସେଥିପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର 'ସୁଭଦ୍ରା ଶକ୍ତି ମେଳା' ୨ୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ପୂରଣ ହେବ ସେତେବେଳେ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବ। ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ଆମ ସୁଭଦ୍ରା ଯୋଜନା ହେଉଛି ଏକ ଯୁଗାନ୍ତ ମଡେଲ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମା' ସୁଭଦ୍ରା ହେଉଛନ୍ତି ସ୍ନେହ, ତ୍ୟାଗ, ସାହସ ଓ ଦୃଢ଼ତାର ମୂର୍ତ୍ତିମନ୍ତ ପ୍ରତୀକ। ଆମର ସୁଭଦ୍ରା ମା ଓ ଭଉଣୀମାନେ ସେହି ଦିବ୍ୟଶକ୍ତିର ଚଳନ୍ତି ରୂପ। ନିଜ ଘର ଓ ପରିବାରକୁ ପ୍ରତିପାଳିତ କରିବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଏବଂ ବିକଶିତ ଓଡ଼ିଶା ଗଠନ ପାଇଁ ନେତୃତ୍ୱ ନେଉଛନ୍ତି। ଏହା କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ ବରଂ ଆମ ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ଲାଗସିପ୍ ଯୋଜନା ଲକ୍ଷପତି ଦିଦି ଯୋଜନାରେ ଖୁବ୍ କମ୍ ଦିନ ମଧ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଆମ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି। ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯାଇ ବର୍ତ୍ତମାନ ଲକ୍ଷପତି ଦିଦି ହୋଇ ସମାଜରେ ମହିଳାମାନେ ପ୍ରତିଷ୍ଠା ଲାଭ କରିଛନ୍ତି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହିଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ସୁଭଦ୍ରା ତା'ର କାୟାବିସ୍ତାର କରିଛି। ପ୍ରତ୍ୟେକ ଘରୁ ଜଣେ ଲେଖାଏ ଲକ୍ଷପତି ଦିଦି ସୃଷ୍ଟିକରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟିଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା କରାଯାଉଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ରାଜ୍ୟର ସୁଭଦ୍ରା ମା'ମାନଙ୍କୁ ପ୍ରଶଂସାକରି କହିଛନ୍ତି, ଗ୍ରାମାଞ୍ଚଳରେ ରହି ଆପଣମାନେ ଯେଉଁ କାମ କରି ଦେଖାଉଛନ୍ତି ସେଥିପାଇଁ ଆମେ ସମସ୍ତେ ଗର୍ବିତ। ମିଶନ ଶକ୍ତି ବିଭାଗର କମିଶନର ଗିରିଶ ଏସ୍‌ଏନ୍ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଛନ୍ତି।


ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ସୁଭଦ୍ରା ଶକ୍ତି ମେଳା'କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳା ବୁଲିବା ସହ ମହିଳା ଉଦ୍ୟୋଗୀଙ୍କଠାରୁ ସେମାନଙ୍କ ଉତ୍ପାଦ ସମ୍ପର୍କରେ ପଚାରି ବୁଝୁଛନ୍ତି।

# ଲୋକଙ୍କ ଜୀବନ ସହ ଖେଳୁଛି ବେଦାନ୍ତ ଆଲୁମିନା


ବକ୍ସାଇଟ ଗୁଣ୍ଡ ଯୋଗୁ ରାସ୍ତା ଲାଲ ରଙ୍ଗ ହୋଇଯାଇଛି।


ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି।

ଭବାନୀପାଟଣା,୧।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଲୋକଙ୍କ ବହୁତ ଆଶା ଦେଖାଇଥିଲା। ଏପରି କି ପ୍ରଦୂଷଣମୁକ୍ତ ଅଞ୍ଚଳଗଢ଼ିତୋଳିବାରପ୍ରତିଶ୍ରୁତିଦେଇଥିଲା। ଫଳରେ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇଁ ବେଦାନ୍ତ ଏକ ସୁଯୋଗ ବୋଲି ଧରି ନେଇଥିଲେ। ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ପରିପାର୍ଶ୍ୱିକ ବିକାଶ ଓ ଅନ୍ୟାନ୍ୟ ସମସ୍ୟା ଦୂର ହେବ ବୋଲି ସମସ୍ତେ ଭାବି ନେଇଥିଲେ। ତେବେ କମ୍ପାନୀ ଚାଲିବାର ଦୀର୍ଘ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀ ବକ୍ସାଇଟ ଗୁଣ୍ଡରୁ ମୁକ୍ତି ପାଇପାରୁନାହାନ୍ତି। ଜୀବନଧାରଣ କୌଣସି ସାଧନ ନ ପାଇବା କାରଣରୁ ସେମାନେ ଏବେ ଚିନ୍ତାରେ ରହୁଛନ୍ତି। କମ୍ପାନୀ ଇମିଡ଼ିଏଟରେ ରେଙ୍ଗୋପାଲି, କୋଟଦୁଆର ଓ ବନ୍ଧଗୁଡ଼ା ଗ୍ରାମକୁ ବିସ୍ଥାପନ ଯୋଜନାରେ ସାମିଲ କରି ସେମାନଙ୍କ ପାଇଁ ଘରଦ୍ୱାର, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଥିବାବେଳେ ବସନ୍ତପଡ଼ା, କପାଗୁଡା ଓ ଅନ୍ୟ କେତେକ ଗ୍ରାମ ଏଥିରୁ ବାଦ ପଡ଼ିଛି। ବସନ୍ତପଡା ଗ୍ରାମଟି ବେଦାନ୍ତ କାରଖାନାଠାରୁ ମାତ୍ର ୧୦୦ମିଟର ଦୂରରେ ରହିଛି। ଏହି ଗାଁ ଦେଇ ଦୈନିକ ଶତାଧିକ ବକ୍ସାଇଟ ଓ କୋଇଲା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ବକ୍ସାଇଟ ଗୁଣ୍ଡ ଓ ପାଉଁଶ ଗୁଣ୍ଡ (ଫ୍ଲାଏ ଆଶ) ଉଡ଼ି ଲୋକଙ୍କୁ ଅଣନିଶ୍ୱାସୀ କରିଦେଉଛି। ଏପରି କି ଆଖପାଖରେ ଥିବା ଗଛ ଓ ଘରଗୁଡ଼ିକର ଛାତ ମଧ୍ୟ ଲାଲ ରଙ୍ଗ ହୋଇଯାଉଛି। ବେଳେବେଳେ କାରଖାନା ଚାଲିବା ବେଳେ ପ୍ରଚଣ୍ଡ ଶବ୍ଦ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ୁଛନ୍ତି। ଏହି ଗାଁରେ ପ୍ରାୟ ୫୨ରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଲୋକସଂଖ୍ୟା ହଜାରରୁ ଅଧିକ ହେବ। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳୁଛି କପାଗୁଡା ଗ୍ରାମରେ। ଏହି ସମସ୍ୟା ହେତୁ ବିସ୍ଥାପିତ ପାଇଁ ଗତ କିଛିଦିନ ତଳେ ବସନ୍ତପଡାବାସୀ କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏଥିରେ ସେମାନେ କମ୍ପାନୀ ଦ୍ୱାରା କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଜନବସତି ନିକଟରେ ରେଡ଼ମଡ଼ ପଣ୍ଡ ଓ ଆଶପଣ୍ଡ (ପାଉଁଶ ପୋଖରୀ) ନିର୍ମାଣ କରାଯାଇଛି। ଏହା ଦ୍ୱାରା ବିଷାକ୍ତ ଲାଲ ରଙ୍ଗ ଧୂଳି ଓ ପାଉଁଶ ଗୁଣ୍ଡ ଉଡ଼ି ଗ୍ରାମବାସୀଙ୍କୁ ଅଣନିଶ୍ୱାସୀ କରିପକାଉଛି। ପୁଣି ରେଡ଼ମଡ଼ପଣ୍ଡ (ନାଳିପଙ୍କ)ରୁ କଷ୍ଟିକଯୁକ୍ତ ଲାଲ ପାଣି ଓରି ଅଞ୍ଚଳର ଜଳ ବିଷାକ୍ତ ହୋଇଯାଉଛି। ଏହି ବିଷାକ୍ତ ଜଳ ପାନ ଓ ଧୂଳିଆଁ ନିଃଶ୍ୱାସରେ ନେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଯଥା କିଡ଼ନୀ, ଯକ୍ଷ୍ମା, ହୃଦ୍‌ରୋଗ, ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ କିଛିବର୍ଷ ମଧ୍ୟରେ ଦୁଇ ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଏବେ ମଧ୍ୟ ଅନ୍ଧାରୁ ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପ୍ରଦୂଷଣ ବଳୟ ମଧ୍ୟରେ ଜୀବନ ଧାରଣ କରିବା ଆଉ ସମ୍ଭବ ନୁହେଁ। ତେଣୁ ଗ୍ରାମବାସୀ ଅନ୍ୟ ନିରାପଦ ସ୍ଥାନକୁ ସେମାନଙ୍କୁ ବିସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଏକାଠି ହୋଇ ରାସ୍ତା ଅବରୋଧ ସହ ପ୍ରକଳ୍ପକୁ ଯାଉଥିବା ସମସ୍ତ ଗାଡ଼ିକୁ ଅଟକାଇବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଏକକିତା ନକଲ ବ୍ରହ୍ମପୁର ଆର୍‌ଡ଼ିସି, ଓଡ଼ିଶା ବିଧାନସଭା ବିରୋଧୀ ଦଳ ନେତା, ପିସିସି ସଭାପତି ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନାର ଡେପୁଟି ସିଈଓ ପ୍ରଣବ ଭଟ୍ଟାଚାର୍ଯ୍ୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଗୁଳିମାଡ଼ରେ ଦନ୍ତାହାତୀର ମୃତ୍ୟୁ ସନ୍ଦେହ



ଭଞ୍ଜନଗର,୧।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ସେକ୍ସନ ବାଣିଆପଲ୍ଲୀ ସଂରକ୍ଷିତ ଜଙ୍ଗଲରୁ ଶନିବାର ସକାଳେ ଏକ ଦନ୍ତାହାତୀ ମୃତଦେହ ଠାବକରାଯାଇଛି। ଖବରପାଇ ଡିଏଫ୍‌ଓ ହିମାଂଶୁଶେଖର ମହାନ୍ତି, ରେଞ୍ଜର ବିଘ୍ନହର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ଅପରାହ୍ନରେ ଜେଟିଏଫ୍ ଟିମ୍ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହୋଇଛି। ଦିନେ କିମ୍ବା ୨ ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ହାତୀର ଶୁଣ୍ଢ ପେଟ ପ୍ରବଳ ରକ୍ତସ୍ରାବ ହୋଇଥିବା, କାନ ଏବଂ ଗୋଡ଼ର ମଝି ଅଂଶରେ କ୍ଷତଚିହ୍ନ ଥିବାରୁ ଶିକାରୀଙ୍କ ଗୁଳିମାଡ଼ରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ୨ ହାତୀ ମଧ୍ୟରେ ଲଢ଼େଇ କିମ୍ବା ସମ୍ପୃକ୍ତ ଅଞ୍ଚଳରେ ବେଆଇନ ହୁକିଂ ହେଉଥିବାରୁ ବିଦ୍ୟୁତ୍ ଆଘାତରେ ଦନ୍ତାର ଜୀବନ ଯାଇଥିବା ମଧ୍ୟ ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ଡିଏଫ୍‌ଓ ମହାନ୍ତି କହିଛନ୍ତି। ଘୁମୁସର ଉତ୍ତର ବନଖଣ୍ଡରେ ଗୁରୁବାର ସୁଦ୍ଧା ୫୬ଟି ହାତୀ ଥିବା ବେଳେ ଏବେ ୫୫କୁ ଖସି ଆସିଛି।

## ପରିତ୍ୟକ୍ତ କୂଅରେ ଖସିପଡ଼ିଲା ମାଇହାତୀ

ଅନୁଗୋଳ/ବନ୍ତଳା,୧।୧୧ (ବିଦ୍ୟୁତ୍‌କାନ୍ତ ନାଥ/ସୁଜିତ ସାହୁ)

ଅନୁଗୋଳ ସଦର ବନାଞ୍ଚଳ ବଡ଼କେରା ପଞ୍ଚାୟତ ମଦନପୁର ଗ୍ରାମ ନିକଟ କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଥିବା ପରିତ୍ୟକ୍ତ କୂଅରେ ଶନିବାର ସନ୍ଧ୍ୟାରେ ଏକ ମାଇହାତୀ ଖସିପଡ଼ିଥିଲା। ଖବରପାଇ ଘଟଣାସ୍ଥଳରେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ କୂଅ ପାର୍ଶ୍ୱ ତାଡ଼ିବା ପରେ ହାତୀଟି ବାହାରି ଜଙ୍ଗଲକୁ ପଳାଇ ଯାଇଥିଲା। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ଏକ ମାଇହାତୀ ଖାଦ୍ୟ ଅନ୍ୱେଷଣରେ ମଦନପୁର ଅଞ୍ଚଳକୁ ପଶିଆସିଥିଲା। ଲୋକେ ହାତୀକୁ ଦେଖି ଘଉଡ଼ାଉଥିଲେ। ହାତୀଟି ଗାଁରୁ ବାହାରି ଯାଉଥିବା ବେଳେ ଉକ୍ତ କୂଅରେ ଖସି ପଡ଼ିଥିଲା। ଗର୍ଜନ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। କୂଅ ଭିତରେ ହାତୀ ପଡ଼ିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆରଆରଟି ଟିମ୍ ସହ ବନବିଭାଗର କର୍ମଚାରୀ ଉପସ୍ଥିତ ଥିବାବେଳେ ଅତିରିକ୍ତ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ତେବେ ବନ



ବିଭାଗର ବିଟ୍ ହାଉସ୍ ସମ୍ମୁଖରେ ଥିବା ଉକ୍ତ ପରିତ୍ୟକ୍ତ କୂଅକୁ ବନ ବିଭାଗ ପକ୍ଷରୁ ପୋତାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

# ରାଜ୍ୟର ୧୦ ସ୍ଥାନରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

କଟକ,୧।୧୧(କାର୍ତ୍ତିକ ସାହୁ)


ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ।

**ବସ୍‌ଯାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ**
■ ପ୍ରଶିକ୍ଷଣ ନେଲେ ବସ୍ କର୍ମଚାରୀ
■ ପ୍ରତି ଶନିବାର ହେବ ତାଲିମ କାର୍ଯ୍ୟକ୍ରମ
■ ନିରାପତ୍ତା ପାଇଁ ମିଳିତ ପ୍ରୟାସ

ବସ୍‌ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଠିକ୍‌ଅନୁପାଳନ ପାଇଁ ସକ୍ରିୟତାର ସହ ଏକ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ଶନିବାର ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି କ୍ରମରେ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ନଭେମ୍ବର ପ୍ରଥମ ଶନିବାରରୁ ଆରମ୍ଭ ହୋଇଛି ମକ୍‌ଡ୍ରିଲ। ସୂଚନାନୁସାରେ, ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସ୍‌ଷ୍ଟାଣ୍ଡ, ରାଉରକେଲା ବସ୍‌ଷ୍ଟାଣ୍ଡ, କୋରାପୁଟ ବସ୍‌ଷ୍ଟାଣ୍ଡ, ସମ୍ବଲପୁର ବସ୍‌ଷ୍ଟାଣ୍ଡ, ଅନୁଗୋଳ ନୂଆ ବସ୍‌ଷ୍ଟାଣ୍ଡ, ତାଳଚେର ବସ୍‌ଷ୍ଟାଣ୍ଡ, ଗଞ୍ଜାମ ଜିଲ୍ଲାର ନୂଆଦିଲ୍ଲୀପଦର ବସ୍‌ଷ୍ଟାଣ୍ଡ ଓ ଝାରସୁଗୁଡ଼ା ଫାୟାର ଷ୍ଟେସନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ୨ରୁ ୩ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅଗ୍ନି ନିର୍ବାପନ ପାଇଁ ପ୍ରତିଟି କୌଶଳର ଲାଇଭ୍ ଉପସ୍ଥାପନ କରିଥିଲା ଅଗ୍ନିଶମ ବାହିନୀ। ବସ୍ କର୍ମଚାରୀମାନେ ଏହି ବିଷୟକୁ ବୁଝିଥିଲେ। ଏହାସହ ଯାତ୍ରୀବାହୀ ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡ୍‌ଲାଇନ ଓ ଏହାର ଆବଶ୍ୟକତା ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଛି। ଅଗ୍ନିଶମ ବାହିନୀ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବୁଝାଇଛି। ଏଥିସହ କୌଣସି ଅଘଟଣ ଘଟିଲେ ନିଆଁକୁ ନିୟନ୍ତ୍ରଣ କରିବା ବିଷୟରେ ଏକ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଛି। ଉଭୟ ବସ୍ କର୍ମଚାରୀ ଓ ସାଧାରଣ ଯାତ୍ରୀ ଉତ୍ସାହର ସହ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଆପାତକାଳୀନ ଦ୍ୱାର, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ତୁରନ୍ତ ନିଆଁ ଲିଭାଇବାର କୌଶଳ, ଡ୍ରାଇଭର-କଣ୍ଡକ୍ଟର ଓ ଯାତ୍ରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି। ଅଗ୍ନିଶମ ଓ ଜରୁରୀକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବସ୍ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ୩ ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆର୍‌ଟିଓଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ତେବେ ବସ୍‌ରେ ଅଗ୍ନି ଅଘଟଣ ଭଳି ଘଟଣା କିଛି ରାଜ୍ୟରେ ସାମ୍ନାକୁ ଆସିବା ପରେ ଓଡ଼ିଶାରେ ଏଭଳି ବିପଦର ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘ ସହ ବୈଠକ କରି ଆଲୋଚନା କରିଥିଲେ। ଅଗ୍ନି ନିରାପତ୍ତା ପାଇଁ ଥିବା ନିୟମ ପାଳନକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଯାତ୍ରୀବାହୀ ବସ୍‌ରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା।

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। – ଶ୍ରୀଅରବିନ୍ଦ

ଦେବୋତ୍ଥାପନ (ବଡ଼) ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ



# ସ୍ମାର୍ଟ ସିଟିର ବାସ୍ତବତା



ଆକାର ପଟେଲ

ମୁଁ ଯେତେବେଳେ ଘରୁ ବାହାରି ରାସ୍ତାକୁ ଯାଏ ଏବଂ ଚାରିପାଖକୁ ଦେଖେ, ସେତେବେଳେ ୧୦ ବର୍ଷ ପୂର୍ବର ସ୍ଥିତିରେ ଭିନ୍ନତା ଦେଖିବାକୁ ପାଏ ନାହିଁ, କେବଳ ଅଧିକ ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବା ଲକ୍ଷ୍ୟକରେ। କିଛିଦିନ ପୂର୍ବରୁ ସ୍ମାର୍ଟ ସିଟି ମିଶନରେ ଭିତ୍ତିଭୂମିର ବିକାଶ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା, ଯେଉଁମାନେ ସେମାନଙ୍କ ଚାରିପାଖରେ କ'ଣ ଘଟିଛି ବୋଲି ଯଦି ନିରୀକ୍ଷଣ କରିବେ ତେବେ ଜାଣିବାକୁ ପାଇବେ ଯେ, ଚଳିତ ବର୍ଷ ଶେଷ ହୋଇଥିବା ଏକ ୧୦ ବର୍ଷିଆ କାର୍ଯ୍ୟକ୍ରମର କୌଣସି ପ୍ରଭାବ ପଡ଼ିନାହିଁ। ବର୍ତ୍ତମାନ ଏହା ପୂରା ବନ୍ଦ ହୋଇଗଲାଣି ଏବଂ ଏହା ଉପରେ ଆଉ କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ। ଏବେ ଏହି ମିଶନ ମାଧ୍ୟମରେ କ'ଣ କରାଯାଇଛି ତାହା ଆମେ ବିଚାର କରିପାରିବା।

ସ୍ମାର୍ଟ ସିଟି ମିଶନରେ ପ୍ରସ୍ତାବିତ ପରିଯୋଜନାର ରୂପରେଖକୁ ନେଇ ସହରାଞ୍ଚଳ ମନ୍ତ୍ରଣାଳୟ ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ କୁହାଯାଇଥିଲା, ଏହାର ଲକ୍ଷ୍ୟ ହେଉଛି ଏପରି ସହର ତିଆରି କରିବା ଯେଉଁଥିରେ ପ୍ରତ୍ୟେକ ବାସିନ୍ଦାଙ୍କୁ ଉପଯୁକ୍ତ ଜୀବନଯାପନ ବିକଳ୍ପ ମିଳିବ ଏବଂ ଯେକୌଣସି ବିକଶିତ ୟୁରୋପୀୟ ସହର ସହ ତୁଳନୀୟ ଉଚ୍ଚମାନର ଜୀବନଯାପନ ଶୈଳୀ ପ୍ରଦାନ କରିବ। ସରକାର କହିଥିଲେ, ଏହା ୨୦୨୦ ସୁଦ୍ଧା ଘଟିବ। ୨୦୧୪ରେ ଅରୁଣ ଜେଟ୍‌ଲୀ ସଂସଦରେ କହିଥିଲେ, ମଧ୍ୟବିତ୍ତ ବର୍ଗର ସେବା ପାଇଁ ଏହି ସ୍ମାର୍ଟ ସିଟି ଆବଶ୍ୟକ। ୨୦୧୫ରେ ମିଶନର ଲକ୍ଷ୍ୟକୁ ଅଧିକ ସାଧାରଣ କରିବା ପାଇଁ କଥା ବଦଳାଯାଇ ୟୁରୋପୀୟ ସହରକୁ ଅନୁକରଣ କରିବା କଥା କୁହାଯାଇ ନ ଥିଲା। ଏହା ପରିବର୍ତ୍ତେ ଭାରତର ସ୍ମାର୍ଟ ସିଟି ନାଗରିକଙ୍କୁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନିଶ୍ଚିତ ବିଦ୍ୟୁତ୍ ଯୋଗାଣ, ପରିମଳ, ସାଧାରଣ ପରିବହନ, ଗରିବଙ୍କ ପାଇଁ ସୁଲଭ ଗୃହ, ମହିଳାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରଦାନ କରାଯିବ ବୋଲି ଦର୍ଶାଯାଇଥିଲା। ଏହା ନିଶ୍ଚିତ ଯେ, ସମସ୍ତ ସହରର ପୌରପାଳିକାଗୁଡ଼ିକ ଯାହା ଉପରେ ଧ୍ୟାନ ଦିଅନ୍ତି ତା'ଠାରୁ ଏହା କିଛି ଭିନ୍ନ ନୁହେଁ। ୨୦୨୧ ମସିହାରେ 'ସ୍ମାର୍ଟ ସିଟି ପ୍ରକଳ୍ପ ସଫଳ ହୋଇପାରିଲା ନାହିଁ, ଏହାର ଅଧା ପାଣ୍ଠି ଖର୍ଚ୍ଚ ହୋଇନାହିଁ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସୂଚିତ କରାଯାଇଥିଲା ଯେ ପ୍ରକଳ୍ପ ୨୦୨୦ ବେଳକୁ ଏହାର ସଫଳତାର ପଥ ଅତିକ୍ରମ କରିବା ଉଚିତ ଥିଲା, କିନ୍ତୁ ବାସ୍ତବତା ହେଉଛି ୨୦୧୯ ସୁଦ୍ଧା ୨୦୧୫-୧୯ ମଧ୍ୟରେ ଅନୁମୋଦିତ ମୋଟ ୪୮,୦୦୦ କୋଟି ଟଙ୍କା ମଧ୍ୟରୁ କେବଳ ଅଧା ବଣ୍ଟନ କରାଯାଇଥିଲା। ପ୍ରକୃତରେ ଏହାର ତିନି-ଚତୁର୍ଥାଂଶ ଦିଆଯାଇଥିଲା ଏବଂ ସେଥିରୁ ମାତ୍ର ୩୬ ପ୍ରତିଶତ ଖର୍ଚ୍ଚ କରାଯାଇଥିଲା। ଅର୍ଥାତ୍ ୪୮,୦୦୦ କୋଟି ଟଙ୍କାରୁ କେବଳ ୬,୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ନଗର ଉନ୍ନୟନ ପାଇଁ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି (ପିଏସ୍‌ସି) କହିଥିଲା ଯେ, ମିଶନ ଅଧୀନରେ ତୃଣମୂଳ ସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ପ୍ରକୃତ ପ୍ରଗତି ବିଷୟରେ ଏହା ଦ୍ୱନ୍ଦ୍ୱରେ ରହିଛି ଏବଂ ଗୋଟିଏ ସଂସ୍ଥା ଅନ୍ୟ ଏକ ସଂସ୍ଥାର କାର୍ଯ୍ୟର ବିଫଳତାକୁ ଦର୍ଶାଇବାର ଅନେକ ଉଦାହରଣ ଦେଖିଛି। ଦେଶରେ ୨୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଦିଆଯାଇଥିବା ପାଣ୍ଠିର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ ହୋଇଛି। ଷ୍ଟାଣ୍ଡିଂ କମିଟି କହିଛି ଯେ, ଉପଲବ୍ଧ ବ୍ୟବସ୍ଥା ସତ୍ତ୍ୱେ ମିଶନ ଅଧୀନରେ ଖରାପ କାମ ବିଷୟରେ ଅଭିଯୋଗଗୁଡ଼ିକ କମିଟି ପାଖକୁ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏହି ପ୍ରସଙ୍ଗରେ ଆଗ୍ରହୀ ଥିବା ସଂସ୍ଥାଗୁଡ଼ିକର ରିପୋର୍ଟ ସବୁ ସ୍ମାର୍ଟ ସିଟି ମିଶନର କିଛି ପ୍ରାଥମିକ ତ୍ରୁଟିକୁ ସୂଚାଇଥିଲେ। ମିଶନ ଉଚ୍ଚମାନର ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା। କିନ୍ତୁ ପାଣି, ସ୍କୁଲ, ସରକାରୀ ହସ୍ପିଟାଲ, ଗୃହ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ନ ଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶକୁ ଏହା ଜୋର ଦେଇଥିଲା, ବିଶେଷକରି ପୂର୍ବରୁ ବିକଶିତ ହୋଇଥିବା ସହରର ଛୋଟ ଛୋଟ ଅଂଶରେ ହିଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ଧ୍ୟାନ ଦେଇଥିଲା। ଉଦାହରଣ ସ୍ୱରୂପ, ବେଙ୍ଗାଲୁରୁରେ ସ୍ମାର୍ଟ ସିଟି ମିଶନରେ ଦିଆଯାଇଥିବା ଅର୍ଥ ଚର୍ଚ୍ଚ ଷ୍ଟ୍ରିଟ୍ କ୍ଷେତ୍ରରେ କରାଯାଇଥିଲା, ଯାହା ସହରର ଅଧିକାଂଶ ସ୍ଥାନ ଅପେକ୍ଷା ଅଧିକ ବିକଶିତ। ଏହି ଅଞ୍ଚଳର ଇନ୍‌ଫାଣ୍ଟ୍ରି ରୋଡ୍, କାମରାଜ ରୋଡ୍, ଟାଟା ଲେନ୍, ଉଡ୍ ଷ୍ଟ୍ରିଟ୍, କ୍ୟାସଲ ଷ୍ଟ୍ରିଟ୍, ଡିକେନ୍‌ସନ ରୋଡ୍, କେନସିଂଟନ ରୋଡ୍, ସେଣ୍ଟ ଜନ୍ସ ରୋଡ୍, ରେସିଡେନ୍ସି ରୋଡ୍, କସ୍ତୁରବା ରୋଡ୍, ବୋରିଂ ହସ୍ପିଟାଲ ରୋଡ୍, ମିଲର୍ସ ରୋଡ୍, ଲାଭେଲ ରୋଡ୍, ମ୍ୟାକ୍‌ଗ୍ରାଥ୍ ରୋଡ୍, କନ୍‌ଭେଣ୍ଟ ରୋଡ୍, କୁଇନ୍ସ ରୋଡ୍, ହେସ୍ ରୋଡ୍, ରାଜା ରାମମୋହନ ରାୟ ରୋଡ୍ ଏବଂ ରେସ୍‌କୋର୍ସ ରୋଡର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଦିଲ୍ଲୀରେ, ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଅଧୀନରେ ଥିବା ଅଞ୍ଚଳ ପୂର୍ବରୁ ଜାତୀୟ ରାଜଧାନୀ ଅଞ୍ଚଳର ସବୁଠାରୁ ବିକଶିତ ଭାଗ ଥିଲା। ହେଲେ ଏହି ମିଶନର ଲକ୍ଷ୍ୟ ଦିଲ୍ଲୀର କୌଣସି ମଧ୍ୟବିତ୍ତ ଶ୍ରେଣୀ ପାଇଁ ନ ଥିଲା, ବରଂ ଜନସଂଖ୍ୟାର ଅତି କ୍ଷୁଦ୍ର ଅଂଶ ଥିବା ଏକ ନିର୍ଦ୍ଦିଷ୍ଟ ବର୍ଗ(ଉଚ୍ଚବର୍ଗ)ଙ୍କ ପାଇଁ ଏହି ମିଶନ ଉଦ୍ଦିଷ୍ଟ ଥିଲା। ଏହି ଅଭିଜାତ୍ୟବାଦ ମଧ୍ୟ ପୁଣେ, ଦିଲ୍ଲୀ, ଭୋପାଳ ଏବଂ କୋଏମ୍ବାଟୁର ସମେତ ଅନେକ ସହର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସାର୍ବଜନୀନ ସାଇକେଲ ଶେୟାରିଂ ପ୍ରକଳ୍ପରେ ଲକ୍ଷ୍ୟ କରାଯାଇଥିଲା। କମ୍ପାନୀର ୱେବ୍‌ସାଇଟରେ ସାଇକେଲ ଭଡ଼ା ପାଇଁ ନିର୍ଦ୍ଦେଶାବଳୀ କେବଳ ଇଂରାଜୀରେ ଥିଲା ଏବଂ ଏହା କେବଳ ଅନ୍‌ଲାଇନ ପେମେଣ୍ଟ ଗ୍ରହଣ କରୁଥିଲା। ସ୍ମାର୍ଟ ସିଟି ଭାରତର ସହରାଞ୍ଚଳ ଗରିବଙ୍କୁ ଆହୁରି ସମସ୍ୟାରେ ପକାଉଥିଲା। ୨୦୧୯ରେ ଆବଣ୍ଟିତ ପାଣ୍ଠି ୨୦୧୮ ପରି ସମାନ ଥିଲା ଏବଂ ୨୦୨୧ ବଜେଟରେ 'ସ୍ମାର୍ଟ ସିଟି' ଶବ୍ଦାଂଶ ବ୍ୟବହାର କରାଯାଇ ନ ଥିଲା। ଶିମ୍‌ଲାର ପୂର୍ବତନ ଡେପୁଟି ମେୟର ଟିକେନ୍ଦର ସିଂହ ପନ୍‌ୱାର କହିଥିଲେ, ଏହି ସ୍ମାର୍ଟ ସିଟିଗୁଡ଼ିକ ଦେଶର ଅନ୍ୟ ସହର ପାଇଁ ଆଲୋକବର୍ତ୍ତିକା ହେବା କଥା। ହେଲେ ବଜେଟ ଏହା ଉପରେ ସମ୍ପୂର୍ଣ୍ଣ ନୀରବ, କାରଣ ଏହାର ବିଫଳତା ମୋଦି ସରକାରଙ୍କ ପାଇଁ ସବୁଠାରୁ ବଡ଼ ଲଜ୍ଜା ମଧ୍ୟରୁ ଗୋଟିଏ। ଏହା ପ୍ରକୃତରେ କେଉଁ ପରିବର୍ତ୍ତନ ଆଣିଛି କିମ୍ବା ପ୍ରକୃତରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଯାଇଛି କି ନାହିଁ ସେ ବିଷୟରେ ଆଉ କେବେ ମଧ୍ୟ ଆଲୋଚନା କରାଯିବ ନାହିଁ।

Email:aakar.patel@gmail.com

# ଅହିଂସ ଆନ୍ଦୋଳନ ବେଶି ପ୍ରାସଙ୍ଗିକ



ସହଦେବ ସାହୁ

ସ୍ୱୈରତନ୍ତ୍ରୀ ଅତ୍ୟାଚାରୀ ସରକାରକୁ ତଡିପାରିବାର ସାର୍ଥକ ଉପାୟ ହେଉଛି ଅହିଂସ ସଂଘର୍ଷ – ଯେଉଁ ସମ୍ରାଜ୍ଞୀଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନ ଥିଲା ତାଙ୍କ ଶାସନକୁ ହଟାଇ ଦେଇପାରିଲେ ନିରସ୍ତ୍ର ଭାରତୀୟମାନେ – ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ। ହିଂସାତ୍ମକ ଆନ୍ଦୋଳନ ଶାସକର ଦମନକାରୀ ହିଂସାକାଣ୍ଡକୁ ନିମନ୍ତ୍ରଣ କରେ, ଭୀଷଣ ଧ୍ୱଂସଲୀଳା ଓ ରକ୍ତପାତ ଆଣେ। ସଶସ୍ତ୍ର ବିଦ୍ରୋହ ବହୁଦିନ ଧରି ଚାଲିଲେ ଆନ୍ଦୋଳନକାରୀମାନେ ବାହାରୁ ଅସ୍ତ୍ରଶସ୍ତ୍ର ଆଣିବାକୁ ବାଧ୍ୟ ହୁଅନ୍ତି। ଅହିଂସ ଆନ୍ଦୋଳନ ସାଧାରଣ ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ସେ ସାମର୍ଥ୍ୟ ହେଉଛି ସରକାର ଗଢିଥିବା ଆଇନକୁ ନ ମାନିବା, କୌଣସି ଗୋଟିଏ କାରଣ ଖୋଜିବା ଯାହା ସମସ୍ତଙ୍କୁ ବାଧୁଥିବ – ଯେପରି ଲୁଣ ମାରିବା ଅଧିକାର ବା ସୋସିଆଲ ମିଡିଆ ବ୍ୟବହାରର ଅଧିକାର। ଅହିଂସ ଆନ୍ଦୋଳନ ସଫଳ ହୁଏ ଉଚ୍ଚ ମାନର ନୈତିକତା ଯୋଗୁ ନୁହେଁ, ଶାସନଗାଦିରେ ବସିଥିବା ବ୍ୟକ୍ତିଙ୍କ ପ୍ରତି ଘୃଣା ଆସିବା ଯୋଗୁ। ସମୟ ଯେତେ ଗଡେ ଆନ୍ଦୋଳନକାରୀଙ୍କ ସଂଖ୍ୟା ସେତେ ବଢେ। ଜନତାର ଲହରି ଶାସନ-ଗାଦିରେ ବସିଥିବା ଗୋଷ୍ଠୀକୁ ଭସାଇ ଦିଏ, ସେମାନେ ଗାଦି ଛାଡିବାକୁ ବାଧ୍ୟ ହୁଅନ୍ତି କିମ୍ବା ଆଇନ ବଦଳାଇ ଆନ୍ଦୋଳନକାରୀଙ୍କ ମତ ଅନୁଯାୟୀ ଶାସନ ଚଳାନ୍ତି, ଅର୍ଥାତ୍ ଗଣତନ୍ତ୍ର ସଂସ୍ଥାପନ ହୁଏ। ଆଗ କାଳରେ ଗୁଜବ ଆକାରରେ ଖବର ବ୍ୟାପୁଥିଲା, ତେଣୁ ଲୋକେ ତାକୁ ବିଶ୍ୱାସ କରି ଏକାଠି ହେବାକୁ ସମୟ ଲାଗୁଥିଲା ଓ ପ୍ରଶାସନ ତାକୁ ରୋକିବାର ପଦକ୍ଷେପ ନେବାକୁ ବହୁତ ସମୟ ପାଉଥିଲା। ଆଜିକାଲି ଇଣ୍ଟରନେଟ୍ ଯୁଗରେ ସୋସିଆଲ୍ ମିଡିଆ ଭଳି ମଞ୍ଚ କେଇ ଘଣ୍ଟା ଭିତରେ ଲକ୍ଷ ଲକ୍ଷ ଲୋକଙ୍କୁ ରୁଣ୍ଡ କରିପାରୁଛି, କେବଳ ସଂଖ୍ୟା ବିପ୍ଳବକୁ ସଫଳ କରୁଛି। ଏବେ ନୂଆ ପିଢିର ଶିକ୍ଷିତ ଯୁବଗୋଷ୍ଠୀ (ଯାହାଙ୍କୁ ଜେନ୍ ଜେଡ୍ କୁହାଯାଉଛି) ଆନ୍ଦୋଳନର ଆଗୁଆ ଧାଡିକୁ ଆସୁଛନ୍ତି, ମାତ୍ର କେଇ ଦିନରେ ଆନ୍ଦୋଳନ ସଫଳ ହେଉଛି ଯେପରି ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମ୍ପ୍ରତି ଘଟିଛି। ଶହେ ବର୍ଷରୁ ବେଶି କାଳ ପାଲେଷ୍ଟିନୀୟଙ୍କ ସଶସ୍ତ୍ର ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବା ବାସହରା ହୋଇଛନ୍ତି, ସେମାନେ ଅହିଂସା ଓ ଅସହଯୋଗର ମାର୍ଗ ଧରିଥିଲେ ପରିଣାମ କ'ଣ ଏତେ ଖରାପ ହୋଇଥାନ୍ତା? ସୁଦାନ, ମ୍ୟାନମାର୍, ୟେମେନ୍, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ଭଳି କେତେକ ଗୃହଯୁଦ୍ଧରେ ସେହି ପ୍ରଶ୍ନ ଉଠାଇପାରିବା। ଅହିଂସ ପ୍ରତିବାଦ ବା ଅଭିଯାନ ବହୁତ କମ୍ ଜୀବନହାନିରେ ବହୁତ ବେଶି ସଫଳ ହୋଇଥାନ୍ତା କହିଲେ ସରକାର ବିରୋଧରେ ସଂଗ୍ରାମରେ ଲାଗିଥିବା ଲୋକେ ସମ୍ଭବତଃ ଆମର ଏ ପରାମର୍ଶକୁ ପିଲାଳିଆ ଭାବିବେ। ସେମାନେ କହିବେ ପ୍ରତ୍ୟେକ ସଂଘର୍ଷର ଇତିହାସ ଭିନ୍ନ, ହିଂସାକାଣ୍ଡ ଘଟିବା କାହାର ମର୍ଜି ଉପରେ ନିର୍ଭର କରେନାହିଁ, ଏ ଗୋଟିଏ ବାଧ୍ୟବାଧକତା। ତେଣୁ ଅହିଂସ ପ୍ରତିବାଦ ସଫଳ ହେବ ବୋଲି ଅନେକେ ଭାବି ପାରୁନାହାନ୍ତି। କିନ୍ତୁ ୧୯୦୦ ପରଠୁ ଆମେ ଦେଖି ଆସିଛୁ ଯେ ହିଂସାକାଣ୍ଡ ତୁଳନାରେ ଅହିଂସ ଆନ୍ଦୋଳନ ବେଶି ସଫଳ ହୋଇଛି। ଆମ ଦେଶରୁ ବ୍ରିଟିଶ୍ ଶାସନ ହଟିଯିବା ତ ଏକ ପ୍ରକୃଷ୍ଟ ଉଦାହରଣ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷୀ ଶାସକଙ୍କ ଆଗରେ ନେଲ୍‌ସନ୍ ମଣ୍ଡେଲାଙ୍କ ଲଢେଇ ସଫଳ ହେବା ମୂଳରେ ଅହିଂସ ଆନ୍ଦୋଳନ। ୧୯୦୦ରୁ ୨୦୨୧ ଭିତରେ ସାରା ପୃଥିବୀରେ ଘଟିଥିବା ସରକାର-ବିରୋଧୀ ଆନ୍ଦୋଳନର ବିଶ୍ଳେଷଣ କରି ଦୁଇଜଣ ରାଜନୀତି ବିଜ୍ଞାନର ଅଧ୍ୟାପକ ଏରିକା ଚେନ ୱେଥ୍ ଓ ମାରିଆ ଷ୍ଟିଫେନ୍ ଦର୍ଶାଇଛନ୍ତି ଯେ ଅହିଂସ ଆନ୍ଦୋଳନଗୁଡିକର ସଫଳତା ହାର ୫୩% ହୋଇଥିବା ବେଳେ ହିଂସାକାଣ୍ଡ ସହ ଆନ୍ଦୋଳନ ମାତ୍ର ୨୬% ସଫଳ ହୋଇଛି। ସଶସ୍ତ୍ର ଯୁଦ୍ଧ ତୁଳନାରେ ଅହିଂସ ଆନ୍ଦୋଳନର ସଫଳତା ହାର ଦୁଇଗୁଣ ବୋଲି ପରିସଂଖ୍ୟାନ ସଂସ୍ଥା -Nonviolent and Violent Campaigns and Outcomes, Navco, – ୧୯୦୦ରୁ ୨୦୦୬ ଯାଏ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଏହା ହିସାବ କରିଛି। ସେତିକିରେ କଥା ସରିନାହିଁ, ନାଭକୋ ତଥ୍ୟ କହେ ଯେ ଅହିଂସ ଉପାୟରେ ସ୍ୱୈରତନ୍ତ୍ରୀ ଶାସନ ବଦଳିଗଲା ପରେ ଯେଉଁ ଶାସନ ଆସେ ତାହା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ହେବାର ସମ୍ଭାବନା ବେଶି। ସଶସ୍ତ୍ର ବିଦ୍ରୋହ ଯୋଗୁ ଯେଉଁ ନୂଆ ଶାସନ ଆସେ ତାହା ସ୍ୱୈରତନ୍ତ୍ରୀ (ଡିକ୍ଟେଟରଶିପ୍) ହେବାର ସମ୍ଭାବନା ବେଶି ଏବଂ ନାଗରିକମାନେ ଅଧିକତର ଦମନର ଶିକାର ହେବାର ଆଶଙ୍କା ଥାଏ।

ନିନ୍ଦୁକମାନେ କହିବେ ଏପରି ପରିସଂଖ୍ୟାନଗତ (ଡାଟା) ବିଶ୍ଳେଷଣ କିଛି ପ୍ରମାଣ କରେ ନାହିଁ। ଯେଉଁ ମାର୍ଗ ବେଶି ଫଳପ୍ରଦ ହେବ ବୋଲି ଲୋକେ ଭାବନ୍ତି ସେହି ମାର୍ଗକୁ ସେମାନେ ଅନୁସରଣ କରନ୍ତି, ଅହିଂସ ହେଉ କି ହିଂସ୍ର। କେତେକ କହନ୍ତି, ପ୍ରତିପକ୍ଷ ସୈନ୍ୟବାହିନୀ ଓ ପୋଲିସ ଲଗାଇ ହିଂସାକାଣ୍ଡ କଲେ ଜନସାଧାରଣଙ୍କ ଅହିଂସା କାମ କରିବ ନାହିଁ। ଆଉ କେତେକ ସମାଲୋଚକ କହନ୍ତି- ଅହିଂସା କେବଳ ଗଣତାନ୍ତ୍ରିକ ଶାସନ କରୁଥିବା ସରକାରରେ ସଫଳ ହୁଏ, ଅତ୍ୟାଚାରୀମାନେ ତ ବଳ ପ୍ରୟୋଗ କରି ଅହିଂସ ଆନ୍ଦୋଳନକୁ ଭଣ୍ଡୁର କରନ୍ତି। ନାଭକୋ ତଥ୍ୟ ଅହିଂସ ଆନ୍ଦୋଳନର ବହୁତ ସଫଳ ଉଦାହରଣ ଦେଇଛି। ୧୯୮୬ରେ ଫିଲିପାଇନ୍ସରେ ପିପୁଲ୍‌ସ ପାୱାର ରିଭୋଲ୍ୟୁଶନ୍ ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍‌ଙ୍କୁ ଗାଦି ଛାଡିବାକୁ ବାଧ୍ୟ କରିଥିଲା, ସେ ଦେଶ ଛାଡି ପଳାୟନ କଲେ। ଚିଲିରେ ୧୯୮୮ରେ ଅଗଷ୍ଟୋ ପିନୋଚେଟ୍‌ଙ୍କ ସାମରିକ ଏକଚ୍ଛତ୍ରବାଦ ଶାସନକୁ ନାସ୍ତି ସୂଚକ ରେଫେରଣ୍ଡମ୍ ଦେଇ ସେ ଦେଶର ନାଗରିକମାନେ ଅଗଷ୍ଟୋଙ୍କୁ ହଟାଇ ଦେଲେ। ୧୯୮୯ରେ ଚେକୋସ୍ଲୋଭାକିଆରେ ଭେଲ୍‌ଭେଟ୍ ବିପ୍ଳବ କମ୍ୟୁନିଷ୍ଟ ସରକାରକୁ ତଡିଦେଲା, ତହିଁରୁ ଶାନ୍ତିପୂର୍ଣ୍ଣ ଭାବେ ଦୁଇଟି ସ୍ୱାଧୀନ ଦେଶ ଜନ୍ମ ନେଲା – ଚେକ୍ ରିପବ୍ଲିକ୍ ଓ ସ୍ଲୋଭାକିଆ। ଅବଶ୍ୟ ଅନେକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସ୍ଥାୟୀ ଶାନ୍ତି ଆଣିନାହିଁ – ଯଥା ଟ୍ୟୁନିସିଆର ମଲ୍ଲୀ (Jasmine) ବିପ୍ଳବ। ମାତ୍ର ହିଂସ୍ର ବିପ୍ଳବ ଯେ ବେଶି ସଫଳ ହୋଇଛି ତାହାର ବିଶେଷ ପ୍ରମାଣ ନାହିଁ। ନାଭକୋ ଡାଟା ଦେଖାଉଛି ଯେ ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ରାଜନୀତିକ ଢାଞ୍ଚାରେ ଅର୍ଥାତ୍ ସବୁ ପରିସ୍ଥିତିରେ ଅହିଂସ ଅଭିଯାନ ସଫଳ ହୋଇପାରିବ। ଚେନୋୱେଥ୍ ଓ ଷ୍ଟୋଫାନ୍ ନାମକ ଦୁଇ ଲେଖକ ସେମାନଙ୍କ ୨୦୧୧ର ବହି କାହିଁକି 'ଆଇନ ଅମାନ୍ୟ ଆନ୍ଦୋଳନ କାମ କରେ' ରେ ଏହା ଲେଖିଛନ୍ତି, ବହିର ନାମ ସହ ଯୋଡିଛନ୍ତି ଅହିଂସ ବିଦ୍ରୋହର ରଣକୌଶଳଗତ ଯୁକ୍ତି। ସେ ଦୁହେଁ ମାନିଛନ୍ତି – ମିଡିଆ ହିଂସାକାଣ୍ଡ ଭିଆଉଥିବା ଆନ୍ଦୋଳନକୁ ବେଶି ପ୍ରକାଶ କରିଥାଏ – ତଥାପି ଅହିଂସ ଆନ୍ଦୋଳନ ବଢିବାରେ ଲାଗିଛି, ତୁଣ୍ଡ ବାଇଦ ସହସ୍ର କୋଶ ବ୍ୟାପେ, ମିଡିଆ ଚୁପ୍ ରହିଥିଲେ ବି! ୧୯୮୪ ଅକ୍ଟୋବର ୩୧ରେ ରାଜୀବ ଗାନ୍ଧୀ କଲିକତାରୁ ଦିଲ୍ଲୀକୁ ଅପରାହ୍ନ ୪ଟାରେ ଫେରିବା ଯାଏ ସରକାର ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଘୋଷଣା କରି ନ ଥିଲେ ବି କଟକ ଆଉ ଭୁବନେଶ୍ୱରରେ ଲୋକେ ସକାଳ ସାଢେ ନଅଟାରେ ଜାଣିସାରିଥିଲେ। ଯେଉଁ ଆଫ୍ରିକୀୟ ଅଞ୍ଚଳରେ ଲୋକ-ମୁଖ-ଖବର ଶୀଘ୍ର ବ୍ୟାପେ, ସେଠାରେ ବି ହିଂସାତ୍ମକ ଘରୋଇ ଯୁଦ୍ଧ ସଂଖ୍ୟା ତୁଳନାରେ ଅହିଂସ ବିପ୍ଳବ ଅଧିକ ସଫଳ ହେବା ଦେଖାଯାଏ, ଅର୍ଥାତ୍ ଦେଶ ବା ମହାଦେଶ ନିର୍ବିଶେଷରେ ଅହିଂସ ବିପ୍ଳବ ସଫଳ ହେବାର ସମ୍ଭାବନା ଅଧିକତର।



ହିଂସାତ୍ମକ ଆନ୍ଦୋଳନ ଅସ୍ତ୍ରଶସ୍ତ୍ର ପାଇଁ ଦେଶବାହାରର ସାହାଯ୍ୟ ଦରକାର କରେ, ଅହିଂସ ଆନ୍ଦୋଳନ ଦେଶ ଭିତରର ଜନତା ଭିତରୁ ଶକ୍ତି ସଂଗ୍ରହ କରେ। ତେଣୁ ତାହା ସଫଳ ହୁଏ ଧୀର ପାଣି ପଥର କାଟେ ନ୍ୟାୟରେ। ସଶସ୍ତ୍ରର ଅସ୍ତ୍ର ଭାଙ୍ଗି ପାରେ, ନିରସ୍ତ୍ରର ମନ ଭାଙ୍ଗିବା ସହଜ ନୁହେଁ। ଯେଉଁ ବହୁରାଷ୍ଟ୍ରୀୟ ସଂଗଠନମାନେ ତଥା ଧନୀ ରାଷ୍ଟ୍ରମାନେ ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ଜନପ୍ରତିବାଦକୁ ସାହାଯ୍ୟ କରନ୍ତି ସେମାନଙ୍କ ନୀତିକୁ ଏ ବିଶ୍ଳେଷଣ ବାଟ ଦେଖାଇବ: ହିଂସାତ୍ମକ ବିଦ୍ରୋହରେ ଲାଗିଥିବା ସଂଗଠନଗୁଡିକୁ ସାହାଯ୍ୟ ଦେବା ବନ୍ଦ କରନ୍ତୁ, ଯୁବପିଢିର ଅହିଂସ ବିଦ୍ରୋହକୁ ଉତ୍ସାହିତ କରନ୍ତୁ।

sahadevas@yahoo.com

# 'ମୁଁ' ରାକ୍ଷସ



ଡ. ଦେବୀଲାଲ ମିଶ୍ର

ଏବେ ଚାରିଆଡ଼େ 'ମୁଁ' ରାକ୍ଷସର ପ୍ରାଦୁର୍ଭାବ। ଯାହା ସହ କଥା ହେବା, ତା' ଭିତରେ 'ମୁଁ'। ମୁଁ ଏଇଟା କରିଛି, ମୁଁ ସେଇଟା କରିଛି। ମୋ' ବିନା କିଛି ସମ୍ଭବ ନୁହେଁ। ମୋ'ଠୁଁ ବଡ଼ ଦାନୀ, ଜ୍ଞାନୀ, କର୍ମୀ କେହି ନାହାନ୍ତି। ହୁଏତ ପ୍ରତିଦିନ ଆମେ ଏମିତି ଅନେକ କଥା କହୁ ବା ଶୁଣୁ। ତେବେ ଏହି 'ମୁଁ' ପଛରେ କ'ଣ ରହିଛି? ଏ ପ୍ରଶ୍ନ ବୋଧହୁଏ ଆମେ କେବେ ନିଜକୁ ପଚାରି ନାହେଁ। ଆମ ପାଖରେ ହୁଏତ ଆତ୍ମସମୀକ୍ଷା କରିବାର ସମୟ ନାହିଁ ବା ଆମେ ଆତ୍ମସମୀକ୍ଷା କରିବାକୁ ଗୁରୁତ୍ୱ ଦେଉନାହୁଁ।

ସ୍ୱାମୀ ବିବେକାନନ୍ଦ କହିଥିଲେ- ଏ ଜୀବନ ହେଉଛି କ୍ଷଣସ୍ଥାୟୀ। ଏ ପୃଥିବୀରେ ଥିବା ସମସ୍ତ ଗର୍ବ, ଅହଂକାର ଓ ଆତ୍ମବଡ଼ିମା ଅଧିକ ଦିନ ରହେନାହିଁ। ଏଇଠି କେବଳ ସେଇମାନେ ହିଁ ବଞ୍ଚନ୍ତି, ଯେଉଁମାନେ ଅନ୍ୟ ପାଇଁ ବଞ୍ଚନ୍ତି। ଏହାର ମାର୍ମିକ ଅର୍ଥ ହେଉଛି: ମଣିଷ ତା'ର ଅହଂକାରକୁ ନେଇ ବେଶିଦିନ ବଞ୍ଚି ପାରେନାହିଁ। ଅହଙ୍କାରର ପତନ ହୁଏ। ତେଣୁ ମଣିଷ ପ୍ରଥମରୁ ନମ୍ର ଏବଂ କୃତଜ୍ଞତାପୂର୍ଣ୍ଣ ଆଚରଣ କଲେ ତାହାର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ।

ଅହଂକାର ବ୍ୟକ୍ତିକୁ ଶିକ୍ଷାଠାରୁ ଦୂରେଇଦିଏ। ପ୍ରେମ ଏବଂ ତ୍ୟାଗଠାରୁ ଦୂରେଇ ରଖେ। ନା ମଣିଷ କିଛି ଶିଖିପାରେ ନା ତା'ର ଚେତନାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରେ। ଅହଂକାର ଅଜ୍ଞତାକୁ ଜନ୍ମଦିଏ, ଅଜ୍ଞତା ମଣିଷକୁ ବିନାଶମୁଖୀ କରାଏ। ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାଷାରେ, ଅହଂକାର ଏମିତି ଏକ ଭୟଙ୍କର ବନ୍ଧନ, ଯାହା ଆମକୁ ଅଜ୍ଞାନତା ସହ ବାନ୍ଧିରଖେ। ଅହଂକାର ହିଁ ପ୍ରତ୍ୟେକ ମଣିଷର ଦୁଃସ୍ଥିତି ବା ଦୁର୍ଦ୍ଦଶାର ପ୍ରମୁଖ କାରଣ। ସେ କହିଥିଲେ ଯେ ଭଗବତ୍ ଚେତନାରେ ଅହଂକାରର କୌଣସି ସ୍ଥାନ ନାହିଁ। ଯଦି କୌଣସି ବ୍ୟକ୍ତି ନିଜ ଅହଂକାର ତ୍ୟାଗ ପାଇଁ ପ୍ରସ୍ତୁତ ନୁହେଁ, ତେବେ ସେ ସାମାନ୍ୟ ମନୁଷ୍ୟ ସତ୍ତାରୁ ଆଗକୁ ବଢ଼ିପାରିବ ନାହିଁ। ଅର୍ଥାତ୍ ଅହଂକାର ତ୍ୟାଗ ବିନା କୌଣସି ମହାନ୍ ଉପଲବ୍ଧି ସମ୍ଭବ ନୁହେଁ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମ ସମ୍ମିଳନୀରେ ସେପ୍ଟେମ୍ବର ୧୫ରେ ରଖିଥିବା ବକ୍ତବ୍ୟର କିଛି ଅଂଶ ପ୍ରଣିଧାନଯୋଗ୍ୟ। ଏହିଦିନ ସେ ଶୁଣାଇଥିବା କାହାଣୀଟି ଏପରି ଥିଲା: ଗୋଟିଏ କୂପରେ ବେଙ୍ଗଟିଏ ରହୁଥିଲା। ସେ ଜନ୍ମରୁ କୂପରେ ଥିଲା। ଏକଦା ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେ କୂପ ନିକଟରେ ପହଞ୍ଚିଲା। ସମୁଦ୍ରରୁ ଆସିଥିବା ବେଙ୍ଗକୁ ଦେଖି କୂପରେ ରହୁଥିବା ବେଙ୍ଗଟି ପଚାରିଲା: ତୁ କିଏ? କେଉଁଠୁ ଆସିଛୁ? ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି କହିଲା: ମୁଁ ସମୁଦ୍ରରୁ ଆସିଛି। ସେଇଠୁ କୂପରେ ରହୁଥିବା ବେଙ୍ଗ ହଠାତ୍



କୂପର ଗୋଟିଏ ପଟରୁ ଅନ୍ୟପଟକୁ ଡେଇଁ ପଡ଼ିଲା ଏବଂ ପଚାରିଲା ତୋ' ସମୁଦ୍ର କ'ଣ ଏତେ ବଡ଼। ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି ହସିବାକୁ ଲାଗିଲା ଏବଂ ଏକ କୂପକୁ ସମୁଦ୍ର ସହିତ ତୁଳନା କରୁଥିବାରୁ ସେ ବେଙ୍ଗଟିକୁ ଅଜ୍ଞ ବୋଲି କହିଲା। ଏକଥା ଶୁଣି କୂପବେଙ୍ଗଟି ଭୀଷଣ କ୍ରୋଧିତ ହୋଇ କହିଲା, ଏ ବେଙ୍ଗ ମିଛ କହୁଛି। ମୁଁ ଯାହା କହୁଛି ତାହା ସତ୍ୟ। ମୋ' କୂପଠାରୁ ସଂସାରରେ କିଛି ବି ବଡ଼ ନୁହେଁ। ଏ ବେଙ୍ଗ ମିଛ କହୁଛି। ଏହାକୁ ତୁରନ୍ତ ଏଠାରୁ ବାହାର କରିଦିଆଯାଉ। କାହାଣୀଟି ଶୁଣାଇ ସାରି ସ୍ୱାମୀଜୀ କହିଥିଲେ, ଆମ ସମସ୍ତଙ୍କର ପ୍ରମୁଖ ସମସ୍ୟା ହେଉଛି ଯେ ଆମେ ନିଜ ନିଜ ଛୋଟିଆ କୂପରେ ବସିଛେ ଏବଂ ଭାବୁଛେ ଯେ ଆମର ଏହି ଛୋଟ କୂପ ହେଉଛି ସମଗ୍ର ପୃଥିବୀ। ଯେଉଁ ପର୍ଯ୍ୟନ୍ତ ଆମ ପ୍ରକୃତି ବା ଚରିତ୍ରରେ ଲୁଚି ରହିଥିବା ଏହି ସଂକୀର୍ଣ୍ଣତାରୁ ଆମେ ମୁକ୍ତ ହୋଇପାରିବା ନାହିଁ, ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନର ସନ୍ଧାନ କରିପାରିବା ନାହିଁ କି ଆମ ବ୍ୟକ୍ତିତ୍ୱର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଅହଂକାର ଦ୍ୱାରା ସୃଷ୍ଟ ଅଜ୍ଞତା ଏହି ସଂକୀର୍ଣ୍ଣତାର ମୁଖ୍ୟ କାରଣ।

ଅହଂକାର ଯୋଗୁ ଆମର ସାମର୍ଥ୍ୟ, ଉର୍ଜା ଓ ବ୍ୟକ୍ତିତ୍ୱ ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ। ଆମେ ଅନ୍ୟଠାରୁ କିଛି ଭଲ ଜିନିଷ ଶିଖିବା ପରିବର୍ତ୍ତେ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରୁ; ଯଦ୍ୱାରା ଆମର ଶକ୍ତି, ସମୟ ଓ ସାମର୍ଥ୍ୟର ଅଯଥା ଅପଚୟ ହୁଏ ଏବଂ ଆମ ଭିତରେ ନକାରାତ୍ମକ ବିଚାର ଓ ବାତାବରଣ ସୃଷ୍ଟି ହୋଇଥାଏ। ପରିସ୍ଥିତି ଏମିତି ବିକଟ ହୋଇଯାଏ ଯେ, ନିଜର ଆତ୍ମସମୀକ୍ଷା ନ କରି ଆମେ ଅନ୍ୟର ବ୍ୟବହାର ଓ ଚରିତ୍ର ଉପରେ ମତାମତ ଦେଇ ଖୁସି ହେଉ। ଅନ୍ୟମାନଙ୍କୁ ଅକାରଣରେ ଉପଦେଶ ଦେଇଥାଉ। ନିଜ ବ୍ୟକ୍ତିତ୍ୱର ବିକାଶ ଓ ଚାରିତ୍ରିକ ଶୁଦ୍ଧତା ପ୍ରତି ସଚେତନ ନ ହୋଇ ଆମେ ଅନ୍ୟର ଆଲୋଚନା କରୁ। ଜ୍ଞାନ ବାଣ୍ଟିବା ନାଁରେ ଆମେ ଅନ୍ୟ ସହ ନିଜ ଅଜ୍ଞତା ବାଣ୍ଟିଥାଉ, ଯାହାର ପ୍ରଭାବ ଅତ୍ୟନ୍ତ ନକାରାତ୍ମକ ହୋଇଥାଏ। ଆମ ଭିତରେ ଅନ୍ୟ ପ୍ରତି ଈର୍ଷା ଓ ଦ୍ୱେଷ ସୃଷ୍ଟି ହୁଏ। ଅସହିଷ୍ଣୁତା ବଢ଼େ ଏବଂ ଅନ୍ୟର ଖୁସିକୁ ଆମେ ସହଜରେ ଗ୍ରହଣ କରିପାରୁ ନାହୁଁ।

ଏ ଜୀବନ ଅତି ମୂଲ୍ୟବାନ୍। ଯେତେ ସମ୍ଭବ ଜୀବନକୁ ଆମେ ସକାରାତ୍ମକ ଭାବନା, ବିଚାର ଓ ବ୍ୟବହାରରେ ଭରିଦେବା ଦରକାର। କିଏ ଜାଣେ, କାଲି ଏ ଜୀବନର ଗତି କୁଆଡେ! ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ସକାରାତ୍ମକ ଉର୍ଜା, ଉଦ୍ଦେଶ୍ୟ ଓ କୃତଜ୍ଞତା ସହ ବଞ୍ଚିବା ଉଚିତ। ଏ ଜୀବନ, ଏ ଶରୀର କେବଳ ଆମର ନୁହେଁ। ଏଥିରେ ଅନ୍ୟମାନଙ୍କର ତ୍ୟାଗ ଓ ଅବଦାନ ମଧ୍ୟ ଲୁଚି ରହିଛି। ତେଣୁ ଆମେ କୃତଜ୍ଞ ରହିବା ଜରୁରୀ।

ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେ ନିଜ ଉପରେ ବିଜୟ ପାଇପାରେ, ତା' ପାଇଁ କିଛି ଅସମ୍ଭବ ନୁହେଁ। ନିଜ ଉପରେ ବିଜୟ ପାଇବାର ଅର୍ଥ ହେଉଛି ନିଜ ଅହଂକାର ଓ ନକାରାତ୍ମକ ଭାବନା ଉପରେ ବିଜୟ ପାଇବା ଏବଂ ନିଜକୁ ସକଳ ଚାରିତ୍ରିକ ସଂକୀର୍ଣ୍ଣତାରୁ ମୁକ୍ତ କରିବା। ତେଣୁ ନିଜ ଭିତରେ ଥିବା 'ମୁଁ' ରାକ୍ଷସ କବଳରୁ ସମସ୍ତେ ନିଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଆବଶ୍ୟକ। ଆତ୍ମସମୀକ୍ଷା, ଆତ୍ମସଚେତନତା ଓ ଆତ୍ମଶୁଦ୍ଧି ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।

ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୯୫୮୦୧୪

## ଏଇ ଭାରତରେ

ଭାରତର ବିଭିନ୍ନ ସ୍ଥାନରେ ଜଳାଶୟର ସୁରକ୍ଷା କରା ନ ଯିବା ଏବଂ ଜଳଉତ୍ସଗୁଡ଼ିକୁ ପ୍ରଦୂଷିତ କରିବା ଯୋଗୁ ପାନୀୟ ଜଳାଭାବ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସମସ୍ୟା ଦେଖାଯାଇଥିଲା ତାମିଲନାଡୁର କୋଏମ୍ବାଟୁରରେ। ସେଠାକାର କୂଅ ସବୁ ଶୁଖିଯିବା ସହ ହ୍ରଦ ଓ ଅନ୍ୟସବୁ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ଏବଂ ପ୍ରଦୂଷଣ ବୃଦ୍ଧି ହେତୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାକୁ ଲକ୍ଷ୍ୟ କରି ମଣିକନ୍ଦନ ଆର୍ ସେଠାକାର ହ୍ରଦ ଓ କେନାଲର ପୁନରୁଦ୍ଧାର ପାଇଁ ଆଗକୁ ଆସିଥିଲେ। ଅଧାରୁ ସ୍କୁଲ ଶିକ୍ଷା ଛାଡ଼ି ଦେଇଥିବା ମଣିକନ୍ଦନ କୋଭାଇ କୁଲାଙ୍ଗାଲ ଆମାଇପୁ ନାମକ ନାଗରିକ ଅଭିଯାନ ଆରମ୍ଭ କରି ଏବେ ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ହ୍ରଦର ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁରରେ ୨୦କି.ମି. କେନାଲରୁ ପ୍ରଦୂଷଣ ହଟାଇ ପାରିଛନ୍ତି। ମୋଟରେ ସେ ୨୦୦ ଟନ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିଛନ୍ତି। ପୁନରୁଦ୍ଧାର ପରେ ହ୍ରଦ, କେନାଲ ଓ ଅନ୍ୟ ଜଳଉତ୍ସଗୁଡ଼ିକର ସୁରକ୍ଷା ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ସେ ଏବେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିପାରିଛନ୍ତି। କେନାଲ ଓ ହ୍ରଦ କଡ଼ରେ ସେ ୫୦,୦୦୦ ଗଛ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୭୬

- କାନାଡ଼ାର ଶ୍ରମିକ ନେତା ତଥା ବିଶ୍ୱ ଶ୍ରମିକ ଫେଡେରେସନର ସଭାପତି ଶ୍ରୀ ମାର୍ଶଲ ପେପିଙ୍କୁ ବଲିଭିୟାଠାରେ ଗିରଫ କରାଯାଇଛି।
- ଭାରତ ଓ ଇରାନ ମଧ୍ୟରେ ବୈଷୟିକ ସହଯୋଗ ନିମନ୍ତେ ଇରାନ ରେଳବାଇର ସଭାପତି ଓ ଭାରତୀୟ ରେଳବାଇ ବୋର୍ଡର ଚେୟାରମ୍ୟାନ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | 5 | 9 | | |
| | | | | | 8 | | | |
| | | | | | 3 | | 4 | 5 |
| | 6 | | | | | | | |
| 9 | | | | | | 2 | | |
| 8 | | | 3 | 2 | 6 | | | 7 |
| 6 | | | | | | | | |
| 3 | 4 | | | 8 | 9 | 1 | | |
| | 1 | | 4 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 3 | 2 | 4 | 9 | 6 | 5 |
| 2 | 4 | 9 | 1 | 5 | 6 | 7 | 3 | 8 |
| 5 | 6 | 3 | 9 | 8 | 7 | 1 | 2 | 4 |
| 9 | 2 | 8 | 5 | 7 | 3 | 4 | 1 | 6 |
| 1 | 5 | 4 | 8 | 6 | 9 | 2 | 7 | 3 |
| 6 | 3 | 7 | 2 | 4 | 1 | 5 | 8 | 9 |
| 4 | 1 | 6 | 7 | 9 | 8 | 3 | 5 | 2 |
| 3 | 9 | 5 | 6 | 1 | 2 | 8 | 4 | 7 |
| 7 | 8 | 2 | 4 | 3 | 5 | 6 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦୋକାନରେ ବାୟୋ-ପ୍ଲାଷ୍ଟିକର ବ୍ୟବହାର

ମହାଶୟ,

ସମ୍ପ୍ରତି କିଛି ଔଷଧ ଦୋକାନୀ ପରିବେଶ ଅନୁକୂଳ କମ୍ପୋଷ୍ଟେବଲ ବ୍ୟାଗ (ଜୈବ-ପ୍ଲାଷ୍ଟିକ) ବ୍ୟବହାର କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। କମ୍ପୋଷ୍ଟେବଲ ବ୍ୟାଗ ହେଉଛି ଏକ ପ୍ରକାରର ବାୟୋ-ଡିଗ୍ରେଡେବଲ ବ୍ୟାଗ, ଯାହା ବିଭିନ୍ନ ଜୈବିକ ପଦାର୍ଥରୁ ତିଆରି ହୋଇଥାଏ ଏବଂ କମ୍ପୋଷ୍ଟିଂ ପରିସ୍ଥିତିରେ ଏହା କୌଣସି ବିଷାକ୍ତ ପଦାର୍ଥ ନିର୍ଗତ ନ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାଦାନରେ ରୂପାନ୍ତରିତ ହୁଏ। ପରିବେଶ ସୁରକ୍ଷା ପାଇଁ କମ୍ପୋଷ୍ଟେବଲ ବ୍ୟାଗର ଗୁରୁତ୍ୱ ରହିଛି। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ସମସ୍ତ ସରକାରୀ ଏବଂ ବେସରକାରୀ ଔଷଧ ଦୋକାନକୁ କମ୍ପୋଷ୍ଟେବଲ ବ୍ୟାଗ/କାଗଜ ପ୍ୟାକ ବ୍ୟବହାର କରିବାକୁ ପରାମର୍ଶ ଦେଇପାରନ୍ତି। ସ୍ୱଚ୍ଛ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଜୈବ-ପ୍ଲାଷ୍ଟିକର ବ୍ୟବହାର ଏକ ସକାରାତ୍ମକ ପଦକ୍ଷେପ ହୋଇପାରିବ।

– ନବନିତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସହାୟତା ପାଇଁ ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର

**ଜମନକିରା,୧।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ଚଳିତବର୍ଷ ଭଲ ଦାନ ଫସଲ ହୋଇଛି। ହୋଇଥିଲା। ତେବେ ମୋନ୍ଥା ଏବଂ ଲଘୁଚାପଜନିତ ବର୍ଷା ସହ ଧାନ ଫସଲରେ ଚକଡ଼ା ରୋଗ ଲାଗିବାରେ ବ୍ଲକ ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଛି। ତୁରନ୍ତ କ୍ଷୟକ୍ଷତି ଆକଳନ ପୂର୍ବକସହାୟତା ରାଶି ପ୍ରଦାନ ପାଇଁ ଶନିବାର ବ୍ଲକ ଚାଷୀ ସମୂହ ତହସିଲଦାର ପ୍ରବିଣା ବିଲୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଙ୍କୁ ଶୀଘ୍ର ମିଳିତ ଯାଞ୍ଚ କରି ସହାୟତା ରାଶି ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ନକଲି ଡିଜିଟାଲ ପେମେଣ୍ଟ କରି ଯୁବକ ଗିରଫ

**ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ)**

ଡିଜିଟାଲ ପେମେଣ୍ଟ ଠକେଇ ମାମଲାରେ ସାଇବର ଥାନା ପୋଲିସ ଶନିବାର ହୀରାକୁଦ ତାରସିଂହପଡ଼ା ବାସିନ୍ଦା ଶୁଭେନ୍ଦୁ ଭେସରା(୨୨)ଙ୍କୁ ଗିରଫ କରିଛି। ଗତ ୩୧ତାରିଖରେ ବରେଇପାଲିସ୍ଥିତ ଜିଓ ବିପି ପେଟ୍ରୋଲ ପମ୍ପର ମ୍ୟାନେଜର ମାନସ ସାହୁ କରିଥିବା ଅଭିଯୋଗ ଅନୁସାରେ ଜଣେ ଯୁବକ ନିଜ ବାଇକରେ ନିୟମିତ ପେଟ୍ରୋଲ ଭର୍ତ୍ତି କରିବାକୁ ଆସି ପେଟ୍ରୋଲ ପମ୍ପର କ୍ୟୁଆର କୋଡ ସ୍କାନକରି ୟୁପିଆଇ ମାଧ୍ୟମରେ ପେମେଣ୍ଟ କରୁଥିଲେ। ସେ ପେମେଣ୍ଟ କରିବା ପରେ ସଫଳ ହେବା ନେଇ ସ୍କ୍ରିନ ମଧ୍ୟ ଦେଖାଉଥିଲେ। ତେବେ ପରେ କର୍ମଚାରୀମାନେ ଯାଞ୍ଚ କରିବା ପରେ ପେଟ୍ରୋଲ ପମ୍ପ ଆକାଉଣ୍ଟରେ ଟଙ୍କା ଯାଉ ନ ଥିବା ଜଣାପଡିଥିଲା। ଗତ ୩୧ ତାରିଖରେ ସେ ଆସି ପେଟ୍ରୋଲ ଭରିବା ପରେ ପୂର୍ବଭଳି ପେମେଣ୍ଟ କରିଥିଲେ। ଯାଞ୍ଚ ପରେ ପେମେଣ୍ଟ ହୋଇନ ଥିବା ଜଣାପଡିବା ପରେ ପମ୍ପ ମ୍ୟାନେଜରଙ୍କ ପକ୍ଷରୁ ସାଇବର ଥାନାରେ ଅଭିଯୋଗ କରାଯାଇଥିଲା। ଘଟଣାରେ ସାଇବର ଥାନା ପୋଲିସ ଶୁଭେନ୍ଦୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବ୍ୟବହୃତ ବାଇକ ଜବତ କରିଥିବା ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟା ବିକାଶରେ ବିଜ୍ଞାନ ମେଳା

# ୨ଶହ ପ୍ରକଳ୍ପ ପ୍ରଦର୍ଶିତ

**ସମ୍ବଲପୁର,୧।୧୧(ବି.ଶଙ୍କର)**

ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପକ୍ଷରୁ ଶନିବାର ବିଜ୍ଞାନ ମେଳା ବିଦ୍ୟା ବିକାଶ ଇନୋଭିଜନ୍–୨୫ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହନ କ୍ଷତ୍ରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମେଳାର ଶୁଭ ଉଦ୍‌ଘାଟନ କରି ମୁଖ୍ୟ ଅତିଥି କ୍ଷତ୍ରୀ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ରାମାୟଣ ଓ ଗୁରୁକୁଳ ଆଶ୍ରମ, ଗାଁ ହାଟ, ବିଭିନ୍ନ ବ୍ୟଞ୍ଜନ ଉପରେ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଥିଲେ । ଛାତ୍ରୀଛାତ୍ରମାନେ ନୂତନ କାରିଗରି କୌଶଳ, ଜୈବ ରସାୟନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଲ ସୁପରିଚାଳନା, ଶିଳ୍ପାୟନ ଓ ଭବିଷ୍ୟତ ଗମନାଗମନର ବିକାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ ଭାଷା ଓ ସାହିତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ଗୀତ, ନୃତ୍ୟ, ବାଦ୍ୟ, ପୋଷାକ, ଶିକ୍ଷଣ ସାମଗ୍ରୀ ଓ ଗାଣିତିକ ପ୍ରତିରୂପାୟନ ପ୍ରଭୃତି ସୃଜନଶୀଳ ବିଷୟବସ୍ତୁ ଆଧାରିତ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ପାଇଁ ବିଜ୍ଞାନ ମେଳା ଏକ ସେତୁ ବୋଲି ପ୍ରକାଶ କରିଥିଲେ । ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା ସୃଜନଶୀଳ ବିଭିନ୍ନ ପ୍ରକାରର ପ୍ରକଳ୍ପଗୁଡ଼ିକୁ ଦେଖି ଖୁସି ପ୍ରକାଶ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କୁ ସାହସ, ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ଆବଶ୍ୟକତା ହିଁ ବ୍ୟକ୍ତିଙ୍କୁ ଏକ ସଫଳ ବୈଜ୍ଞାନିକ କରିପାରେ ବୋଲି ମତ ରଖିଥିଲେ । ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏକାଡେମିକ୍ ଆଡ୍‌ଭାଇଜର ନବୀନ ଶର୍ମା, ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଈଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ ବିଜ୍ଞାନ ମେଳାରେ ଅତିଥି ଓ କର୍ମକର୍ତ୍ତାମାନେ।

# କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା: ଡ୍ରାଇଭର ଗିରଫ

**ସମ୍ବଲପୁର,୧।୧୧(ପ୍ରମୋଦ ବହିଦାର)**

ବୁର୍ଲା ଥାନା ଅନ୍ତର୍ଗତ ଚାଉଁରପୁର ମହାନଦୀ ସେତୁ ନିକଟରେ ଶୁକ୍ରବାର କାର ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କାର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମାୟା ବଗିଚାର ସୟଦ ସୟୋବ ଅଲ୍ଲୀ(୨୫)।ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତାଙ୍କୁ ଭାରତୀୟ ନ୍ୟାୟ ସଂହିତା ଆଇନ୍ ଦଫା ୨୮୧, ୧୦୬(୧)ରେ ଶନିବାର କୋର୍ଟଚାଲାଣ କରିଛି। ଏହା ସହିତ ଧକ୍କା ଦେଇଥିବା କାର(ନଂ.ଓଡି–୧୭–ଏଡି–୯୯୯୨)କୁ ପୋଲିସ ଜବତ କରିଛି। ଶୁକ୍ରବାର ସନ୍ଧ୍ୟାରେ ଭାଜପା ନେତା ଶିବ କୁମାର ଅଗ୍ରୱାଲଙ୍କ ପୁତ୍ରବଧୂ ତଥା ମୃତ୍ୟୁଞ୍ଜୟ ଅଗ୍ରୱାଲଙ୍କ ଧର୍ମପତ୍ନୀ ସ୍ୱାତୀ ଅଗ୍ରୱାଲ ବନ୍ଧୁ ଚାହତ ଅଗ୍ରୱାଲଙ୍କ ସହିତ ସାନ୍ଧ୍ୟ ଭ୍ରମଣରେ ଚାଉଁରପୁର ସେତୁ ଶେଷମୁଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଫେରିବା ସମୟରେ ପଛରୁ ଏକ କାର ଦ୍ରୁତଗତିରେ ଆସି ଉଭୟଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ସ୍ୱାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚାହତ ଗୁରୁତର ହୋଇଥିଲେ। ତାଙ୍କ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଉଭୟଙ୍କୁ ଧକ୍କା ଦେଇ କାର ଚାଳକ କାର ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ପୂର୍ବକ ପୋଲିସ କାର ଚାଳକଙ୍କୁ ଠାବ କରିଥିଲା। ପୋଲିସର ଅନୁସନ୍ଧାନ ଜାରି ରହିଛି। ମାତ୍ର ଏହା ଏକ ଦୁର୍ଘଟଣା ନା ସୁନିୟୋଜିତ ହତ୍ୟାକାଣ୍ଡ ବୋଲି ସହରରେ ଚର୍ଚ୍ଚା ହେଉଛି।


ଗିରଫ କାର୍ ଚାଳକ।

# ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଭୁବନେଶ୍ୱର,୧।୧୧(ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଇଥିଲା। ଶଙ୍କର ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୪ରେ ପହଞ୍ଚିଛି। ଗତ ଅକ୍ଟୋବର ୧୬ରେ ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।

**ଏସ୍‌ଆଇ ପରୀକ୍ଷା ଜାଲିଆତି**



# ମାନେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେଶନ ରକ୍ଷଣାବେକ୍ଷଣ କାମ, ୩ରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର,୧।୧୧(ବି.ଶଙ୍କର)**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ଚଳିତ ମାସ ୩ତାରିଖରେ ୧୩୨/୩୩ କେ.ଭି ମାନେଶ୍ୱର ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ । ତେଣୁ ବାଦଶହିର, ଭାମା, ବାରଙ୍ଗମାଲ, ହିରୋ, ଜୟନ୍ତପୁର, ଝାଙ୍କରପାଲି, ମାନେଶ୍ୱର, ପାଡ଼ିଆବାହାଲ, ତଲପାଲି ଓ ଏହାର ଆଖାପାଖ ଅଞ୍ଚଳ ପ୍ରଭାବିତ ହେବ । ୩ ତାରିଖ ସୋମବାର ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳର ସମସ୍ତ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା ଆବଶ୍ୟକ ବୋଲି ଶନିବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଦୁର୍ନୀତି ବିରୋଧରେ ସାମୂହିକ ଲଢ଼େଇ ଆବଶ୍ୟକ

**ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ)**

ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଗଣ୍ଡା ରାମ ଘଡିଆଲଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟ ନାରାୟଣ ଚୌଧୁରୀ ଯୋଗଦେଇ କହିଥିଲେ ଦୁର୍ନୀତି ବିରୋଧରେ ସାମୂହିକ ଲଢେଇ ଆବଶ୍ୟକ। ଦୁର୍ନୀତି ଦୂର କରିବା ପାଇଁ ସରକାର, ନାଗରିକ ଏବଂ ବେସରକାରୀ ସଂସ୍ଥା ଭଳି ସମସ୍ତ ଅଂଶୀଦାର ଏକାଠି ହେବା। ନୈତିକ ଦାୟିତ୍ୱ ଭାବେ ସଚ୍ଚୋଟତା ପାଳନ କରିବାକୁ ଅଧ୍ୟାପକମାନେ ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ କୌଣସି ପରିସ୍ଥିତିରେ ଲାଞ୍ଚ ଦେବା କିମ୍ବା ଗ୍ରହଣ ନ କରିବା ନେଇ ଶପଥ ପାଠ କରାଯାଇଥିଲା। ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲ୍ୟ ବିବାହ ସମାଜ ପାଇଁ କଳଙ୍କ

**ବାଲ୍ୟ ବିବାହ ସଚେତନାତ୍ମକ କାର୍ଯ୍ୟକ୍ରମ**

**ଜମନକିରା,୧।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ବାଲ୍ୟ ବିବାହ ସମାଜ ପାଇଁ କଳଙ୍କ। ସୁସ୍ଥ ସ୍ୱାସ୍ଥ୍ୟ ପ୍ରତି ବିପରୀତ ଦର୍ଶନ। ତେଣୁ ବାଲ୍ୟ ବିବାହ ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ହେବ। ଏହିମର୍ମରେ ଶନିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ଝାରମୁଣ୍ଡାଠାରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଏକ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ବାଲ୍ୟ ବିବାହର କୁପରିଣାମ କୁ ନେଇ ଏକ ନାଟକ ପରିବେଷଣ ହୋଇଥିଲା। ଏହାସହ ଗୀତ, ନୃତ୍ୟ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। ମୁଣ୍ଡେନପାଲି ଆଶା ବବିତା ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ତାଲିମଦାତା ଡାକ୍ତର ରାଜାରାମ ଷଡ଼ଙ୍ଗୀ ଯୋଗଦେଇ ବାଲ୍ୟ ବିବାହକୁ ତୃଣମୂଳ ସ୍ତରରୁ ରୋକିବାକୁ ସହଜ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ କୈଶୋର ବୟସର ପ୍ରତି ସନ୍ତାନଙ୍କ ସୁଖ ସାଚ୍ଛନ୍ଦ୍ୟ ପାଇଁ ୨୦ ବର୍ଷ ବୟସ ପର୍ଯ୍ୟନ୍ତ ଅମୂଲ୍ୟ ସମୟ। ଏହି ବିଷୟକୁ ସେମାନଙ୍କୁ ଜଣାଇବା ଆମ୍ଭ ସମସ୍ତଙ୍କ ଦାୟିତ୍ୱ ହେଲେ ସମାଜରୁ ବାଲ୍ୟ ବିବାହ ହଟିବ। ସିଏଚଓ ଓମ ପ୍ରକାଶ ବେହେରା, ଏଏନ୍‌ଏମ ସାହାଣୀ ସାହୁ, ନୂଆବୁର୍ଦ୍ଦା ଆଶା ମାଗଦାଳି ମୁଣ୍ଡା, ରେଙ୍ଗାଲପାଲିର ମଞ୍ଜୁଲତା ବାଗ, ସାନକୁଣ୍ଢେସରାର ମଞ୍ଜରୀ ପଣ୍ଡା, ଆଶା ଗାୟତ୍ରୀ ନାଥ ଯୋଗଦେଇ ବାଲ୍ୟ ବିବାହର କୁପରିମାଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ କଳାକାର ଓ ପ୍ରତିଯୋଗୀଙ୍କୁ ସ୍ୱାସ୍ଥ୍ୟ ସନ୍ଦେଶ ପତ୍ରିକା ସହିତ ବିଭିନ୍ନ ସାମଗ୍ରୀ ଦେଇ ପୁରସ୍କୃତ କରାଯାଇଥିଲା।


**ବିଜ୍ଞାପନ**

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲ୍‌ଡହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ର ଜଗୁଆଳି** ପଦବୀ ଖାଲି ରହିଅଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼



No.T-97

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
***********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526



**NOTICE INVITING TENDER (NIT)**

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur



**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
**P.O - NUAGAM (ASKA)-761111, GANJAM DISTRICT, ODISHA**
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska



obcc No.CAD-2125

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga. | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)



केनरा बैंक Canara Bank – सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା – ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: |

ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୨୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ।

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**वन विभाग छत्तीशगढ़, बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कुपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-अक्सन समय 9.00 बजे प्रातः दिनांक 04.11.2025**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा – नया काष्ठ: घनमीटर (अनुमानित) | नया काष्ठ: बल्ली | नया काष्ठ: डेंगरी | पुराना काष्ठ: घनमीटर | पुराना काष्ठ: बल्ली | पुराना काष्ठ: डेंगरी |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 481.000 | 26 | 18 | 3887.693 | 14072 | 4013 |

अविक्रित सागोन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औधोगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252604480/2



**केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR**
At-Old Boys Hostel, KSUB College Campus, Bhanjanagar, Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रात: 08:00 से 10:00 बजे तक। साक्षात्कार प्रात: 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य



कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई–निविदा आमंत्रण सूचना
ई–निविदा प्रसंग संख्या :– **RCD/RAMGARH/ 1064 /2025-26**
दिनांक :– **29-10-2025**

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14/11/2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22/11/2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेट सेल का हेल्प लाईन नंबर | 0651–2401010 |

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
PR 365006 (Road)25-26*D पथ०नि०वि० पथ प्रमण्डल रामगढ़

## ବିଭିନ୍ନ ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

**କର୍ଲାମୁଣ୍ଡା:୧।୧୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ପଞ୍ଚମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୋଡାଲ କ୍ଲଷ୍ଟର ପକ୍ଷରୁ ପଞ୍ଚମ କ୍ଲଷ୍ଟର ସ୍ତରୀୟ ବୈଠକ ରାଜପୁର ପଞ୍ଚାୟତ ସୁରୁଜୁଲି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ବୈଠକରେ ସିଆର୍‌ସିସି ପ୍ରଶନ୍ନ କୁମାର ସାହୁ ଯୋଗଦେଇ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ଶ୍ରେଣୀ ପରିଚାଳନା ଓ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ବିଷୟରେ ତାଲିମ ପ୍ରଦାନ କରିଥିବା ବେଳେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପ ମଣୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ଲଷ୍ଟରର ଆଠଗୋଟି ବିଦ୍ୟାଳୟରୁ ୮ ଜଣ ପ୍ରଧାନ ଶିକ୍ଷକ ଓ ୮ଜଣ ଏଫ୍‌ଏଲ୍ ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେହିପରି ଜୋରାଡ଼ବରା କ୍ଲଷ୍ଟର ପକ୍ଷରୁ ଏକାତରା ପ୍ରାଥମିକ ବିଦ୍ୟାଳୟଠାରେ ମଧ୍ୟ କ୍ଲଷ୍ଟର ସ୍ତରୀୟ ପଞ୍ଚମ ମାସିକ ବୈଠକ ହୋଇଥିଲା। ଏଥିରେ ସିଆର୍‌ସିସି ଯୁଗଳ କିଶୋର ନାଗ ଯୋଗଦେଇ ଶିକ୍ଷା କ୍ୟାଲେଣ୍ଡର, ନିପୁଣ ସପ୍ତାହ, ବହୁ ଶ୍ରେଣୀ ପରିଚାଳନା ଓ ଜିଲାଭିତ୍ତିକ ଶୈକ୍ଷିକ ବିଷୟରେ ଆଲୋଚନା କରିଥିଲେ। ଜୋରାଡ଼ବରା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ।


ଜିଲାସ୍ତରୀୟ ସମାରୋହରେ ଉପସ୍ଥିତ ଅତିଥିମାନେ।

# କଳାହାଣ୍ଡି ଏବେ ବିକାଶ ପଥର ଯାତ୍ରୀ

- ଜିଲା ସ୍ତରୀୟ କଳାହାଣ୍ଡି ଜିଲା ଗଠନ ଦିବସ ସମାରୋହ
- ମନ ମୋହିଲା ରାହାଗିର

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରସ୍ଥିତ ଟାଉନ ହଲରେ ଶନିବାର ୭୬ତମ ଜିଲା ସ୍ତରୀୟ କଳାହାଣ୍ଡି ଜିଲା ଗଠନ ଦିବସ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶ ଯୋଗଦେଇ କଳାହାଣ୍ଡି ଜିଲା ଏବେ ବିକାଶ ପଥର ଯାତ୍ରୀ ବୋଲି କହିବା ସହିତ ଜିଲାବାସୀଙ୍କୁ ସୁସମୃଦ୍ଧ କଳାହାଣ୍ଡି ଗଠନରେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗଦେଇ କଳାହାଣ୍ଡିର କଳା, ସଂସ୍କୃତି ଓ ପରମ୍ପରାର ଭୂୟସୀ ପ୍ରଶଂସା କରିବା ସହିତ ଶିକ୍ଷା ଓ ଅର୍ଥନୀତିରେ ଜିଲାକୁ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଭୋଇ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଏମ୍‌ପି ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱରତୀର୍ଥ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ମହାନନ୍ଦ ସାମୂହିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହାରାଜ ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର କଳାକାରଙ୍କ ଦ୍ୱାରା ଘୁମୁରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖଠାରୁ ଜେଲ ଛକ ପର୍ଯ୍ୟନ୍ତ ରାହାଗିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଙ୍ଗ୍ଫୁ, ମାର୍ଶଲ ଆର୍ଟ, ହାଣ୍ଡିଫଟା କୌଶଳ ପ୍ରଦର୍ଶନ, କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ୍ଚ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ, ବାଲୁକା କଳା, ପଥପ୍ରାନ୍ତ ରଙ୍ଗୋଲି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା କି ଉପସ୍ଥିତ ଦର୍ଶକଙ୍କ ବେଶ୍ ମନ ମୋହିଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେହିପରି ପ୍ରତିଭା ଅନୁଷ୍ଠାନର ମୁଖ୍ୟ ଧ୍ୟାନାନନ୍ଦ ପଣ୍ଡା ଓ ଡ. ଅଜୟ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଭିଜିଲାନ୍ସ ସଚେତନତା ଶପଥ ପାଠୋତ୍ସବ

ଭବାନୀପାଟଣା,୧।୧୦(ଉତ୍ତମ କୁମାର ଦାଶ)

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏନଏସଏସ ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଶନିବାର ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ପାଠୋତ୍ସବରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଦୁର୍ନୀତି ମୁକ୍ତ ସମାଜ ତଥା ରାଷ୍ଟ୍ର ଗଠନ ସମ୍ବନ୍ଧରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଦୁର୍ନୀତି କରୁଥିବା ଓ ଦୁର୍ନୀତିକୁ ପ୍ରଶୟ ଦେଉଥିବା ବ୍ୟକ୍ତି ସମାଜ ପାଇଁ ତଥା ରାଷ୍ଟ୍ର ପାଇଁ ବିପଦ ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ପାଠୋତ୍ସବରେ କୁଳସଚିବ ଡ. ଗୁଣନିଧି ନାଏକ, ଉପ କୁଳସଚିବ ମେଜର ଡ. ଜୟଦେବ ସାହୁ, ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ପ୍ରୋଗ୍ରାମ ଅଫିସର ଜୟନ୍ତ ଦଣ୍ଡସେନା, ପ୍ରୋଗ୍ରାମ ଅଫିସର ରୋଜମେରୀ ରଶ୍ମିତା ଏକା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ପ୍ରସଙ୍ଗ 'ଭିଜିଲାନ୍ସ: ଆୱାର ସେୟାରଡ ରେସପନସିବିଲିଟି' ଶୀର୍ଷକ ରହିଥିଲା । ଏହା ଉପରେ ବିଭିନ୍ନ ମୂଲ୍ୟ ବୋଧଭିତ୍ତିକ ଆଲୋଚନା ହୋଇ ପରିଶେଷରେ ଉପସ୍ଥିତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଦୁର୍ନୀତି ମୁକ୍ତ ପାଇଁ ଶପଥ ପାଠ କରିଥିଲେ ।


ଅଧିକାରୀ ଓ ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

## ଖରିଫ ଧାନମଣ୍ଡି ସୁପରିଚାଳନା ପ୍ରସ୍ତୁତି ବୈଠକ

କର୍ଲାମୁଣ୍ଡା,୧।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ସଭାଗୃହଠାରେ ଶନିବାର ଚଳିତ ବର୍ଷ ଖରିଫ ଋତୁରେ ହେବାକୁ ଥିବା ଧାନ ମଣ୍ଡି ବିଷୟରେ ଏକ ପ୍ରସ୍ତୁତି ବୈଠକ ସମବାୟ ସମିତିର ସଭାପତି ଦେବରାଜ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋରପଦର ସରପଞ୍ଚ ସୁବାଷ ସାହୁ, ବୋରପଦର ରାଜସ୍ୱ ନିରୀକ୍ଷକ ଶୁଭ ଚିନ୍ତକ ନାଏକ, ଜୋରାଡ଼ବରା ରାଜସ୍ୱ ନିରୀକ୍ଷକ ଗୌର ହରୀ ମହଲା, ବରିଷ୍ଠ ଚାଷୀ ନୀଳାମ୍ବର ବେହେରା, ଚାଷୀ ପ୍ରତିନିଧି ଅବନୀ ପ୍ରସାଦ ସାହୁ, ଟିକୁନୁ ସାହୁ, ସମବାୟ ସମିତିର ଉପ ସଭାନେତ୍ରୀ ସଜନା ବତୀ ସାହୁ, ସମ୍ପାଦକ ସୁମନ୍ତ ସାହୁ ଏକତରାର ମା' ଲଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ଚାଷୀ ଭାଇ ଭଉଣୀମାନେ ଉପସ୍ଥିତ ରହି ମଣ୍ଡି ସୁପରିଚାଳନା ଉପରେ ଆଲୋଚନା କରିଥିଲେ। ଏଥିରେ ଚାଷୀମାନଙ୍କୁ ନେଇ ସମବାୟ ସ୍ତରୀୟ ଧାନ କ୍ରୟ କମିଟି ଗଠନ କରାଯାଇଥିଲା।


ଜନ ପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଓ ଅଧିକାରୀମାନେ।

## କଳା, ଐତିହ୍ୟ, ପରମ୍ପରା, ସଂସ୍କୃତି ପାଇଁ କଳାହାଣ୍ଡି ଗର୍ବିତ


କର୍ଲାମୁଣ୍ଡାରେ ବିଡିଓ ଉଦ୍‌ବୋଧନ ଦେଉଛନ୍ତି।


କେସିଙ୍ଗା ବ୍ଲକରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ।

କର୍ଲାମୁଣ୍ଡା,୧।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ୭୬ତମ କଳାହାଣ୍ଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛ। ବିଡିଓ ସୁଶ୍ରୀ ସୁଚରିତା ମୁଗ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କର୍ଲାମୁଣ୍ଡା ତହସିଲଦାର ଅରୁଣ କୁମାର ବର୍ଗେ, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ବିଧାୟକ ପ୍ରତିନିଧି କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇ କଳାହାଣ୍ଡି ଜିଲା ଗଠନର ସ୍ମୃତିଚାରଣ କରିଥିଲେ। ସଭା କାର୍ଯ୍ୟରେ ପିଇଓ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପିଇଓ, ଏଡିଇଓଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**କେସିଙ୍ଗା,(ତୁମେଶ୍ୱର ସାହୁ):** କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ କଳାହାଣ୍ଡି ଜିଲା ଗଠନ ପ୍ରତିଷ୍ଠା ଦିବସ ସମାରୋହ ୨୦୨୫ ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଏଥିରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ଅତିରିକ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ସମସ୍ତ ଯନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକ ସଂଯୋଜିକା ନମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

**କୋକସରା,(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କୋକସରା ବ୍ଲକ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଂଶୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କସମାରୋହରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ଯୁକ୍ତ ତିନି ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରେ, ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଗଠନର ଇତିହାସ ଓ କଳାହାଣ୍ଡିର କଳା, ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ସଂସ୍କାର ପାଇଁ କଳାହାଣ୍ଡି ଗର୍ବିତ ବୋଲି ଆଲୋକପାତ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରିଷିଡ଼ା,୧।୧୧(ସୁଶାନ୍ତ ମଲ୍ଲିକ)

କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ତେରେସିଂହା ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସ୍ଥାନୀୟ ବିଦ୍ୟାଶ୍ରୀ ଏକାଡେମୀଠାରେ ଶନିବାର ପାଳିତ ହୋଇଥିଲା। ବ୍ୟାଙ୍କ ଶାଖା ପରିଚାଳକ ଦିନମଣି ନାଏକଙ୍କ ନେତୃତ୍ୱରେ ବିଦ୍ୟାଶ୍ରୀ ଏକାଡେମୀର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତି ନିବାରଣ ବିଷୟରେ ଆଲୋଚନା ଓ ଶପଥ ପାଠ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ୟୁଜିବି ଶାଖା ପରିଚାଳକ ତଥା ବିଦ୍ୟାଶ୍ରୀ ଏକାଡେମୀ ଏମ୍.ଡ଼ି. ଗୌରାନନ୍ଦ ରଣା, ଅଧ୍ୟକ୍ଷ ସୁଧାଂଶୁ ରଣା, ଶିକ୍ଷୟିତ୍ରୀ ନନ୍ଦିକା ରଣା, ଦିପ୍ତିମୟୀ ସାହୁ, ସୁରଭି ମାଝୀ, ଶିକ୍ଷକ ପୃଥ୍ୱୀରାଜ ସାହୁ, ଜିଶୟା ନାଗ, ଭୀଷ୍ମଦେବ ସାହୁ, ମୃତ୍ୟୁଞ୍ଜୟ ବାରିକ, ମାନସ ରଞ୍ଜନ ପଧାନ, ପ୍ରଶାନ୍ତ ସେଠ, ବ୍ୟାଙ୍କ କର୍ମଚାରୀ ସୁଶାନ୍ତ ରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ରେଗେଡ଼ା ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି ।



ଦୁର୍ନୀତି ନିବାରଣ ପାଇଁ ଶପଥପାଠ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ସଂଘର ଦାବିପତ୍ର

**୧୩ଦଫା ଦାବି ପୂରଣ କର**

ଲାଞ୍ଜିଗଡ଼,୧।୧୧( ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତର ମୌଳିକ ସମସ୍ୟାର ସମାଧାନ ପାଇଁ ସରପଞ୍ଚ ସଂଘ ପକ୍ଷରୁ ୧୩ଦଫା ଦାବି ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲା ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ସେଥି ମଧ୍ୟରୁ ଲାଞ୍ଜିଗଡ଼ ବ୍ଲକ ମଧ୍ୟ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ ଭାବେ ପରିଚିତ। ଏହି ବ୍ଲକରେ ସମସ୍ତ ଯୋଜନା ଠିକ୍ ଭାବରେ ପହଞ୍ଚି ପାରୁନାହିଁ; ଯାହା ଫଳରେ ଅନେକ ପଞ୍ଚାୟତର ଜନ ସାଧାରଣ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି। ଉକ୍ତ ସମସ୍ୟାକୁ ନଜର ରଖି ଲାଞ୍ଜିଗଡ଼ ସରପଞ୍ଚ ସଂଘ ପକ୍ଷରୁ ୧୩ଦଫା ଦାବି ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଏସ୍‌ଏଫ୍‌ସି, ସିଏଫ୍‌ସିଠାରେ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଦେବା, ପ୍ରତ୍ୟେକ ଗାଁରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଇବା, ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ଅନ୍ତ୍ୟୋଦୟ ଯୋଜନାକୁ ୧୨ ଲକ୍ଷ ପରିବର୍ତ୍ତେ ୨୦ ଲକ୍ଷ କରିବା, ପଞ୍ଚାୟତ ସମିତିକୁ ଆସୁଥିବା ଅନୁଦାନ ଅର୍ଥରାଶି ସମାନ ଭାବେ ଦିଆଯାଉ, ଏପିଇଓ, ଏଡିଇଓ, ଜେଇ, ଜିଆର୍‌ଏସ୍ ପଦବୀକୁ ପଞ୍ଚାୟତକୁ ଆବଶ୍ୟକତା ହିସାବରେ ଯୋଗାଇ ଦିଆଯାଉ, ବିକଶିତ ଗାଁ ବିକଶିତ ଓଡ଼ିଶାର ଯୋଜନାରେ ଆସୁଥିବା ଅନୁଦାନ ରାଶି ୬୦/୪୦ ଅନୁଦାନକୁ ସରପଞ୍ଚଙ୍କ ଉପସ୍ଥିତିରେ ଖସଡ଼ା ପ୍ରସ୍ତୁତି କରିବା ସହ କାର୍ଯ୍ୟର ତଦନ୍ତ ଭାର ସରପଞ୍ଚଙ୍କୁ ପ୍ରଦାନ କରାଯାଉ ପ୍ରମୁଖ ଦାବି ନେଇ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ସଂଘ ସଭାପତି ସାନ୍ଦୁମାଝୀଙ୍କ ନେତୃତ୍ୱରେ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିରେ ୨୬ଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜାତିଗତ ଆକ୍ଷେପକୁ ନେଇ ଥାନାରେ ଏତଲା

ଲାଞ୍ଜିଗଡ଼,୧।୧୧
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ସୋସିଆଲ ମିଡିଆରେ ଜାତିଗତ ଆକ୍ଷେପକୁ ନେଇ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜର ଏକ ପ୍ରତିନିଧି ଦଳ ଶନିବାର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ଲାଞ୍ଜିଗଡ଼ ଥାନା ପ୍ରଧାନୀପଡାର ମହେନ୍ଦ୍ର ଦଳେଇ ନାମକ ଯୁବକଙ୍କ ଗତ ୨୮ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କର ମୃତଦେହ ସତ୍କାର ସମ୍ପନ୍ନ ହେବା ପରେ ଏହି ଘଟଣାକୁ ଆଧାର କରି ଲାଞ୍ଜିଗଡ଼ ମହାଦେବ ପଡାର କେତେଜଣ ଯୁବକ ଜାତିଗତ ସମାଜକୁ ଆକ୍ଷେପ କରିଥିଲେ। ସେମାନେ କ୍ଷେତ୍ରୀୟ ପାଇକ ସମାଜକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ଆଧାର କରି ଗତ ୩୧ ତାରିଖରେ ଲାଞ୍ଜିଗଡ଼ ସଦର ମଣ୍ଡପଠାରେ କ୍ଷେତ୍ରୀୟ ପାଇକ ସମାଜ ଓ ଲାଞ୍ଜିଗଡ଼ବାସୀଙ୍କୁ ନେଇ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ଅଶ୍ଳୀଳ ଭାଷା ବ୍ୟବହାର କରି ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ନକଲକୁ ନେଇ ଲାଞ୍ଜିଗଡ଼ବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତ। ଏ ନେଇ ଲାଞ୍ଜିଗଡ ଥାନା ଏସ୍‌ଆଇ ଡୋଳାମଣି ବିଶିଙ୍କୁ ପଚାରିବାରୁ ଏତଲା ଆଧାରରେ ତଦନ୍ତ ଚାଲିଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।


**NOTICE INVITING TENDER (NIT)**

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
**P.O - NUAGAM (ASKA)-761111, GANJAM DISTRICT, ODISHA**
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska

**बिज्ଞାପନ**

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲ୍ଡହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା)**, ରାତ୍ର ଜଗୁଆଳି ପଦବୀ ଖାଲି ରହିଅଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼

No.T-97
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଵାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526

केनरा बैंक Canara Bank
सिंडिकेट Syndicate

 କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୨୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR**
At-Old Boys Hostel, KSUB College Campus, Bhanjanagar, Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रात: 08:00 से 10:00 बजे तक। साक्षात्कार प्रात: 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य

# ସହାୟତା ପାଇଁ ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର

ଜମନକିରା,୧।୧୧(ରବୀନ୍ଦ୍ର ପ୍ରସାଦ ଦାସ): ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ଚଳିତବର୍ଷ ଭଲ ଦାନ ଫସଲ ହୋଇଛି। ହୋଇଥିଲା। ତେବେ ମୋନ୍ଥା ଏବଂ ଲଗୁଚାପଜନିତ ବର୍ଷା ସହ ଧାନ ଫସଲରେ ଚକଡ଼ା ରୋଗ ଲାଗିବାରେ ବ୍ଲକ ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଛି। ତୁରନ୍ତ କ୍ଷୟକ୍ଷତି ଆକଳନ ପୂର୍ବକସହାୟତା ରାଶି ପ୍ରଦାନ ପାଇଁ ଶନିବାର ବ୍ଲକ ଚାଷୀ ସମୂହ ତହସିଲଦାରଙ୍କ ପ୍ରଣିଶ୍ରି ବିଲୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଶୀଘ୍ର ମିଳିତ ଯାଞ୍ଚ କରି ସହାୟତା ରାଶି ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୩ରୁ ବୋଇତ ବନ୍ଦାଣ ଉତ୍ସବ

ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୨ ଉତ୍କଳ ସାଂସ୍କୃତିକ ପରିଷଦର ୩୫ତମ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ସୁନିଲ କାୟଲ, ସଭାପତି ରଶ୍ମିତ ସାହାଣୀ, ସମ୍ପାଦକ ଶଙ୍କର ଜେନା, ଉପଦେଷ୍ଟା କପିଳେଶ୍ୱର ମହାରଣା, ଦେବେନ୍ଦ୍ର ନାଥ ସାମନ୍ତରାୟ, ନିଳାମ୍ବର ପୁହାଣ, ପୃଷ୍ଠପୋଷକ ବିଶ୍ୱରଞ୍ଜନ ବେହୁରା, ଦିଲୀପ କୁମାର କର ପ୍ରମୁଖ ସୂଚନା ଦେଇ କହିଥିଲେ, ଆସନ୍ତା ୩ ତାରିଖ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଉଦ୍ଘାଟନ ହେବ। ବିଶିଷ୍ଟ ଶିଳ୍ପପତି ଇଂ. ଦିପ୍ତାରଞ୍ଜନ ପଟ୍ଟନାୟକ ଉଦ୍ଘାଟକ, ସୁନ୍ଦରଗଡ଼ ଜିଲାପାଳ ଡ଼ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ପ୍ରାକ୍ତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ରାଉରକେଲା ଏସପି ନାଟେଶ ୱାଧୱାନୀ ଓ ଓଡ଼ିଶା ସରପଞ୍ଚ ମହାସଂଘ ସମ୍ପାଦକ ତପନ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଅପରାହ୍ନ ୫ଟାରେ ରାଉରକେଲାର ପ୍ରତିଭାଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ବର୍ଷା ପ୍ରିୟଦର୍ଶିନୀ କରଙ୍କ ନୃତ୍ୟ ପରିବେଷଣ, ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ନାବ୍ୟାଙ୍କ ସହ ଆଟ୍ରାକ୍ସନ ଲାଇଭ୍ ବ୍ୟାଣ୍ଡ ସଙ୍ଗୀତ ପରିବେଷଣ କରିବେ। ସେହିପରି ୪ ତାରିଖରେ ଉଦ୍ଘାଟକ ଭାବେ ଆଇଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମୁଖ୍ୟବକ୍ତା ଭାବେ ପାନପୋଷ ଡିଏଫଓ ଯଶୋବନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ଆଇଏସପି ସହର ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ତପନ କୁମାର ଜି କାନେକର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ଅପରାହ୍ନ ସାଢ଼େ ୫ଟାରେ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ, ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୫ ତାରିଖ ପ୍ରାତଃ ସାଢ଼େ ୫ଟାରେ ୩୦୧ ସାଧବ ବୋହୂଙ୍କ ଦ୍ୱାରା ପାରମ୍ପରିକ ବୋଇତ ଭସାଣ ଶୋଭାଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଣେଶ ରାଉତ, ସଞ୍ଜୟ ପ୍ରଧାନ, ଗୋପାଳ ଦାସ, କାର୍ତ୍ତିକ ଖଣ୍ଡୁଆଳ, ଅରବିନ୍ଦ ମହାପାତ୍ର, ପବିତ୍ର ସାହୁ, ଅନ୍ତର୍ଯ୍ୟାମୀ ରାଉତ, ବଙ୍କି ସିଂ, ଚନ୍ଦନ ମହାନ୍ତି, ଦୁର୍ଗା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ପାତ ସହରରେ ଶିଳ୍ପୀ ଶିବିର



ଶିବିରରେ ଯୋଗ ଦେଇଥିବା ଶିଳ୍ପୀଗଣ।

ରାଉରକେଲା,୧।୧୦ (ଦିନେଶ ମିଶ୍ର): ସେକ୍ଟର-୭ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଜସପାଲ ସ୍ମୃତି ଚିତ୍ରାଳୟ କଳା ସୃଜନୀ ୨.୦ ଶିଳ୍ପୀ ଦ୍ୱିଦିବସୀୟ ଶିବିର ଓ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରରେ ଓଡ଼ିଶାର ୨୫ ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଦିଲୀପ ଦାସ ଓ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଲିନା ପାତ୍ର, ରଶ୍ମିବାଳା ସାହୁ, ବିନୟ ଭୂଷଣ ମହାନ୍ତି, ସୌମ୍ୟଜିତ ଟି. ଗଡ଼ନାୟକ, ପବିତ୍ର ପାତ୍ର, ଦେବଦତ୍ତା ମହନ୍ତ, ଚିତ୍ତରଞ୍ଜନ ମହନ୍ତ, ସସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ଦିବସରେ ଚିତ୍ରକଳା ଅଙ୍କନ ପ୍ରତିଯୋଗିତା କରାଯାଇଥିଲା। ରବିବାର ୩ୟ ଦିବସରେ ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିରରେ ବିଭିନ୍ନ ଚିତ୍ର ଅଙ୍କନ କରାଯିବ ବୋଲି ଅଧ୍ୟକ୍ଷ ପାତ୍ର ସୂଚନା ପ୍ରଦାନ କରିଛନ୍ତି।

# ଖୁଣ୍ଟଗାଁରେ ସତର୍କତା ସଚେତନତା କାର୍ଯ୍ୟକ୍ରମ



ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ): ଆଇଏସପିର ସତର୍କତା ବିଭାଗ ପକ୍ଷରୁ ଖୁଣ୍ଟଗାଁର ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତର୍କତା ବିଭାଗର ଜିଏମ୍ ତଥା ଏସିଭିଓ ରଞ୍ଜନ ଭାରତୀ ଅଧ୍ୟକ୍ଷତା କରିଥିଲେ। ସିଏସ୍ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ସତର୍କତା ବିଭାଗର ଡିଜିଏମ୍ ସନ୍ଦୀପ ବଂଶଲ ଓ ଏସ୍. କେ. ଏସ୍ ରାଜପୁତ, ବିଭାଗୀୟ ଡିଜିଏମ ଟି. ବି ଚଟ୍ଟୋ, ଏକିଭିଓ ବି. କଣ୍ଡୁଆ, ବିଦ୍ୟାଳୟର ଅଧ୍ୟକ୍ଷ ସୁଶ୍ରୀ ଦମୟନ୍ତୀ ତର୍କି ସମେତ ସ୍କୁଲ ପରିଚାଳନା କମିଟିର ପ୍ରତିନିଧି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଆଇଏସପି ଅଧିକାରୀ ଅଂଶଗ୍ରହଣ କରିଥିଲେ। ରଞ୍ଜନ ଭାରତୀ ଗ୍ରାମସଭାର ସମସ୍ତଙ୍କୁ ନିଷ୍ଠାପରାୟଣତା ଶପଥ ପାଠ କରାଇବା ସହିତ ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ସାମୂହିକ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁନମୁନ ମିତ୍ର ପିଲାଙ୍କୁ ସଚ୍ଚୋଟତା ଏବଂ ସାଧୁତା ମୂଲ୍ୟବୋଧକୁ ନିଜ ଜୀବନ ସହିତ ଓତଃପ୍ରୋତ ଭାବେ ଯୋଡି ଉତ୍ତମ ନାଗରିକ ହେବାକୁ ପ୍ରେରଣା ଦେଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଦଯାତ୍ରା ହୋଇଥିଲା। ପରେ ସ୍କୁଲ ପରିସରରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ସୁଶ୍ରୀ ଦମୟନ୍ତୀ ତର୍କି ସ୍ୱାଗତ ଭାଷଣ ଏବଂ ଗୋବର୍ଦ୍ଧନ ସମାସି ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସତର୍କତା ବିଭାଗର ଏଜିଏମ୍ ଅବନୀ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ବିକ୍ଷୋଭକୁ ସଫଳ କରିବାକୁ ଆହ୍ୱାନ

ସୁନ୍ଦରଗଡ଼,୧।୧୧(ଜୟ ନାରାୟଣ ମେଣ୍ଡୁଲି): ରାଜ୍ୟରେ କ୍ରମବର୍ଦ୍ଧମାନ ନାରୀ, ନାବାଳିକା ଯୁବତୀ, ଛାତ୍ରୀଙ୍କ ଉପରେ ଯୌନ ଉତ୍ପୀଡ଼ନ, ବଳାତ୍କାର, ହତ୍ୟା ସାଙ୍ଗକୁ ମଦ ଓ ମାଦକ ଦ୍ରବ୍ୟର କାରବାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଓ ଜନଜୀବନର ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ଡାକରାରେ ୨୫ ନଭେମ୍ବରରେ ରାଜ୍ୟସ୍ତରୀୟ ବିଶାଳ ଗଣ ବିକ୍ଷୋଭ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ସେହି ବିକ୍ଷୋଭକୁ ସଫଳ କରିବାପାଇଁ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସଭାସମିତି ମାନ ହୋଇଛି। ସେହିକ୍ରମରେ ଶନିବାର ସୁନ୍ଦରଗଡ଼ ସଦର ବ୍ଲକର ବିରବିରା ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏସୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲା କମିଟିର ସଦସ୍ୟ ବିଷ୍ଣୁ ପଣ୍ଡା, ବିରବିରା ପଞ୍ଚାୟତର କର୍ମୀ ପୂର୍ଣମାସି ମାଝୀ, ଗଣେଶ ମାଝୀ ପ୍ରମୁଖ ଯୋଗଦେଇ ବିରାବିରାରେ ଚାଲିଥିବା ମଦ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରିବା ସହିତ ଜନଜୀବନର ସମସ୍ୟା ବିରୋଧରେ ଆନ୍ଦୋଳନକୁ ଜୋରଦାର କରିବାପାଇଁ ରାଜ୍ୟସ୍ତରୀୟ ବିକ୍ଷୋଭରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ ଅରୁଣା କିଷାନ, ବିନୋଦିନୀ ନାୟକ, ନିନତି ପଟେଲ, ନନ୍ଦିନୀପ୍ରଭା ମିଶ୍ରଙ୍କ ସମେତ ବହୁ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସଫଳ କରିବା ସହିତ ଉତ୍ସାହ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ସମବେତ ମହିଳା।

# ନକଲି ଡିଜିଟାଲ ପେମେଣ୍ଟ କରି ଯୁବକ ଗିରଫ

ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ): ଡିଜିଟାଲ ପେମେଣ୍ଟ ଠକେଇ ମାମଲାରେ ସାଇବର ଥାନା ପୋଲିସ ଶନିବାର ହୀରାକୁଦ ତାରସିଂହପଡ଼ା ବାସିନ୍ଦା ଶୁଭେନ୍ଦୁ ଭୋସରା(୨୨)ଙ୍କୁ ଗିରଫ କରିଛି। ଗତ ୩୧ତାରିଖରେ ବରେଇପାଲିସ୍ଥିତ କିଓ ବିପି ପେଟ୍ରୋଲ ପମ୍ପର ମ୍ୟାନେଜର ମାନସ ସାହୁ କରିଥିବା ଅଭିଯୋଗ ଅନୁସାରେ ଜଣେ ଯୁବକ ନିଜ ବାଇକରେ ନିୟମିତ ପେଟ୍ରୋଲ ଭର୍ତ୍ତି କରିବାକୁ ଆସି ପେଟ୍ରୋଲ ପମ୍ପର କ୍ୟୁଆର କୋଡ ସ୍କାନକରି ୟୁପିଆଇ ମାଧ୍ୟମରେ ପେମେଣ୍ଟ କରୁଥିଲେ।

# ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଏସଆଇ ପରୀକ୍ଷା ଜାଲିଆତି**

ଭୁବନେଶ୍ୱର,୧।୧୧ (ସତ୍ୟଜିତ ରାଉତ): ବହୁଚର୍ଚ୍ଚିତ ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଉଥିଲା। ଶଙ୍କର ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୪ରେ ପହଞ୍ଚିଛି। ଗତ ଅକ୍ଟୋବର ୧୭ରେ ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।


**NOTICE INVITING TENDER (NIT)**

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 PM | 25.11.2025 11.00 A.M. |

The detailed BID document is available in the website www.ospepa.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd/- District Project Coordinator, Samagra Shiksha, Nabarangpur

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**

P.O - NUAGAM (ASKA)-761111, GANJAM DISTRICT, ODISHA

Phones : 06822-273464, email : askasugar@yahoo.co.in, website : askasugar.com

Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post /Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd/- Managing Director, A.C.S.I.Ltd., Aska

**obcc**

No.CAD-2125

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No.9220 Date. 28.10.2025

File : SMT-2082

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga. | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd/- Chief Engineer (Civil)

Canara Bank — ଆଞ୍ଚଳିକ କାର୍ଯ୍ୟାଳୟ, କଟକ

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ ଦଖଲ ନେଇଛନ୍ତି।

ଜଗତସିଂହପୁର ଶାଖା (୧୮୦୨୭)

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନରା ବ୍ୟାଙ୍କ

**वन विभाग छत्तीसगढ़, बस्तर (सामान्य) वनमंडल, जगदलपुर**

**ई-ऑक्शन विज्ञापन**

सर्व साधारण को सूचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्शन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्शन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्शन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों में प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कृपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्शन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेशन करना अनिवार्य है।
2. क्रेताओं को ई-ऑक्शन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि जमा करना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्शन में लॉट क्रय के पश्चात प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्शन समय 9.00 बजे प्रातः दिनांक 04.11.2025**

काष्ठागार सरगीपाल नीलाम में रखे गये वनोपज की मात्रा

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायम काष्ठ | 0.000 | 0 | 0 | 0.000 | 0 | 0 |
| योगः | 481.000 | 26 | 18 | 3887.693 | 14072 | 4013 |

अविक्रित सागौन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औद्योगिक बांस - 64.249 नो.टन

G-252604480/2 स्वा./- वन मंडलाधिकारी बस्तर वन मंडल, जगदलपुर

**ବିଜ୍ଞାପନ**

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡ଼ିକ ଯଥା - ସମାଜ କର୍ମୀ ତଥା ଏଆଇ ଟାଇଲେଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ରି ଜଗୁଆଳି ପଦବୀ ଖାଲି ରହିଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼

No.T-97

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0204/2526

**केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR**

At-Old Boys Hostel, KSUB College Campus, Bhanjanagar, Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रातः 08:00 से 10:00 बजे तक। साक्षात्कार प्रातः 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखें : https://bhanjnagar.kvs.ac.in / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़**

रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

ई-निविदा प्रसंग संख्या :- RCD/RAMGARH/ 1064 /2025-26

दिनांक :- 29-10-2025

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रुपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14 / 11 / 2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22 / 11 / 2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351-25637 |
| 8. | ई-प्रोक्योरमेंट सेल का हेल्प लाईन नंबर | 0651-2401010 |

- निविदा की अन्य शर्तें वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through http://jharkhandtenders.gov.in.**

PR 365006 (Road)25-26*D कार्यपालक अभियंता पथ प्रमण्डल, रामगढ़

# ସହାୟତା ପାଇଁ ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର

**ଜମନକିରା, ୧।୧୧ (ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ଚଳିତବର୍ଷ ଭଲ ଦାନ ଫସଲ ହୋଇଛି। ହୋଇଥିଲା। ତେବେ ମୋନ୍ଥା ଏବଂ ଲଘୁଚାପଜନିତ ବର୍ଷା ସହ ଧାନ ଫସଲରେ ଚକଡ଼ା ରୋଗ ଲାଗିବାରେ ବ୍ଲକ ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଛି। ତୁରନ୍ତ କ୍ଷୟକ୍ଷତି ଆକଳନ ପୂର୍ବକସହାୟତା ରାଶି ପ୍ରଦାନ ପାଇଁ ଶନିବାର ବ୍ଲକ ଚାଷୀ ସମୂହ ତହସିଲଦାର ପ୍ରବିଣା ବିଲୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଙ୍କୁ ଶୀଘ୍ର ମିଳିତ ଯାଞ୍ଚ କରି ସହାୟତା ରାଶି ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ନକଲି ଡିଜିଟାଲ ପେମେଣ୍ଟ କରି ଯୁବକ ଗିରଫ

**ସମ୍ବଲପୁର, ୧।୧୧ (ଭବାନୀ ଶଙ୍କର ଭୋଇ)**

ଡିଜିଟାଲ ପେମେଣ୍ଟ ଠକେଇ ମାମଲାରେ ସାଇବର ଥାନା ପୋଲିସ ଶନିବାର ହୀରାକୁଦ ତାରସିଂହପଡ଼ା ବାସିନ୍ଦା ଶୁଭେନ୍ଦୁ ଭେସରା(୨୨)ଙ୍କୁ ଗିରଫ କରିଛି। ଗତ ୩୧ତାରିଖରେ ବରେଇପାଲିସ୍ଥିତ ଜିଓ ବିପି ପେଟ୍ରୋଲ ପମ୍ପର ମ୍ୟାନେଜର ମାନସ ସାହୁ କରିଥିବା ଅଭିଯୋଗ ଅନୁସାରେ ଜଣେ ଯୁବକ ନିଜ ବାଇକରେ ନିୟମିତ ପେଟ୍ରୋଲ ଭର୍ତ୍ତି କରିବାକୁ ଆସି ପେଟ୍ରୋଲ ପମ୍ପର କ୍ୟୁଆର କୋଡ ସ୍କାନକରି ୟୁପିଆଇ ମାଧ୍ୟମରେ ପେମେଣ୍ଟ କରୁଥିଲେ। ସେ ପେମେଣ୍ଟ କରିବା ପରେ ସଫଳ ହେବା ନେଇ ସ୍କ୍ରିନ ମଧ୍ୟ ଦେଖାଉଥିଲେ। ତେବେ ପରେ କର୍ମଚାରୀମାନେ ଯାଞ୍ଚ କରିବା ପରେ ପେଟ୍ରୋଲ ପମ୍ପ ଆକାଉଣ୍ଟରେ ଟଙ୍କା ଯାଉ ନ ଥିବା ଜଣାପଡିଥିଲା। ଗତ ୩୧ ତାରିଖରେ ସେ ଆସି ପେଟ୍ରୋଲ ଭରିବା ପରେ ପୂର୍ବଭଳି ପେମେଣ୍ଟ କରିଥିଲେ। ଯାଞ୍ଚ ପରେ ପେମେଣ୍ଟ ହୋଇନ ଥିବା ଜଣାପଡିବା ପରେ ପମ୍ପ ମ୍ୟାନେଜରଙ୍କ ପକ୍ଷରୁ ସାଇବର ଥାନାରେ ଅଭିଯୋଗ କରାଯାଇଥିଲା। ଘଟଣାରେ ସାଇବର ଥାନା ପୋଲିସ ଶୁଭେନ୍ଦୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବ୍ୟବହୃତ ବାଇକ ଜବତ କରିଥିବା ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟା ବିକାଶରେ ବିଜ୍ଞାନ ମେଳା

# ୨ଶହ ପ୍ରକଳ୍ପ ପ୍ରଦର୍ଶିତ

**ସମ୍ବଲପୁର, ୧।୧୧ (ବି.ଶଙ୍କର)**

ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପକ୍ଷରୁ ଶନିବାର ବିଜ୍ଞାନ ମେଳା ବିଦ୍ୟା ବିକାଶ ଇନୋଭିଜନ୍-୨୫ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହନ କ୍ଷତ୍ରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମେଳାର ଶୁଭ ଉଦ୍‌ଘାଟନ କରି ମୁଖ୍ୟ ଅତିଥି କ୍ଷତ୍ରୀ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ରାମାୟଣ ଓ ଗୁରୁକୁଳ ଆଶ୍ରମ, ଗାଁ ହାଟ, ବିଭିନ୍ନ ବ୍ୟଞ୍ଜନ ଉପରେ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଥିଲେ । ଛାତ୍ରୀଛାତ୍ରମାନେ ନୂତନ କାରିଗରି କୌଶଳ, ଜୈବ ରସାୟନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ସୁପରିଚାଳନା, ଶିଳ୍ପାୟନ ଓ ଭବିଷ୍ୟତ ଗମନାଗମନର ବିକାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ ଭାଷା ଓ ସାହିତ୍ୟ, ସଙ୍ଗୀତ,



ଆୟୋଜିତ ବିଜ୍ଞାନ ମେଳାରେ ଅତିଥି ଓ କର୍ମକର୍ତ୍ତାମାନେ।

ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ଗୀତ, ନୃତ୍ୟ, ବାଦ୍ୟ, ପୋଷାକ, ଶିକ୍ଷଣ ସାମଗ୍ରୀ ଓ ଗାଣିତିକ ପ୍ରତିରୂପାୟନ ପ୍ରଭୃତି ସୃଜନଶୀଳ ବିଷୟବସ୍ତୁ ଆଧାରିତ ୨୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ପାଇଁ ବିଜ୍ଞାନ ମେଳା ଏକ ସେତୁ ବୋଲି ପ୍ରକାଶ କରିଥିଲେ । ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା ସୃଜନଶୀଳ ବିଭିନ୍ନ ପ୍ରକାରର ପ୍ରକଳ୍ପଗୁଡ଼ିକୁ ଦେଖି ଖୁସି ପ୍ରକାଶ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କୁ ସାହସ, ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ଆବଶ୍ୟକତା ହିଁ ବ୍ୟକ୍ତିଙ୍କୁ ଏକ ସଫଳ ବୈଜ୍ଞାନିକ କରିପାରେ ବୋଲି ମତ ରଖିଥିଲେ । ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏକାଡେମିକ୍ ଆଡ୍‌ଭାଇଜର ନବୀନ ଶର୍ମା, ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଈଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା: ଡ୍ରାଇଭର ଗିରଫ

**ସମ୍ବଲପୁର, ୧।୧୧ (ପ୍ରମୋଦ ବହିଦାର)**

ବୁର୍ଲା ଥାନା ଅନ୍ତର୍ଗତ ଚାଉଁରପୁର ମହାନଦୀ ସେତୁ ନିକଟରେ ଶୁକ୍ରବାର କାର ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କାର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମାୟା ବଗିଚାର ସୟଦ ସୟୋବ ଅଲ୍ଲୀ(୨୫)। ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତାଙ୍କୁ ଭାରତୀୟ ନ୍ୟାୟ ସଂହିତା ଆଇନ୍ ଦଫା ୨୮୧, ୧୦୬(୧)ରେ ଶନିବାର କୋର୍ଟଚାଲାଣ କରିଛି। ଏହା ସହିତ ଧକ୍କା ଦେଇଥିବା କାର(ନଂ.ଓଡି-୧୭-ଏଡି-୯୯୯୨)କୁ ପୋଲିସ ଜବତ କରିଛି। ଶୁକ୍ରବାର ସନ୍ଧ୍ୟାରେ ଭାଜପା ନେତା ଶିବ କୁମାର ଅଗ୍ରୱାଲଙ୍କ ପୁତ୍ରବଧୂ ତଥା ମୃତ୍ୟୁଞ୍ଜୟ ଅଗ୍ରୱାଲଙ୍କ ଧର୍ମପତ୍ନୀ ସ୍ୱାତୀ ଅଗ୍ରୱାଲ ବନ୍ଧୁ ଚାହତ ଅଗ୍ରୱାଲଙ୍କ ସହିତ ସାନ୍ଧ୍ୟ ଭ୍ରମଣରେ ଚାଉଁରପୁର ସେତୁ ଶେଷମୁଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଫେରିବା ସମୟରେ ପଛରୁ ଏକ କାର ଦ୍ରୁତଗତିରେ ଆସି ଉଭୟଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ


ଗିରଫ କାର୍ ଚାଳକ।

ସ୍ୱାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚାହତ ଗୁରୁତର ହୋଇଥିଲେ। ତାଙ୍କ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଉଭୟଙ୍କୁ ଧକ୍କା ଦେଇ କାର ଚାଳକ କାର ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ପୂର୍ବକ ପୋଲିସ କାର ଚାଳକଙ୍କୁ ଠାବ କରିଥିଲା। ପୋଲିସର ଅନୁସନ୍ଧାନ ଜାରି ରହିଛି। ମାତ୍ର ଏହା ଏକ ଦୁର୍ଘଟଣା ନା ସୁନିୟୋଜିତ ହତ୍ୟାକାଣ୍ଡ ବୋଲି ସହରରେ ଚର୍ଚ୍ଚା ହେଉଛି।

# ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଏସ୍ଆଇ ପରୀକ୍ଷା ଜାଲିଆତି**

**ଭୁବନେଶ୍ୱର, ୧।୧୧ (ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ



ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଇଥିଲା। ଶଙ୍କର ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୪ରେ ପହଞ୍ଚିଛି। ଗତ ଅକ୍ଟୋବର ୧୬ରେ ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।

# ମାନେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେଶନ ରକ୍ଷଣାବେକ୍ଷଣ କାମ, ୩ରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର, ୧।୧୧ (ବି.ଶଙ୍କର)**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ଚଳିତ ମାସ ୩ତାରିଖରେ ୧୩୨/୩୩ କେ.ଭି ମାନେଶ୍ୱର ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ । ତେଣୁ ବାଦଶହିର, ଭାମା, ବାରଇଂମାଲ, ହିରୋ, ଜୟନ୍ତପୁର, ଝାଙ୍କରପାଲି, ମାନେଶ୍ୱର, ପାଡ଼ିଆବାହାଲ, ତଳପାଲି ଓ ଏହାର ଆଖାପାଖ ଅଞ୍ଚଳ ପ୍ରଭାବିତ ହେବ । ୩ ତାରିଖ ସୋମବାର ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳର ସମସ୍ତ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା ଆବଶ୍ୟକ ବୋଲି ଶନିବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଦୁର୍ନୀତି ବିରୋଧରେ ସାମୂହିକ ଲଢ଼େଇ ଆବଶ୍ୟକ

**ସମ୍ବଲପୁର, ୧।୧୧ (ଭବାନୀ ଶଙ୍କର ଭୋଇ)**

ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଗଣ୍ଡା ରାମ ଘଡିଆଲଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟ ନାରାୟଣ ଚୌଧୁରୀ ଯୋଗଦେଇ କହିଥିଲେ ଦୁର୍ନୀତି ବିରୋଧରେ ସାମୂହିକ ଲଢେଇ ଆବଶ୍ୟକ। ଦୁର୍ନୀତି ଦୂର କରିବା ପାଇଁ ସରକାର, ନାଗରିକ ଏବଂ ବେସରକାରୀ ସଂସ୍ଥା ଭଳି ସମସ୍ତ ଅଂଶୀଦାର ଏକାଠି ହେବା। ନୈତିକ ଦାୟିତ୍ୱ ଭାବେ ସଚ୍ଚୋଟତା ପାଳନ କରିବାକୁ ଅଧାପକମାନେ ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ କୌଣସି ପରିସ୍ଥିତିରେ ଲାଞ୍ଚ ଦେବା କିମ୍ବା ଗ୍ରହଣ ନ କରିବା ନେଇ ଶପଥ ପାଠ କରାଯାଇଥିଲା। ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲ୍ୟ ବିବାହ ସମାଜ ପାଇଁ କଳଙ୍କ

**ବାଲ୍ୟ ବିବାହ ସଚେତନାତ୍ମକ କାର୍ଯ୍ୟକ୍ରମ**

**ଜମନକିରା, ୧।୧୧ (ରବୀନ୍ଦ୍ର ପ୍ରସାଦ ଦାନୀ)**

ବାଲ୍ୟ ବିବାହ ସମାଜ ପାଇଁ କଳଙ୍କ। ସୁସ୍ଥ ସ୍ୱାସ୍ଥ୍ୟ ପ୍ରତି ବିପରୀତ ଦର୍ଶନ। ତେଣୁ ବାଲ୍ୟ ବିବାହ ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ହେବ। ଏହିମର୍ମରେ ଶନିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ଝାରମୁଣ୍ଡାଠାରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଏକ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ବାଲ୍ୟ ବିବାହର କୁପରିଣାମ କୁ ନେଇ ଏକ ନାଟକ ପରିବେଷଣ ହୋଇଥିଲା। ଏହାସହ ଗୀତ, ନୃତ୍ୟ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। ମୁଣ୍ଡେନପାଲି ଆଶା ବବିତା ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ତାଲିମଦାତା ଡାକ୍ତର ରାଜାରାମ ଷଡ଼ଙ୍ଗୀ ଯୋଗଦେଇ ବାଲ୍ୟ ବିବାହକୁ ତୃଣମୂଳ ସ୍ତରରୁ ରୋକିବାକୁ ସହଜ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ କୈଶୋର ବୟସର ପ୍ରତି ସନ୍ତାନଙ୍କ ସୁଖ ସାଚ୍ଛନ୍ଦ୍ୟ ପାଇଁ ୨୦ ବର୍ଷ ବୟସ ପର୍ଯ୍ୟନ୍ତ ଅମୂଲ୍ୟ ସମୟ। ଏହି ବିଷୟକୁ ସେମାନଙ୍କୁ ଜଣାଇବା ଆମ୍ଭ ସମସ୍ତଙ୍କ ଦାୟିତ୍ୱ ହେଲେ ସମାଜରୁ ବାଲ୍ୟ ବିବାହ ହଟିବ। ସିଏଚଓ ଓମ ପ୍ରକାଶ ବେହେରା, ଏଏନ୍ଏମ ସାହାଣୀ ସାହୁ, ନୂଆବୁର୍ଦ୍ଧା ଆଶା ମାଗଦାଳି ମୁଣ୍ଡା, ରେଙ୍ଗାଲପାଲିର ମଞ୍ଜୁଳତା ବାଗ, ସାନକୁଣ୍ଡେସରାର ମଞ୍ଜରୀ ପଣ୍ଡା, ଆଶା ଗାୟତ୍ରୀ ନାଥ ଯୋଗଦେଇ ବାଲ୍ୟ ବିବାହର କୁପରିଣାମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ କଳାକାର ଓ ପ୍ରତିଯୋଗୀଙ୍କୁ ସ୍ୱାସ୍ଥ୍ୟ ସନ୍ଦେଶ ପତ୍ରିକା ସହିତ ବିଭିନ୍ନ ସାମଗ୍ରୀ ଦେଇ ପୁରସ୍କୃତ କରାଯାଇଥିଲା।


**ବିଜ୍ଞାପନ**

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲ୍‌ଡହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ର ଜଗୁଆଳି** ପଦବୀ ଖାଲି ରହିଅଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼



No.T-97

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526



**NOTICE INVITING TENDER (NIT)**

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur



**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
**P.O - NUAGAM (ASKA)-761111, GANJAM DISTRICT, ODISHA**
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska



obcc No.CAD-2125

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No.9220
File : SMT-2082 Date. 28.10.2025

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga.** | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)



केनरा बैंक Canara Bank — सिंडिकेट Syndicate

 କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ,** ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୨୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**वन विभाग छत्तीशगढ़, बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कुपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टेल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-अक्सन समय 9.00 बजे प्रातः दिनांक 04.11.2025**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा — नया काष्ठ: घनमीटर (अनुमानित) | नया काष्ठ: बल्ली | नया काष्ठ: डेंगरी | पुराना काष्ठ: घनमीटर | पुराना काष्ठ: बल्ली | पुराना काष्ठ: डेंगरी |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 481.000 | 26 | 18 | 3887.693 | 14072 | 4013 |

अविक्रित सागोन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252604480/2



**केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR**
At-Old Boys Hostel, KSUB College Campus, Bhanjanagar,
Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रात: 08:00 से 10:00 बजे तक। साक्षात्कार प्रात: 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य



कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई–निविदा आमंत्रण सूचना
ई–निविदा प्रसंग संख्या :– **RCD/RAMGARH/ 1064 /2025-26**
दिनांक :– **29-10-2025**

| | | |
|---|---|---|
| 1. | कार्य का नाम | **IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26** |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छ:) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14/11/2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22/11/2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेट सेल का हेल्प लाईन नंबर | 0651–2401010 |

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को **UCAN** से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
PR 365006 (Road)25-26*D पथ०नि०वि० पथ प्रमण्डल रामगढ़

## ସଂକ୍ଷେପରେ

### ଜଙ୍ଗଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଅତାବିରା,୧।୧୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଥାନା ଚୂଳଧର ବେଲବାହାଲିପଡା ନିକଟ ଜଙ୍ଗଲରୁ ଶନିବାର ଜଣେ ନିଖୋଜ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ, ଚୂଳଧର ବେଲବାହାଲିପଡ଼ାର ଫୁଲଜେମ୍ସ ଆଇଣ୍ଡ(୪୫)। ମୃତ୍ୟୁର କାରଣ ଜଣାପଡ଼ି ନାହିଁ । ଘଟଣାସ୍ଥଳକୁ ପୋଲିସ ଟିମ ଯାଇଛନ୍ତି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୨୩/୨୫) ରୁଜୁ ହୋଇ ତଦନ୍ତ ଚାଲିଛି। ସୂଚନା ଅନୁଯାୟୀ, ମୃତକଙ୍କ ସ୍ତ୍ରୀ କୁମେଲେନ ବେଙ୍ଗାଲୁରୁରେ କାମ କରନ୍ତି। ତାଙ୍କର ୨ପୁଅ ଅଛନ୍ତି । ତେବେ ଗତ ୨୭ତାରିଖରୁ ଫୁଲଜେମ୍ସ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ପତ୍ତା ମିଳି ପାରି ନ ଥିଲା। ଅନ୍ୟପଟେ ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ସୂଚନା ପାଇବା ପରେ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳକୁ ଯାଇଥିଲା।

### ଝାରବନ୍ଧ ତହସିଲରେ ରେଜିଷ୍ଟ୍ରି କାର୍ଯ୍ୟାଳୟ ଶୁଭାରମ୍ଭ

**ଝାରବନ୍ଧ,୧।୧୦(ଦେବେନ୍ଦ୍ର ସାହୁ):** ଝାରବନ୍ଧ ତହସିଲ କାର୍ଯ୍ୟାଳୟରେ ରଜିଷ୍ଟ୍ରି କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭିସିରେ ଏହାର ଶୁଭାରମ୍ଭ କରିଛନ୍ତି। ବ୍ଲକ ସମ୍ମିଳନୀ କକ୍ଷରେ ତହସିଲଦାର ଅଲେଖ ଘୁଟା, ତହସିଲ କର୍ମଚାରୀ, ଅଞ୍ଚଳର ନିର୍ବାଚିତ ପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଟେଲିଭିଜନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ପ୍ରକାଶ ଥାଉ କି, ଝାରବନ୍ଧ ଅଞ୍ଚଳର ସମସ୍ତ ଜମି ରେଜିଷ୍ଟ୍ରି ପାଇକମାଳ ତହସିଲ କାର୍ଯ୍ୟାଳୟରେ କରାଯାଉଥିଲା, ଏବେ ଝାରବନ୍ଧ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ହେବାରୁ ଲୋକେ ହଇରାଣ ଓ ଖର୍ଚ୍ଚାନ୍ତରୁ ବଞ୍ଚିତ ହେବେ।

### ଶିବିରରେ ୫୪ ୟୁନିଟ ରକ୍ତ ସଂଗୃହୀତ



**ଅତାବିରା,୧।୧୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଗୋଡ଼ଭଗାଠାରେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସମ୍ବଲପୁର ରକ୍ତ ଭଣ୍ଡାରର ଡାକ୍ତର କଳ୍ପେଶ କାକପ, ଗୀତାଞ୍ଜଳି ହୋତା, ସିଦ୍ଧାର୍ଥ ଏସ. ଦାଶ, କର୍ମଦାର ପଟେଲ, ଦୁଃଖନାଶନ ସେଠ, ପ୍ରଜନା ରଞ୍ଜନ ବିଶ୍ୱାଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଆୟୋଜକ ବଜରଙ୍ଗ ଦଳର ଅଶ୍ୱିନୀ ମେହେର, ପରମେଶ୍ୱର ପଟେଲ, ମନୀଷ ଶର୍ମା, ସତୀଶ ଦାଶ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଛାୟା ବିଧାନସଭା

**ବାଚସ୍ପତି, ଶାସକ ଦଳ ଓ ବିରୋଧୀ ଦଳ ଭୂମିକା ନିଭାଇଲେ**

**ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)**



ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଛାୟା ବିଧାନସଭା।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାଭୋନାରେ ଶନିବାର ଆକର୍ଷଣୀୟ ଓ ଶିକ୍ଷାମୂଳକ ବିଦ୍ୟାଳୟ ସ୍ତରୀୟ ଛାୟା ବିଧାନସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କୁ ବିଧାନସଭାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଚସ୍ପତି, ଶାସକ ଦଳ, ଓ ବିରୋଧୀ ଦଳ ଭାବେ ଭୂମିକା ନିଭାଇ ନିଜର କୌଶଳ ଦେଖାଇଥିଲେ। ବିଧାନସଭା ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ବିଦ୍ୟୁତ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଆଦି ସମସ୍ୟା ଏବଂ ସାମାଜିକ ପ୍ରସ୍ତାବ ଗୁଡ଼ିକ ଉପରେ ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ଶାସକ ଦଳ ତାହାର ଠିକ ଉତ୍ତର ଦେଇ ବିଧାନସଭାର ଅସଲ ରୂପ ଦେଇଥିଲେ। ଶିକ୍ଷକମାନଙ୍କ ନିର୍ଦ୍ଦେଶନା ଓ ପ୍ରେରଣାରେ ଆୟୋଜିତ ଏହି ଛାୟା ବିଧାନସଭା ଦ୍ୱାରା ଛାତ୍ରୀଛାତ୍ରମାନେ ଗଣତାନ୍ତ୍ରିକ ପ୍ରକ୍ରିୟା, ସଂସଦୀୟ ଆଚରଣ ଓ ନାଗରିକତା ଅଧିକାର ସମ୍ପର୍କରେ ଅନୁଭବଗତ ଜ୍ଞାନ ଲାଭ କରିଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୀବର୍ଦ୍ଧନ ଦୁଆନ, ବିଦ୍ୟାଳୟର କମିଟି ମେମ୍ବର ବୈକୁଣ୍ଠ ପଟେଲ, ଅବସର ପ୍ରାପ୍ତ ବରିଷ୍ଠ କିରାଣୀ ମହାଦେବ ବାଗ, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ସମ୍ମାନିତ ଅତିଥିଭାବେ ରହିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋହର ସାହୁ ଏବଂ ଉପମା ପ୍ରଧାନଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନଙ୍କ ଅଭିନୟରେ ବିଧାନ ସଭାର ବିଭିନ୍ନ ଅଧିବେଶନ ବିଷୟରେ ଅନେକ ତଥ୍ୟ ଜାଣିପାରିଥିଲେ। ଏଥିରେ ନବମ ଶ୍ରେଣୀର ଛାତ୍ର ରୋହନ ପଟେଲ ବାଚସ୍ପତି, ଶାସକ ଦଳରେ ସୌମ୍ୟା, ଝସକେତନ, ପ୍ରିତେଶ ରାଉଳ ସାନିଆ ପ୍ରଧାନ, ପୁଷ୍ପା ପଟେଲ, ଲକ୍ଷ୍ମୀ ପ୍ରିୟା ମହାନନ୍ଦ, ଖିରେଶ୍ୱରି ସା ଓ ବିରୋଧି ଦଳର ଅମ୍ବିକା, ହରିପ୍ରିୟା, କୁସୁମ ଦଣ୍ଡସେନା, ଭୂପେଷ, ରିଙ୍କୁ, ସବ୍ୟସାଚୀ, ଅନିଶ, ପ୍ରତିମା, ଆୟୁଷ, ହିତେଶ ପ୍ରମୁଖ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ବରଗଡ଼ ସମଲେଶ୍ୱରୀ ସଂଘ ପ୍ରାୟୋଜିତ ନାଟକର ଦୃଶ୍ୟାଭିନୟ।

### ନାଟକରେ ଶହୀଦ୍ ପରିବାରଙ୍କ ବଳିଦାନ ପ୍ରତିଫଳିତ

**ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସମଲେଶ୍ୱରୀ ସଂଘ ପ୍ରାୟୋଜିତ ନାଟ୍ୟ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ନାଟ୍ୟ ଉତ୍ସବରେ ସଂଘର କଳାକାରମାନେ ନାଟକ ଜୀବନ୍ ତାଙ୍କର, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ କରିଥିଲେ। ନାଟ୍ୟକାର ଚୂଡ଼ାମଣି ରଥଙ୍କ ରଚିତ ଏହି ନାଟକରେ ସେ ନିଜେ ନିର୍ଦ୍ଦେଶନା ଦେଇଥିଲେ। ସୁରେନ ପାଣିଗ୍ରାହୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ୨ଦିନ ଚାଲିଥିବା ଏହି ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ସଂଘର ସଭାପତି ସମୀର ପ୍ରଧାନ ସଭାପତିତ୍ୱ କରିଥିଲେ। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମଶ୍ରୀ ହଲଧର ନାଗ, ଜମିଦାର ମାଧୋ ସିଂଙ୍କ ଦାୟାଦ ରଞ୍ଜିତ ସିଂ ବରିହା ସସ୍ତ୍ରୀକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚସ୍ଥ ନାଟକରେ ସୁନିଲ ମହାପାତ୍ର ମାଧୋ ସିଂ ଭୂମିକାରେ ଅଭିନୟ କରିଥିଲେ। ନାଟକର ସମସ୍ତ ଚରିତ୍ରରେ ସଂଘର କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ଅନାଲୋଚିତ ଭାବେ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇ ନଥିବା ଏକ ଶହୀଦ ପରିବାରର ବିରଳତମ ବଳିଦାନ ନାଟକରେ ପ୍ରତିଫଳିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ଼, ସମଲେଶ୍ୱରୀ ସଂଘ ତରଫରୁ ନାଟ୍ୟକାର, ନିର୍ଦ୍ଦେଶକ ଚୂଡ଼ାମଣି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶହୀଦଙ୍କ ଜନ୍ମମାଟି ଘେଁସ୍ ସମେତ ସମ୍ବଲପୁର, ବଲାଙ୍ଗୀର, ବରପାଲି, କେଶାଇପାଲି ଅଞ୍ଚଳରୁ ଅନେକ ବୁଦ୍ଧିଜୀବି, ନାଟ୍ୟକାର, ନିର୍ଦ୍ଦେଶକ ଯୋଗଦାନ କରିଥିଲେ।

### ଓଡ଼ିଆ ବିଭାଗର ପ୍ରାଚୀର ପତ୍ରିକା 'ଅନ୍ୱେଷା'ଉନ୍ମୋଚିତ

**ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)**



ଆଲୋଚନାଚକ୍ରରେ ଆଲୋଚକବୃନ୍ଦ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ସାମାଜିକ ପ୍ରତିବଦ୍ଧତାର ମାର୍ମିକ ଉଚ୍ଚାରଣ। ବ୍ୟକ୍ତି ନୁହେଁ ଗୋଷ୍ଠୀର ବିକାଶ ପରିପ୍ରକାଶ ହିଁ ଏହାର ବ୍ୟାପ୍ତି ଓ ଦୀପ୍ତି। ଜାତୀୟ ଜୀବନର ଜୟଗାନ ହେଉଛି ତା'ର ଉଦ୍‌ଘୋଷିତ ମନ୍ତ୍ର। ସର୍ବୋପରି ମାନବବାଦର ମହନୀୟ ଉଚ୍ଚାରଣ ହିଁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗଳ୍ପର ମର୍ମସ୍ୱର ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। 'ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରବୃତ୍ତି' ଶୀର୍ଷକ ଏହି ଆଲୋଚନାଚକ୍ରରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶେଷନ ବିଶି ସଭାପତିତ୍ୱ କରିଥିଲେ। ସମ୍ମାନର ମୁଖ୍ୟ ଅତିଥି ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ଓ ବିଷୟ ବିଶେଷଜ୍ଞ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁରର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ବାଗ୍‌ଦେବୀ ସରସ୍ୱତୀଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମେ ଅତିଥିଗଣ ଓଡ଼ିଆ ବିଭାଗର ପ୍ରାଚୀର ପତ୍ରିକା 'ଅନେ୍ୱଷା'କୁ ଉନ୍ମୋଚନ କରିଥିଲେ। ପାଠଚକ୍ର ସମ୍ପାଦକ ଚିରନ୍ତନ ଦାଶ ସମସ୍ତଙ୍କୁ ସ୍ୱାଗତ କରିବା ପରେ ଅଧ୍ୟାପକ ଶାନ୍ତନୁ ସୁନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. ସ୍ମିତା ପାଣିଗ୍ରାହୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ନାତକୋତ୍ତର ତୃତୀୟ ପର୍ଯ୍ୟାୟର ଛାତ୍ର ଚିରନ୍ତନ ଦାଶ, ଉତ୍ତମ ସାହୁ ଏବଂ ଛାତ୍ରୀ ଆଶା ସାହୁ ଆଲୋଚନାଚକ୍ରରେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମୁଖ୍ୟ ଅତିଥି ଡ. ମହାପାତ୍ର ପାଶ୍ଚାତ୍ୟ ଜଗତର ଗଳ୍ପଧାରା ଉପରେ ଆଲୋଚନା କରି କାଳଜୟୀ ଗଳ୍ପମାନ ପାଠ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇ ଥିବା ବେଳେ ସମ୍ମାନିତ ଅତିଥି ମାନଭଞ୍ଜନ ପାଣିଗ୍ରାହୀ ପ୍ରଭାବଶାଳୀ ଗଳ୍ପର ସ୍ୱରୂପ ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଡ. ଭୋଇ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗଳ୍ପର ପୃଷ୍ଠଭୂମି, କାଳୋତ୍ତୀର୍ଣ୍ଣ ଗଳ୍ପର ଧର୍ମ ଓ ଭାବଧାରା ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର ଓ ଅଧ୍ୟାପିକା ଡ. ସୁନୀତା ବେହେରା ମଧ୍ୟ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ଓ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ ପାଠଚକ୍ର ସହ ସମ୍ପାଦିକା କସ୍ତୁରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆହ୍ୱାନ

**ବରଗଡ଼,୧।୧୧(ପ୍ରେମାନନ୍ଦ ଖମାରୀ)**

**ଦୁର୍ନୀତି ନିବାରଣ ସପ୍ତାହ ପାଳନ**

ଦୁର୍ନୀତି ଏକ ରୁଗ୍ଣ ମାନସିକତା ଓ ସାମାଜିକ ବ୍ୟାଧି ଅଟେ। ଏହା ଏକ ବିକଶିତ ସମାଜକୁ ପଙ୍ଗୁ କରି ଦେଇପାରେ ତେଣୁ ଦୁର୍ନୀତି ମୂଳୋତ୍ପାଟନ ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ୍ ବୋଲି ଶନିବାର ବରଗଡ଼ ରାଣାପ୍ରତାପ ସ୍କୁଲରେ ଆୟୋଜିତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଡୋଳାମଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁର୍ନୀତିମୁକ୍ତ ଭାରତରେ ହିଁ ବିକଶିତ ଭାରତ ସମ୍ଭବ ବୋଲି ଉଲ୍ଲେଖ କରି ଦୁର୍ନୀତି ଏକ ରୁଗଣ ମାନସିକତା ବୋଲି କହିଥିଲେ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ତଥା ଆଲୁମୁନି ସଦସ୍ୟ କପିଳ ବାଗ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସୁନୀତା ମିଶ୍ର, ବବିତା ନାଏକ ପ୍ରମୁଖ ଯୋଗ ଦେଇ ଦୁର୍ନୀତିରୁ ନିଜକୁ ଦୂରେଇ ରଖିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନର ଅଭାବୀ ବିକ୍ରି ପାଇଁ ଷଡ଼ଯନ୍ତ୍ର, ଚିନ୍ତାରେ ଚାଷୀ


ବେପାରୀ ଚାଷୀଙ୍କ ଧାନ ନେଉଛନ୍ତି।


ଚାଷୀ ରାସ୍ତାରେ ପଲିଥିନ ତଳେ ଧାନ ରଖିଛନ୍ତି।

**ପଦ୍ମପୁର,୧।୧୧ (ପ୍ରଦୀପ୍ତ ଦାଶ)**

- ପଦ୍ମପୁର ଉପଖଣ୍ଡରେ ଖୋଲିନି ମଣ୍ଡି
- ହୋଇନି ପ୍ରଶାସନିକ ପ୍ରସ୍ତୁତି

ଅକ୍ଟୋବର ମାସ ସରିଗଲା। ପଦ୍ମପୁର ଉପଖଣ୍ଡର ପ୍ରାୟ ୪୫ ପ୍ରତିଶତରୁ ଅଧିକ ଜମିରେ ଖରିଫ ଧାନ ଅମଳ ହେଲାଣି। ଆଉ କିଛି ସ୍ଥାନରେ ଧାନ ଅମଳକ୍ଷମ। ହେଲେ ବରଗଡ ଜିଲା କି ପଦ୍ମପୁର ଉପଖଣ୍ଡରେ କେବେ ମଣ୍ଡି ଖୋଲିବ ତା'ର ଠିକଣା ନାହିଁ। ଏ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇନାହିଁ। ପଦ୍ମପୁର ଉପଖଣ୍ଡରେ ସାଧାରଣତଃ ନଭେମ୍ବର ପ୍ରଥମ/ଦ୍ୱିତୀୟ ସପ୍ତାହରେ ମଣ୍ଡିଗୁଡିକ ଖୋଲିଥାଏ, ଯାହା ଗତ ବର୍ଷ ମଧ୍ୟ ହୋଇଥିଲା। ମାତ୍ର ଏଥର ଜିଲା କି ଉପଖଣ୍ଡରେ ବୈଠକ କେବେ ବସିବ, ଧାନ କିଣା କେବେ ହେବ ଏହି ପ୍ରଶ୍ନ ଭିତରେ ଚାଷୀମାନେ ଛନ୍ଦି ହୋଇ ରହିଛନ୍ତି। ପଦ୍ମପୁର ଉପଖଣ୍ଡରେ ମଣ୍ଡିର ଅନିଶ୍ଚିତତା ଦେଖାଦେବାରୁ ଚାଷୀ ଧାନକୁ ସିଧାସଳଖ ୧୮୦୦/୧୯୦୦ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ଆଉ କିଛି ସ୍ଥାନରେ ରାସ୍ତାରେ ଧାନ ଗଦାକରି ତାର୍‌ପୋଲିନ ଢାଙ୍କି ରାତି ଉଜାଗର ରହି ଧାନକୁ ସୁରକ୍ଷା ଦେଉଛନ୍ତି। ଗତ ବାତ୍ୟା ସମୟରେ ଅଧିକାଂଶ ସ୍ଥାନରେ ଅମଳକ୍ଷମ ଧାନ ଭିଜି ଯାଇଛି। ଧାନକୁ ସୁରକ୍ଷା ଦେବା ପାଇଁ ସରକାରୀ ସ୍ତରରେ କିଛି ବ୍ୟବସ୍ଥା ନାହିଁ। ମଣ୍ଡି ଖୋଲିବା ଦିନ ଧାର୍ଯ୍ୟ ହୋଇ ନ ଥିବାରୁ ଏହା ଅଭାବୀ ବିକ୍ରି ପାଇଁ ପ୍ରଶାସନିକ ଷଡ଼ଯନ୍ତ୍ର ବୋଲି ଚାଷୀ ମହଲରେ ଆଲୋଚନା ହେଉଛି।

## ସମଲେଶ୍ୱରୀ କଲେଜର ନୂତନ ଛାତ୍ରାବାସ ଉଦ୍‌ଘାଟନ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ଓ ଅନ୍ୟମାନେ।

**ବରପାଲି,୧।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ସମଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଛାତ୍ରାବାସ ଶନିବାର ଉଦ୍‌ଘାଟନ ହୋଇଛି। ବରପାଲି ବଲାଙ୍ଗୀର ଜାତୀୟ ରାଜପଥରେ ମହଦା ନିକଟରେ ଥିବା ଉକ୍ତ କଲେଜର ନୂତନ ଛାତ୍ରାବାସକୁ ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ କଲେଜ ପରିଚାଳନା କମିଟିର ଚେୟାରମ୍ୟାନ ନରେନ୍ଦ୍ର କୁମାର ହୋତାଙ୍କ ସମେତ ଫାର୍ମାସୀ କଲେଜର ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁ, ପରିଚାଳନା କମିଟିର ସମ୍ପାଦକ ଦାମୋଦର ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପାଇକମାଳ,୧।୧୧(ବଡ଼ ଶତପଥୀ)**


କାର୍ଯ୍ୟକ୍ରମରେ ଉପସ୍ଥିତ ପୂଜା କର୍ତ୍ତା ଓ ଅନ୍ୟମାନେ।

ବରଗଡ ଜିଲା ପାଇକମାଳ ହନୁମାନ ରାଇସ୍ ମିଲ୍ ପରିସରରେ ତିନିଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର କଳସଯାତ୍ରାରେ ଶତାଧିକ ମହିଳା ପବିତ୍ର ଜଳ ୧୦୮ କଳସୀରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସେହି ଲଗ୍ନ ସମୟରୁ ଦିବାରାତ୍ର ଚାଲିଥିଲା ହରେ କୃଷ୍ଣ, ହରେ ରାମ ମହାମନ୍ତ୍ର। କର୍ତ୍ତା ଭାବରେ ଆଶୁତୋଷ ସାହୁ ଓ ତାଙ୍କର ସ୍ତ୍ରୀ ହିମାଦ୍ରୀ ସାହୁଙ୍କ ସହିତ କ୍ରିଷ୍ଣା ଅଗ୍ରୱାଲ ଓ ତାଙ୍କର ସ୍ତ୍ରୀ ଆରତୀ ଅଗ୍ରୱାଲ ତିନି ଦିନ ଯାକ ଯଜ୍ଞ ମଣ୍ଡପରେ ବସି ପୂଜା ପାଠ କରି ଯଜ୍ଞରେ ଆହୁତି ପ୍ରଦାନ ସହ ଦାନ ଦକ୍ଷିଣା ପ୍ରଦାନ କରିଥିଲେ। ଏଥିରେ ପଣ୍ଡିତ କୁନୁ ତ୍ରିପାଠୀ ଓ ତାଙ୍କର ସାଥୀ ରୋହନ ମିଶ୍ର, ମାନସ ତ୍ରିପାଠୀ, ସମରେନ୍ଦ୍ର ପୁରୋହିତ ପ୍ରମୁଖ ପୂଜା ପାଠ, ହୋମ, ଯଜ୍ଞ, ରୀତି ନୀତି କରି ଭକ୍ତମାନଙ୍କୁ ଭଗବାନଙ୍କୁ ଦର୍ଶନ କରାଉଥିଲେ। ଦୈନନ୍ଦିନ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା ସୁରୁଖୁରୁରେ କରାଯାଉଥିଲା। ଏଥିରେ ସ୍ୱେଚ୍ଛାସେବୀ ମହେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, ପୁରୁତ୍ତମ ଅଗ୍ରୱାଲ, ସୁନୀଲ ନାଗ, ରାକେଶ ଅଗ୍ରୱାଲ, ନକୁଳ ବହିଦାର, ଦୁର୍ଯୋଧନ ବରିହା, କୁନୁ ଥପା ତଥା ପାଇକମାଳରେ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ପବିତ୍ର କାର୍ତ୍ତିକ ମାସରେ ଚାଲିଥିବା ଷୋହଳ ପ୍ରହର ନାମ ଯଜ୍ଞକୁ ଆହୁରି ସରସ ସୁନ୍ଦର କରିବା ପାଇଁ ଆଠଗୋଟି ବଛା ବଛା ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ। ଝାରସୁଗୁଡା, ଜ୍ୟୋତି ପ୍ରଧାନ ପାର୍ଟି, ବାସନ୍ଦରୁ ଜ୍ୟୋତ୍ସ୍ନାମୟୀ ନାୟକ ଦଳ, କୁମେଲସିଂହାରୁ ନିକିତା ସିଂ ଦଳ, ଭୁବନେଶ୍ୱରପୁରର ରାମ ଦାସ ଦଳ, ଦୁମ୍ବର ବାହାଲ ର ସୁବାସ ପୁରୋହିତ ଦଳ, ଡୁଙ୍ଗୁରିପାଲିରୁ ନୀଳମାଧବ ଦଳ, ସାନକୁଞ୍ଜାରୀରୁ ନିରଞ୍ଜନ ପୂଝାରୀ ଦଳ, ଗୌଡ଼ମାଳରୁ ଦଶମୁଖ ଭୁଏ ପ୍ରମୁଖ ଦଳଗୁଡ଼ିକ ନିଜ ନିଜର ସୁନ୍ଦର ବେଶଭୂଷା ପରିଧାନ କରି ହରେ କୃଷ୍ଣ, ହରେ ରାମ ମନ୍ତ୍ର ଗାନ କରି ନାଚି ନାଚି ଜନ ମାନସକୁ ବିମୋହିତ କରିଥିଲେ।

## ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସୋହେଲା,୧।୧୧(ଅଶ୍ୱିନୀ କୁମାର ପାତ୍ର)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୋହେଲା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପେଟୁପାଲି ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସେବାଶ୍ରମ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମିଳିତ ଭାବରେ ଆୟୋଜିତ ହୋଇଯାଇଛି। ପୂର୍ବାହ୍ନରେ ଏବିଇଓ ମନୋହର ଉଟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ରୀମାରାଣୀ ଭୋଇ, ସମ୍ମାନିତ ଅତିଥି ଭାବରେ ସୋହେଲା ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ସୁରେନ୍ଦ୍ର ମିଶ୍ର, ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ତନୁଶ୍ରୀ ତନୁଜା ନାଗ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ଦିଶ୍ରୀ, ସମିତି ସଭ୍ୟାଙ୍କ ପ୍ରତିନିଧି କୁଞ୍ଜ ବିହାରୀ ପଧାନ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୈରବ ଶତପଥୀ, ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରାଜେଶ କୁମାର ନନ୍ଦ ମଞ୍ଚାସୀନ ଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସୁରଭୀ କାର୍ଯ୍ୟକ୍ରମରେ ବ୍ଲକର ଷୋହଳ କ୍ଲଷ୍ଟରର ବିଭିନ୍ନ ବର୍ଗରେ ପ୍ରଥମ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜୁନିୟର, ସିନିୟର ଓ ସୁପର ସିନିୟର, ଦିବ୍ୟାଙ୍ଗ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ମୋଟ ୪୭୨ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚଳିତବର୍ଷର ସୁରଭିର ପ୍ରସଙ୍ଗ 'ମୋ ସ୍ୱପ୍ନର ଓଡ଼ିଶା - ୨୦୩୬' ଆଧାରରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ ବ୍ଲକର ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପୂର୍ବତନ ଏବିଇଓ ଗୋଲାପଚାନ୍ଦ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ହାରାଧନ ପଟେଲ, ଲୋକ କଳା ଓ ଲୋକ ସଂସ୍କୃତି ପ୍ରଚାର ପ୍ରସାର କରୁଥିବା କଳାକାର ମହାଦେବ ସୁନା, ଗିରିଧାରୀ ସାହୁ, କୁଶ କଲେତ ଦାୟିତ୍ୱ ନିର୍ବାହ କରିଥିଲେ। ଲୋକ କଳା ଓ ସମୃଦ୍ଧ ଓଡ଼ିଶା ବିଷୟ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ମନଛୁଆଁ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନରେ ଏବିଇଓ ମନୋହର ଉଟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ, ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଦଶମାଇଲ ମଣ୍ଡଳ ସଭାପତି ଭବାନୀ ଶଙ୍କର ପଧାନ, ଘେଁସ ମଣ୍ଡଳ ସଭାପତି ପ୍ୟାରେଲାଲ ବାରିକଙ୍କ ସହ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୈରବ ଶତପଥୀ, ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ସେବକ ଅନଙ୍ଗ ଲୁହା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳାମ୍ବର ବାରିକ ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ବବି, ଅଧିରାଜଙ୍କ ନାମରେ ମାମଲା ରୁଜୁ

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନାରେ ଜଣେ ଯୁବକଙ୍କ ଏତଲା ଆଧାରରେ ପୋଲିସ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବବି) ଓ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନାମରେ ବିଏନ୍ଏସ୍ ଦଫା ୧୨୬ (୨), ୨୯୬, ୧୧୫ (୨), ୩୫୧ (୨) ଓ ୩ (୫)ରେ ମାମଲା (ନଂ.୩୧୮/୨୫) ରୁଜୁ କରିଛି। ସମ୍ପୃକ୍ତ ଯୁବକଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ସେମାନେ ତାଙ୍କୁ ବିଜେଡି ନେତା ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ଡାକିଥିଲେ। ସେଠାରେ କାହିଁକି ଭାଜପାରେ ବୁଲୁଛୁ କହି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପ୍ରତିକ୍ରିୟା ପାଇଁ ବିଧାୟକ ପାଣିଗ୍ରାହୀଙ୍କ ମୋବାଇଲ ନଂ.୯୪୩୭୦୭୨୭୯୭ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

### ଭାଜପାର ନବ ମତଦାତା ସମ୍ମିଳନୀ

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ଶନିବାର ଭାଜପା ପକ୍ଷରୁ ନୂତନ ଭୋଟରଙ୍କୁ ନେଇ 'ନବ ମତଦାତା ସମ୍ମିଳନୀ' ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତ ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ପ୍ରଥମଥର ପାଇଁ ଭୋଟ ଅଧିକାର ପାଇଥିବା ଯୁବ ମତଦାତାଙ୍କୁ ଭାଜପାର ନୀତି ଆଦର୍ଶ ବିଷୟରେ ଆଲୋକପାତ କରାଯାଇଥିଲା। ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଯୋଗ ଦେଇ ନିଜ ଅଭିଭାଷଣରେ ଭାଜପାର ରାଷ୍ଟ୍ରବାଦ, ପୂଜ୍ୟପୂଜା, ବଳିଦାନ ବିଷୟରେ କହିଥିଲେ। ପରେ ସେମାନେ ନୂଆ ମତଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଶାରଦା ପ୍ରସାଦ ଶତପଥୀ, ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଯୁବଛାତ୍ର ନେତା ମନିଶ ଦେବାଙ୍ଗନ ଉପସ୍ଥିତ ଥିଲେ ।

### ସରପଞ୍ଚଙ୍କ ସହ ୧୧ ୱାର୍ଡ ସଭ୍ୟ ଭାଜପାରେ ମିଶିଲେ

ନୂଆପଡ଼ା,୧।୧୦(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବଞ୍ଜାରୀ ମଣ୍ଡଳ ଅନ୍ତର୍ଗତ କାଣ୍ଡେତରା ପଞ୍ଚାୟତରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଓ ବିଧାୟକ ବାବୁ ସିଂ ନିର୍ବାଚନୀ ପ୍ରଚାରରେ ଯାଇଥିବା ବେଳେ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ଦାସଙ୍କ ସହ ୧୧ ୱାର୍ଡସଭ୍ୟ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ନୂତନ ଭାବେ ଯୋଗଦାନ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ମନ୍ତ୍ରୀ ନାଏକ ଏବଂ ବିଧାୟକ ସ୍ୱାଗତ କରିଥିଲେ। ଲୋକଙ୍କ ପାଇଁ ଲୋକଙ୍କ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇବା ସହ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ।

### ୨୦୨୯ରେ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ଲଢିବ: ଲଲ୍ଲୁ

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ନୂଆପଡ଼ାସ୍ଥିତ କଂଗ୍ରେସ ଭବନଠାରେ ଶନିବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଓଡ଼ିଶାରେ ନିର୍ବାଚନ ଲଢିବ ବୋଲି କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ନୂଆପଡାବାସୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ଭୋଟ ଦେବେ ବୋଲି ନିଷ୍ପତ୍ତି ନେଇ ସାରିଲେଣି। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓଡ଼ିଶାରେ କଂଗ୍ରେସ ସରକାର ଥିବାବେଳେ ପତୋରା ଓ ତିଖାଲି ଭଳି ବୃହତ୍ ଜଳସେଚନ ଯୋଜନା, ବିଦ୍ୟୁତୀକରଣ, ଉନ୍ନତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିଲ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ମୁଖପାତ୍ର ଡ. ହମିଦ ହୁସେନ, ନୂଆପଡ଼ା ଜିଲା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବିକାଶମୂଳକ କାର୍ଯ୍ୟ ପୁରପଲ୍ଲୀରେ ପହଞ୍ଚିଛି'

ନୂଆପଡ଼ା,୧।୧୧ (ମକାରୁ ବେମାଲ)


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା ବିଧାନସଭା ଉପନିର୍ବାଚନ ହେବାକୁ ଯାଉଥିବାବେଳେ ବିଭିନ୍ନ ଦଳର ନେତୃତ୍ୱ ଏଠାକୁ ଆସି ନୂଆପଡ଼ା ବିଷୟରେ କିଛି ନ ଜାଣି ଅପପ୍ରଚାର କରୁଛନ୍ତି। ପୂର୍ବ ସରକାର ସମୟରେ 'ମା'ଙ୍କୁ ସମ୍ମାନ ଗାଁକୁ କାମ' କେବଳ କଥାରେ ସୀମିତ ଥିଲା। ମାତ୍ର ଗତ ୧୫ ମାସ ମଧ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପୁରପଲ୍ଲୀରେ ପହଞ୍ଚିଛି ବୋଲି ଭାଜପା ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ଲକ୍ଷ୍ମଣ ବାଗ କହିଛନ୍ତି। ବାଗ କହିଛନ୍ତି, ଭାଜପା ରାଜ୍ୟରେ ଏକାକୀ ସରକାର ଗଢ଼ିବା ପରେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ନେତୃତ୍ୱ ନେଇ ସର୍ବପ୍ରଥମେ ମହିଳାମାନଙ୍କୁ ଗୁରୁତ୍ୱ ଦେଲେ। ମା'ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ବର୍ଷକୁ ଦୁଇଥର ଆର୍ଥିକ ସହାୟତା ଦେଲେ। ମାତ୍ର ବିରୋଧୀ ଏହାକୁ ସହି ନ ପାରି ସବୁବେଳେ ମିଥ୍ୟା ଆରୋପ ଲଗାଉଛନ୍ତି। ବିଗତ ସରକାର ସମୟରେ ଚାଷୀମାନଙ୍କ ପ୍ରତି ଅନ୍ୟାୟ କରାଯାଉଥିଲା। ମାତ୍ର ଭାଜପା ସରକାର ଆସିବା ପରେ ଧାନ କୁଇଣ୍ଟାଲ ସହାୟକ ମୂଲ୍ୟ ବୃଦ୍ଧି କରାଯାଇ ୩୧୦୦ ଟଙ୍କା କରାଗଲା। ବିକଶିତ ନୂଆପଡ଼ା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେବା ସହ ଜିଲାର ସାମଗ୍ରିକ ବିକାଶ ଦାୟିତ୍ୱ ନିଜେ ନେଇଛନ୍ତି। ଏହି ଜିଲାକୁ ବିକଶିତ କରିବା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଦୀର୍ଘଦିନରୁ ଦାବି ହୋଇଆସୁଥିବା ଖରିଆର୍ ରୋଡ୍ ମ୍ୟୁନିସିପାଲିଟି ଏବଂ କୋମନା ଓ ସିନାପାଲି ଏନ୍ଏସି କରିବା ପାଇଁ ଘୋଷଣା କରିଛନ୍ତି। ନୂଆପଡ଼ା ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚୟ ପୂରଣ ହେବ ବୋଲି ବାଗ କହିଛନ୍ତି।

ଉତ୍କଳ ଯାଦବ ମହାସଭାର ଉପସଭାପତି ତଥା କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ କହିଛନ୍ତି, ବିଜେଡି କେବଳ ଲୋକଙ୍କୁ ଠକିବା ଶିଖିଛି, ମାତ୍ର ଭାଜପା ସରକାର ବିକାଶ କରୁଛି। ନୂଆପଡ଼ା ଜିଲାର ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଥିବାରୁ ଆଗାମୀ ଦିନରେ ଏହି ଜିଲା ୧ ନମ୍ବର ଜିଲା ହେବ ବୋଲି ନିଆଲ କହିଛନ୍ତି।

# ନବୀନଙ୍କ ଭିଡିଓ କଲ୍‌ରେ ନିର୍ବାଚନୀ ପ୍ରଚାର


ଦୀପାଳି ଦାସ ମହିଳାଙ୍କୁ ଭିଡିଓ କଲ୍‌ରେ ନବୀନଙ୍କ ସହ କଥା କରାଉଛନ୍ତି।

ନୂଆପଡ଼ା,୧।୧୧(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳର ହେଭିୱେଟ୍ ନେତା ପ୍ରଚାର ଜୋର୍‌ଦାର କରିଛନ୍ତି। କିଏ ଘରକୁ ଘର ବୁଲି ତ କିଏ ସଭାସମିତି କରି ପ୍ରଚାର କରୁଛନ୍ତି। ମାତ୍ର ବିଜେଡି ଏକ ଅଭିନବ ଢଙ୍ଗରେ ପ୍ରଚାର ଆରମ୍ଭ କରଛି। ମହିଳାଙ୍କୁ ଆକୃଷ୍ଟ କରିବା ପାଇଁ ଭିଡିଓ କଲ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହିଳାଙ୍କ ସହ କଥା ହେଉଛନ୍ତି। ବିଜେଡି ନେତାମାନେ ବିଭିନ୍ନ ସଭାସମିତି ଓ ସମାବେଶରେ ନବୀନଙ୍କ ସହ ଭିଡିଓ କଲ୍‌ରେ ବାର୍ତ୍ତାଳାପ କରୁଛନ୍ତି। ଦଳର ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ମହିଳାଙ୍କୁ ସେ ନିବେଦନ କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ନୂଆପଡ଼ା ଏନ୍ଏସିର ୱାର୍ଡ ନମ୍ବର ୬ଠାରେ ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ହୋଇଥିଲା। ଏଥିରେ ପ୍ରାୟ ୨ ହଜାର ମହିଳାଙ୍କ ସମାଗମ ହୋଇଥିଲା। ସମାବେଶରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସମେତ ବିଜେଡିର ଅନ୍ୟ ନେତାମାନେ ମଧ୍ୟ ଯୋଗଦେଇଥିଲେ। ଦୀପାଳି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭିଡିଓ କଲ୍ କରି ମହିଳାଙ୍କ ସହ କଥା କରାଇଥିଲେ। ସେହିପରି ଅନ୍ୟ ଏକ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ମଧ୍ୟ ମହିଳାମାନଙ୍କୁ ନବୀନ ପଟ୍ଟନାୟକଙ୍କ ସହ ଭିଡିଓ କଲ୍‌ରେ କଥା କରାଇଥିଲେ।

# 'ନବୀନ ବାବୁଙ୍କ ସହ ଥିଲୁ ଆଉ ରହିବୁ'



ଯାଦବ ମହାସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ନବୀନ ବାବୁଙ୍କ ସହିତ ଥିଲୁ, ଆଉ ଆଗକୁ ରହିଥିବୁ। ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସେହ୍ନାଙ୍ଗିନୀ ଛୁରିଆଙ୍କ ବିଜୟ ସୁନିଶ୍ଚିତ ବୋଲି ଶନିବାର କୋମନାଠାରେ ଆୟୋଜିତ ଯାଦବ ମହାସଭାରେ ଦମ୍ଭୋକ୍ତି ପ୍ରକାଶ ପାଇଥିଲା। ବରିଷ୍ଠ ଯାଦବ ନେତା କ୍ଷମା ସିଂ ନିଆଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସର୍ବଭାରତୀୟ ଯାଦବ ମହାସଭା ସମ୍ପାଦକ ରାଜୁ ଘିବେଲା ମୁଖ୍ୟବକ୍ତା, ଉତ୍କଳ ଯାଦବ ମହାସଭା ମହାସଚିବ ନନ୍ଦଲାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଜେଡି ଶାସନ କାଳରେ ସଦ୍‌ଭାବନାର ନୂଆ ପରମ୍ପରା ସୃଷ୍ଟି ହୋଇଥିଲା। କେବଳ ଯାଦବ ସମ୍ପ୍ରଦାୟ ନୁହେଁ, ଏଠାରେ ବସବାସ କରୁଥିବା ପ୍ରତ୍ୟେକ ସମ୍ପ୍ରଦାୟକୁ ନବୀନ ପଟ୍ଟନାୟକ ସମାନ ଦୃଷ୍ଟିରେ ଦେଖିଛନ୍ତି। ସେଥିପାଇଁ ନୂଆପଡ଼ା ଉପନିର୍ବାଚନରେ ଯାଦବ ମହାସଭା ବିଜେଡି ପ୍ରତି ସମର୍ଥନକୁ ଅବ୍ୟାହତ ରଖିବ ବୋଲି କହିଥିଲେ। ସଭାରେ ବରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା କଳ୍ପନା ଯାଦବ, କେସିଙ୍ଗା ଏନ୍ଏସି ଅଧ୍ୟକ୍ଷ ଓ କଳାହାଣ୍ଡି ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ଭବାନୀପାଟଣା ଏନ୍ଏସିର ପୂର୍ବତନ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ସିନାପାଲି ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଳ, ଝରିଆ ସମାଜ ସଭାପତି ପ୍ରୀତରାମ ରାଉତ ଯୋଗଦେଇ ବିଜେଡି ପ୍ରାର୍ଥିନୀ ଛୁରିଆଙ୍କ ସପକ୍ଷରେ ମତଦାନ ପାଇଁ ଆହ୍ୱାନ ଜଣାଇଥିଲେ।

### ନବୀନଙ୍କ ସଭା ଭଣ୍ଡୁର ପାଇଁ ଭାଜପା ଉଦ୍ୟମ କରୁଛି: ବିଜେଡି

ନୂଆପଡ଼ା,୧।୧୧(ମକାରୁ ବେମାଲ)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ଭାଜପା ଷଡ଼ଯନ୍ତ୍ର କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶୁକ୍ରବାର ଏ ନେଇ ଦଳ ପକ୍ଷରୁ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି, ଶାସକ ଦଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୩ ନଭେମ୍ବର ୨୦୨୫ରେ ତରବୋଡ଼ ଧାନମଣ୍ଡି ପଡ଼ିଆ, କୋମନା ବ୍ଲକ୍‌ରେ ହେବାକୁ ଥିବା ସାର୍ବଜନୀନ ସଭାକୁ ବାଧାଦେବା ପାଇଁ ଷଡ଼ଯନ୍ତ୍ର ଚଳାଇଛି। ଏ ସମ୍ପର୍କିତ ଏକ ଅଡିଓ ରେକର୍ଡିଂରେ ଗାଁ ସାଥୀ ସଂଗଠନର ଅଧ୍ୟକ୍ଷ ଲକ୍ଷ୍ମୀଧର ବିଶ୍ୱାଳ ନିଜେ ସ୍ୱୀକାର କରିଛନ୍ତି, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ତାଙ୍କ ସଂଗଠନ ସଦସ୍ୟମାନଙ୍କୁ ସେହି ତାରିଖ ଓ ସ୍ଥାନରେ ଏକତ୍ର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ସଂଗଠିତ ଉଦ୍ୟମ ଯାହା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ପରିବେଶକୁ ଭଙ୍ଗକରିବାକୁ ଉଦ୍ୟମ ବୋଲି ବିଜେଡି ପକ୍ଷରୁ ଲେଖାଶ୍ରୀ ସାମନ୍ତସିଂହାର, ସାଂସଦ ନିରଞ୍ଜନ ବିଶି, ମନ୍ମଥ ରାଉତରାୟ ଅଭିଯୋଗ ଦାଖଲ କରିଛନ୍ତି।

# ପୃଥକ୍ ସ୍ଥାନରେ ଭାଜପାର ମିଶ୍ରଣ ପର୍ବ: ଶତାଧିକ କର୍ମୀ ସାମିଲ

ନୂଆପଡ଼ା,୧।୧୧ (ମକାରୁ ବେମାଲ)


ଦଳୀୟ ନେତୃବୃନ୍ଦଙ୍କ ସହ ନୂତନ ଭାବେ ସାମିଲ ହୋଇଥିବା କର୍ମୀ।

ନୂଆପଡ଼ା ଭାଜପା କାର୍ଯ୍ୟାଳୟରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ବେଲଟୁକୁରି ବିଜେଡି ପଞ୍ଚାୟତ ସଭାପତି ବଳରାମ ଚନ୍ଦ୍ରକାର ତାଙ୍କର ଶତାଧିକ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାଏକ ଉପସ୍ଥିତ ରହି ଉତ୍ତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଭାଜପାର ଦୁର୍ନୀତିମୁକ୍ତ ଶାସନ ଓ ଡବଲ ଇଞ୍ଜିନ ସରକାରର ବିକାଶକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ସମର୍ଥନ କରିବା ପାଇଁ ଅନୁରୋଧ କରିବାକୁ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ତୋମାର ଆହ୍ୱାନ ଦେଇଥିଲେ। ସେହିପରି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବଞ୍ଜାରୀ ମଣ୍ଡଳ ଅନ୍ତର୍ଗତ କାଣ୍ଡେତରା ପଞ୍ଚାୟତରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଓ ବିଧାୟକ ବାବୁ ସିଂ ନିର୍ବାଚନୀ ପ୍ରଚାରରେ ଯାଇଥିବା ବେଳେ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ଦାସଙ୍କ ସହ ୧୧ ୱାର୍ଡସଭ୍ୟ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ନୂତନ ଭାବେ ଯୋଗଦାନ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ମନ୍ତ୍ରୀ ନାୟକ ଏବଂ ବିଧାୟକ ସ୍ୱାଗତ କରିଥିଲେ।


କଂଗ୍ରେସ ସଭାରେ ଯୋଗଦେଇଥିବା ମହିଳାମାନେ।

### କଂଗ୍ରେସର ନିର୍ବାଚନୀ ସଭା, ମିଶ୍ରଣ ପର୍ବ

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ନୂଆପଡ଼ା ବ୍ଲକ ଟାନୱଟ ପଞ୍ଚାୟତ ଝିଲମାଲ ଗାଁ ଓ ବିରୋମାଲ ପଞ୍ଚାୟତ ଦାର୍ଲି ନୂଆପଡା ଗାଁଠାରେ କଂଗ୍ରେସର ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲା ମିଡ଼ିଆ ସେଲ ସଂଯୋଜକ ସୁଧୀର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କୋରାପୁଟ ବିଧାୟକ ରାମଚନ୍ଦ୍ର କଡାମ, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଦେବାଶିଷ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ଯୁବ ସମ୍ପାଦକ ହରିଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଜେଡି ଓ ଭାଜପାର ଶତାଧିକ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ସେହିପରି ବୀରୋମାଲ ପଞ୍ଚାୟତ ଦର୍ଲି ନୂଆପଡା ଗାଁର ବହୁ ମହିଳାପୁରୁଷ ଦଳରେ ଯୋଗଦେଇଛନ୍ତି।

### ଆସନ୍ନ ପରାଜୟକୁ ନେଇ ଭାଜପା ଭୟଭୀତ: ପ୍ରୀତିରଞ୍ଜନ

ନୂଆପଡ଼ା,୧।୧୧ (ମକାରୁ ବେମାଲ)

ଭାଜପା ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୋଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ଶାସକ ଦଳ ବ୍ୟବହାର କରୁଛି। ଶୁକ୍ରବାର ସନ୍ଧ୍ୟାରେ ନୂଆପଡ଼ାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରାତିଅଧିଆ ଏପରି ଜଣେ ଆଇପିଏସ୍ ଅଧିକାରୀଙ୍କୁ ଏଠି ନିର୍ବାଚନ ଦାୟିତ୍ୱ ଦିଆଯାଉଛି ଯାହାଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ମଧ ତାଙ୍କୁ ସହଯୋଗ କରୁଛନ୍ତି। ଶୁକ୍ରବାର ସେ ରହୁଥିବା ସ୍ଥାନରେ ଯେପରି ଚଢ଼ାଉ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ତୁରନ୍ତ ଏହି ଆଇପିଏସ୍ ଅଧିକାରୀଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟାନ୍ତୁ। ନୂଆପଡ଼ା ଲୋକେ ଶାନ୍ତି, ସମ୍ମାନ ଓ ସୁରକ୍ଷା ଚାହୁଁଛନ୍ତି। ଭାଜପା ସରକାର ଆମକୁ ଭୟଭୀତ କରି ନିଜ ସପକ୍ଷରେ ଭୋଟ ନେବା ପାଇଁ ଯେଉଁ ହୀନ ଉଦ୍ୟମ କରୁଛନ୍ତି ତାହା କଦାପି ଗ୍ରହଣୀୟ ନୁହେଁ ବୋଲି ଘଡ଼େଇ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ବିଜେଡିକୁ ସମର୍ଥନ ଜଣାଇଲା ଭୁଞ୍ଜିଆ ସମ୍ପ୍ରଦାୟ

ନୂଆପଡ଼ା,୧।୧୧(ମକାରୁ ବେମାଲ)


ଜନସଭାରେ ଯୋଗଦେଇଥିବା ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ।

ବିଜେଡି ଶାସନରେ ଆଦିବାସୀମାନଙ୍କ ଉନ୍ନତି ବାସ୍ତବ ରୂପ ନେଇଥିଲା। ଯୁଗ ଯୁଗ ଧରି ଉପେକ୍ଷିତ ଥିବା ଜନଜାତିଙ୍କୁ ସେମାନଙ୍କ ଅଧିକାର ମିଳିଥିଲା। ଏହାକୁ ଚକୋଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ଜାତିର ଲୋକେ କେବେ ଭୁଲିବେ ନାହିଁ। ଶନିବାର ନୂଆପଡ଼ା ବ୍ଲକ୍ ସେଠଜାମାପାନି ଗାଁରେ ଆୟୋଜିତ ଜନସଭାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଏହି ଆଶ୍ୱାସନାର ସହ ସ୍ୱାଗତ ଜଣାଇଥିଲେ ଚାକୋଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ସମ୍ପ୍ରଦାୟ। ଏହି ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷରେ ଆଦିବାସୀମାନଙ୍କ ଐତିହାସିକ ପ୍ରଗତି ହୋଇଛି। ଶିକ୍ଷା, ଜୀବିକା, ସଂସ୍କୃତି ଓ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ହୋଇପାରିଛି। ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ୨,୫୦୦ରୁ ଅଧିକ ଆଦିବାସୀ ବିଦ୍ୟାଳୟରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ମିଳୁଛି। ସେହିପରି ଲାଭ ଯୋଜନା ଅଧୀନରେ ପ୍ରାୟ ୧କୋଟି ଆଦିବାସୀ ମହିଳା ସଂଗ୍ରାହକ ଲାଭାନ୍ୱିତ ହେଉଛନ୍ତି। ଜନଜାତି ଭାଷା ଆୟୋଗଙ୍କ ଦ୍ୱାରା ୨୧ ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ୨୩ ଜିଲା ଯାଏଁ ସମ୍ପ୍ରସାରିତ କରିବା ପାଇଁ ନବୀନବାବୁଙ୍କ ଉଦ୍ୟମ ବିଜେଡିର ଆଦିବାସୀଙ୍କ ପ୍ରତି ଉତ୍ସର୍ଗୀକୃତ ଭାବନାର ଉଦାହରଣ। ଏହି ସଭାରେ ବିଜେଡିର ବରିଷ୍ଠ ନେତା ସୁଦାମ ମାର୍ଣ୍ଡି, ନିରଞ୍ଜନ ବିଶି, ରମେଶ ମାଝୀ, ଭାନୁ ପ୍ରତାପ ସିଂହ ମାଝୀ, ଡ. ଲେଖାଶ୍ରୀ ସମନ୍ତସିଂହାର, ତେଜରାଜ ଶବର ଓ ରୂପ ସିଂହ ଭୁଞ୍ଜିଆ ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦ ଯୋଗ କେନ୍ଦ୍ରରେ ଆଲୋଚନାଚକ୍ର

**ରାଉରକେଲା,୧।୧୧(ବିପ୍ଲବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୫ ସ୍ଥିତ ଶ୍ରୀଅରବିନ୍ଦ ଯୋଗକେନ୍ଦ୍ର ପରିସରରେ ଶୁକ୍ରବାର ଶ୍ରୀମା ଅରବିନ୍ଦଙ୍କ ମାନବ ସମାଜ ପ୍ରତି ଥିବା ଚେତନା ବାର୍ତ୍ତା ଏବଂ ମାନବ ଜାତିର କଲ୍ୟାଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ, ନଳିନୀପ୍ରଭା ପଟ୍ଟନାୟକ, ଡକ୍ଟର କିଶୋରୀ ଦାସ ଏବଂ କନକବାଳା ତ୍ରିପାଠୀ ଯୋଗ ଦେଇଥିଲେ। ଶ୍ରୀମା ଅରବିନ୍ଦଙ୍କ ଦ୍ୱାରା ମାନବୀୟ ସଭ୍ୟତାର ବିକାଶ ଓ ଚେତନାରେ ସକାରାତ୍ମକ ଚିନ୍ତନ ଉଦ୍ରେକ ସହ ଯନ୍ତ୍ରଣା ଶୂନ୍ୟ ଜୀବନଯାପନ କରି ଏକ ସମୃଦ୍ଧ ସମାଜ ଗଠନ କରାଯାଇପାରିବ ତାହା ଉପରେ ସେମାନେ ଆଲୋକପାତ କରିଥିଲେ। ଡକ୍ଟର ପ୍ରଶାନ୍ତ ପାତ୍ର ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଶକ୍ତି ପୃଥିବୀ ପୃଷ୍ଠରେ କାମ କରୁଛି ଏବଂ ତାଙ୍କର କରୁଣା ସମଗ୍ର ମାନବ ସମାଜରେ ଅମୃତ ତୁଲ୍ୟ କାମ କରୁଛି ବୋଲି କହିଥିଲେ। ସେହିପରି ଶ୍ରୀମା ଅରବିନ୍ଦଙ୍କ ବାଣୀକୁ ପାଥେୟ କଲେ ମାନବ ସଭ୍ୟତାର ବିକାଶ ନିଶ୍ଚିତ ବୋଲି ସେ କହିଥିଲେ। ମମତା ନାଏକ ଶ୍ରୀମା ଅରବିନ୍ଦଙ୍କ ବନ୍ଦନା, ରିତ ଭାଇ ଅତିଥି ପରିଚୟ ପ୍ରଦାନ ଏବଂ ବିଶ୍ୱନାଥ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବବର୍ଗ ସଚେତନ ହେବାକୁ ଆହ୍ୱାନ

**ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସ**

**ରାଉରକେଲା,୧।୧୧(ବିପ୍ଲବ ରଞ୍ଜନ ଦାଶ)**


ଶିବିରରେ ମଞ୍ଚାସୀନ ଆଲୋଚକଗଣ।

ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଚାଲିଥିବା ତିନିଦିନିଆଁ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଶନିବାର ଦ୍ୱିତୀୟ ଦିବସରେ ତମାଖୁ ବର୍ଜନ, ସଡ଼କ ସୁରକ୍ଷା, ଯୁବ ନେତୃତ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରିହର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଉରକେଲା କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଉମେଶ ବେହେରା, ଉଦିତନଗର ଆଇଆଇସି ଦିଲୀପ ଲାକ୍ରା, ଇଂରାଜୀ ପ୍ରାଧ୍ୟାପକ ଓମ୍ ବାହାଦୁର ଏବଂ ଆର୍‌ଜିଏଚ୍‌ର ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର ଯୋଗଦାନ କରି ଆଲୋଚ୍ୟ ପ୍ରସଙ୍ଗରେ ସୁଚିନ୍ତିତ ମତ ଦେଇଥିଲେ। ଉମେଶ ବେହେରା କହିଥିଲେ, ତମାଖୁ ହେଉଛି ଏକ ମନ୍ଥର ବିଷ। ଏହାକୁ ସେବନ କଲେ ମଣିଷ ମରଣ ମୁହାଁ ହୋଇଥାଏ। ବିଶେଷ କରି ବର୍ତ୍ତମାନ ଯୁବବର୍ଗର ପିଲାମାନେ ତମାଖୁ ବଶବର୍ତ୍ତୀ ହେଉଛନ୍ତି। ଭାରତ ହେଉଛି ଏକ ପ୍ରଗତିଶୀଳ ଦେଶ। ଭାରତର ପ୍ରଗତି ଯୁବସମାଜ ହାତରେ ନ୍ୟସ୍ତ। ଏଣୁ ତମାଖୁ ବର୍ଜନ କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଆଗାମୀ ଯୁବପିଢିଙ୍କୁ ସୁସ୍ଥ ସବଳ କରିବା ଯୁବବର୍ଗର ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ। ପରେ ସଡ଼କ ସୁରକ୍ଷା ବିଷୟରେ ଦିଲୀପ ଲାକ୍ରା ପିଲାମାନଙ୍କୁ ଟ୍ରାଫିକ ରୁଲ, ହେଲମେଟ ବ୍ୟବହାର, ଦ୍ରୁତଗାଡି ଚାଳନା ସହ ସଡ଼କ ସୁରକ୍ଷା ବିଷୟକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନୀତି ନିୟମ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ଓମ୍ ବାହାଦୁର ଯୁବ ନେତୃତ୍ୱ ବିଷୟରେ ନିଜର ମତ ରଖି କହିଥିଲେ, ଯୁବଶକ୍ତି ବିନା ଦେଶ ଓ ଜାତିର ଉନ୍ନତି ଅସମ୍ଭବ। ଏଣୁ ଆଜିର ଯୁବସମାଜ ନେତୃତ୍ୱବାନ ହେବା ଜରୁରୀ ବୋଲି ସେ କହିଥିଲେ। ପରେ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର କହିଥିଲେ, ବର୍ତ୍ତମାନ ସମୟରେ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଯୁବବର୍ଗଙ୍କ ପାଇଁ ଏକ ବଡ ଆହ୍ୱାନ ସାଜିଛି। ପ୍ରତି ୧ହଜାରରେ ୧ଶହରୁ ଊର୍ଦ୍ଧ୍ୱ ଯୁବବର୍ଗ ମାନସିକ ରୋଗ ଶିକାର ହେଉଛନ୍ତି। ଏଥିପାଇଁ ମୁଖ୍ୟତଃ ଅଧିକ ଚିନ୍ତିତ ହେବା, ନିଜ ଉପରେ ଅଧିକ ଚାପ ଆଣିବା, ୨୪ ଘଣ୍ଟା ମୋବାଇଲ ଦେଖିବା, ହାନିକାରକ ନିଶା ମେଡିସିନ ସେବନ କରିବା ଏବଂ ଶାରୀରିକ ପରିଶ୍ରମରୁ ଦୂରେଇ ଯିବା କାରଣରୁ ହେଉଛି। ଏଣୁ ଆଜିର ଯୁବବର୍ଗ ଦୈନିକ ବ୍ୟାୟାମ ସହିତ ମାନସିକ ଦୁଶ୍ଚିନ୍ତାରୁ ନିଜକୁ ଦୂରେଇ ନିଜ କର୍ମସାଧନ କଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିବା ସହ ଯୁବଶକ୍ତି ସମୃଦ୍ଧଶାଳୀ ହେବ ବୋଲି ସେ କହିଥିଲେ। ପ୍ରାଧ୍ୟାପିକା ବିଜୟଲକ୍ଷ୍ମୀ ଦେଓ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ କଲେଜର ଜାତୀୟ ସେବା ଯୋଜନା ବାଳିକା ବର୍ଗର କାର୍ଯ୍ୟକ୍ରମ ପରିଚାଳିକା ଡକ୍ଟର ଦିବ୍ୟକାନ୍ତି ବିଲୁଙ୍ଗ ଏବଂ ବାଳକ ବର୍ଗରେ ଅଧ୍ୟାପକ ନିଖିଳ ସ୍ୱାଇଁ, ଅର୍ଚ୍ଚିତା ମହାପାତ୍ର, ରୋମା ସାହୁ, ବିଜୟ ପାଢ଼ୀ, ସୁଦୀପ୍ତି କେରକେଟା, ଭାଗ୍ୟଲକ୍ଷ୍ମୀ ବେହେରା, ପ୍ରଭାତ ଅଗ୍ରୱାଲ, ଓମ୍ ବାହାଦୁର ଏବଂ ପ୍ରଜ୍ଞା ପରିମିତା ମହାପାତ୍ରଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୨ ଝାଡ଼ଖଣ୍ଡୀ ଯୁବକ ଗିରଫ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

**ରାଉରକେଲା,୧।୧୧(ସଙ୍ଗୀତା ଜେନା)**

ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳରେ ବହୁ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ପୂର୍ବ ସିଂହଭୂମି ଜିଲା ଗୋଲମୁରି ଥାନା ତୁଇଲାଡୁଙ୍ଗରିର ଶମ୍ଭୁ କୁମାର ସିଂହ (୪୫) ଏବଂ ବାଗବେଡା ଥାନା ରାମନଗରର ଅଙ୍କିତ ରାଜ କୁମାର (୨୧)। ଅଭିଯୁକ୍ତଙ୍କଠାରୁ ଏକ କାର୍ ସମେତ ଚୋରି ସୁନାରୂପା ଅଳଙ୍କାର ଏବଂ ନଗଦ ୨୯ ହଜାର ଟଙ୍କା ଜବତ କରିଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଶନିବାର ଅପରାହ୍ନ ୫ଟାରେ ସେକ୍ଟର-୭ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଯୋଗେଶ ପଣ୍ଡା ଓ ଆଇଆଇସି ରବୀନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଅଭିଯୋଗକାରୀ କୈଳାସ ଚନ୍ଦ୍ର ନାୟକଙ୍କ ଏତଲା ଅନୁସାରେ, ଗତ ଅଗଷ୍ଟ ୮ ତାରିଖ ସକାଳେ ସେ କୌଣସି

**ଅଳଙ୍କାର ଚୋରି ଘଟଣା**

କାମରେ ଘରୁ ବାହାରି ସନ୍ଧ୍ୟା ୭ଟାରେ ଫେରିଥିଲେ। ଏହି ସମୟରେ ମୁଖ୍ୟ ଫାଟକର ତାଲା ଭଙ୍ଗାଯିବା ସହ କବାଟ ଖୋଲା ଥିବା ଏବଂ ଆଲମାରୀ ଲକର ଭାଙ୍ଗି ସୁନା, ରୂପା ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି ହୋଇଥିବା ସେ ଦେଖିଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚୁରା ବେଳେ ଉଭୟ କେବଳ ରାଉରକେଲା ନୁହେଁ ବରଂ ଜାମସେଦପୁରରେ ଅନେକ ଚୋରି ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଉଭୟ ଅଭିଯୁକ୍ତଙ୍କ ନାମରେ ରାଉରକେଲା ସେକ୍ଟର-୦୭ ଏବଂ ସେକ୍ଟର-୧୯ ଥାନାରେ ଅନେକ ଚୋରି ମାମଲା ରୁଜୁ ହୋଇଛି। ଏଥିସହ ଝାଡ଼ଖଣ୍ଡର ଟେଲକୋ, ଗୋଲମୁରି, ବାଗବେଡା, ବାଙ୍ଗରିପୋଷି ଏବଂ ସୀତାରାମଡେରା ଥାନାରେ ଅନେକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ବିପିୟୁଟି ହାକାଥନ୍, ଟେକ୍ କାର୍ନିଭାଲ ଉଦ୍‌ଘାଟିତ

**ରାଉରକେଲା,୧।୧୧(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ବୋଷ ଅଡିଟୋରିୟମ୍ କକ୍ଷରେ ଚଳିତବର୍ଷ ବିପିୟୁଟି ହାକାଥନ୍, ବିପିୟୁଟି କାର୍ନିଭାଲ-୨୦୨୫ ଓ ଜବ୍‌ସ ମେଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ବିଭିନ୍ନ ପ୍ରତିଯୋଗିତା, ନବସୃଜନ ଓ ନିଯୁକ୍ତି ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓୟୁଟିଆର ଭୁବନେଶ୍ୱରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାକାଥନ୍‌ର ମହାନ୍ ଚିନ୍ତାଧାରା ଓ ନବସୃଜନ ପାଇଁ ଏକ ଲଞ୍ଚପ୍ୟାଡ୍ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଭିଏସ୍‌ଏସ୍‌ୟୁଟି ବୁର୍ଲାର କୁଳପତି ପ୍ରଫେସର ଦୀପକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିପିୟୁଟି କୁଳସଚିବ ଡକ୍ଟର ନିଶି ପୁନମ୍ ମିଞ୍ଜ ତାଙ୍କର ଅନ୍ତର୍ଦୃଷ୍ଟି ରଖିଥିଲେ। ଡେପୁଟି ରେଜିଷ୍ଟ୍ରାର ଶୁଭେନ୍ଦୁ କୁମାର ରଥ ହାକାଥନ୍-୨୦୨୫ର ସଂଯୋଜକ ଓ ସି. ସି. ରାଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ହାକାଥନ୍ ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟରୁ ୨୫ଶହରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସେହିଭଳି ବିପିୟୁଟି ଟେକ୍ କାର୍ନିଭାଲରେ ୨୪ଟି ବୈଷୟିକ, ୧୩ଟି ସାଂସ୍କୃତିକ ଓ ୧୪ଟି କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏହି ଅବସରରେ ବିପିୟୁଟି ଜବ୍‌ସ ମେଳା ଆରମ୍ଭ ହୋଇଛି। ପୂର୍ବ ବର୍ଷ ଏହି ମେଳା ସାହାଯ୍ୟରେ ୪୩ଟି କମ୍ପାନୀରେ ୫୩ଜଣ ନିଯୁକ୍ତି ପାଇଥିଲେ। ତେଣୁ ଏହି ମେଳା ବିପିୟୁଟି ଦ୍ୱାରା ଆୟୋଜନ ହେବାରୁ ଯୁବବର୍ଗଙ୍କ ମଧ୍ୟରେ ଏକ ଆତ୍ମନିର୍ଭରଶୀଳତାର ସୁଯୋଗ ସୃଷ୍ଟି କରୁଛି ବୋଲି ପ୍ରଫେସର ରଥ କହିଥିଲେ। ଡକ୍ଟର ଶୁଭେନ୍ଦୁ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।


ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଆୟୋଜିତ ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବରେ କଳାକାରମାନଙ୍କ ନୃତ୍ୟ ପରିବେଷଣ।

# ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଆରମ୍ଭ

**ରାଉରକେଲା,୧।୧୧(ବିପ୍ଲବ ରଞ୍ଜନ ଦାଶ)**

**ମନମୋହିଲା ଓଡ଼ିଶୀ, ପଶ୍ଚିମବଙ୍ଗ ଲୋକନୃତ୍ୟ, ଝାଡ଼ଖଣ୍ଡ ଆଦିବାସୀ ନୃତ୍ୟ**

ରାଉରକେଲା ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ରାଉରକେଲା ଇସ୍ପାତ କାରଖାନା ସହଭାଗିତାରେ ଶନିବାର ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଆୟୋଜିତ ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫ ଆରମ୍ଭ ହୋଇଛି। ରାଉରକେଲା ଇସ୍ପାତ କାରଖାନା ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆର୍‌ଏସ୍‌ପି ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମିଶ୍ର ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବକୁ ମର୍ଯ୍ୟାଦାଜନକ ମହୋତ୍ସବ ଭାବେ ଅଭିହିତ କରିଥିଲେ। ରାଉରକେଲା ଇସ୍ପାତ କାରଖାନାକୁ ଓଡିଆ ଅସ୍ମିତାବୋଧର ଗୌରବ ରୂପେ ବର୍ଣ୍ଣନା କରି ସେ ଏହି ଅଞ୍ଚଳରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ଲାଗି ଆର୍‌ଏସ୍‌ପି ସମସ୍ତ ପ୍ରକାର ସହଯୋଗ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚିତ୍ତାକର୍ଷକ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ଭଞ୍ଜ କଳାକେନ୍ଦ୍ରର ନୃତ୍ୟଶିଳ୍ପୀମାନେ ପଦ୍ମଶ୍ରୀ ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ନୃତ୍ୟ ସଂରଚନା ତଥା ଗୁରୁ ନୀଳାଦ୍ରି ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡିଶୀ ନୃତ୍ୟ ନାଟିକା 'ଜଗନ୍ନାଥ ଅଷ୍ଟକମ' ପ୍ରସ୍ତୁତ କରିଥିଲେ। ପଶ୍ଚିମବଙ୍ଗ ଭଗବାନ ଶିବ ନଟରାଜ ନୃତ୍ୟ ଅନୁଷ୍ଠାନର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଝାଡ଼ଖଣ୍ଡର କଳାକାରମାନେ ଆଦିବାସୀ ଲୋକନୃତ୍ୟ ଝୁମାର ପରିବେଷଣ କରିଥିଲେ। ଭଞ୍ଜ କଳା କେନ୍ଦ୍ର ସଭାପତି ତଥା ଆର୍‌ଏସ୍‌ପି ଆର୍‌ଏମ୍‌ଏଚ୍‌ପି ବିଭାଗର ସିଜିଏମ ଶୁଭ ଶଙ୍କର ରାୟଚୌଧୁରୀ ସ୍ୱାଗତ ଭାଷଣ, ଉପଦେଷ୍ଟା ଅସୀମ କୁମାର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା, ଉପସଭାପତି ଆଲୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ବିଭାଗ ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଉପସଭାପତି ତଥା ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ, ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି, ଭଞ୍ଜ କଳା କେନ୍ଦ୍ରର ଉପଦେଷ୍ଟା ଅମର ବେହେରା, କର୍ମକର୍ତ୍ତା ବିବେକାନନ୍ଦ ପରିଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ଗଜେନ୍ଦ୍ର ମୁର୍ମୁ, ବସନ୍ତ ସାହୁ, ରସାନନ୍ଦ ମହାନ୍ତ, କନକଲତା ମିଶ୍ର ଏବଂ ପ୍ରବୀଣ ପାତ୍ର, ସଙ୍ଗୀତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଠିକା ଶ୍ରମିକଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି

**ରାଉରକେଲା,୧।୧୧(ସଙ୍ଗୀତା ଜେନା)**

ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ହଟ୍ ମେଟାଲ ବ୍ଲାଷ୍ଟ ଫର୍ନେସ-୫ ଜୋନ୍‌ରେ କାମ କରୁଥିବା ବେଳେ ଶୁକ୍ରବାର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେକ୍ଟର-୨୦ ମିଶ୍ରା ଖଟାଲର ଯୋଗେଶ୍ୱର ମହାନ୍ତ(୩୭)। ସେ ଡନ୍‌କନ୍ ଟ୍ରେଡ୍ ସେଣ୍ଟର କମ୍ପାନୀ ଅଧୀନରେ ସାଇଟ୍ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଏ ନେଇ ଟାଙ୍ଗରପାଲି ପୋଲିସ ଏକ ମାମଲା (ନଂ.୨୨/୨୫) ରୁଜୁ କରି ତଦନ୍ତ କରୁଛି।

ମୃତକଙ୍କ ସ୍ତ୍ରୀ ପ୍ରମିଳା ମହାନ୍ତଙ୍କ ଅଭିଯୋଗ ଅନୁସାରେ, ଯୋଗେଶ୍ୱର ଶୁକ୍ରବାର ସକାଳ ୮ଟାରେ କାମ କରିବାକୁ ଯାଇଥିଲେ। ଏହି ସମୟରେ ସେ ହଠାତ୍ ଫର୍ନେସ ଜୋନ୍‌ରେ ସେ ଅଚେତ ହୋଇପଡିଥିଲେ। ତାଙ୍କୁ ପ୍ରଥମେ କାରଖାନା ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପରେ ଆଇଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାରଠାରୁ ତାଙ୍କ ମୃତଦେହ ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଶନିବାର ସକାଳେ ମୃତଦେହ ନେବା ପ୍ରକ୍ରିୟା ସମୟରେ କ୍ଷତିପୂରଣ ଦାବି କରାଯାଇଥିଲା। ଆଇଜିଏଚ୍ ପରିସରରେ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ଅଡି ବସିଥିଲେ। ଖବର ପାଇ ଆର୍‌ଆଇକେଏସ୍‌ର ସାଧାରଣ ସମ୍ପାଦକ ତଥା ଶ୍ରମିକ ନେତା ରମେଶ ସାହୁଙ୍କ ନେତୃତ୍ୱରେ ଶତାଧିକ ଲୋକ ସେଠାରେ ପହଞ୍ଚି କ୍ଷତିପୂରଣ ନ ମିଳିଲେ ପରିବାର ଲୋକେ ମୃତଦେହ ନେବେ ନାହିଁ ବୋଲି କହିଥିଲେ। ଶ୍ରମିକ ନେତା ସାହୁଙ୍କ କହିବା ଅନୁସାରେ, ଦୀର୍ଘଦିନରୁ ଯୋଗେଶ୍ୱର ଉକ୍ତ କମ୍ପାନୀରେ କାମ କରିଆସୁଥିଲେ। ସେ ଘରର ଏକମାତ୍ର ରୋଜଗାରିଆ ଥିଲେ। ବିଧବା ସ୍ତ୍ରୀ, ମା' ବାପା ତଥା ଛୋଟ ସନ୍ତାନଙ୍କ ଭରଣପୋଷଣ ପାଇଁ ଚାକିରି ଏବଂ କ୍ଷତିପୂରଣ ମିଳିବା ଉଚିତ ବୋଲି ସେ କହିଥିଲେ। ତେବେ ଶ୍ରମିକଙ୍କ ମୃତ୍ୟୁ ପଡିଯିବାରୁ ନୁହେଁ ବରଂ ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ହୋଇଥିବା ଆର୍‌ଏସ୍‌ପି କର୍ତ୍ତୃପକ୍ଷ କହିଛନ୍ତି। ଖବର ଲେଖା (ସନ୍ଧ୍ୟା ୮ଟା) ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

# ଜୋନାଲ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲାକୁ ୪ ସ୍ୱର୍ଣ୍ଣ

**ରାଉରକେଲା,୧।୧୧(ଦିନେଶ ମିଶ୍ର)**

ଝାରସୁଗୁଡାସ୍ଥିତ ଡିଏଭି ସ୍କୁଲରେ ଡିଏଭି କ୍ଲଷ୍ଟର ଓ ଜୋନାଲ କରାଟେ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଡିଏଭି ବିଦ୍ୟାଳୟ ସମୂହ ଅନ୍ତର୍ଗତ ୪୨ଟି ବିଦ୍ୟାଳୟର କ୍ଲଷ୍ଟର ୧, ୨ ଓ ୩ରୁ ଆସିଥିବା କରାଟେ ପ୍ରତିଯୋଗୀମାନେ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନଶିପ୍‌ରେ ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡକ୍ଟର ଏ. ଏନ୍. କେ. ଖୋସଲା ଡିଏଭି ସ୍କୁଲର କରାଟେକା ଆର୍ଯ୍ୟା ବଂଶୀକା, ସମ୍ଭବ ପଣ୍ଡା, ଅର୍ଣ୍ଣାଦିତ୍ୟା ସ୍ୱାଇଁ ଓ ଅନିକେତ ସିଂ ଅଂଶଗ୍ରହଣ କରି ବ୍ୟକ୍ତିଗତ ଫାଇଟରେ ନିଜ ବୟସ ବର୍ଗରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏନେଇ ଶୁକ୍ରବାର ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ କୃତି କରାଟେକାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମସ୍ତ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରେ କୋଚ୍ ରାଜୀବ ସିଂଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି।


ପଦକ ପାଇଥିବା କରାଟେକା।

# ଫେସବୁକ୍‌ରେ ମହିଳାଙ୍କ ଫଟୋ ବ୍ୟବହାର, ଥାନାରେ ଏତଲା

**ରାଉରକେଲା,୧।୧୧(ସଙ୍ଗୀତା ଜେନା)** ରାଜସ୍ଥାନ ଜୟପୁରର ଜଣେ ଯୁବକ ରାଉରକେଲା ରଘୁନାଥପାଲି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଫଟୋ ଫେସବୁକ୍‌ରେ ବ୍ୟବହାର କରିବା ସହ ଅଶ୍ଳୀଳ କ୍ୟାପ୍‌ସନ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହିଳା ଜଣଙ୍କ ଅବଗତ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୬୧୬/୨୫)ରୁଜୁ କରି ତଦନ୍ତ କରୁଛି। ମହିଳା ଜଣଙ୍କ ଅଭିଯୋଗରେ କହିଛନ୍ତି, ତାଙ୍କ ବସ୍ତିର ଜଣେ ମହିଳା ଭିନ୍ନ ସମ୍ପ୍ରଦାୟର ଯୁବକଙ୍କୁ ବିବାହ କରିଥିଲେ। ପରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଯାଇଥିଲା। ସମ୍ଭବତଃ ସେହି ଯୁବକ ଫଟୋ ଅପବ୍ୟବହାର କରିଥାଇପାରନ୍ତି ବୋଲି ଏତଲାରେ ଉଲ୍ଲେଖ ରହିଛି।

# ମିଳିତ ସହଯୋଗରେ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ


ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା ବାହାରିଛି।


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୧।୧୧(ବିପ୍ଲବ ରଞ୍ଜନ ଦାଶ)**

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ**

ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି କ୍ରମରେ ଶନିବାର ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ରାଉରକେଲାର ମିଳିତ ସହଯୋଗରେ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ ବ୍ରିଜେଶ ରାଏ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ, ସମସ୍ତଙ୍କ ମିଳିତ ସହଯୋଗରେ ଦୁର୍ନୀତିମୁକ୍ତ ସମାଜ ଗଠନ କରାଯାଇପାରିବ। ଯୁବପିଢି ଏଥିପାଇଁ ଆଗେଇ ଆସନ୍ତୁ। ଦୁର୍ନୀତି ନିବାରଣ ହେଲେ ହିଁ ସମାଜ ତଥା ଦେଶର ପ୍ରଗତି ସୁନିଶ୍ଚିତ ହେବ ବୋଲି ରାଏ କହିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତିରୁ ନିବୃତ୍ତ ରହିବା ସହିତ ସଚ୍ଚୋଟତାର ସହିତ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ। ଏହି ଅବସରରେ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ପାଇଁ କୁଇଜ୍, ବିତର୍କ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ ଆୟୋଜିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପୂର୍ବରୁ ସକାଳେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟଠାରୁ ଆଇଟିଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ହୋଇଥିଲା। ଏଥିରେ ପାନପୋଷ କ୍ରୀଡା ଛାତ୍ରାବାସର ଛାତ୍ରୀଛାତ୍ର, ମ୍ୟୁନିସିପାଲ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଉପ ଜିଲାପାଳ ଚାନ୍ଦିନୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ଶପଥ ପାଠ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ମଞ୍ଚ ପରିଚାଳନା ଏବଂ ଉପ ଆରକ୍ଷୀ ଅଧୀକ୍ଷକ ଯୋଗେଶ ପ୍ରସାଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ

■ପାର୍ଶ୍ୱବର୍ତ୍ତୀ ୨ଟି ଗାଁର ଅନେକ ଘର କ୍ଷତିଗ୍ରସ୍ତ

■୧୪୪ ଧାରା ଲଗାଇଲେ ଉପଜିଲାପାଳ

ଜମନକିରା, ୧।୧୧ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ତହସିଲ ଅନ୍ତର୍ଗତ କୁଇଲାରିଯୋର ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ ବଢୁଛି। ବ୍ଲାଷ୍ଟିଂ ସହ କ୍ରସର ମାଲିକଙ୍କ ଜୁଲମ ବଢୁଛି। ଫଳରେ ପାର୍ଶ୍ୱବର୍ତ୍ତୀ ୨ଟି ଗାଁର ଅନେକ ଆଦିବାସୀଙ୍କ ଘର ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ଗାଁଲୋକ ପ୍ରଶାସନିକ ଅଧିକାରୀଙ୍କଠାରୁ ଜିଲାପାଳ ଏବଂ ନେତାଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସବୁଠି ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କଲେନାହିଁ। ଗତ ୩୦ ତାରିଖ ଗାଁଲୋକ କ୍ରସରରେ ଆନ୍ଦୋଳନ କରିବା ପାଇଁ ପ୍ରୟାସ କରୁଥିବାବେଳେ କୁଚିଣ୍ଡା ଉପଜିଲାପାଳ ସରଭରାନ ସି ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତାଙ୍କ ସହ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ ଏବଂ ମାଇନିଂ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥିତି ଅନୁଧ୍ୟାନ ପରେ କ୍ରସର୍ ଓ ପଥର ଖନନକୁ ବନ୍ଦ କରିବା ସହ ସେଠାରେ ୧୪୪ ଧାରା ଜାରି କରାଯାଇଛଇ।

କୁଇଲାରିଯୋରରେ ଏକ ଘରୋଇ ସଂସ୍ଥା ଗତ ୩ ବର୍ଷ ହେବ ଲିଜ ଆକାରରେ ଏକ ଜାଗା ନେଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ସେଠାରେ ଉକ୍ତ ସଂସ୍ଥା ବେଆଇନ ଭାବେ ପଥର ଖନନ କରିବା ପାଇଁ ବ୍ଲାଷ୍ଟିଂ କରି ଗୋଡ଼ି, ପଥର ଅନ୍ୟ ଜାଗାକୁ ସ୍ଥାନାନ୍ତରିତ କରୁଥିଲା। ବ୍ଲାଷ୍ଟିଂ ହେବା ଦ୍ୱାରା ଘରଦ୍ୱାର ଫାଟି ଯାଉଥିଲା। ସମସ୍ୟା ସମ୍ପର୍କରେ ତହସିଲଦାର, ଉପଜିଲାପାଳ, ମନ୍ତ୍ରୀଙ୍କୁ ବହୁବାର ଅଭିଯୋଗ କରି ଆସିଥିଲେ ସୁଦ୍ଧା ସମସ୍ୟା ସମାଧାନ କରାଗଲା ନାହିଁ କି କ୍ଷତିପୂରଣ ଦିଆଗଲାନାହିଁ। ଲୋକେ ସିରିଡ ସରପଞ୍ଚ ଗଜେନ୍ଦ୍ର ନାଏକ, ଭୋଜପୁର ସରପଞ୍ଚ କର୍ପୁର ପାତ୍ର ଏବଂ ଆଦିବାସୀ ନେତା ରମଣୀ କିଷାନଙ୍କ ମିଳିତ ନେତୃତ୍ୱରେ ଉପଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ଏକ ଦାବିପତ୍ର ଦେଇ ଦୋଷୀ ସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏଠାରେ ପ୍ରକାଶଯୋଗ୍ୟ, ଜମନକିରା ବ୍ଲକ ସିରିଡ ପଞ୍ଚାୟତର କୁଇଲାରିଯୋର ଏବଂ ଭୋଜପୁର ପଞ୍ଚାୟତର ଗୁଡ୍ରାପଡ଼ା ଗାଁ ପାର୍ଶ୍ୱରେ ବେଆଇନ ପଥର ଖନନ ଓ ବ୍ଲାଷ୍ଟିଂ ଯୋଗୁ ଅନେକ ଆଦିବାସୀ ପରିବାରର ଘର ଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ଗଭୀର ବୋର୍‌ୱେଲ ପୋତି ହୋଇ ପଡ଼ିଥିଲା। ଏନେଇ ଗତ ବର୍ଷ ଡିସେମ୍ବର ୮ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଅଞ୍ଚଳର ଲୋକେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲା। ଉପଜିଲାପାଳ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ଦେବାକୁ ଜମନକିରା ତହସିଲଦାରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ମାଜିଷ୍ଟ୍ରେଟ ତଥା ଜମନକିରା ତହସିଲଦାର ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଖଣି ଓ ପରିବେଶ ବିଭାଗ ଅଧିକାରୀ, ଜମନକିରା ରେଞ୍ଜ ଅଧିକାରୀ, ଆରଆଇ ପ୍ରମୁଖ ପଥର କ୍ୱାରିସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ଏକ ପାହାଡ଼ ଉପରେ ଏକ ବଡ଼ ମୋବାଇଲ କ୍ରସର୍ ସ୍ଥାପନ ସହ କାର୍ଯ୍ୟ କରୁଥିବା ନିରୀକ୍ଷଣ ବେଳେ ଜଣାପଡ଼ିଥିଲା। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଗାଁ ପାର୍ଶ୍ୱରେ ପଥର ବ୍ଲାଷ୍ଟିଂ ଯୋଗୁ କ୍ଷତିଗ୍ରସ୍ତ ଘରଗୁଡ଼ିକର ଫଟୋ ସହ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ କ୍ଷତିଗ୍ରସ୍ତ ପରିବାରଙ୍କୁ କୌଣସି ପ୍ରକାର କ୍ଷତିପୂରଣ ଦିଆଗଲା ନାହିଁ। ପରେ ଗତ ୧୩।୧।୨୦୨୫ରେ ଜମନକିରା ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ଜିଲାପାଳଙ୍କ ଶୁଣାଣିରେ ଲୋକେ ଅଭିଯୋଗ ମଧ୍ୟ କରିଥିଲେ। ବେଆଇନ ପଥର ବ୍ଲାଷ୍ଟିଂ ବନ୍ଦ କରିବାକୁ ସେଠାରେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ପଥର ବ୍ଲାଷ୍ଟିଂ ବନ୍ଦ ହେବା ପରେ ପୁନର୍ବାର ପଥର ବ୍ଲାଷ୍ଟିଂ ଚାଲୁ କରାଯାଇଥିଲା। ଏନେଇ ତତ୍କାଳୀନ ଉପଜିଲାପାଳ ୩।୫।୨୦୨୫ରେ ସିରିଡ଼ ପଞ୍ଚାୟତରେ ଏକ ଜନ ଶୁଣାଣି ଅନୁଷ୍ଠିତ ହେବ ବୋଲି ଚିଠି କରାଯାଇଥିଲା। ଫଳରେ ଭୋଜପୁର, ଡିମିରିମୁଣ୍ଡା ଏଂ ସିରିଡ ୩ ଗୋଟି ପଞ୍ଚାୟତର ସରପଞ୍ଚଙ୍କ ସହ କୁଇଲାରିଯୋର୍, ସୁଇପଦର୍, ଗୁଡ୍ରାପଡ଼ା ଗାଁର ଅନେକ କ୍ଷତିଗ୍ରସ୍ତ ଆଦିବାସୀ ଲୋକେ ଉପସ୍ଥିତ ଥାଇ ଜନ ଶୁଣାଣି ହୋଇଥିଲା। ନିଷ୍ପତ୍ତି ବେଳେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଏବଂ ଏଦିଗରେ ତଦନ୍ତ ନ ସରିବା ପର୍ଯ୍ୟନ୍ତ ପଥର ଖନନ ଏବଂ ବ୍ଲାଷ୍ଟିଂ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ପଥର ଖନନ ସାଙ୍ଗକୁ ବେଆଇନ ପଥର ବ୍ଲାଷ୍ଟିଂ ଚାଲୁଥିବା ନେଇ ୮।୯।୨୦୨୫ରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲା। କୌଣସି ପ୍ରତିକାର ନ ହେବାରୁ ଗତ ୩୦ ତାରିଖ ଲୋକେ କ୍ରସରକୁ ଜାଳିପୋଡ଼ି ଦେବାକୁ କହିବା ପରେ ଉପଜିଲାପାଳ, ତହସିଲଦାର, ମାଇନିଂ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ କ୍ରସରକୁ ସମାଧାନ ନ ହେବା ଯାଏ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ କରିଥିଲେ। ଯଦି ଏଥିରେ କିଛି ଖିଲାପ ହୁଏ ମାଇନିଂ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଲୋକଙ୍କ ସାମ୍ନାରେ ଚେତାବନୀ ଦେଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ତହସିଲଦାର ପ୍ରବୀଣା ବିଲୁଙ୍ଗଙ୍କୁ ପଚାରିବାରୁ ଅଭିଯୋଗର ସମାଧାନ ନ ହେବା ପର୍ଯ୍ୟନ୍ତ କ୍ରସରସ୍ଥଳରେ ୧୪୪ଧାରା ଜାରି ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।



କୁଇଲାରିଯୋର ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂସ୍ଥଳ ଅଧିକାରୀ ନିରୀକ୍ଷଣ କରୁଛନ୍ତି।

## ୫ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଶୁଭାରମ୍ଭ



ଉପନିବନ୍ଧନ କାର୍ଯ୍ୟାଳୟ ଶୁଭାରମ୍ଭ ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ସମ୍ବଲପୁର, ୧।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୫ ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧନ କାର୍ଯ୍ୟାଳୟର ଶୁଭାରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାର ବାମରା, ଜମନକିରା, ନାକଟିଦେଉଳ, ଯୁଯୁମୁରା ଓ ମାନେଶ୍ୱର ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସ୍ୱାନ ପ୍ରେକ୍ଷାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ ଶୁଭ୍ରା ପଣ୍ଡାଙ୍କ ସହିତ ସମ୍ବଲପୁର ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଏଥିରେ ଉକ୍ତ ୫ଟି ତହସିଲର ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିବା ପରେ ଜିଲାରେ ଜମି ପଞ୍ଜିକରଣ ଓ କ୍ରୟ ବିକ୍ରୟ କାମ ସହଜ ହେବା ସହିତ ସ୍ୱଚ୍ଛତା ବଜାୟ ରହିବ। ଏହାସହିତ ମୋବାଇଲ୍ ଆପ ଜରିଆରେ ସ୍ଲଟ୍‌ବୁକିଂ ଓ ଜମିର ପଞ୍ଜୀକରଣ କରାଯାଇ ପାରିବ।

## ୱାଟର କୁଲର ଉଦ୍‌ଘାଟନ କାର୍ଯ୍ୟକ୍ରମ



ୱାଟର କୁଲର ଉଦ୍‌ଘାଟନ ଅବସରରେ ପିଏନ୍‌ବି ସର୍କଲ ଅଫିସ ମୁଖ୍ୟ ଓ ଅନ୍ୟମାନେ।

ସମ୍ବଲପୁର, ୧।୧୧ (ବି.ଶଙ୍କର)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ସର୍କଲ ଅଫିସ ପକ୍ଷରୁ ଶନିବାର ସମ୍ବଲପୁର ଫାଟକ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରସରରେ ୱାଟର କୁଲର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଏନ୍‌ବି ସର୍କଲ ଅଫିସ ମୁଖ୍ୟ ଅଜିତ କୁମାର ମେହେର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାର୍ଥ ସାରଥି ମହାପାତ୍ର, ଅନମୋଲ ଉତ୍ସବ, ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶୁଦ୍ଧ ପାନୀୟ ଜଳ ପିଇବାର ସୁଯୋଗ ପାଇ ପାରିବେ ବୋଲି ପିଏନ୍‌ବି ପକ୍ଷରୁ ସୂଚିତ କରାଯାଇଛି ।

## ସଂକ୍ଷେପରେ

### ମୁଦିପଡ଼ାରେ ଭାଗବତ ସପ୍ତାହ ଜ୍ଞାନଯଜ୍ଞ

ସମ୍ବଲପୁର, ୧।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହର ମୁଦିପଡ଼ା ପଦ୍ମକେଶରୀ ପାର୍କସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶନିବାର ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଆୟୋଜନ କରାଯାଇଛି। ଏଥିରେ ଲୋକନାଥ ପୂଝାରୀ ଓ ମମତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସୂର୍ଯ୍ୟକୁମାର ପାଢ଼ୀ ବ୍ୟାସଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ଶତାଧିକ ଭକ୍ତ ଭାଗବତ ଶ୍ରବଣ କରି ପ୍ରଭୁ କୃପା ଲାଭ କରୁଛନ୍ତି। ଅନିତା ପାଢ଼ୀ, ନିରୂପମା ନାୟକ, ଆନନ୍ଦିନୀ ମିଶ୍ର, ଗୀତାଞ୍ଜଳି ମହାପାତ୍ର, କିରଣ ଜେନା, ରଞ୍ଜିତା ଦାଶ, ରାସେଶ୍ୱରୀ ଜେନା, ଶୈଳସେନ ଆୟୋଜନରେ ସହଯୋଗ କରିଛନ୍ତି। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଚାଲିବ।

### ଖଣ୍ଡୋକଟା ଧନୁଯାତ୍ରା ପାଇଁ କର୍ମକର୍ତ୍ତା ଚୟନ

କୁଚିଣ୍ଡା, ୧।୧୧ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଖଣ୍ଡୋକଟା ଧନୁଯାତ୍ରା ପାଇଁ ଆଗାମୀ ୨୦୨୬ବର୍ଷ ପାଇଁ ଯାତ୍ରା ନିମନ୍ତେ କର୍ମକର୍ତ୍ତା ଚୟନ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଆଗାମୀ ଧନୁଯାତ୍ରାକୁ ଆଡ଼ମ୍ବର ସହକାରେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଖଣ୍ଡୋକଟା ଗ୍ରାମ ହେଉଛି କଳା ଓ ସଂସ୍କୃତିର ମାଟି। ଯେଉଁଥି ପାଇଁ ଜିଲା ପ୍ରଶାସନ ଖଣ୍ଡୋକଟାକୁ କଳାକାର ଗ୍ରାମଭାବେ ଘୋଷଣା କରି ପ୍ରତିବର୍ଷ ତା'ର ବାର୍ଷିକ ଉତ୍ସବ ପାଳନ କରି ଆସୁଛି। ତେଣୁ ହେବାକୁ ଥିବା ଧନୁଯାତ୍ରାକୁ କିଭଳି ଶୃଙ୍ଖଳାର ସହ ସମ୍ପାଦନ କରାଯିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଧନୁଯାତ୍ରା ଉପଦେଷ୍ଟା ତଥା ବରିଷ୍ଠ କଳାକାର ସୁରେଶ ଚନ୍ଦ୍ର ପଟେଲଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆଗାମୀ ଧନୁଯାତ୍ରା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଉପଦେଷ୍ଟା, ପୂର୍ଣ୍ଣଚନ୍ଦ୍ର ପଟେଲ ସଭାପତି, ସନ୍ତୋଷ କୁମାର ପଟେଲ ଓ ସନ୍ତୋଷ କୁମାର ପୃଷେଠ ଉପସଭାପତି, ଧନିରାମ ନାୟକ ସମ୍ପାଦକ, ବିକାଶ ଚନ୍ଦ୍ର ନାୟକ ଓ ମନୋଜ ପୃଷେଠ ସହସମ୍ପାଦକ, ଚନ୍ଦ୍ରମଣି ନାଏକ ଓ ବୀରେନ୍ଦ୍ର ପଟେଲଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ମହେନ୍ଦ୍ର ନାଏକ, କୁଳମଣି ନାଏକ, ପ୍ରମୋଦ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଅଶୋକ ପଟେଲ, ଡିଲେଶ୍ୱର ସାହୁ, ଗାନ୍ଧୀ ପୃଷେଠ, ଖତୁ ନଗରିଆ, ମନ୍ଦାକିନୀ ବୁଡିଆଚାନ୍ଦ, ଜନତା ମନୋହରୀ, କୁମୁଦିନୀ ପଟେଲ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିର୍ସାଙ୍କ ଚୋରି ମୂର୍ତ୍ତି ଉଦ୍ଧାର ନ ହେଲେ ଆନ୍ଦୋଳନ

## ୭ରେ ସମ୍ବଲପୁର ବନ୍ଦ ଆହ୍ୱାନ ଦେଲା ଆଦିବାସୀ ଦଳିତ ସେନା



ମିଶନ ବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଦିବାସୀ ଦଳିତ ସେନା କର୍ମକର୍ତ୍ତା।

ସମ୍ବଲପୁର, ୧।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ସହର ଲକ୍ଷ୍ମୀଟକିଜ ଛକ ନିକଟସ୍ଥ ମିଶନ କମ୍ପାଉଣ୍ଡରୁ ଚୋରି ହୋଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସାମୁଣ୍ଡାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତୁରନ୍ତ ଉଦ୍ଧାର ନହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି ଓଡ଼ିଶା ଆଦିବାସୀ ଦଳିତ ସେନା ସମ୍ବଲପୁର ଶାଖା। ସେନା ପକ୍ଷରୁ ମୂର୍ତ୍ତି ଚୋରି ଘଟଣାର ପ୍ରତିବାଦରେ ଆସନ୍ତା ୭ତାରିଖ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଏହାକୁ ନେଇ ସମ୍ବଲପୁର ମିଶନ କମ୍ପାଉଣ୍ଡସ୍ଥିତ ବଙ୍ଗଳାରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାରା ସମ୍ମିଳନୀର ଜିଲା ଆଦିବାସୀ ଦଳିତ ସେନାର ସମ୍ପାଦିକ କବିତା ପାତ୍ର କହିଛନ୍ତି, ଲକ୍ଷ୍ମୀଟକିଜ ଛକ ନିକଟ ମିଶନ କମ୍ପାଉଣ୍ଡରେ ସେନା ସଭାପତି ତଥା ବରିଷ୍ଠ ଆଦିବାସୀ ନେତା ପ୍ରଶାନ୍ତ ହାଓଙ୍କ ଇଚ୍ଛା ପୂରଣ ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରଖାଯାଇଥିଲା। ନଭେମ୍ବର ୧୫ରେ ଏହାର ଉଦ୍‌ଘାଟନ କରିବାକୁ କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଏହା ପୂର୍ବରୁ ଗତ ଅକ୍ଟୋବର ୨୫ରେ ବିର୍ସାଙ୍କ ପ୍ରତିମୂର୍ତ୍ତି ଏଠାରୁ ଚୋରି ହୋଇଯାଇଛି। ସେ କହିଛନ୍ତି, ଆଦିବାସୀ ଦଳିତ ସେନା ପକ୍ଷରୁ ଟାଉନ ଥାନାରେ ମୂର୍ତ୍ତି ଚାରି ଘଟଣାକୁ ନେଇ ଏତଲା ଦିଆଯାଇଥିଲା। ଏଥିପାଇଁ ପୋଲିସ ୩ ଦିନ ସମୟ ମାଗିଥିଲା। ମାତ୍ର ଆଜକୁ ୫ ଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ୭ ତାରିଖରେ ସମ୍ବଲପୁର ବନ୍ଦ ପାଇଁ ଡାକରା ଦିଆଯାଇଛି। ଏଥିରେ ସେମାନଙ୍କୁ ସହଯୋଗ ପାଇଁ ସହରବାସୀଙ୍କୁ ସେନା ପକ୍ଷରୁ ନିବେଦନ କରାଯାଇଛି। ଏଥିରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡାଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଏସମ୍ପର୍କରେ ଉକ୍ତ ଜମି ମାଲିକ ଜଶବୀର ସଂ ହୁରା କହିଛନ୍ତି, ଉକ୍ତ ଜମି ତାଙ୍କ ନାମରେ ରହିଛି। ମାତ୍ର ତାଙ୍କ ଜମିରେ ବିନା ଅନୁମତିରେ କିଏ ବିର୍ସା ମୁଣ୍ଡାଙ୍କ ମୂର୍ତ୍ତିକୁ କାହିଁକି ରଖିଲେ ଓ ସେଠାରୁ ଉକ୍ତ ମୂର୍ତ୍ତି କିଭଳି ଚୋରି ହେଲା ସେ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି।

## ଭିସୁଟ୍‌ରେ ଟିଇଡି ଏକ୍ସ ଭିଏସ୍ଏସ୍‌ୟୁଟି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ଅଂଶଗ୍ରହଣକାରୀ।

ସମ୍ବଲପୁର, ୧।୧୧ (ପ୍ରମୋଦ ବହିଦାର)

ଭିସୁଟ୍ ବୁର୍ଲାରେ ଟିଇଡି ଏକ୍ସ ଭିଏସ୍ଏସ୍‌ୟୁଟି ଚତୁର୍ଥ ସଂସ୍କରଣ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ ବିଜୁ ପଟ୍ଟନାୟକ ଇ-ଲର୍ନିଂଙ୍ଗ୍ ସେଣ୍ଟର୍‌ରେ ଶନିବାର ଅନୁଷ୍ଠିତ ଦ ପାରାଲାକ୍ସ ଅଫ୍ ପର୍ସପେକ୍ଟିଭ୍ ଶୀର୍ଷକ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥିଭାବେ ଭିସୁଟ୍ ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତି, ସମ୍ମାନିତ ଅତିଥିଭାବେ ବୈଷୟିକ ସୋସାଇଟି ଉପସଭାପତି ପ୍ରଫେସର ତୃପ୍ତି ରଞ୍ଜନ ମହାପାତ୍ର, ଡିଆର୍‌ଡିଓ ଉତ୍କର୍ଷ କେନ୍ଦ୍ର(ସିଇସି) ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଏବଂ ଅଧ୍ୟକ୍ଷ ଆର୍କିଟକ୍ଟ ଇନ୍‌ଫୋସିସ୍ ଚନ୍ଦନ ମାଲୁ ଯୋଗଦେଇ ମିଳିତଭାବେ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଡିଆର୍‌ଡିଓ ସଇସି ମହାନିର୍ଦ୍ଦେଶକ ଡ. ଦାସ ନବସୃଜନ ଚାଳିତ ଶାନ୍ତିପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଆର୍କିଟକ୍ଟ ଇନ୍‌ଫୋସିସ୍ ମାଲୁ ମଣିଷର କ୍ଷମତା ବୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କନ୍ଧମାଳ ଜିଲାପାଳ ବେଦଭୂଷଣ ମାନବ ସେବାରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗିତାକୁ ନେଇ ବକ୍ତବ୍ୟ ରଖିଥିଲେ। ଏଥିରେ ଯୋଗଦେଇ ମାନବ ବିହୀନ ଉଡ଼ାଜାହାଜ(ୟୁଭିଏ)ର ପ୍ରଥମ ମହିଳା ଚାଳକ ପ୍ରାଜକ୍ତା ଦେଶାଇ ସଶସ୍ତ୍ର ବାହିନୀର ସାହସିତା ସମ୍ପର୍କିତ ନିଜ ଅନୁଭୂତି ବ୍ୟାଖାନ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ନାକଟିଦେଉଳ, ୧।୧୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପେଣ୍ଠବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାକଟିଦେଉଳ ବ୍ଲକର ଭାରପ୍ରାପ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ସରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ, ଅବସରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଲେଖ ଚନ୍ଦ୍ର ବିଶ୍ୱାଳ ଏବଂ ରେଢ଼ାଖୋଲ ପୂର୍ତ୍ତ ବିଭାଗ ଏସଡ଼ିଓ ଗୌତମ ଅଗ୍ରୱାଲା ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା । ଏଥି ସହିତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଦାନ କରାଯିବା ସହ ଶତ ପ୍ରତିଶତ ପରୀକ୍ଷା ଫଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ତରଣୀସେନ ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ବାଳିକା ହଷ୍ଟେଲ କୋଠାକୁ ଅନୁଷ୍ଠାନିକଭାବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା।




ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ।

# ଇଞ୍ଜିନିୟରିଂ ଦଳ ଚାମ୍ପିୟନ, ଇଲେକ୍ଟ୍ରିକାଲ ରନରଅପ

## ଆନ୍ତଃବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ

ସମ୍ବଲପୁର, ୧।୧୧ (ବି.ଶଙ୍କର)

ପୂର୍ବତଟ ରେଳପଥ କ୍ରୀଡ଼ା ସଙ୍ଗଠନ ସମ୍ବଲପୁର ଆୟୋଜିତ ଆନ୍ତଃବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ରେଳ ମଣ୍ଡଳ ବିଭିନ୍ନ ବିଭାଗର ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଇଞ୍ଜିନିୟରିଂ ଦଳ ଏବଂ ଇଲେକ୍ଟ୍ରିକାଲ(ଓପି) ଦଳ ମଧ୍ୟରେ ଖେଳା ଯାଇଥିଲା। ଇଞ୍ଜିନିୟରିଂ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ଉଦ୍‌ଯାପନୀ ସମାରୋହରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥି, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଅଧ୍ୟକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ଦଳର ପ୍ରୟାସକୁ ପ୍ରଶଂସନୀୟ ଥିଲା। ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ ମନୋଭାବ, ଶୃଙ୍ଖଳା ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡା ଏବଂ ଶାରୀରିକ ସୁସ୍ଥତାର ଗୁରୁତ୍ୱ ରହିଛି ବୋଲି ମୁଖ୍ୟ ଅତିଥି ଚୌଧୁରୀ ମତବ୍ୟକ୍ତ କରିଥିଲେ । ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ସରୋଜ ପ୍ରଧାନ(ଇଞ୍ଜିନିୟରିଂ ଦଳ), ଶ୍ରେଷ୍ଠ ଖେଳାଳି ରିକି ଟପ୍ପୋ (ଇଲେକ୍ଟ୍ରିକାଲ ଓପି ଦଳ), ଶ୍ରେଷ୍ଠ ଡିଫେଣ୍ଡର ରଞ୍ଜିତ ସ୍ୱାଇଁ (ପରିଚାଳନା ଦଳ), ଶ୍ରେଷ୍ଠ ଗୋଲ କିପର ଭାବେ ପ୍ରମୋଦ ପାଣିଗ୍ରାହୀ (ଇଞ୍ଜିନିୟରିଂ ଦଳ)କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ । ମହିଳା କଲ୍ୟାଣ ସଙ୍ଗଠନ ସଦସ୍ୟା, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପଡ଼ିଆରେ ଉପସ୍ଥିତ ରହି ଟୁର୍ନାମେଣ୍ଟ ଦେଖିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭାଟ ଅଙ୍ଗନଦୀରୁ ବେଆଇନ ବାଲି ପରିବହନ ବେଳେ ଏକ ଟ୍ରାକ୍ଟରକୁ ଲୋଇସିଂହା ପୋଲିସ ଶୁକ୍ରବାର ଜବତ କରିଛି। ଏନେଇ ପୋଲିସ ନଂ ୩୦୭/୨୫ରେ ଏକ ମାମଲା ରୁଜୁ କରିଛି । ଲୋଇସିଂହା ଓ ଆଗଲପୁର ତହସିଲ ଅନ୍ତର୍ଗତ ଅଙ୍ଗ ଓ ସୁକତେଲ ନଦୀର ବିଭିନ୍ନ ଘାଟରୁ ଲିଜ୍ ନ ଥାଇ ବ୍ୟବସାୟୀମାନେ ବେଆଇନ ଭାବରେ ବାଲି ଚୋରାଚାଲାଣ କରି ମାଲାମାଲ ହେଉଛନ୍ତି। ଏଥିଯୋଗୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଥିବା ବେଳେ ଖଣି ବିଭାଗ ଓ ତହସିଲ କର୍ତ୍ତୃପକ୍ଷ ହାତବାନ୍ଧି ବସିଛନ୍ତି।

## ସଂକ୍ଷେପରେ

### ଆଟଗାଁରେ ଯୁବକଙ୍କୁ ଆକ୍ରମଣ ଘଟଣାରେ ଉତ୍ତେଜନା

**ପୋଲିସ ଗାଡ଼ି କାଚ ଭାଙ୍ଗିଲେ, ଅଟକ ରଖିଲେ**

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଆଟଗାଁର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଘଟଣାକୁ ନେଇ ଶନିବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକେ ପୋଲିସକୁ ଘେରିଯିବା ସହ ପୋଲିସ ଗାଡ଼ିର କାଚ ଭାଙ୍ଗି ଦେଇଥିବା ଜଣାପଡିଛି। ଏପରି କି ଉତ୍ତ୍ୟକ୍ତ ଲୋକେ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିବା ଖବର ମିଳିଛି। ରାତିରେ ଅଧିକ ପୋଲିସ ଗାଁରେ ପହଞ୍ଚି ସ୍ଥିତି ତଦାରଖ କରୁଥିବା ଜଣାପଡିଛି।

### ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା

ସଇଁତଲା,୧।୧୧(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ବୁଢ଼ାବାହାଲ ପଞ୍ଚାୟତର ସମିତି ସଭ୍ୟ ମଦନ ନାଗଙ୍କୁ ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଦିବାସୀ ଦଳିତ ସଂଘ ତରଫରୁ ଶନିବାର ସଇଁତଲା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ପ୍ରକାଶ ଯେ, ଗତ ଅକ୍ଟୋବର ୬ ତାରିଖ ଦିନ ମଦନ କୌଣସି କାମରେ ଆମ୍ବପାଲି ଯାଇ ରାତିରେ ନିଜ ଘରକୁ ଫେରୁଥିବା ବେଳେ ଲାଠ ନଦୀ ବ୍ରିଜ ନିକଟରେ ତାଙ୍କୁ ଆକ୍ରମଣ କରାଯାଇଥିଲା । ଏ ନେଇ ମଦନ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। କିଛିଦିନ ତଳେ ପୋଲିସ ବିଜୟ ସେଲମାଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିନଥିଲା । ଫଳରେ ଶନିବାର ଦିନ ଦଳିତ ଆଦିବାସୀ ସଂଘର ଆବାହକ ବଳଦେବ କୁମ୍ଭାରଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟ ଥାନା ଆଗରେ ଧାରଣା ଦେଇ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ।

### କଂସ ଦରବାର ପାଇଁ କଂସ ବରଣ

ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ଆଗାମୀ ନଭେମ୍ବର ୨୯ରୁ ହେବାକୁ ଥିବା ଖପ୍ରାଖୋଲ ମହୋତ୍ସବ ତଥା କଂସ ଦରବାର ପାଇଁ କଂସ ବରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଖପ୍ରାଖୋଲର ଇଷ୍ଟ ଦେବୀ ମା' ଡୁମେର ତଲେନଙ୍କଠାରେ ପୂଜା ସହିତ କଂସ ଭୂମିକା ପାଇଁ ବରିଷ୍ଠ ମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନୀଙ୍କୁ ଗୁଆ ନଡ଼ିଆ ଦେଇ ବରଣ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ସଭାପତି ବୁଲୁ ପଣ୍ଡା, ଉପ ସଭାପତି ଡୋଲାମଣୀ ସାଣ୍ଡ, ରଞ୍ଜନ ସାହୁ, ଉଦ୍ଧବ ମେହେର, ରାଜୁ ବାରିକ, ସତ୍ୟ ବାଗ, ଅରକ୍ଷିତ ସାହୁ, ବିନୋଦ ସାହୁ, କୁନୁ ସାହୁ, ବାଦଲ ଦଣ୍ଡସେନା, ହରିବୋଲ ଦାସ, ହାକା ପ୍ରଧାନ, ରୋହିତ ଶଗଡ଼ିଆ, ସୁଶାନ୍ତ ପ୍ରଧାନ, ଆଶିଷ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଡିସେମ୍ବର ୧୨ଯାଏ ଅନୁଷ୍ଠିତ ହେବାର ଅଛି ।

### ଓଡିଆ ଓ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଓଡିଆ ଓ ଶିକ୍ଷା ବିଭାଗ ପକ୍ଷରୁ ସାପ୍ତାହିକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୃଥିବୀର ଭାଷା ପରିବାରରେ ଭାରତୀୟ ଆର୍ଯ୍ୟଭାଷା ଓ ଓଡିଆ ଭାଷା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପକ ଦୈତାରୀ ଶବର,ବାମଦେବ ମେହେର, ଡ.ସୋମନାଥ ପଧାନ, ଡ.ଲିଙ୍ଗରାଜ ମେହେର ଯୋଗଦେଇଥିଲେ। ଛାତ୍ରୀ ସଙ୍ଗୀତା ସାହୁ, ଶ୍ରାବଣୀ ସାହୁ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ସେହିପରି ଶିକ୍ଷା ବିଭାଗରେ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଦର୍ଶନର ପ୍ରାସଙ୍ଗିକତା ବିଷୟବସ୍ତୁ ରହିଥିଲା। ଅଧ୍ୟାପକ ସନ୍ତୋଷ ମେହେର, ଅଧ୍ୟାପିକା ନିବେଦିତା ପଧାନ ଆଲୋଚନାରେ ଭାଗ ନେଇଥିଲେ । ଛାତ୍ରୀ ସ୍ମୃତିରେଖା ପଧାନ ଓ ଛାତ୍ର ଚିନ୍ମୟ ସାହୁ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ବିଭାଗୀୟ ମୁଖ୍ୟ ଡ.ଭୁରିଶ୍ରବା ମାଝୀ ଅଧ୍ୟକ୍ଷତା କରିଥିଲେ।

# ମନ ବଡ଼ କଲେ ବଲାଙ୍ଗୀର ଆଗୁଆ ହେବ: କନକ ବର୍ଦ୍ଧନ


ବଲାଙ୍ଗୀର ଦିନ୍ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

**ବଲାଙ୍ଗୀର ଦିନ୍ ଉତ୍ସବ**

ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ସାଂସ୍କୃତିକ ମଞ୍ଚରେ ଶନିବାର ପଞ୍ଚମ ବଲାଙ୍ଗୀର ଦିନ୍ ସମାରୋହ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭା ରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସପି ଅଭିଲାଷ ଜି ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କବିତା ଉଦ୍ଧାର କରି କହିଥିଲେ ଯେ, ଛୋଟ ମନରେ କେହି ବଡ ହୋଇପାରିବେ ନାହିଁ କି ଭଙ୍ଗା ମନରେ କେହି ଠିଆ ହୋଇପାରିବେ ନାହିଁ। କେବଳ ବଲାଙ୍ଗୀରର ବିକାଶ କଥା କହିଦେଲେ ବିକାଶ ହେବନାହିଁ। ସମସ୍ତଙ୍କୁ ବଡ ମନ ନେଇ କାମ କରିବାକୁ ପଡିବ। ଏହା ହେଲେ ବଲାଙ୍ଗୀରକୁ ଆଉ କେହି ପଛୁଆ କହିବେ ନାହିଁ। ବଲାଙ୍ଗୀର ଆଗୁଆ ଜିଲା ହେବ ବୋଲି ସେ କହିଥିଲେ। ବଲାଙ୍ଗୀର ଦିନ୍ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସହଯୋଗ କଥା କହିଥିଲେ ତାହା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ବିଧାୟକ କଳିକେଶ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଦିନ୍ ପାଇଁ ଗତବର୍ଷ ମୁଖ୍ୟମନ୍ତ୍ରୀ ଯେଉଁ ଆର୍ଥିକ ସହଯୋଗ କଥା କହିଥିଲେ ଦିଅନ୍ତୁ ବୋଲି କହିଥିଲେ। ଏହା ସହିତ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ, ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଜମି ଦିଆଯିବା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜ୍ୟୋତିର୍ମୟୀ ନାୟକ, ସମାଜସେବୀ ଜୟନ୍ତ ବାଗ, ସ୍ମରଣିକା କମିଟି ଅଧ୍ୟକ୍ଷ ସନ୍ଦୀପ କୁମାର କୁଅଁର, ଅର୍ଥ କମିଟି ଅଧ୍ୟକ୍ଷ କିଶୋର କୁମାର ରଥ, ମଞ୍ଚ କମିଟି ଅଧ୍ୟକ୍ଷ କଳାକାର ରାମ ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ କମିଟିର ଗୋପାଳ ପ୍ରଧାନ, ପ୍ରତାପ ରଥ, ସରିତା ଦାସ, ସଙ୍ଗୀତା ଦାଶ, ଲୋଟସ ଷଡଙ୍ଗୀ, ଦିନେଶ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବିଧୁଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରେ ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ସକାଳୁ ବଲାଙ୍ଗୀର ସହରର କଳାକାର, ବୁଦ୍ଧିଜୀବୀ ଓ କଳାପ୍ରେମୀମାନଙ୍କୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ୫ ଶିଶୁ ସମେତ ୧୧ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ


ଉଦ୍ଧାର ଶ୍ରମିକ ।

**ଖପ୍ରାଖୋଲ ପୋଲିସର ଚଢ଼ାଉ**

ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ଶନିବାର ସକାଳେ ଖପ୍ରାଖୋଲ ଥାନା ପୋଲିସ ଚଢାଉ କରି ୫ ଶିଶୁ ସମେତ ୧୧ ଦାଦନ ଶ୍ରମିକ କର୍ଲାବାହାଲି ଛକରୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ନାନ୍ଦୁପଲା ପଞ୍ଚାୟତ ଦୁଦୁଙ୍ଗଦର୍ହା ଗାଁର ବୋଲି ଜଣାଯାଇଛି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳ ଓ ୬ ଜଣ ପୁରୁଷ ଥିବା ଜଣାଯାଇଛି। ଶିଶୁମାନେ ସେମାନଙ୍କ ସହ ଥିଲେ ।

ପ୍ରକାଶ ଯେ, ଦାଦନ ସର୍ଦ୍ଦାର ପାଟଣାଗଡ ଥାନା ବରବାହାଲ ଗାଁର ମନୁ ନାଗ (୩୧) ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ନେବା ବେଳେ କର୍ଲାବାହାଲି ଛକରେ ଗାଡି ପାଇଁ ଅପେକ୍ଷା କରିଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ଚଢାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରିଥିଲା। ଏନେଇ ଖପ୍ରାଖୋଲ ଥାନାରେ ୨୫୭/୨୫ରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ବାଳିକାରେ ଟିଟିଲାଗଡ଼ ଓ ବାଳକରେ ବଲାଙ୍ଗୀର ଚାମ୍ପିୟନ



ଉଦ୍‌ଯାପନୀ ଦିବସରେ ଚାମ୍ପିୟନ ଟିଟିଲାଗଡ ବାଳିକା ଦଳକୁ ପୁରସ୍କୃତ କରାଯାଉଛି ।

**ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ହାଇସ୍କୁଲ ଖେଳପଡିଆଠାରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକଙ୍କ ସଭାପତିତ୍ୱରେ ତଥା ଭାଲେର ହାଇସ୍କୁଲର ଖେଳଶିକ୍ଷକ ହେମନ୍ତ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରବୀର କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଫୁଟବଲ ପ୍ରଶିକ୍ଷକ ପରାସର ବାଗ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତ ବାରିକ, ସୁନୀଲଚନ୍ଦ୍ର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବ୍ଲକ ସଂଗଠନ ସମ୍ପାଦକ ଉମେଶଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶରେ ଖେଳକୁଦର ଆବଶ୍ୟତା ଉପରେ ମତପ୍ରକାଶ କରିଥିଲେ । ବନ୍ଧପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପାଲେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଚାମ୍ପିୟନଶିପରେ ଜିଲାର ୧୪ଟି ବ୍ଲକର ୨୦୭ଜଣ ଛାତ୍ର ଭାଗ ନେଇଥିବା ବେଳେ ବାଳିକା ବିଭାଗରେ ୧୧୨ଜଣ ଛାତ୍ରୀ ଭାଗ ନେଇଥିଲେ। ସର୍ବମୋଟ ୨୨ଟି ଦଳ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୭ବର୍ଷରୁ କମ ବାଳିକା ବିଭାଗରେ ଟିଟିଲାଗଡ ଦଳ ୪-୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ପୁଇଁନ୍ତଲା ଦଳ ରନର ଅପ୍ ହୋଇଥିଲେ । ସେହିପରି ୧୭ବର୍ଷରୁ କମ ବାଳକ ବିଭାଗରେ ବଲାଙ୍ଗୀର ଦଳ ଟାଇବ୍ରେକର ଜରିଆରେ ୪-୩ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଲୋଇସିଂହା ରନର ଅପ ହୋଇଥିଲେ । ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଏଥିରୁ ଉଭୟ ବିଭାଗରୁ ୧୬ଜଣ ଲେଖାଏ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିବା ସୂଚନା ଦିଆଯାଇଛି। ସୁଶାନ୍ତ କୁମାର ନାଗ, ଆଶିଷ ସା ଆବାହକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏନ.ଏସ ନାଇଡୁ, ବୈକୁଣ୍ଠ ଜେନା, ବିନୋଦ ବେହେରା,ନବୀନ ସରାଫଙ୍କ ସମେତ ବ୍ଲକର ସମସ୍ତ ଖେଳଶିକ୍ଷକ ଓ ସ୍ଥାନୀୟ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

# ସାଇବର ସୁରକ୍ଷା ସଚେତନତା ଶିବିର

ଟିଟିଲାଗଡ଼, ୧।୧୧ (ଶରତ ମିଶ୍ର)

ଟିଟିଲାଗଡ଼ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ନେଇ ଏକ ସଚେତନତା ଶିବିର ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ବର୍ତ୍ତମାନ ସାଇବର ଅପରାଧ ଆମ ପାଇଁ ଏକ ମୁଖ୍ୟ ଆହ୍ୱାନ ବୋଲି କହିଥିଲେ । ବଲାଙ୍ଗୀର ସାଇବର ସେଲ ଇନ୍ସପେକ୍ଟର ଭାରତୀ ନାୟକ କହିଥିଲେ, ପୂର୍ବଭଳି ସାଇବର ଠକ ଆଉ କୌଣସି ଓଟିପିର ଆବଶ୍ୟକ କରୁନାହାନ୍ତି। ସିଧାସଳଖ ବିଭିନ୍ନ ଲିଙ୍କ ଜରିଆରେ ମୋବାଇଲ ଫୋନ ମାଧ୍ୟମରେ ସମସ୍ତ ଡାଟା ସଂଗ୍ରହ ସହ ଲୁଟପାଟ ଚଳାଇଛନ୍ତି। ଏଣୁ ନିଜ ଫୋନକୁ ସୁରକ୍ଷିତ ରଖିବା ସହ କୌଣସି ଲିଙ୍କ, ଫଟୋ, ଭିଡିଓକୁ ଡାଉନଲୋଡ଼ ନ କରିବାକୁ ପରାମର୍ଶ ଦେଇଥିଲେ । ଟିଟିଲାଗଡ଼ ତହସିଲଦାର ସୁଭାଶିଷ ଶତପଥୀ, ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ଆଇଆଇସି କଲ୍ୟାଣୀ ବେହେରା, କଣ୍ଠ ଶିଳ୍ପୀ ରୁକୁ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୋଲିସ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

# ଟିଟିଲାଗଡ଼ରେ ବିଜେଡିର ପଦଯାତ୍ରା

ଟିଟିଲାଗଡ଼,୧।୧୧(ଶରତ ମିଶ୍ର)

ଟିଟିଲାଗଡ଼ ବିଜେଡ଼ି ପକ୍ଷରୁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ ୯ରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନେକେଲା ଗ୍ରାମ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ଅନେକ ତୁଙ୍ଗ ନେତା,କର୍ମୀ, ମହିଳା ସାମିଲ ହୋଇଥିଲେ। ଏହି ଅବସରରେ ବିନେକେଲା ଖେଳ ପଡିଆରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସାହୁ ଯୋଗଦେଇ ବିଜେଡ଼ି ସରକାର ସମୟରେ ଏହି ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କହିଥିଲେ । ବର୍ତ୍ତମାନ ଟିଟିଲାଗଡ଼ରେ ପିସି କାରବାର ଜୋରଦାର ଚାଲିଥିବା ଅଭିଯୋଗ କରିଥିଲେ। ଦଳର ବରିଷ୍ଠ ନେତା ରାଜେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା , ବରିଷ୍ଠ ନେତା ଆଇନଜୀବୀ ଶ୍ୟାମ ପ୍ରସାଦ ଗରିଆ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଁକି ପୋଢ଼, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ଭକ୍ତରାମ ମାଝୀ, ରମାକାନ୍ତି ପୁଟେଲ, ଭରତ ତାଣ୍ଡି, ବ୍ଲକ ବିଜେଡ଼ି ସଭାପତି ପଦ୍ମଲୋଚନ ପୋଢ଼, ବ୍ଲକ ଯୁବ ସଭାପତି ସୁଧୀର ପଟ୍ଟନାୟକ, ନଗର ସଭାପତି ରଣ ପୃଷ୍ଟି ଯୋଗଦେଇ ବର୍ତ୍ତମାନର ଭାଜପା ସରକାର ରାଜ୍ୟକୁ ତଳିତଳାନ୍ତ କରି ଚାଲିଥିବା ଅଭିଯୋଗ କରିଥିଲେ । ଦଳର ବରିଷ୍ଠ ନେତା ଆଇନଜୀବୀ ବିପିନ ପୃଷ୍ଟି, ଜିତେନ୍ଦ୍ର ବର୍ଗଡ଼ି, ବିରଞ୍ଚି ବେହେରା, ଦୈତାରୀ ନାଗ, ହେମରାଜ ପୋଢ଼, ରଜନୀ ଗଡତିଆ, ସରପଞ୍ଚ ନରେଶ ଅଗ୍ରୱାଲ, ମୁନିରାମ ଖରସେଲ, ପ୍ରକାଶ ମହାନନ୍ଦ, କୁଳମଣି ବେହେରା,ସମିତି ସଭ୍ୟ କମଲ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଧଣ୍ଡାମୁଣ୍ଡାରେ ବିଜ୍ଞାନ ପ୍ରଦର୍ଶନୀ

ଖପ୍ରାଖୋଲ,୧।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ହାଇସ୍କୁଲଠାରେ ଏକ ବିଜ୍ଞାନ ପ୍ରଦର୍ଶନୀ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା । ପ୍ରାୟ ପନ୍ଦର ଜଣ ଛାତ୍ରୀଛାତ୍ର ସବୁଜ ଶକ୍ତି, ସ୍ଥାୟୀ କୃଷି, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଗାଣିତିକ ମଡେଲିଂ, ଜଳ ସଂରକ୍ଷଣ ଏବଂ ପରିଚାଳନା, ସ୍ୱାସ୍ଥ୍ୟ ଏବଂ ପରିମଳ, ଅପଚୟ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ ବିଷୟବସ୍ତୁ ଉପରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଅମୂଲ୍ୟ କୁମାର ଭୋଇ ଯୋଗଦେଇ ସମସ୍ତ ପ୍ରକଳ୍ପ ଦେଖିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଜେୟ କୁମାର ଭୋଇ, ବିଜ୍ଞାନ ଶିକ୍ଷୟିତ୍ରୀ ନିକିତା ସାହୁ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ୩୯ ତମ ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

କଣ୍ଟାବାଞ୍ଜି,୧।୧୧(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ଗ୍ରାମସ୍ଥିତ ସର୍ବସାଧାରଣ ଖେଳପଡ଼ିଆଠାରେ ୩୯ ତମ ଧନୁଯାତ୍ରା ମହୋତ୍ସବ ପାଇଁ ଶନିବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବୀ ମା' ଦ୍ୱାରସେନ୍ନିଙ୍କ ପୀଠରେ ପୂଜାର୍ଚ୍ଚନା ପରେ ବିଶାଳ ଶୋଭାଯାତ୍ରାରେ ମଶାଲ ଧନୁଯାତ୍ରା ପଡ଼ିଆକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଧାୟକ ଲକ୍ଷ୍ମଣ ବାଗ ସାମିଲ ଥିଲେ। ଚଳିତବର୍ଷ ରଙ୍ଗମଞ୍ଚରେ ପୌରାଣିକ କଥାବସ୍ତୁ ଆଧାରିତ ନାଟ୍ୟାଭିନୟ ପରିବେଷିତ ହେବ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହେଉଅଛି। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତୁଳସୀ ରାମ ହଂସ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ଉପସଭାପତି ଜମିଦାର ଶରତ ଚନ୍ଦ୍ର ସିଂ ଭୋଇ, ଉପସଭାପତି ଡ. ନାରାୟଣ ମିଶ୍ର, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ,ସାଂସ୍କୃତିକ ସମ୍ପାଦକ ଘନଶ୍ୟାମ ମନହିରା, ଅର୍ଥ କମିଟି ସମ୍ପାଦକ ବିଦ୍ୟା ଜୈନ,ଗୋପପୁର କମିଟି ସଭାପତି ବିନୋଦ ମେହେର, ହୁଲେଶ୍ୱର ହଂସ, ଅଶୋକ ନାରାୟଣ ଭୋଇଙ୍କ ସମେତ ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ତଥା ଗ୍ରାମବାସୀ ବଜାଗଜା ସହିତ ମନ୍ଦିରରୁ ମଶାଲ ନେଇ ଧନୁଯାତ୍ରା ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ବିଧାୟକ ବାଗ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ବିଶ୍ୱଜିତ ସ୍ୱାଇଁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମାଝୀ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ଥାନା ଅଧିକାରୀ ସଞ୍ଜୀବ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ।

# ମୋନ୍ଥା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି, ଚିନ୍ତାରେ ଚାଷୀ

ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକରେ ବାତ୍ୟା ମୋନ୍ଥା ପ୍ରଭାବରେ ବର୍ଷା ଓ ପବନ ହେବାରୁ ଶତାଧିକ ହେକ୍ଟର ଖରିଫ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ପାଇଁ ଜିଲାପାଳଙ୍କ ଜରିଆରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଦାଖଲ ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ହେଲେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ସର୍ଭେ ଅଦ୍ୟାବଧି ଆରମ୍ଭ କରାଯାଇନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କୁ ସୁହାଇଲା ପରି ଉପରଠାଉରିଆ ରିପୋର୍ଟ ଦେଇ ଚାଷୀଙ୍କୁ ସହାୟତାରୁ ବଞ୍ଚିତ କରାଯିବ ବୋଲି ଚାଷୀ ଓ ଚାଷୀ ସଂଗଠନ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି । ଖରିଫ ଚାଷ ପ୍ରାରମ୍ଭରେ ବର୍ଷାରେ ଅନିୟମିତତା ଯୋଗୁ ଅନେକ ଜମି ପଡିଆ ପଡିଛି। ନିୟମିତ ଭାବେ ପଛୁଆ ବର୍ଷା ହେବାରୁ ବାହାଲା ଜମିରେ ଚାଷ ହେବା ସହ ଭଲ ଚାଷ ହୋଇଛି । ଚାଷରେ ରୋଗପୋକ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଥିଲା। ରୋଗପୋକ ଦମନ ପାଇଁ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଥିଲା। ଏପରି ପରିସ୍ଥିତିରେ ଚାଷୀ ଫସଲ ଅମଳ କରି ଘରକୁ ଆଣିବାକୁ ବସିଥିବା ବେଳେ ବାତ୍ୟା ପରିସ୍ଥିତିକୁ ବିଗାଡି ଦେଇଛି । ବାତ୍ୟା ପ୍ରଭାବରେ ପବନ ଯୋଗୁ ଅଧିକାଂଶ ଖେତର ପାଚିଲା ଧାନ ଜମିରେ ଶୋଇ ପଡିଛି। ଏହା ଗଜା ହେବାର ଆଶଙ୍କା ଦେଖାଦେଇଛି। ଲୋଇସିଂହା ବ୍ଲକର ଛେଲବାହାଲ ସମେତ ବିଭିନ୍ନ ଗ୍ରାମର ଚାଷୀମାନେ ପାଣିରେ ଭିଜୁଥିବା ଧାନଗଛକୁ ବିଡା ବାନ୍ଧୁଥିବା ଦେଖିବାକୁ ମିଳିଛି । ଏପରି ନକଲେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଛେଲବାହାଲ ଗ୍ରାମର ଚାଷୀ ଗୁଣମଣୀ ବାରିକ ଓ କିରଟି ଧରୁଆ କହିଛନ୍ତି। ଶୁକ୍ରବାର ରୁଗୁଡିଖାଲଠାରେ ଲୋଇସିଂହା ଓ ଆଗଲପୁର ବ୍ଲକର ମିଳିତ କୃଷକ ସଂଘର୍ଷ ସମିତିର ଏକ ବୈଠକ ବସିଥିଲା । ଖରିଫ ଚାଷ ଓ ଚାଷୀ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବାତ୍ୟା ମୋନ୍ଥା ପ୍ରଭାବରେ ବ୍ୟାପକ ଫସଲ କ୍ଷତି ହୋଇଥିବାରୁ ବୈଠକରେ ଚିନ୍ତା ବ୍ୟକ୍ତ କରାଯାଇଥିଲା । ଉପଯୁକ୍ତ କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନକୁ ନିବେଦନ କରାଯାଇଛି। ଯଦି କ୍ଷୟକ୍ଷତି ଆକଳନ ରିପୋର୍ଟରେ କୌଣସି ତ୍ରୁଟି ହୁଏ ଏବଂ ଚାଷୀ ସହାୟତାରୁ ବଞ୍ଚିତ ହୁଅନ୍ତି, ତେବେ ସଂଗଠନ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି ।


ପାଣିରେ ଭିଜୁଥିବା ଧାନକୁ ବିଡ଼ା ବାନ୍ଧୁଛନ୍ତି ଛେଲବାହାଲ ଗ୍ରାମର ଜଣେ ଚାଷୀ ।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Nimapara Irrigation Division, Nimapara
OIPR-32097/11/0028/2526

Government of Odisha
No.Z-:
Information and Public Relations Department
Lok Sampark Bhawan, Bhubaneswar
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

# ସୁବର୍ଣ୍ଣପୁରରେ ମିଶନ ଆଶ୍ରା ଉଦ୍‌ଘାଟିତ

**ସୋନପୁର,୧।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ମାନସିକ ଅସହାୟ ମହିଳା ଓ ପୁରୁଷମାନଙ୍କ ପାଇଁ ଆଶ୍ରୟ ଓ ଥଇଥାନ କେନ୍ଦ୍ର ମିଶନ ଆଶ୍ରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଭାଗିତାରେ ଓଡ଼ିଶା ପିପୁଲସ ଫୋରମ ଦ୍ୱାରା ଏହି କେନ୍ଦ୍ର ପରିଚାଳିତ ହେବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କାରିଥିଲେ। ଜିଲାପାଳ ଡା. ସାହୁ କହିଥିଲେ ଏହି ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରୟ ଓ ଥଇଥାନ କେନ୍ଦ୍ର ଲାଗି ଓଡ଼ିଶା ସରକାର ଅନୁମୋଦନ ଦେଇଛନ୍ତି। ଆଗାମୀ ଦିନରେ ମାନସିକ ରୋଗରେ ପୀଡିତ ଅସହାୟ ମହିଳା ଓ ପୁରୁଷ ଏହି କେନ୍ଦ୍ରରେ ରହି ଭଲ ହୋଇ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବେ। ଏହି କେନ୍ଦ୍ରକୁ ପିପୁଲସ ଫୋରମ ପରିଚାଳନା କରିବ ବୋଲି କହି ଜୀବନରେ ମାନବିକ ସମ୍ପର୍କ ଖୁବ ଆବଶ୍ୟକ, କ୍ଷଣିକ ମୁହୂର୍ତ୍ତକୁ ଆମେ ନିୟନ୍ତ୍ରଣ କରି ପାରିଲେ ପରିବାରରୁ ସମାଜରୁ ଆମକୁ ନିର୍ବାସିତ ହେବା ଭଳି ପରିସ୍ଥିତି କେବେ ଆସିବନି ବୋଲି କହିଥିଲେ। ତେଣୁ ଶ୍ରଦ୍ଧା ପୂର୍ଣ୍ଣ ହୃଦୟ, ସ୍ନେହପୂର୍ଣ୍ଣ ଛାତି ଓ ଛଳନା ବିହୀନ ମନ ନେଇ ଚାଲିଲେ ଆଜିର ଏଇ ମିଶନରେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। କାଯ୍ୟକ୍ରମରେ ପିପୁଲସ ଫୋରମର କାଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ମାନସିକ ରୋଗୀର ଚିକିତ୍ସା ପାଇଁ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆଙ୍କ ଭଳି ସମ୍ବେଦନଶୀଳ ମନଟିଏ ହେବା ଜରୁରୀ ବୋଲି କହିଥିଲେ। ଏଠାରେ ମାନସିକ ରୋଗୀଙ୍କ ପାଇଁ ଖାଦ୍ୟ, ପାନୀୟ, ରହିବାର ବ୍ୟବସ୍ଥା ସାଙ୍ଗକୁ ଉପଯୁକ୍ତ ଚିକିତ୍ସା ଓ ଧନ୍ଦାମୂଳକ ତାଲିମ ଦିଆଯିବ। ଯାହା ଦ୍ୱାରା ମହିଳା ଓ ପୁରୁଷମାନେ ପରବର୍ତ୍ତୀ ସମୟରେ ଆତ୍ମ ନିର୍ଭରଶୀଳ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାଶ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଅନୁପମା ପଣ୍ଡା, ଏଡିଏମଓ ଡାକ୍ତର ଦୈତ୍ୟନାରାୟଣ ପାଢ଼ୀ, ଏଡିଏମ୍‌ଓ ଡାକ୍ତର ଦୁର୍ଗାଦତ୍ତ ଦାଶ ଓ ଡ଼କ୍ଟର ତ୍ରିବିକ୍ରମ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।


ସୁବର୍ଣ୍ଣପୁର ଜିଲାପାଳ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

**ମାନସିକ ରୋଗୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରୟ ଓ ଥଇଥାନ କେନ୍ଦ୍ର**

# ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

**ଘଣ୍ଟାପଡ଼ା,୧।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦମାମୁଣ୍ଡା ହାଇସ୍କୁଲ ଖେଳ ପଡିଆରେ ଶନିବାର ଜିଲା ବିଦ୍ୟାଳୟ ସମୂହ ଖୋଖୋ, ଯୋଗ ଏବଂ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଟେମଲାଲ୍ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ଯୋଗ ଓ କ୍ରୀଡ଼ାର ଆବଶ୍ୟକତା ନେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲାପାଳ ବିଭୂତି ଭୂଷଣ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୁଧବାରଠାରୁ ଆରମ୍ଭ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାକୁ ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ଆନନ୍ଦ କୁମାର ବେହେରା ଓ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ବୌଦ୍ଧରେ ଦୁର୍ନୀତି ନିବାରଣ ସଚେତନତା ସଭା

**ବୌଦ୍ଧ,୧।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସଭା ଓ ଶପଥ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧୁତାର ଶପଥ ପାଠ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର କହଁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସଂଘମିତ୍ରା ପଣ୍ଡା, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଅଧ୍ୟାପକ ପ୍ରବୀର କୁମାର ଦାସ, ରଜନୀକାନ୍ତ ଦାସ ପ୍ରମୁଖ ଦୁର୍ନୀତି ନିବାରଣ ଆମର ସାମୂହିକ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଜୁନିୟର କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ତରଭା, ୧।୧୧(ମାନଭଞ୍ଜନ ମିଶ୍ର)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଜୁନିୟର କଲେଜ ଅଧ୍ୟକ୍ଷ ବସନ୍ତ ମନହିରା ଶୁକ୍ରବାର କର୍ମମୟ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ନିଜ ଜନ୍ମମାଟି ପଡୋଶୀ ଜିଲା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବଡ଼ଭାଇଁରୋ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ବଡ଼ଭଇଁରୋ ହାଇସ୍କୁଲ ପକ୍ଷରୁ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମନହିରାଙ୍କୁ ବଡ଼ଭଇଁରୋ ହାଇସ୍କୁଲ ପକ୍ଷରୁ ଗ୍ରାମବାସୀ ଏକ ରଲିରେ ଗ୍ରାମ ପରିକ୍ରମା କରି ସଭା ମଣ୍ଡପକୁ ପାଛୋଟି ଆଣିଥିଲେ। ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶିବ ପ୍ରସାଦ କୁଆଁର, ପୂର୍ବତନ ଶିବତୁଲା ସରପଞ୍ଚ ଉପେନ୍ଦ୍ର ନିୟାଳି, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ନାଏକ, ବଡ଼ଭଇଁରୋ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମିଶ୍ର, ଜରାସିଂହା କଲେଜ ଅଧ୍ୟକ୍ଷ ଧୂବେଇ ପଟେଲ, କୁନ୍ତରା କଲେଜ ଅଧ୍ୟକ୍ଷ ରଞ୍ଜନ ପାଣିଗ୍ରାହୀ, ଜନାର୍ଦନ ଘିବେଲା ମଞ୍ଚାସୀନ ଥିଲେ। ମନହିରାଙ୍କ କର୍ମମୟ ଜୀବନ ଉପରେ ଅତିଥିମାନେ ମତ ରଖିଥିଲେ। ସମ୍ପତି ଘିବେଲା ଓ ନୀଳକଣ୍ଠ ବଗର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ଯାଦବ ସମାଜ ପକ୍ଷରୁ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୀଳକଣ୍ଠ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଢୋଲ ନିଶାନରେ ଝୁମିଲେ ଦର୍ଶକ

**ବିନିକା, ୧।୧୧(ରାମ ଗୋପାଳ ବାଘ)**

**ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦାଠାରେ ମା’ ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଢୋଲ ନିଶାନ ଓ ସଙ୍ଗୀତର ସାଂସ୍କୃତିକ ସନ୍ଧ୍ୟାରେ ଝୁମି ଉଠିଥିଲେ ଦର୍ଶକ। କମିଟି ସଭାପତି ଅଶୋକ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ସୁବର୍ଣ୍ଣପୁର ଜିଲା ସଭାପତି ବେଣୁଧର ଦାଶ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଜିଲା ଯୁବମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ଏମ୍‌ପି ପ୍ରତିନିଧି ସାନନ୍ଦ ମେହେର, ବିଶ୍ୱମ୍ଭର ମିଶ୍ର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଳତା, ଚରଦେଇ ମଣ୍ଡଳ ସଭାପତି ଉଦ୍ଧବ ମହାକୁର, ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବ କମିଟି ଉପଦେଷ୍ଟା ବାବୁଲୁ ବିଶି ଯୋଗ ଦେଇଥିଲେ। ମା’ ଚରଦେଇ ସାଂସ୍କୃତିକ ସମ୍ମାନରେ ଅନ୍ତରାଷ୍ଟ୍ରୀୟ ଚିତ୍ରଶିଳ୍ପୀ ଅଶୋକ କୁମାର ମହାକୁର ଏବଂ ଟାଏକୋଣ୍ଡୋ ଖେଳାଳି ଅନୁଷ୍କା ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ଓ ସସ୍ମିତା ପରମଗୁରୁ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଦେବାନନ୍ଦ ଦାଶ, ମାଧବ ଭୋଇ, ଅଲିଶା ମିଶ୍ର, କୁମାର ଉପେନ, ସୁପ୍ରିୟା ଶର୍ମା ସଙ୍ଗୀତ ପରିବେଷଣ କରିଥିଲେ। ଲୋକନୃତ୍ୟ ପରିବେଷଣରେ ନୃତ୍ୟ ନିକେତନ ବିନିକା, ପଞ୍ଚବାଦ୍ୟ ସମ୍ବଲପୁର, ବଉଳି କଳା ପରିଷଦ ବୌଦ୍ଧ, ରୁମକୁ ଝୁମାନା ସୁବର୍ଣ୍ଣପୁର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ ବୃନ୍ଦ।

**ଡୁଙ୍ଗୁରିପାଲି, ୧।୧୧ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ସହଲା ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସିଆରସିସି ରଞ୍ଜନ କୁମାର ଦାଶ ଯୋଗଦେଇଥିଲେ। ଚଳିତ ନଭେମ୍ବର ମାସରେ ହେବାକୁ ଥିବା ଶୈକ୍ଷିକ କ୍ୟାଲେଣ୍ଡର ଅନୁସାରେ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ଶ୍ରେଣୀ ପାଇଁ ଭାଷା, ଗଣିତ, ସାମାଜିକ ଆବେଗିକ ଓ ନୈତିକ ବିକାଶ ଉପରେ ଶିକ୍ଷ୍ୟାଦାନ, ବହୁ ଶ୍ରେଣୀ ପରିଚାଳନା, ଜିଲ୍ଲାଭିତ୍ତିକ ଶୈକ୍ଷିକ ଆଲୋଚନା, ନିପୁଣ ବିଦ୍ୟାଳୟ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପାଇଁ ସରକାରଙ୍କ ନୂତନ ପଦ୍ଧତି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ କ୍ଲଷ୍ଟରର ରବିଚନ୍ଦ୍ର ମିଶ୍ର, ଶିବ ପ୍ରସାଦ ରଣା, ଅଭିରାମ ବାରିକ, ଥବିର ଦୋରା, କୈଳାସ ଚନ୍ଦ୍ର ସେଠ, ରମେଶ ସାଥୁଆ, ଚକ୍ରଧର ବାରିକ, ଗୋପାଳ କୁମାର ଦାସ, ଆରତୀ ପଧାନ, ଗାୟତ୍ରୀ ଷାଣ୍ଢ, ବିଥିକା ଭୋଇ, ଜ୍ୟୋସ୍ନା ମାଝୀ, ଉରକୁଲି ଭୋଇ, ସୁକାନ୍ତି ବାଗ, ସସ୍ମିତା ମେହେର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଚାଲାଣ: ୨ ଜେସିବି, ୪ ଟ୍ରାକ୍ଟର ଜବତ

**କଣ୍ଟାମାଳ,୧।୧୧(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହାନଦୀର କିଲ୍ଲା ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଚଢାଉ କରାଯାଇଛି। ଜିଲାପାଳ ବିଭୂତି ଭୂଷଣ ନାଏକ ଓ ଏସ୍‌ପି ରାହୁଲ ଗୋଏଲ ମିଳିତ ଭାବେ ଚଢାଉ କରି ବେଆଇନ୍ ବାଲି ଉତ୍ତୋଳନ ଅଭିଯୋଗରେ ୨ଟି ଜେସିବି ମେଶିନ ଓ ୪ଟି ଟ୍ରାକ୍ଟର ଜବତ କରିଛନ୍ତି। ଆଗକୁ ଖଣିଜ ସମ୍ପଦ ଉତ୍ତୋଳନ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।



# ବଘିଆପଡ଼ାରେ ଲକ୍ଷପତି ଦିଦିଙ୍କୁ ଋଣ ବଣ୍ଟନ

**ବଘିଆପଡ଼ା,୧।୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ବଘିଆପଡା ଏସ୍‌ବିଆଇ ପକ୍ଷରୁ ବ୍ୟାଙ୍କ ମିତ୍ର ସସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ୪ ଜଣ ମିଶନ ଶକ୍ତି ମହିଳାଙ୍କୁ ଶନିବାର ଲକ୍ଷପତି ଦିଦି ଋଣ ବଣ୍ଟନ କରାଯାଇଛି। ଏହି କ୍ରମରେ ବଘିଆପଡାର ମମତା ସାହୁଙ୍କୁ ଏକ ଲକ୍ଷ ଟଙ୍କା, ଅଞ୍ଜନା ପ୍ରଧାନଙ୍କୁ ଏକ ଲକ୍ଷ ଟଙ୍କା, ଉର୍ମିଳା ବେହେରାଙ୍କୁ ଦୁଇ ଲକ୍ଷ ଟଙ୍କା, ସବିତା ରଣାଙ୍କୁ ଦୁଇ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଋଣ ବଣ୍ଟନ ସମୟରେ ମିଶନ ଶକ୍ତିର ଜିଲା ସଭାନେତ୍ରୀ ତପସ୍ୱିନୀ ଶତପଥୀ, ସମ୍ପାଦିକା ପ୍ରତିମା ସରାପ, ଏମ୍‌ବିକେ ସୁନିତା ଭୋଇ, କ୍ଷେତ୍ର ଅଧିକାରୀ ଅଶିଖ ଖାଁ, ସହ ସିଆର୍‌ପି, ଇସି ଓ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ। ବଘିଆପଡା ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦ ଜଣ ମହିଳାଙ୍କୁ ଲକ୍ଷପତି ଦିଦିରେ ସାମିଲ କରାଯାଇଛି। ଏଥିରେ ସମସ୍ତଙ୍କୁ ଋଣ ଦିଆଯିବାକୁ ପ୍ରସ୍ତାବ ରଖାଯାଇଥିବା ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ଗ୍ୟାସ୍ ବୋଝେଇ ଟ୍ରକ୍‌ରେ ନିଆଁ

**ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ**

**ବୀରମହାରାଜପୁର, ୧।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର–ରେଢ଼ାଖୋଲ ରାସ୍ତାର ଜଟେସିଂହା ହରିହର ଯୋର୍ ପୋଲ ଉପରେ ଶନିବାର ପ୍ରାୟ ରାତି ପ୍ରାୟ ୯ଟାରେ ଏକ ଇଣ୍ଡିଆନ ଗ୍ୟାସ ବୋଝେଇ ଟ୍ରକରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ବୀରମହାରାଜପୁର ଅଗ୍ନିଶମ ବିଭାଗର ତିନୋଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ ଏକ ବଡ଼ ଅଘଟଣକୁ ଏଡାଇ ଦିଆଯାଇ ପାରିଛି। ମିଳିଥିବା ସୂଚନା ଅନୁସାରେ ଟ୍ରକ (ନଂ.ଓଡି–୩୧–ଇ୬୮୬୬)ଟି ରେଢ଼ାଖୋଲ ପଟୁ ବୀରମହାରାଜପୁରକୁ ଆସୁଥିବା ବେଳେ ଏହି ଘଟଣା ଘଟିଥିଲା।

No.A-814

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NIMAPARA IRRIGATION DIVISION, NIMAPARA**

Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

**Government of Odisha** No.Z-:
**Information and Public Relations Department**
**Lok Sampark Bhawan, Bhubaneswar**
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

**REQUEST FOR PROPOSAL SHORT TENDER NOTICE**

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଚାରପାଲି ଗ୍ରାମରେ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ମୁକେଶ ମାଝୀ(୨୮)। ବଡ଼ଗାଁ ଥାନା ଅତିରିକ୍ତ ଆଇଆଇସି ଖଗପତି ବିଶାଳ ଘଟଣା ସ୍ଥଳରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ଜଣା ପଡିନାହିଁ। ମୃତ ମୁକେଶ ଗ୍ରାମ ନିକଟସ୍ଥ ପେଟ୍ରୋଲ ପମ୍ପରେ କାମ କରୁଥିବା ବେଳେ ଏକ ସପ୍ତାହ ହେଲା କାମକୁ ଯାଇ ନ ଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

ରାଜଗାଙ୍ଗପୁର,୧।୧୧(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧୀନ କୁକୁଡା ଗ୍ରାମରେ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକହେଲେ ଜାକ୍ରିଆସ ଟପ୍ପୋ(୪୮)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଜାକ୍ରିଆସ ଶୁକ୍ରବାର ରାତିରେ ଖାଇପିଇ ଶୋଇଥିଲେ। ଶନିବାର ସକାଳେ ପରିବାର ଲୋକେ ଜାକ୍ରିଆସଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ପରେ ଫାଣ୍ଡି ଅଧିକାରୀ ପ୍ରିତିରଞ୍ଜନ ପରିଡାଙ୍କୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାରିବାରିକ କଳହ ତଥା ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବାର ଅନୁମାନ କରାଯାଉଛି।

### ଭେଷଜ ମହାବିଦ୍ୟାଳୟରେ ସତର୍କତା ସଚେତନତା ସପ୍ତାହ

ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି): ଗତ ସପ୍ତାହେ ବ୍ୟାପୀ ହେମଗିର ବ୍ଲକ ସ୍ଥିତ ଭେଷଜ ମହାବିଦ୍ୟାଳୟ ଡୁଡୁକାଠାରେ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶପଥ ଗ୍ରହଣ ଉତ୍ସବ, ସଚେତନତା ରାଲି, ସଚେତନତା ସଭାର ଆୟୋଜନ ମହାବିଦ୍ୟାଳୟର ଅଧକ୍ଷା ମିନତୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜନୀତି ବିଭାଗର ପ୍ରଫେସର ଡ. ଦିପ୍ତିମୟୀ ସେଠ ପିଲାମାନଙ୍କ ସତର୍କତା ସଚେତନତା ସପ୍ତାହ ବିଷୟରେ ନିଜ ଅଭିଭାଷଣ ମାଧମରେ ବୁଝାଇଥିଲେ। ଏହା ସହିତ ଶନିବାର ପିଲାମାନଙ୍କ ମଧ୍ୟରେ ଏକ ପୋଷ୍ଟର ପ୍ୟାଣ୍ଟିଙ୍ଗ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡିକରେ ମହାବିଦ୍ୟାଳୟର ସମସ୍ତ ଅଧିପିକା, ଅଧାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ର ସକ୍ରିୟ ଭାବରେ ଅଂଶଗ୍ରହଣ କାରିଥିଲେ।

### ଜମିକୁ ରାସ୍ତା ଛାଡ଼ିବାକୁ ଦାବି

ବଡ଼ଗାଁ,୧।୧୧(ଅଶୋକ ଷଡଙ୍ଗୀ) : ସୁନ୍ଦରଗଡ଼ ଜିଲା ବଡ଼ଗାଁର ଗଏଲୋଗଡ଼ରେ ଥିବା କେତେଜଣ ଚାଷୀଙ୍କ ଜମିକୁ ରାସ୍ତା ଛାଡ଼ିବାକୁ ଦାବି କରାଯାଇଛି। ଶିଶୁ ଉଦ୍ୟାନ ନିର୍ମାଣ ସମୟରେ ତାଙ୍କର ଚାଷ ଜମିକୁ ଯିବା ଆସିବାପାଇଁ ରାସ୍ତା ଅବରୋଧ ହେବାର ସମ୍ଭାବନାକୁ ଦେଖି ଚାଷୀମାନେ ଏହି ସମ୍ପର୍କରେ ବଡ଼ଗାଁ ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି। ସେମାନେ ଶିଶୁ ଉଦ୍ୟାନ ନିର୍ମାଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହିବା ସହ ସେମାନଙ୍କର ଚାଷ ଜମିକୁ ଯିବା ଆସିବାପାଇଁ ରାସ୍ତା ଛାଡିବାକୁ ଦାବି କରିଛନ୍ତି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ସୁଗାଡା ସଏ ତହସିଲଦାରଙ୍କୁ ରାସ୍ତା ଛାଡ଼ିବାକୁ ଅନୁରୋଧ ପତ୍ର ଦେଇଛନ୍ତି। ବଡ଼ଗାଁର ପରମାନନ୍ଦ ପାଣିଗ୍ରାହୀ, ପ୍ରଦୀପ କୁମାର ସା, କୈତୁକ ପୃଷେଟ, ସଞ୍ଜୀବ ଚକ୍ରବର୍ତ୍ତୀଙ୍କ ସହିତ ଚାଷୀମାନେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ନୂଆଁଖାଇ ଭେଟ୍‌ଘାଟ୍‌ରେ ସାମିଲ ଗ୍ରାମର ମହିଳା ଓ ପୁରୁଷ।

# ସୁନାରୀ ସମାଜର ସ୍ୱର୍ଣ୍ଣ ଜୟନ୍ତୀ, ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ,୧।୧୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସୁନାରିସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ସଭାପତି ପର୍ଶୁରାମ ସରାଫ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସଭାପତି ବାସୁଦେବ ସରାଫ, କାର୍ଯ୍ୟକାରୀ ସଭାପତି ନେପାଳଚନ୍ଦ୍ର ସାହୁ, ପୂର୍ବତନ ସମ୍ପାଦକ ପଦ୍ମଲୋଚନ ସରାଫ, ସମ୍ପାଦକ ଅପୂର୍ଣ୍ଣ ସରାଫ, ପୂର୍ବତନ ଉପସଭାପତି ନେତ୍ରାନନ୍ଦ ସାହୁ ସରାଫ, ପୂର୍ବତନ ସହ ସମ୍ପାଦକ ମୁନୁ ସରାଫ ତଥା ରାଜ୍ୟ କମିଟିର ଆସିଥିବା ସୁରେଶ ଚନ୍ଦ୍ର ବୈଠାରୁ ଓ ସୁରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ନିଜ ନିଜ ଅଭିଭାଷଣରେ ସମାଜର ଉତ୍ତରୋତ୍ତର କାମନା କରିଥିଲେ। ସମାଜର ଶିକ୍ଷା, ସାମାଜିକ, ଅର୍ଥନୈତିକ, ବ୍ୟବସାୟୀକ କ୍ଷେତ୍ରରେ ଭାଗିଦାରୀ ହୋଇ ସମାଜର ଉନ୍ନତୀ ହୋଇପାରିବ ବୋଲି ସମସ୍ତେ ଏକ ମତବ୍ୟକ୍ତ କରିଥିଲେ। ପୂର୍ବତନ ସମ୍ପାଦକ ପଦ୍ମଲୋଚନ ସରାଫ ପୂର୍ବ ସମୟର ବିବରଣୀ ପାଠ କରିଥିଲେ। ସମ୍ପାଦକ ଅପୂର୍ଣ୍ଣ ସରାଫ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଛୋଟ ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଆପ୍ରୋଚ ରାସ୍ତା ଆରମ୍ଭ କଲା ଏନ୍‌ଟିପିସି ଦର୍ଲିପାଲି

ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି)



ଅଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଏନଟିପିସି ଦର୍ଲିପାଲି ପଡ଼ୋଶୀ ସମ୍ପ୍ରଦାୟରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୃଢ଼ କରି ଦର୍ଲିପାଲି ଗ୍ରାମରେ ସରକାରୀ ପଲିଟେକ୍ନିକ ପାଇଁ ଏକ ଆପ୍ରୋଚ ରାସ୍ତା ନିର୍ମାଣ ଆରମ୍ଭ କରିଛି। ଏହି ପ୍ରକଳ୍ପ ସୁନ୍ଦରଗଡ଼ର ରାସ୍ତା ଏବଂ କୋଠା ବିଭାଗ ମାଧ୍ୟମରେ ଜମା ଆଧାରରେ କାର୍ଯ୍ୟକାରୀ ହେଉଛି। ଏ ବାବଦ ଅନୁଦାନ ରାଶି ଆନୁଷ୍ଠାନିକ ଭାବରେ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ, ମହାପ୍ରବନ୍ଧକ (ଓ ଆଣ୍ଡ ଏମ) ରବିନ୍ଦ୍ର ଶର୍ମା ଏବଂ ଏନଟିପିସି ଦର୍ଲିପାଲିର ମାନବ ସମ୍ବଳ ମୁଖ୍ୟ ପ୍ରତିଭା ସିଂହଙ୍କ ଉପସ୍ଥିତିରେ ଉପସ୍ଥାପନ କରିଥିଲେ। ଏନଟିପିସି ପୂର୍ବରୁ ୨୫ କୋଟି ବିନିଯୋଗରେ ଦର୍ଲିପାଲିରେ ସରକାରୀ ପଲିଟେକ୍ନିକ ନିର୍ମାଣ କରିଥିଲା। ଯାହା ବର୍ତ୍ତମାନ ଏହାର ଦ୍ୱିତୀୟ ଶିକ୍ଷାବର୍ଷରେ ପ୍ରବେଶ କରିଛି। ପ୍ରସ୍ତାବିତ ୧.୫ କିଲୋମିଟର ରାସ୍ତା ଛାତ୍ର, ଅଧାପକ ଏବଂ ନିକଟସ୍ଥ ବାସିନ୍ଦାଙ୍କ ପାଇଁ ସଂଯୋଗୀକରଣକୁ ସମୃଦ୍ଧ କରିବ। ପଲିଟେକ୍ନିକକୁ ସୁଗମ ପ୍ରବେଶ ସୁବିଧା ଯୋଗାଇବା ସହିତ ଏହା ଦର୍ଲିପାଲି ଗ୍ରାମକୁ ବ୍ରଜରାଜନଗର ସହିତ ସଂଯୋଗ କରିବା ପାଇଁ ଏକ ବିକଳ୍ପ ରାସ୍ତା ଭାବରେ ମଧ କାର୍ଯ୍ୟ କରିବ। ଏହି ପଦକ୍ଷେପ ଏନଟିପିସି ଦର୍ଲିପାଲିର ସାମୁଦାୟିକ ବିକାଶ ଏବଂ ଭିତ୍ତିଭୂମି ବୃଦ୍ଧି ଉପରେ ନିରନ୍ତର ଧ୍ୟାନକୁ ରେଖାଙ୍କିତ କରେ। ଯାହା ଉନ୍ନତ ସୁଗମତା ଏବଂ ସାମଗ୍ରିକ ଆଞ୍ଚଳିକ ଅଭିବୃଦ୍ଧିରେ ଯୋଗଦାନ କରେ ବୋଲି କମ୍ପାନୀ ତରଫରୁ ଏକ ପ୍ରେସ ବାର୍ତ୍ତାରେ କୁହାଯାଇଛି।

### ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି): ଜିଲା କଂଗ୍ରେସ କମିଟି ତରଫରୁ ଶୁକ୍ରବାର ସ୍ଥାନୀୟ କଚେରିରୋଡ଼ସ୍ଥିତ ଟାଉନ କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶ୍ରାଦ୍ଧ ବାର୍ଷିକୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଉପସ୍ଥିତ ଦଳୀୟ ନେତୃବର୍ଗ ଓ କର୍ମକର୍ତ୍ତା ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ଅଜିତ ପ୍ରସାଦ, ଦେବାଶିଷ ଦାସ, ନେପାଳ ସାହୁ ପ୍ରମୁଖ ୨ ମହାନ୍ ବ୍ୟକ୍ତିତ୍ୱଙ୍କ ଦେଶ ଗଠନରେ ତାଙ୍କର ଅବଦାନ ଓ ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସର୍ବଶ୍ରୀ ପର୍ଶୁରାମ ସରାଫ, ରାଜେନ୍ଦ୍ର ପଟେଲ, ମୁନୁ ସରାଫ, ଆନଥୋନି କୁଲୁ, ଭୀଷ୍ମଦେବ ସିଂ, ବିଶ୍ୱଜିତ ପଟ୍ଟନାଏକ, ସଞ୍ଜୀବ ପଟ୍ଟନାଏକ, ପୀତାମ୍ବର ଶେଖରଦେଓ, ସୁବ୍ରତ ପୁରୋହିତ, ରଞ୍ଜନ ସୋରେଙ୍ଗ, ଏମ.ଡି. ଅସଲାମ, ରାମନାରାୟଣ ସାହୁ ଓ ବିପିନ କିଶୋର ଡୁଙ୍ଗ ଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

କୁତ୍ରା,୧।୧୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ତରକେରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତରକେରା ସରପଞ୍ଚ ବୁଧବାରୀ ଏକ୍କା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ସଂଯୁକ୍ତା ସୁନ୍ୟାନୀ, ସମାଜସେବୀ ବିଦ୍ୟାଧର ସାହୁ, ବିଦ୍ୟାଳୟର ଏସଏମସି ସଭାପତି ସୁକାନ୍ତ ଶେଖର ଦେଓ ଉପସ୍ଥିତ ରହି ସମାରୋହର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା, ବିଇଓ ଅନନ୍ତ କୁମାର ନାଏକ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳୀନିକାନ୍ତ ଶାସନୀ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ଏବିଇଓ ନିରଞ୍ଜନ ରାଉଳ, ଡବ୍ଲୁଇଓ ବିନିରାନୀ ସୋରେନ, ସମାଜସେବୀ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପରିଚାଳନା କରିଥିଲେ। ସମାରୋହ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଜିତିଥିବା କୃତି ପ୍ରତିଯୋଗୀଙ୍କୁ ସର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଧର ରାଉତ, ଅଜୟ ମହାରଣା, ଗଙ୍ଗାଧର କୁଜୁର, କେଦାରଚନ୍ଦ୍ର ସାହୁ, ଶୁଶିଲ ଲାକଡା, ସୁରେନ ଏକ୍କାଙ୍କ ସମେତ ସମସ୍ତ ସିଆର୍‌ସିସି ଓ ପ୍ରଧାନ ଶିକ୍ଷକମାନେ ସହଯୋଗ କରିଥିଲେ।

### ଇଂଲିଶ ଆଲୋଚନା ଚକ୍ର

ସୁନ୍ଦରଗଡ, ୧।୧୧(ଜୟ ନାରାୟଣ ମେଣ୍ଡୁଲି): ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଇଂଲିଶ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ମହରଗି ଲାରଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ସବ୍‌ଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଶ୍ରୀକାନ୍ତ କୁମାର ଘୋଡ଼ା ଯୋଗଦେଇଥିଲେ। ଶୀର୍ଷକ ଏକ୍ସପ୍ଲୋରିଙ୍ଗ ଦି ଲିଟ୍ରେସି ୱାର୍ଲ୍ଡ ଅଫ ଆରକେ ନାରାୟଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଇଂଲିଶ ଅଧାପିକା ଇନ୍ଦୁମତି ଦାଶ ଶୀର୍ଷକ ସମ୍ପର୍କରେ ଆଲୋଚନା କରିଥିଲେ। ଇଂଲିଶ ଅଧାପକ ଆନନ୍ଦ କୁଜୁର ଆରକେ ନାରାୟଣଙ୍କ ସାହିତ୍ୟର ଗତିରୂପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ର ବହୁ ଉପାଦେୟ ଓ ଶିକ୍ଷଣୀୟ ହୋଇଥିଲା। ଏହାକୁ ଭବିଷ୍ୟତରେ ଉପଯୋଗ କରିବା ପାଇଁ ବିଦ୍ୟାଳୟର ଅଧକ୍ଷା ମହରଗି ଲାରଙ୍ଗ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ।

## କରମଡିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି)

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ପ୍ରାଧୀକରଣର ଅଧକ୍ଷା ତଥା ଜିଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶକ୍ରମେ ଶନିବାର କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନାଗରିକ ମୌଳିକ ଅଧିକାର, ପୋକ୍ସୋ ଆକ୍ଟ, କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ସହକାରେ ଏବଂ ସୁରକ୍ଷା) ଅଧିନିୟମ ଏବଂ କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ଅଧିନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡକ୍ଟର ରୀନତି ମିଶ୍ର, ଡିଏସପି କାଦମ୍ବିନୀ ସାମଲ, ନ୍ୟାୟ ରକ୍ଷକ ପୁରୁଷୋତ୍ତମ ପଧାନ, ଅଧିକାର ମିତ୍ର ପ୍ରଭାତୀ ସାହୁ, କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ନନ୍ଦିତା ନାଏକ, ଶିକ୍ଷୟିତ୍ରୀ ଶିକ୍ଷକ ଅରମାନ କେରକେଟା, ପ୍ରେମ ଚାନ୍ଦ, ଉତ୍ତମ ସିଂହ, ଅମିତା ଡିଲା, କ୍ରିଷ୍ଣା ନାଏକ, କଳ୍ପନା ନାଏକ, ଆଦେଶ କୁମାର ରଥ, ସୁସ୍ମିତା ତିର୍କୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ସହିତ ଏହି ଆଇନ ସମ୍ପର୍କରେ ଆଲୋଚନା କରି ସେମାନଙ୍କ ସନ୍ଦେହ ଦୂର କରିଥିଲେ। ଏହି ଅବସରରେ ଜାତୀୟ ଆଇନ ସେବା ପ୍ରାଧୀକରଣଙ୍କ ପ୍ରଦତ୍ତ ଟୋଲ ଫ୍ରି ନମ୍ବର ୧୫୧୦୦ ଏବଂ ପ୍ରାଧୀକରଣର କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା।




ଶିବିରରେ ଉପସ୍ଥିତ ଅଧାପିକାଅଧାପକ।

## ଦୁର୍ନୀତିମୁକ୍ତ ହେଲେ ସମାଜର ପ୍ରଗତି ହେବ

### କୁଆଁରମୁଣ୍ଡା ବ୍ଲକରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

କୁଆଁରମୁଣ୍ଡା,୧।୧୧(ମହେନ୍ଦ୍ର କୁମାର ସାହୁ)

ସରକାରୀ କର୍ମଚାରୀମାନେ ବ୍ୟକ୍ତିଗତ ଲୋଭର ବଶବର୍ତ୍ତୀ ହୋଇ ସାଧାରଣ ନାଗରିକଙ୍କୁ ସେମାନଙ୍କ କାର୍ଯ୍ୟ କରାଇବା ପାଇଁ ଲାଞ୍ଚ ମାଗୁଛନ୍ତି। ଅନେକ କ୍ଷେତ୍ରରେ ଉକ୍ତ ଲାଞ୍ଚୁଆ କର୍ମଚାରୀମାନେ ଦୁର୍ନୀତି ନିବାରଣ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇ ଜେଲ ଯାଉଛନ୍ତି। ତେଣୁ ସମାଜର ପ୍ରଗତି ପାଇଁ ସାଧାରଣ ନାଗରିକଙ୍କୁ ସେମାନଙ୍କ କାର୍ଯ୍ୟରେ ପୂର୍ଣ୍ଣ ସହାୟତା କରିବା ଓ ଏଥିପାଇଁ ସେମାନଙ୍କ ଠାରୁ କୌଣସି ପ୍ରକାର ଲାଞ୍ଚ ଗ୍ରହଣ ନ କରିବାକୁ ଶନିବାର କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ ଦୁର୍ନୀତି ନିବାରଣ ସପ୍ତାହ ପାଳନରେ ଅଂଶ ଗ୍ରହଣ କରି ବ୍ଲକ କର୍ମଚାରୀ, ସରପଞ୍ଚ ଓ ଅନ୍ୟମାନେ ଉପରୋକ୍ତ ଶପଥ ଗ୍ରହଣ କରିଛନ୍ତି। ଏହି ଶପଥ ପାଠ ରାଉରକେଲା ଭିଜିଲାନ୍ସ ଡିଏସପି ଜଗଦୀଶ ପ୍ରସାଦ ପଟେଲ କରାଇ ଥିବାବେଳେ ଅନ୍ୟମାନେ ଏହି ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବିଡିଓ ଡା.ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଭିଜିଲାନ୍ସ ଇନ୍ସପେକ୍ଟର ମାନସ କୁମାର ଭୋଇ ଓ ଅନ୍ୟମାନେ ଉପସ୍ଥିତ ରହି ଦୁର୍ନୀତି ଏକ ସାମାଜିକ ବ୍ୟାଧି ଓ ଏହା ଠାରୁ ସମସ୍ତେ ମୁକ୍ତ ହେଲେ ସମାଜର ପ୍ରଗତି ହୋଇପାରିବ ବୋଲି ଉପସ୍ଥିତ ବ୍ଲକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥ ନେଉଛନ୍ତି।

# ଆନ୍ତଃ ଜିଲାସ୍ତରୀୟ କନିଷ୍ଠ ସିପକ୍‌ଟାକ୍ରୋ ଚୟନ ପ୍ରତିଯୋଗିତା

ସୁନ୍ଦରଗଡ଼,୧।୧୧(ଜୟ ନାରାୟଣ ମେଣ୍ଡୁଲି)




ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

୨୪ତମ ଆନ୍ତଃ ଜିଲା ସ୍ତରୀୟ କନିଷ୍ଠ ସିପକଟାକ୍ର ଚୟନ ପ୍ରତିଯୋଗିତା ଶନିବାର ଯୋଗୀମାଲ ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୦ ଟି ଜିଲାରୁ ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଟାଙ୍ଗରପାଲି ବ୍ଲକ ଉନ୍ନୟନ ଅଧିକାରୀ ବିରେସେନ ବେହେରା, ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ସରପଞ୍ଚ ସୌଦାମିନୀ ଭୋଇ, ସହକାରୀ ଯନ୍ତ୍ରୀ ମାନସ କୁମାର ନେଟି ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥ୍ୱିରାଜ ସାହୁ, ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି, ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ, ଅଫିସ ସମ୍ପାଦକ ବିଶନାଥ ମିଶ୍ର, କୋଷାଧକ୍ଷ ନିରଜ ସ୍ୱାଇଁ, ଜିଲା ଉପଦେଷ୍ଟା ରଥ ଖାଲକୋ, ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ, ଜନ ସେବା ସମିତି ସଭାପତି ନଳୀନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଗୌରାଙ୍ଗ ସାହୁ, ରେଫରୀ କିରନ ଶିଳା ବାର୍ଲା, ହୁତାଶନ ଦଣ୍ଡସେନା, ବିକାଶ କୁଆଁ, ରସାନନ୍ଦ ମହାନନ୍ଦିଆ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ଖେଳ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାର ଆୟୋଜକ ସମ୍ପାଦକ ଲିପ୍ସା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତ ଆୟୋଜିତ ହୋଇଥିଲା।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

Government of Odisha No.Z-:
Information and Public Relations Department
Lok Sampark Bhawan, Bhubaneswar
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

# ଝାରସୁଗୁଡ଼ାରେ ନାହିଁ ସ୍ଥାୟୀ ବଜାର

ଝାରସୁଗୁଡ଼ା, ୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଏକ ଜନବହୁଳ ସହର ହୋଇଥିବାବେଳେ ବର୍ତ୍ତମାନ ଏଠାରେ କୌଣସି ସ୍ଥାୟୀ ବଜାର ନାହିଁ। ଫଳରେ ଝାରସୁଗୁଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରୋନା ସମୟରେ ଶହେ ବର୍ଷର ମଙ୍ଗଳବଜାର ନିଜର ଅସ୍ତିତ୍ୱ ହରାଇ ସାରିଥିବାବେଳେ ରେଲ୍‌ୱେ ସାଇଡିଂ ବୃଦ୍ଧିକୁ ନେଇ ଶୁକର ବଜାର ମଧ୍ୟ ସଂକୁଚିତ ହୋଇ ଶେଷ ନିଶ୍ୱାସ ନେଉଛି। ଜିଲା ସଦର ମହକୁମା ସହିତ ରାଜ୍ୟର ଶିଳ୍ପ ରାଜଧାନୀ କୁହାଯାଉଥିବା ଝାରସୁଗୁଡାରେ ସ୍ଥାୟୀ ବଜାର ବର୍ତ୍ତମାନ ନାହିଁ। ଏଠାରେ ଲୋକ ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ ହୋଇଥିବାବେଳେ ୧ଲକ୍ଷରୁ ଅଧିକ ଲୋକ ଝାରସୁଗୁଡ଼ା ଆସି ବିଭିନ୍ନ ଶିଳ୍ପାନୁଷ୍ଠାନ ସହିତ ବିଭିନ୍ନ ବ୍ୟବସାୟିକ କେନ୍ଦ୍ରରେ କାମ କରୁଛନ୍ତି। କିନ୍ତୁ ଝାରସୁଗୁଡାରେ ବର୍ତ୍ତମାନ କୌଣସି ସ୍ଥାୟୀ ବଜାର ନାହିଁ। ଝାରସୁଗୁଡ଼ାର ଅତୀତକୁ ଗଲେ ୨ଟି ବଜାର ଲୋକଙ୍କ ସହିତ ପ୍ରାୟ ୧ଶହ ବର୍ଷରୁ ଅଧିକ ହେବ ଜଡିତ ହୋଇ ରହିଥିଲା। ମଙ୍ଗଳବଜାର ଠାରେ ପ୍ରତ୍ୟେକ ମଙ୍ଗଳବାର ସାପ୍ତାହିକ ବଜାର ବସୁଥିବାବେଳେ ଅନ୍ୟ ଦିନରେ ଏଠାରେ ବସୁଥିବା ଦୈନିକ ମାର୍କେଟରୁ ଲୋକମାନେ ପନିପରିବା ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ରାଶନ ସାମଗ୍ରୀ କିଣୁଥିଲେ। ଅନ୍ୟପଟେ ଝାରସୁଗୁଡା ପୁରୁଣା ବସଷ୍ଟାଣ୍ଡକୁ ଲାଗି ରହିଥିବା ଶୁକରବଜାର ପଡ଼ୋଶୀ ଜିଲା ସହିତ ଛତିଶଗଡ଼ ଓ ଝାଡ଼ଖଣ୍ଡ ଜିଲାର ବହୁ ବ୍ୟବସାୟୀଙ୍କ କେନ୍ଦ୍ରବିନ୍ଦୁ ସାଜିଥିଲା। ବିବାହଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସାମଗ୍ରୀ ଏଠାରେ ବହୁ ଶସ୍ତାରେ ଝାରସୁଗୁଡ଼ାବାସୀ ପାଉଥିଲେ। କିନ୍ତୁ ବସୁଥିବା ବଜାର ସ୍ଥାନ ରେଲ୍‌ୱେର ହୋଇଥିବାରୁ ଝାରସୁଗୁଡ଼ା ପୌର ପରିଷଦ ଏହାକୁ ଲିଜ୍‌ରେ ନେଇ ବଜାର ବସାଇଥିଲା। କିନ୍ତୁ ଝାରସୁଗୁଡାରେ ଏକ ନୂତନ ରେଳପଥ ନିର୍ମାଣ, ରେଳଷ୍ଟେଶନର ବୃଦ୍ଧି ପାଇଁ ଏହି ଶୁକରବଜାର ଅଞ୍ଚଳରେ ରେଲ୍‌ୱେର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ବଜାରଟି ସମ୍ପୂର୍ଣ୍ଣ ଭାବରେ ସଂକୁଚିତ ହୋଇଯାଇଥିବାବେଳେ ହାତଗଣତି କେତେ ଜଣ ସ୍ଥାନୀୟ ଲୋକ ଶୁକରବଜାରରେ ପନିପରିବା ବିକ୍ରି କରୁଛନ୍ତି। ପଡ଼ୋଶୀ ଜିଲା ତଥା ବାହାର ରାଜ୍ୟରୁ ଆସୁଥିବା ବ୍ୟବସାୟୀମାନେ ସ୍ଥାନ ଅଭାବରୁ ବଜାରକୁ ଆସୁନାହାନ୍ତି। ଏହି ଦୁଇ ବଜାର ଝାରସୁଗୁଡା ସହର ତଥା ଅଞ୍ଚଳର ହଜାର ହଜାର ଲୋକଙ୍କ ଭାବାବେଗ ସହିତ ଜଡିତ ଥିଲା। ଏହି ଦୁଇ ବଜାର ବନ୍ଦ ହେବା ଯୋଗୁ ବହୁ ଲୋକ ବେରୋଜଗାର ହୋଇଯାଇଥିବାବେଳେ ସହର ଲୋକମାନେ ଏକ ସ୍ଥାୟୀ ବଜାର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଝାରସୁଗୁଡା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ କେତେକ ବ୍ୟବସାୟୀ ପନିପରିବା ଆଦି ବିକ୍ରୟ କରୁଥିବାବେଳେ କେତେବେଳେ ପୋଲିସ, ପୌର ପରିଷଦ ଓ ଅସାମାଜିକ ଲୋକଙ୍କ ଆକ୍ରୋଶର ଶିକାର ହୋଇ ଉକ୍ତ ସ୍ଥାନ ଛାଡି ଦେଉଛନ୍ତି। ଯାହାକି ଝାରସୁଗୁଡା ସହରର ପ୍ରାୟ ୨ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ଝାରସୁଗୁଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତାପସ ରାୟଚୌଧୁରୀ, ସନ୍ଦୀପ ଅବସ୍ଥି, ଯୁବ ନେତା ପ୍ରଶାନ୍ତ ଜେନା, ବ୍ୟବସାୟୀ ଯୋଗୀନ୍ଦ୍ର ମେହେର, ଓକିଲ ଚିନ୍ମୟ ପଟେଲ, ଭବାନୀ ଦଣ୍ଡସେନା, ସରବାହାଲ ଅଞ୍ଚଳର ସଚେତନ ନାଗରିକ ତ୍ରିନାଥ ତିୱାରୀ, ସଂକୀର୍ତ୍ତନ ପ୍ରଧାନ କହିଛନ୍ତି, ଶୁକର ବଜାର ଓ ମଙ୍ଗଳବଜାର ବନ୍ଦ ହୋଇଯିବା ଦିନଠାରୁ ଝାରସୁଗୁଡ଼ାବାସୀ ପନିପରିବା ତଥା ବିଭିନ୍ନ ସାମଗ୍ରୀ ଚଢ଼ା ଦରରେ କିଣୁଛନ୍ତି। ସବୁ ସମୟରେ ସବୁ ଜିନିଷ ମିଳୁନାହିଁ। ଝାରସୁଗୁଡାକୁ ଅନ୍ୟ ରାଜ୍ୟ ଓ ଜିଲାରୁ ଆସୁଥିବା ବିଭିନ୍ନ ଶାଗ, ଋତୁକାଳୀନ ପନିପରିବା ମିଳିପାରୁନାହିଁ। ଏଣୁ ଜିଲା ପ୍ରଶାସନ ଝାରସୁଗୁଡା ସହର ମଧ୍ୟରେ ଏକ ସ୍ଥାୟୀ ବଜାର ପ୍ରତିଷ୍ଠା କଲେ ସହରବାସୀ ଉପକୃତ ହୋଇପାରନ୍ତେ ବୋଲି ସେମାନେ କହିଛନ୍ତି। ଏନେଇ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ (ଇଓ) ମାନସ ରଞ୍ଜନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।



ରେଲ୍‌ୱେ ସାଇଡିଂ ବୃଦ୍ଧି କାର୍ଯ୍ୟ ଯୋଗୁ ସଂକୁଚିତ ହୋଇ ବନ୍ଦ ଅବସ୍ଥାରେ ଥିବା ଶୁକର ବଜାର।

- କରୋନା ସମୟରେ ହଜିଗଲା ଶହେ ବର୍ଷର ମଙ୍ଗଳବଜାର
- ରେଳ ସାଇଡିଂ ବୃଦ୍ଧି ଯୋଗୁ ସଂକୁଚିତ ଶୁକରବଜାର
- ଲୋକଙ୍କ ଭାବାବେଗ ସହିତ ଜଡ଼ିତ ଥିଲା ଉଭୟ ବଜାର

# ସାଇବର କ୍ରାଇମ ଉପରେ ସଚେତନଧର୍ମୀ ନାଟକ



ସାଇବର କ୍ରାଇମ ଉପରେ ସଚେତନତା ନାଟକର ଏକ ଦୃଶ୍ୟ।

ଝାରସୁଗୁଡ଼ା, ୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପୋଲିସ ପ୍ରଶାସନ ତରଫରୁ ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ ଜିଲାର ସମସ୍ତ ଅଞ୍ଚଳରେ କରାଯାଉଛି। ଝାରସୁଗୁଡ଼ାର ସୃଜନୀ ପରିବାରର ଶଙ୍କର ପୋଡଙ୍କ ରଚିତ ଓ ଗଙ୍ଗାଧର ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ପଥପ୍ରାନ୍ତ ନାଟକ 'ଆମେ ବି ଡିଜିଟାଲ ମୁରୁଖ' ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି। କଳାକାରମାନଙ୍କ ଜୀବନ୍ତ ପରିବେଷଣ ଲୋକଙ୍କ ପାଇଁ ମନଛୁଆଁ, ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ହୋଇପାରୁଛି। ଝାରସୁଗୁଡ଼ା ଜିଲା ଡିଏସ୍‌ପି ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଏବଂ ସାଇବର ଥାନା ଅଧିକାରୀ ବନ୍ଦନା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସ୍ଥାନୀୟ ଥାନା ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁଛି। ଏହି ନାଟକର କଳାକାରମାନେ ହେଲେ ପ୍ରମୋଦ ମେହେର, ଲୀନା ଚାନ୍ଦ, ଶଶୀଭୂଷଣ ତିୱାରୀ, ପ୍ରତିମା ବାଗ, ପ୍ରତିଭା ସିଂହ, ଗଙ୍ଗାଧର ବେହେରା, ଗୋପାଳ ସିଂ, ଶଙ୍କର ପୋଡ, ଗଙ୍ଗାଧର ବେହେରା। ତା'ଛଡା ପୋଲିସ କର୍ମଚାରୀ ଦେବେନ୍ଦ୍ର ପଶାୟତଙ୍କ ପ୍ରସ୍ତୁତ ସାଇବର ସଚେତନତା ଗୀତରେ ପାୟଲ ନେଟି, ଗାୟତ୍ରୀ କିଷାନ, ଦୀପ୍ତି ପ୍ରଧାନ ଓ ପ୍ରେରଣା ମାଳି ସୁନ୍ଦର ନୃତ୍ୟ ପରିବେଷଣ କରୁଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଝାରସୁଗୁଡା, ୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାରେ ଅକ୍ଟୋବର ୨୭ରୁ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଶୋଭାଯାତ୍ରା, ସଭା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ ଓ ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ ପ୍ରମୁଖଙ୍କ ଉପସ୍ଥିତିରେ ବେହେରାମାଲ କିସାନ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ପଦଯାତ୍ରା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କାର୍ଯ୍ୟାଳୟସ୍ଥିତ ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଭୋଇ ମୁଖ୍ୟ ଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ ଓ ମଧୁସିକ୍ତା ମିଶ୍ର ସମ୍ମାନିତ ଅତିଥି ଭାବେ ଏବଂ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ.ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଚଳିତବର୍ଷର ବିଷୟବସ୍ତୁ 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବକ୍ତୃତା ଓ କାର୍ଟୁନ ପ୍ରତିଯୋଗିତାର କୃତୀ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ବିତରଣ କରଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅବସରରେ ଶୋଭାଯାତ୍ରା।

# ଫାଇନାଲରେ କେରୁଆଲବାହାଲ, ଶାନ୍ତିନଗର




ଷ୍ଟାଡିୟମରେ ଖେଳାଳିଙ୍କ ସହ ଅତିଥି, ରେଫରି।

ବେଲପାହାଡ଼, ୧।୧୧ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଫରୀ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମରେ ଚାଲିଥିବା ୩ୟ ବେଲପାହାଡ଼ କପ ଫୁଟବଲ-୨୦୨୫ ପ୍ରତିଯୋଗିତାରେ ଫାଇନାଲରେ କେରୁଆଲବାହାଲ, ଶାନ୍ତିନଗର ପ୍ରବେଶ କରିଛି। ପ୍ରତିଯୋଗିତାର ଅଷ୍ଟମ ଦିନର ପ୍ରଥମ ସେମିଫାଇନାଲ ଖେଳ କେରୁଆଲବାହାଲ ଓ ବେଲପାହାଡ଼ ମିର୍ଦ୍ଧାଡେରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେରୁଆଲବାହାଲ ଦଳ ୧-୦ ଗୋଲରେ ବିଜୟଲାଭ କରି ଆଗାମୀ ଫାଇନାଲ ଖେଳକୁ ଉନ୍ନୀତ ହୋଇଛି। କେରୁଆଲବାହାଲ ଦଳର ଅମନ ଖାଲ୍କୋ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ ଝାରସୁଗୁଡ଼ା ଶାନ୍ତିନଗର ଓ ବେଲପାହାଡ଼ କିଷାନ ବ୍ରଦର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶାନ୍ତିନଗର ଦଳ ୨-୦ ଗୋଲରେ ବିଜୟଲାଭ କରି ଆଗାମୀ ଫାଇନାଲ ଖେଳକୁ ଉନ୍ନୀତ ହୋଇଛି। ଶାନ୍ତିନଗର ଦଳର ଥାମୀ ମାରା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଗିରିଶ ଚନ୍ଦ୍ର ଜୟପୁରିଆ ମ୍ୟାଚ କମିଶନର ଥିବାବେଳେ ରେଫରୀ ଭାବେ କାର୍ତ୍ତିକ ଦାଶ, ନୀଳ ନାଏକ, ଚନ୍ଦ୍ର କିଶାନ, ଅଗସ୍ତି ହାତୀପଟ୍ଟା, ଦେବାଶିଷ ବାଗ, ରାଜମଣ୍ଡଳ, ଗିରିଶ ପ୍ରଧାନ ଓ ଅଭିଲାଷ ସାହୁ ଖେଳଗୁଡ଼ିକୁ ପରିଚାଳନା କରିଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ କେ. ଜଗନ୍ନାଥ ରାଓ, ବେଲପାହାଡ଼ ରେଞ୍ଜର ପ୍ରଦୀପ ନାଏକ, ଜିଲା ଫୁଟବଲ ସଂଘର ସମ୍ପାଦକ ସୁଶାନ୍ତ ମାଳି, କ୍ରୀଡାପ୍ରେମୀ ଅଜିତ ଧଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଝାରସୁଗୁଡ଼ା, ୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବେହେରାମାଲ ରେଳ ଓଭରବ୍ରିଜ ନିକଟରେ ଥିବା ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ସ୍ଥାନୀୟ ରେଳବିଭାଗ ପୋଲିସ ଜବତ କରିଛି। ଯୁବକ ଜଣକ ସମ୍ବଲପୁର ଗୋଲବଜାର ଅଞ୍ଚଳର ପ୍ରେମ କୁମାର ହିନ୍ଦୁଜା (୩୮)। ରେଳବିଭାଗ ପୋଲିସର ସୂଚନା ମୁତାବକ ପ୍ରେମକୁମାର ଶୁକ୍ରବାର ସନ୍ଧ୍ୟାରେ ବେହେରାମାଲ କୋକ୍ସକଲୋନୀରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସି ରାତି ୮ଟାରେ ସମ୍ପର୍କୀୟଙ୍କ ଘରୁ ବାହାରି ଯାଇଥିଲେ। ହେଲେ ଶନିବାର ବେହେରାମାଲ ଓଭରବ୍ରିଜ ନିକଟ ରେଳଧାରଣାରେ ହିନ୍ଦୁଜାଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ସୂଚନାପାଇ ରେଳ ଧାରଣାରୁ ହିନ୍ଦୁଜାଙ୍କ ମୃତଦେହ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

# ପୋଖରୀରେ ବୁଡ଼ି ଶିଶୁ କନ୍ୟା ମୃତ

ଦେବଗଡ଼, ୧।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ନାଉଲିପଡ଼ା ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ୬ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମା'ଙ୍କ ସହିତ ମାମୁଁ ଘରକୁ ବୁଲିବାକୁ ଆସି ପୋଖରୀକୁ ଏକୁଟିଆ ଯାଇ ବୁଡ଼ି ଯାଇଥିଲେ। ମୃତ ଶିଶୁକନ୍ୟା ସୁନ୍ଦରଗଡ଼ ଜିଲା ବଣେଇ ଥାନା ଅନ୍ତର୍ଗତ କୁରୁଡା ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ଝିଅ ଦୀପ୍ତିରାଣୀ। ପୂର୍ବାହ୍ନରେ ପୋଖରୀରେ ବୁଡ଼ି ଯାଉଥିବା ସମୟରେ ଗ୍ରାମର କେତେଜଣ ଲୋକ ଦେଖି ଦୀପ୍ତିରାଣୀଙ୍କୁ ଉଦ୍ଧାର କରିଥିଲେ। ସୂଚନା ପାଇ ଅଜା ଅଖେଇ ବେହେରା ଦୀପ୍ତିରାଣୀଙ୍କୁ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ରିଆମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୨ତହସିଲରେ ଶୁଭାରମ୍ଭ ହେଲା ଉପନିବନ୍ଧକ କାର୍ଯ୍ୟାଳୟ

ଦେବଗଡ, ୧।୧୧ (ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟରେ ୪୪ଟି ଉପନିବନ୍ଧକ କାର୍ଯ୍ୟାଳୟ ମଧ୍ୟରୁ ଦେବଗଡ଼ ଜିଲାରେ ଦୁଇଟି ବାରକୋଟ ଓ ରିଆମାଳ ଆଭାସି ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଦ୍ୱାରା ଜନସାଧାରଣ ନିଜ ତହସିଲ ଅଞ୍ଚଳରେ ହିଁ ଜମି କିଣାବିକା କରିବାର ସମସ୍ତ ସୁବିଧା ପାଇବେ। ପ୍ଲଟ ବୁକିଂ ନିମନ୍ତେ ଲୋକେ ଘରେ ବସି ଆବେଦନ କରିପାରିବେ। ଜମି କିଣାବିକା କ୍ଷେତ୍ରରେ ଶୃଙ୍ଖଳିତ ଭାବେ କିଣି ପାରିବେ। ଆଭାସି ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଓସୱାନ ସମ୍ମିଳନୀ କକ୍ଷରେ ଜିଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଉପନିବନ୍ଧକ ପ୍ରଦ୍ୟୁମ୍ନ କୁମାର ଦାସ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ସହକାରୀ ଜିଲାପାଳ ତାପସ ମହାନ୍ତ, ଈଶ୍ୱର ଗୁରୁ , ହେମନ୍ତ ସିଂହ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉଗ୍ର ରୂପ ନେବାକୁ ଯାଉଛି ଆନ୍ଦୋଳନ

ଦେବଗଡ଼, ୧।୧୧
(ଶଶାଙ୍କ ଶେଖର ଝାଙ୍କର)

- ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ
- ସୋସିଆଲ ମିଡିଆରେ ପ୍ରସଙ୍ଗକୁ ନେଇ ଚାଲିଛି ତର୍କବିତର୍କ
- କେତେଜଣ ବ୍ୟକ୍ତି ଆନ୍ଦୋଳନକୁ ଭଣ୍ଡୁର କରିବା ପ୍ରୟାସ

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲାରେ ଦେଖାଦେଇଥିବା ଜନଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦେବଗଡ଼ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଚାଲିଥିବା ଜନଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେଉଛି। ସୋସିଆଲ ମିଡିଆରେ ପ୍ରସଙ୍ଗକୁ ନେଇ ଚାଲିଛି ତର୍କବିତର୍କ। ଦାବି ପୂରଣ ନ ହେଲେ ଉଗ୍ର ରୂପ ନେଇପାରେ ଆନ୍ଦୋଳନ। ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ଆହ୍ୱାନ କ୍ରମେ ଆନ୍ଦୋଳନରେ ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନୈତିକ ଦଳ ସାମିଲ ହୋଇ ସମର୍ଥନ ଜଣାଇ ଆସୁଛନ୍ତି। ସରକାର ଏଥିପ୍ରତି ଆଗାମୀ ଦିନରେ କୌଣସି ସମାଧାନ ନ କରିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। କହିବାକୁ ଗଲେ ଧିରେ ଧିରେ ଆନ୍ଦୋଳନ ଉଗ୍ର ରୂପ ନେଇପାରେ ବୋଲି ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆରେ ଦୁଇ ଗୋଷ୍ଠୀ ମଧ୍ୟରେ ହସ୍‌ପିଟାଲ ପ୍ରସଙ୍ଗରେ ଯୁକ୍ତିତର୍କ ଚାଲିଛି। କେତେଜଣ ଲୋକ କହୁଛନ୍ତି, ବେକାର ଆନ୍ଦୋଳନ କରାଯାଉଛି, ସବୁ ଠିକ୍ ଅଛି। ଏପରି କଥାକୁ ନେଇ ବିଭିନ୍ନ ଗ୍ରୁପ ଓ ସୋସିଆଲ ମିଡିଆରେରେ ଯୁକ୍ତି ତର୍କ ଚାଲିଛି। କେହିକେହି କହୁଛନ୍ତି ଆନ୍ଦୋଳନର ଯର୍ଥାତତା ରହିଛି। କହିବାକୁ ଗଲେ ଜିଲା ଯୁବ ଏକତା ମଞ୍ଚର ଆନ୍ଦୋଳନକୁ ଭଣ୍ଡୁର କରିପାରେ ଲାଗିପଡିଛନ୍ତି କିଛି ଲୋକ। ସେମାନେ ସୋସିଆଲ ମିଡ଼ିଆରେ ବିରୋଧି ମତବ୍ୟ ଦେଉଛନ୍ତି। ଏପଟେ ମଞ୍ଚ ପକ୍ଷରୁ କୁହାଯାଇଛି, ଯିଏ ଯେତେ ଚେଷ୍ଟା କରିଲେ ମଧ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ହଟିବୁ ନାହିଁ କି ଏକତାକୁ କେହି ବି ଭାଙ୍ଗି ପାରିବେ ନାହିଁ। ଏକ ଜିଦରେ ଅଟଳ ଅଛନ୍ତି ମଞ୍ଚର ସଦସ୍ୟା ସଦସ୍ୟ ଓ କର୍ମକର୍ତ୍ତା। ଏହି ଘଟଣାକୁ ନେଇ କେତେଜଣ ନିଜର ପ୍ରତିକ୍ରିୟା ରଖିଛନ୍ତି।

## ସେମାନେ ଯାହା କୁହନ୍ତି....

### ନୂତନ ହସ୍ପିଟାଲକୁ ଯିବା ପାଇଁ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହନ୍ତି



" ଦେବଗଡ଼ର ନୂତନ ଡାକ୍ତରଖାନାରେ ସମସ୍ତ ବିଭାଗରେ ଡାକ୍ତର ନାହାନ୍ତି। ପୁଣି ପାହାଡ ଉପରେ ମହିଳା ଜଣେ ଏକା ଯିବାଟା ସୁରକ୍ଷିତ ନୁହେଁ। ପୁରୁଣା ଡାକ୍ତରଖାନାକୁ ରାତିରେ ୧୨ଟାରେ ମଧ ମହିଳା ଜଣେ ଛୋଟଛୁଆକୁ ଧରି ଚିକିତ୍ସା ପାଇଁ ନେଇଯାଇ ପାରୁଥିଲେ। ୬୦ ରୁ ୮୦ ବର୍ଷର ବୃଦ୍ଧ ବି ପୁରୁଣା ଡାକ୍ତରଖାନାକୁ ନିଜେ ଯାଇ ପାରୁଥିଲେ। ତେଣୁ ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ ଖୋଲା ରଖିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ସମୀଚିନ।

-ସୁମିତ୍ରା ପୁରୋହିତ, ସଭାପତି, ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ, ଦେବଗଡ଼

### ସରକାର ସମାଧାନର ବାଟ ବାହାର କରନ୍ତୁ



" ବର୍ତ୍ତମାନ ଦେବଗଡରେ ଭଲ ସ୍ୱାସ୍ଥ୍ୟ ସେବା ପାଇଁ କିଛି ମାସ ହେବ ଦାବି ହେବା,ଧାରଣ ବସିବା, ଏପରିକି ଦେବଗଡ ବନ୍ଦ ପାଳନ ହୋଇସାରିଛି। ଜିଲା ପ୍ରଶାସନ ଓ ସରକାରଙ୍କୁ ବିନମ୍ର ଅନୁରୋଧ, ଜିଲାରେ ସ୍ୱାସ୍ଥ୍ୟ ସେବା ପାଇଁ ଓ ଜନସାଧାରଣଙ୍କ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସମୟ ଆସିଛି। ଯେ ଯାହା ହେଉ ପଛେ ଉକ୍ତ ଘଟଣାର କୌଣସି ନା କୌଣସି ସମାଧାନର ତୁରନ୍ତ ବାଟ ବାହାର କରନ୍ତୁ।

-ମାନସ ରଞ୍ଜନ ଦେବତା, ସାମାଜିକ କର୍ମୀ, ଦେବଗଡ଼

### ଜିଲାବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ



" ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ କୌଣସି ବିରୋଧ ନାହିଁ। କିନ୍ତୁ କହିବା କଥା ପୁରୁଣା ଡାକ୍ତରଖାନା ହେଉ କି ନୂତନ ଡାକ୍ତରଖାନା ହେଉ ସର୍ବ ପ୍ରଥମେ ସମସ୍ତ ବିଭାଗର ଡାକ୍ତର, କର୍ମଚାରୀ ପଦବୀ ପୂରଣ କରିବା ଦରକାର। ଜିଲାବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଙ୍କ ଅଭାବରୁ ଜିଲାବାସୀ ଚିକିତ୍ସା ପାଇଁ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ସରକାର ତୁରନ୍ତ ଖାଲିପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରନ୍ତୁ।

-ଉମାଶଙ୍କର ସାହୁ, ସଭାପତି, ଜିଲା ବଣିକ ସଂଘ, ଦେବଗଡ଼

### ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ



" ସହରବାସୀଙ୍କ ଦାବି ସହିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ରାଜା ବାସୁଦେବ ଅମଳରୁ ସହର ମଧ୍ୟରେ ଥିବା ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ ସେବା ଚାଲୁ କରି ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉ। ସମସ୍ତେ ଏକ ହୋଇ ଜିଲାର ଉନ୍ନତି ପ୍ରତି ଧ୍ୟାନ ଦେବାର ସମୟ ଆସିଛି।

-ଦୟାଶଙ୍କର ଦ୍ୱିବେଦୀ, ଯୁବନେତା, ଦେବଗଡ଼

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders

e-Procurement Notice No.-04/2025-26 on dated 28.10.2025

E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : 18.11.2025 at 11.00 A.M.
Date of lottery : 25.11.2025 at 11.30 A.M.
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

Government of Odisha No.Z-:
Information and Public Relations Department
Lok Sampark Bhawan, Bhubaneswar

No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

# ଡିଜିଟାଲ୍ ସନ୍‌ସେଟ୍

**ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ବା ରାତିରେ ଶୋଇବାର କିଛି ଘଣ୍ଟା ପୂର୍ବରୁ ଡିଜିଟାଲ୍ ଗ୍ୟାଜେଟ୍‌ଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବାର ଅଭ୍ୟାସକୁ ଡିଜିଟାଲ୍ ସନ୍‌ସେଟ୍ କୁହାଯାଏ, ଯାହାକି ମଣିଷକୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ସୁସ୍ଥ ରହିବା ଲାଗି ସମସ୍ତେ ବିଶେଷକରି ଯୁବପିଢ଼ି ଏହି ଉପାୟ ଆପଣାଇବା ଦରକାର...**





ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦିନ ହେଉ ଅବା ରାତି, ସବୁ ସମୟରେ ମୋବାଇଲ୍ ଓ ଲାପ୍‌ଟପ୍ ଆଦି ଇ-ଗ୍ୟାଜେଟ୍ ବ୍ୟବହାର କରିବା ଯେମିତି ଏକ ନିଶାରେ ପରିଣତ ହୋଇଯାଇଛି। ଯାହା ବିନା କିଛି ସମୟ ବିତାଇବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ପାଲଟିଯାଇଛି। ହେଲେ ଏହାର ଅଧିକ ବ୍ୟବହାର ସେମାନଙ୍କ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ଯେଉଁଥିରୁ ଦୂରେଇ ରହିବା ଲାଗି ବର୍ତ୍ତମାନ ଅନେକଙ୍କ ପାଇଁ ଡିଜିଟାଲ୍ ସନ୍‌ସେଟ୍ ଏକ ଭଲ ଉପାୟ ପାଲଟିଛି। ଜାଣନ୍ତୁ ଏହା କ'ଣ ଏବଂ ଏହାର କେଉଁ ସବୁ ଉପକାରିତା ରହିଛି...

- ଅସ୍ତ ପରେ ସୂର୍ଯ୍ୟ ଆଲୋକ ଚାଲିଯାଏ ଏବଂ ରାତିର ଅନ୍ଧାର ଆସିଯାଏ। ଆଉ ଏହି ସମୟରେ କୌଣସି କୃତ୍ରିମ ଡିଜିଟାଲ୍ ଗ୍ୟାଜେଟ୍‌ର ଆଲୋକଠାରୁ ନିଜକୁ ଦୂରେଇ ରଖିବା ବା ଏହାକୁ ଅସ୍ତ କରିଦେବା ବିଚାରଧାରାକୁ ନେଇ ଏହି ଉପାୟର ନାମ ଡିଜିଟାଲ୍ ସନ୍‌ସେଟ୍ ରଖାଯାଇଛି।
- ଦୀର୍ଘ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ବିଶେଷକରି ରାତିରେ ବ୍ୟବହାର କରିବା ଦ୍ୱାରା ଏଥିରୁ ନିର୍ଗତ ହେଉଥିବା ନୀଳ ରଶ୍ମି(ବ୍ଲୁ ରେ) ଆମ ମସ୍ତିଷ୍କକୁ ପ୍ରଭାବିତ କରିଥାଏ, ଯାହାକି ନିଦ ପାଇଁ ଆବଶ୍ୟକ ହେଉଥିବା ମେଲାଟୋନିନ୍ ହର୍‌ମୋନ୍ କ୍ଷରଣକୁ ହ୍ରାସ କରିଦେଇଥାଏ।
- ମେଲାଟୋନିନ୍ କମ୍ କ୍ଷରଣ ହେବା କାରଣରୁ ଭଲ ଭାବେ ଏବଂ ଠିକ୍ ସମୟରେ ନିଦ ହୋଇ ନ ଥାଏ। ନିଦର ଗୁଣବତ୍ତା ଖରାପ ହୋଇଥାଏ। ଫଳସ୍ୱରୂପ ପରବର୍ତ୍ତୀ ଦିନରେ ଥକା ଲାଗିବା, ମୁଣ୍ଡ ବୁଲାଇବା, କାର୍ଯ୍ୟକ୍ଷମତା ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ।
- ରାତିରେ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ନିଦ ବାଧାପ୍ରାପ୍ତ ହୋଇଥାଏ। ଫଳରେ ବିରକ୍ତି ଏବଂ ଚିଡ଼ିଚିଡ଼ା ଲାଗିବା କିମ୍ବା ମାନସିକ ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ।
- ରାତିରେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର କଲେ ଏହାର ଲାଇଟ୍ ଆଖି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ଆଖି ଲାଲ୍ ପଡ଼ିବା, କୁଣ୍ଡେଇ ହେବା, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ସମସ୍ୟା ଉପୁଜିଥାଏ।

**କିପରି କରିବେ:**

★ ମୋବାଇଲ୍ ଏବଂ ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇ ରହିବା ଲାଗି ସର୍ବପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ରଖି ପୁନର୍ବାର ଏହାକୁ ବ୍ୟବହାର କରିବା ଦ୍ୱାରା କୌଣସି ସୁଫଳ ମିଳି ନ ଥାଏ। ତେଣୁ ପ୍ରତିଦିନ ସଂଧ୍ୟା ପରେ କିମ୍ବା ଶୋଇବାର ୨-୩ ଘଣ୍ଟା ପୂର୍ବରୁ ଏସବୁଠାରୁ କିପରି ଦୂରେଇ ରହିବେ, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

★ କେବଳ ପଢ଼ିବା ପାଇଁ କିମ୍ବା କୌଣସି ଅତ୍ୟାବଶ୍ୟକ ଅନ୍‌ଲାଇନ୍ କାର୍ଯ୍ୟ ନ ଥିଲେ ମୋବାଇଲ୍ ଓ ଲାପ୍‌ଟପ୍ ଆଦିଠୁ ସମ୍ପୂର୍ଣ୍ଣ ଦୂରରେ ରଖନ୍ତୁ। ଧୀରେ ଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

★ ଏହି ସମୟରେ ଫୋନ୍‌ର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। ନଚେତ୍ ବାରମ୍ବାର ଏଥିପାଇଁ ଆସୁଥିବା ପପ୍‌ଅପ୍ ଏବଂ ସାଉଣ୍ଡ ମନକୁ ଡିଷ୍ଟର୍ବ କରିପାରେ। ନୋଟିଫିକେଶନ୍ ନ ଆସିବା ଲାଗି ଫୋନର ଡାଟା ଅଫ୍ ରଖିବା ସବୁଠୁ ଭଲ ଉପାୟ। ଏହାଦ୍ୱାରା କେବଳ କଲ୍ ଆସିଲେ ଉଠାଇ ପାରିବେ।

★ ପ୍ରଥମେ ପ୍ରଥମେ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇବା କଷ୍ଟ ହୋଇପାରେ ହେଲେ ଅସମ୍ଭବ ନୁହେଁ। ତେଣୁ ସଂଧ୍ୟା ପରେ ଯଦି ଛାତ୍ରୀଛାତ୍ର ହୋଇଥାନ୍ତି ତେବେ ପଢା ପାଇଁ ଅଧିକ ସମୟ ଦିଅନ୍ତୁ। ଏହାପରେ ପରିବାର ସହ କ୍ୱାଲିଟି ଟାଇମ୍ ବିତାନ୍ତୁ, ଏକାଠି ବସି ଖାଆନ୍ତୁ, ନିଜ ପସନ୍ଦର ବହି ପଢନ୍ତୁ, ପେଣ୍ଟିଂ କିମ୍ବା ଅନ୍ୟ କୌଣସି ରୁଚି ଥିଲେ ଏଥିପାଇଁ କିଛି ସମୟ ଦିଅନ୍ତୁ, ଯୋଗ, ବ୍ୟାୟାମ ଆଦି କରନ୍ତୁ, ହଷ୍ଟେଲ୍ କିମ୍ବା ମେସ୍‌ରେ ରହୁଥିଲେ ସାଙ୍ଗସାଥିଙ୍କ ସହ ଗପ୍‌ସପ୍ କରନ୍ତୁ।

## କ'ଣ ରହିଛି ଉପକାରିତା

- ଆଜିକାଲି ଯୁବପିଢ଼ି ରାତିବେଳା ଫୋନ୍, ଲାପଟପ୍ ଆଦି ଇ-ଗ୍ୟାଜେଟ୍‌କୁ ପାଠପଢ଼ା ବ୍ୟତୀତ ସୋସିଆଲ୍ ମିଡିଆଠୁ ଆରମ୍ଭ କରି ଗେମିଂ ଓ ଅନ୍ୟ ଆପ୍ ବ୍ୟବହାର କରିବା ଲାଗି ଅଧିକ ସମୟ ଦେଉଛନ୍ତି। ହେଲେ ରାତିରେ ଆଦୌ ଏସବୁ ବ୍ୟବହାର ନ କରିବା ଦ୍ୱାରା ମନ ସ୍ଥିର ହୋଇଥାଏ ଏବଂ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ।
- ରାତିରେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କଲେ ମେଲାଟୋନିନ୍ ହରମୋନ୍ କ୍ଷରଣ ଠିକ୍ ଭାବେ ହୋଇ ନିଦ ଭଲ ଭାବେ ପୂରା ହୋଇଥାଏ। ଫଳରେ ମସ୍ତିଷ୍କକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳିଥାଏ, ଫଳରେ ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ମଣିଷ ଫିଟ୍ ରହିଥାଏ।
- ଡିଜିଟାଲ୍ ସନ୍‌ସେଟ୍ ଦ୍ୱାରା ସ୍କ୍ରିନ୍ ଟାଇମ୍ କମ୍ ହେବା ଯୋଗୁ ଆଖିକୁ ରେଷ୍ଟ ମିଳିଥାଏ, ଯାହାକି ବ୍ଲର ଆଇ ଭିଜନ୍, ରେଡ୍ ଆଇ, ଡ୍ରାଏ ଆଇ ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟାଠୁ ଦୂରେଇ ରଖିଥାଏ।
- ଏହି ଉପାୟ ଆପଣେଇଲେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର ପାଇଁ ବସିବା ପୋଷ୍ଚର ଖରାପ ହେବା ଯୋଗୁ ହେଉଥିବା କାନ୍ଧ, ବେକ ଆଦି ବିନ୍ଧା ଭଳି କେତେକ ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।









## ଯୁବ ପ୍ରତିଭା

# ସଙ୍ଗୀତ ମାଧ୍ୟମରେ କ୍ୟାନ୍‌ସର ରୋଗୀଙ୍କ ସେବାରେ ବ୍ରତୀ

ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ଏକ ଅବସାଦଗ୍ରସ୍ତ ମନକୁ ଶାନ୍ତ କରି ଖୁସି ଭରିଦେଇପାରେ, ଏକ କଷ୍ଟଭରା ଜୀବନରେ ପ୍ରାଣ ଭରିଦେଇପାରେ ; ଯେଉଁଥିପାଇଁ ମେଡିକାଲ୍ ସାଇନ୍ସରେ ମ୍ୟୁଜିକ୍‌କୁ ଏକ ଥେରାପି ଭାବେ ଗ୍ରହଣ କରାଯାଇଛି। ଆଉ ଏ କଥାକୁ ସେ କେବଳ ବୁଝିନାହାନ୍ତି ବରଂ ନିଜ ସଙ୍ଗୀତ ଦ୍ୱାରା କ୍ୟାନ୍‌ସର ରୋଗୀଙ୍କ କଷ୍ଟଭରା ଜୀବନରେ ଖୁସି ଭରିଦେବାକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି। ସେ ହେଉଛନ୍ତି ନିକଟରେ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇଥିବା କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ। ସେ ଭୁବନେଶ୍ୱର ପଳାଶୁଣୀରେ ମା' ଗୌରୀ ଏବଂ ବାପା ଚକ୍ରଧର ନାୟକଙ୍କ ସହ ରହୁଛନ୍ତି।

ଓଡ଼ିଆରେ ଅନେକ ସିନେମା ସମେତ ଭଜନ, ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଭିନ୍ନ ଆଲ୍‌ବମ୍ ପାଇଁ କଣ୍ଠଦାନ କରି ଲୋକପ୍ରିୟ ହୋଇ ପାରିଛନ୍ତି। ପିଲାବେଳୁ ଗୀତ ଗାଇବାରେ ତାଙ୍କର ବିଶେଷ ରୁଚି ରହିଥିଲା। ସେ ଯେକୌଣସି ଗୀତ ଶୁଣିବାମାତ୍ରେ ଏହାକୁ ମନେରଖିବା ସହ ସ୍ୱର, ଲୟରେ ଗୁଣୁଗୁଣେଉ ଥିବା ଦେଖି ଅଭିଭାବକ ୪ର୍ଥ ଶ୍ରେଣୀରେ ପଢ଼ିବା ବେଳେ ତାଙ୍କର ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେ ହିନ୍ଦୁସ୍ତାନ କ୍ଲାସିକାଲ୍ ଏବଂ ଅନ୍ୟ ମ୍ୟୁଜିକ୍ ଶିକ୍ଷା କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ ବିଭାଗରେ ବି.ଟେକ୍ ସମାପ୍ତ କରିବା ପରେ ଚେନ୍ନାଇର ସ୍କୁଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପିଜିଡିଏମ୍ ଶିକ୍ଷା ଗ୍ରହଣ କରିଛନ୍ତି। ୨୦୨୩ରୁ କ୍ୟାନ୍‌ସର ରୋଗୀଙ୍କୁ ମ୍ୟୁଜିକ୍ ଥେରାପି ଦେଇଆସୁଛନ୍ତି। ସେ କୁହନ୍ତି, କ୍ୟାନ୍‌ସର ପୀଡ଼ିତଙ୍କୁ ମ୍ୟୁଜିକ୍ ଥେରାପି ଦେବା ମୋ' ଜୀବନର ଏକ ବଡ଼ ଉପଲବ୍ଧି। କାରଣ ମୋ ସଙ୍ଗୀତ ସେମାନଙ୍କ ମାନସିକ ଓ ଶାରୀରିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଉଛି ବୋଲି କହି ଯେବେ ସେମାନେ ଆଶୀର୍ବାଦ ଦିଅନ୍ତି, ନିଜ ସଙ୍ଗୀତ କଳା ସାଧନା ସଫଳ ହୋଇପାରିଛି ବୋଲି ମନେହୁଏ। ଏହା ସଙ୍ଗୀତ ସେବା ମାଧ୍ୟମରେ ସେମାନଙ୍କ କଷ୍ଟ କିଛିମାତ୍ରାରେ ଲାଘବ କରି ପାରୁଥିବାରୁ ଯେଉଁ ଅପୂର୍ବ ଆନନ୍ଦ ମିଳୁଛି ତାହା ଅବର୍ଣ୍ଣନୀୟ। ତେବେ ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ବିଚାରକଙ୍କଠାରୁ ଆରମ୍ଭ କରି ମ୍ୟୁଜିସିଆନ୍, ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହତ୍ କାର୍ଯ୍ୟ ସମ୍ପର୍କରେ ଜାଣି ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ସାଧୁବାଦ ଜଣାଇଥିଲେ, ଯାହାକି ମୋର ମନୋବଳକୁ ଆହୁରି ସୁଦୃଢ଼ କରିଥିଲା। ଆଗକୁ ସଙ୍ଗୀତ କ୍ଷେତ୍ରରେ ଯେତେ ଆଗକୁ ଗଲେ ମଧ୍ୟ ଏହି ସେବାକାର୍ଯ୍ୟ ସବୁବେଳେ ଜାରି ରଖିବି।



ସେ ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଚଳଚ୍ଚିତ୍ର ମନ ମୋ କାଗଜ ଗୁଡ଼ିର ଚୋରି ଚୋରି ଚାନ୍ଦିନୀକୁ ରାଜନନ୍ଦିନୀ, ଚାରି ଧାମ ଭିତରୁ ଗୋଟିଏ ଧାମ ଭଳି ଭଜନ, ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ, ପାଗଳ ଭଅଁର ଭଳି ଅନେକ ହିଟ୍ ଆଲବମ୍ ଗୀତ ଗାଇ ଲୋକପ୍ରିୟତା ହାସଲ କରିପାରିଛନ୍ତି। କେବଳ ଏତିକି ନୁହେଁ ତାଙ୍କର ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି, ଯେଉଁଥିରେ ଲକ୍ଷାଧିକ ସବ୍‌ସ୍କ୍ରାଇବର ମଧ୍ୟ ରହିଛନ୍ତି। ଏଥିରେ ସେ କ୍ଲାସିକାଲ୍, ମଡର୍ଣ୍ଣ, ଭଜନ ଆଦି ବିଭିନ୍ନ ଷ୍ଟାଇଲ୍‌ର ଗୀତ ଗାଇ ଦର୍ଶକଙ୍କ ଠାରୁ ବେଶ୍ ପ୍ରଶଂସା ସାଉଁଟି ପାରିଛନ୍ତି। ସେ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ, ସମ୍ଭାବନା ପକ୍ଷରୁ ଆୟୋଜିତ ଲତାଜୀ ସଙ୍ଗ୍ କମ୍ପିଟିଶନ୍‌ରେ ପ୍ରଥମ ହେବା ସହ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେ ନିଜ ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ଗୁରୁଙ୍କୁ ଦେଇଛନ୍ତି। ତେବେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇପାରିଥିବାରୁ ବହୁତ ଖୁସି ଏବଂ ଆଗକୁ ଭଲ ସଙ୍ଗୀତ ପରିବେଷଣ କରି ଓଡ଼ିଶା ପାଇଁ ଗୌରବ ଆଣିବା ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି ଜ୍ୟୋତିର୍ମୟୀ।

-ପୌର୍ଣ୍ଣମାସୀ



ମା' ଗୌରୀ ଏବଂ ବାପା ଚକ୍ରଧରଙ୍କ ସହ ଜ୍ୟୋତିର୍ମୟୀ

## ଏ ସପ୍ତାହର ପ୍ରଶ୍ନ ?

୧- ସାଇଲେଣ୍ଟ ଭ୍ୟାଲି ନ୍ୟାଶନାଲ୍ ପାର୍କ .......... ରାଜ୍ୟରେ ଅବସ୍ଥିତ ?
୨- ଗ୍ଲୋବାଲ୍ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ସର୍ଭିଲାନ୍ସ ରିପୋର୍ଟ ୨୦୨୫ ......... ପକ୍ଷରୁ ପ୍ରକାଶ ପାଇଛି ?
୩- ଏକ୍ସରସାଇଜ୍ ଓସିଆନ୍ ସ୍କାଏ ୨୦୨୫ .......... ଦେଶରେ ଆୟୋଜିତ ହୋଇଛି ?
୪- ନାୟିଙ୍ଗ୍ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୫- ଷ୍ଟର୍ମ ଶ୍ୟାଡୋ ମିଶାଇଲ୍ ଦୁଇ ଦେଶ ୟୁନାଇଟେଡ୍ କିଙ୍ଗଡମ୍ ଏବଂ .......... ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ?

## ଗତ ଥରର ଉତ୍ତର

୧ ଜମ୍ମୁ-କାଶ୍ମୀର
୨ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍
୩ ଇଟାଲୀ
୪ ଇଣ୍ଡୋନେସିଆ
୫ ଡେନିସ୍ ପାପିନ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

### ସବୁଠୁ ଅଧିକ ଦେଖାଯାଇଥିବା ଫିଲ୍ମ-୨୦୨୫

୧ ........................ ଏ ମାଇନ୍‌କ୍ରାଫ୍ଟ ମୁଭି
୨ ........................ ଲିଲୋ ଆଣ୍ଡ ସ୍ଟିଚ୍
୩ ........................ ସୁପରମ୍ୟାନ୍
୪ ........................ ଜୁରାସିକ୍ ୱାର୍ଲ୍ଡ : ରିବାର୍ଥ
୫ ........................ ସିନର୍ସ
୬ ........................ ଦି ଫାଣ୍ଟାଷ୍ଟିକ୍ ଫୋର୍: ଫାଷ୍ଟ ଷ୍ଟେପ୍ସ
୭ ........................ ହାଓ ଟୁ ଟ୍ରେନ୍ ୟୋର୍ ଡ୍ରାଗନ୍
୮ ........................ କ୍ୟାପ୍ଟେନ୍ ଆମେରିକା: ବ୍ରେଭ୍ ନ୍ୟୁ ୱାର୍ଲ୍ଡ
୯ ........................ ମିଶନ୍ ଇମ୍ପସିବଲ୍- ଦି ଫାଇନାଲ୍ ରେକନିଂ
୧୦ ........................ ଦି କଞ୍ଜୁରିଂ: ଲାଷ୍ଟ ରାଇଟ୍ସ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

# ଅଜବ ସ୍ଥାପତ୍ୟ

**ପୃଥିବୀର ବିଭିନ୍ନ ସ୍ଥାନରେ ଏମିତି କେତେକ ଅଜବ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି କେତେକ ସ୍ଥାପତ୍ୟ ସମ୍ପର୍କରେ...**



**ଏନ୍‌ଗେଜ୍‌ମେଣ୍ଟ:** କାନାଡ଼ାର କଲମ୍ବିଆରେ ଥିବା ଭାନ୍‌କଭର୍‌ରେ ରହିଛି ସନ୍‌ସେଟ୍ ବିଚ୍, ଯେଉଁଠାରେ ରହିଛି ୨ଟି ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ୍‌ର ସ୍ଥାପତ୍ୟ, ଯାହାକୁ ୨୦୦୫ ମସିହାରେ ଡେନିସ୍ ଓପେନ୍‌ହେମ୍‌ଙ୍କ ନିର୍ମାଣ କରିଥିଲେ। ଏହାକୁ ନିର୍ମାଣ କରିବା ଲାଗି ସେ ଆଲୁମିନିୟମ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଟ୍ରାନ୍ସଲୁସେଣ୍ଟ ପ୍ଲେକ୍ସିଗ୍ଲାସ୍ ବକ୍ସ ବ୍ୟବହାର କରିଛନ୍ତି।

**ଦି ଫୋର୍କ:** ସ୍ୱିଜରଲାଣ୍ଡର ଭିଭେ ସହରସ୍ଥିତ ଜେନେଭା ହ୍ରଦରେ ରହିଛି ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ ଫୋର୍କର ସ୍ଥାପତ୍ୟ। ଆକାଶରୁ ପାଣି ଭିତରୁ ଖସୁଥିବା ଭଳି ଡିଜାଇନ୍ ହୋଇଥିବା ଏହି ଫୋର୍କର ଓଜନ ୯୨୯ ପାଉଣ୍ଡ ହୋଇଥିବା ବେଳେ ଉଚ୍ଚତା ୨୬ ଫୁଟ। ସେଥିପାଇଁ ପୃଥିବୀର ସବୁଠୁ ବଡ଼ ଫୋର୍କ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛି। ତେବେ ପୃଥିବୀର ପ୍ରଥମ ଫୁଡ୍ ମ୍ୟୁଜିୟମ୍ ଆଲମେଣ୍ଟାରିଅମ୍‌ର ୧୦ମ ବାର୍ଷିକ ଉତ୍ସବ ଅବସରରେ ସ୍ୱିସ୍ ଆର୍ଟିଷ୍ଟ ଜିନ୍ ପିରେ ଜାଉଗ୍ ଏହି ଫୋର୍କକୁ ନିର୍ମାଣ କରିଥିଲେ। ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି।



**ହ୍ୟାଣ୍ଡ ଅଫ୍ ଦ ଡେଜର୍ଟ:** ଚିଲିସ୍ଥିତ ଆଟାକାମ ମରୁଭୂମିରେ ରହିଛି ଏକ ବିଶାଳ ହାତର କଳାକୃତି। ଏହାକୁ ନିର୍ମାଣ କରିଛନ୍ତି ମ୍ୟାରିଓ ଇରାଜାବାଲ୍। ମରୁଭୂମି ଭିତରୁ ବାହାରିଥିବା ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ହାତ ଦେଖିବାକୁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।





ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ନିକଟରେ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଆଣ୍ଟି-ସ୍ମୋଗ୍ ଗନ୍‌ରୁ ଜଳକଣା ସ୍ପ୍ରେ କରାଯାଉଛି। ଶନିବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ୨୫୧ ରହିଛି।

## ଆଜି ସବୁଠୁ ଓଜନଦାର ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ



**ଶ୍ରୀହରିକୋଟା, ୧।୧୧ (ପି.ଟି.)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ସିଏମ୍ଏସ୍-୦୩ ଯୋଗାଯୋଗ ଉପଗ୍ରହକୁ କକ୍ଷପଥକୁ ଛଡ଼ାଯିବ। ଏହି ସାଟେଲାଇଟ୍‌ର ଓଜନ ୪,୪୧୦ କିଲୋଗ୍ରାମ ଯାହାକି ଭାରତ ମାଟିରୁ ଉତ୍କ୍ଷେପଣ ହୋଇ ଏକ ଭୂ-ସମକାଳୀକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ହେବାରେ ସବୁଠୁ ଓଜନଦାର ଉପଗ୍ରହ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଏଲ୍‌ଭିଏମ୍‌୩-ଏମ୍‌୫ ରକେଟରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ। ୪୩.୫ ମଟର ଉଚ୍ଚର ଉକ୍ତ ବାହୁବଳୀ ରକେଟକୁ ସମ୍ପୂର୍ଣ୍ଣ ଆସେମ୍ବ୍ଲି କରାଯିବା ସହ ଏୟାରକ୍ରାଫ୍ଟରେ ସଂଯୋଗ କରାଯାଇଛି। ଲଞ୍ଚ୍ ପୂର୍ବରୁ ଏହାକୁ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌କୁ ନିଆଯିବ ବୋଲି ବେଙ୍ଗାଲୁରୁସ୍ଥିତ ସ୍ପେସ୍ ଏଜେନ୍ସି କହିଛି।

# ଭାରତ ମାଓବାଦୀମୁକ୍ତ ହେବାକୁ ଯାଉଛି

## ଛତିଶଗଡ଼ ବିଧାନସଭା ସୌଧ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ରାୟପୁର, ୧।୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ର ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରୁଛନ୍ତି।

ଛତିଶଗଡ଼ ପୂର୍ବରୁ ମାଓବାଦୀ ହିଂସାପ୍ରବଣ ଏବଂ ପଛୁଆ ରାଜ୍ୟ ଭାବେ ପରିଚିତ ହୋଇଆସୁଥିବାବେଳେ ଏହାର ଗତ ୨୫ ବର୍ଷର ଯାତ୍ରା ପ୍ରେରଣାଦାୟକ, ଯାହା ରାଜ୍ୟକୁ ସମୃଦ୍ଧି, ସୁରକ୍ଷା ଏବଂ ସ୍ଥିରତାର ପ୍ରତୀକ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶନିବାର ଛତିଶଗଡ଼ର ନବ ରାୟପୁର ଅଟଳ ନଗରରେ ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଧାନସଭାରୁ ବାହାରୁଥିବା ପ୍ରତ୍ୟେକ ବିଚାରରେ ଜନସେବା, ବିକାଶର ପ୍ରତିଶ୍ରୁତିବଦ୍ଧତା ଏବଂ ଭାରତକୁ ଆହୁରି ଉପରକୁ ନେଇଯିବାର ଆତ୍ମବିଶ୍ୱାସ ଭାବନା ପ୍ରତିଫଳିତ ହେବା ଉଚିତ। ବିଧାନସଭା କେବଳ ଆଇନ ପ୍ରଣୟନର ଏକ ସ୍ଥାନ ନୁହେଁ, ବରଂ ଛତିଶଗଡ଼ର ଭାଗ୍ୟ ନିର୍ଦ୍ଧାରଣର ଏହା ଏକ ଜୀବନ୍ତ କେନ୍ଦ୍ର ଏବଂ ବଳିଷ୍ଠ ଶକ୍ତି ବୋଲି ଆମକୁ ମନେରଖିବାକୁ ହେବ। ଏଠାରେ ଏଭଳି ଆଇନ ପ୍ରଣୟନ ହେବା ଆବଶ୍ୟକ, ଯାହା ସଂସ୍କାରକୁ ଆଗେଇନେବା ସହ ଲୋକଙ୍କ ଜୀବନଯାପନକୁ ସହଜ କରିବ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନରୁ ଅନାବଶ୍ୟକ ସରକାରୀ ହସ୍ତକ୍ଷେପକୁ ଦୂର କରିବ। ସରକାରଙ୍କ ଉପସ୍ଥିତିର ଅଭାବ କିମ୍ବା ଅନାବଶ୍ୟକ ପ୍ରଭାବ ରହିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆତଙ୍କବାଦ ଓ ମାଓବାଦୀ ବିରୋଧୀ ଲଢ଼େଇରେ ଭାରତର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏବେ ଛତିଶଗଡ଼ ମଧ୍ୟ ମାଓବାଦୀ ହିଂସାରୁ ମୁକ୍ତ ହେବାକୁ ଯାଉଛି। ଏଥିପାଇଁ ଛତିଶଗଡ଼ ଜନସାଧାରଣଙ୍କ କଠିନ ପରିଶ୍ରମ ଏବଂ ସଫଳ ସରକାରର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଧାନମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ଭାରତ ଐତିହ୍ୟ ଏବଂ ବିକାଶକୁ ବିକାଶକୁ ସାଙ୍ଗରେ ନେଇ ଆଗକୁ ବଢ଼ୁଛି ଏବଂ ସରକାରଙ୍କ ପ୍ରତ୍ୟେକ ନୀତି ଓ ନିଷ୍ପତ୍ତିରେ ଏହି ମାନସିକତାର ପ୍ରମାଣ ରହିଛି। ଛତିଶଗଡ଼ର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଏକ ବୃହତର ଲକ୍ଷ୍ୟର ଆରମ୍ଭକୁ ସୂଚିତ କରୁଛି। ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବାକୁ ଯାଉଥିବାବେଳେ ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଛତିଶଗଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ନୂଆ ବିଧାନସଭା ଭବନ ପରିସରରେ ପ୍ରଧାନମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାନବ ବୋମା ଆତଙ୍କ: ହାଇଦ୍ରାବାଦ ଯାଉଥିବା ବିମାନ ମୁମ୍ବାଇ ଫେରିଲା

**ହାଇଦ୍ରାବାଦ, ୧।୧୧**

ଜେଦାହରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ମାନବ ବୋମା ରହିଥିବାର ଧମକପୂର୍ଣ୍ଣ ଇମେଲ୍ ଶନିବାର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ମିଳିବା ପରେ ଉକ୍ତ ବିମାନକୁ ମୁମ୍ବାଇ ନିଆଯାଇ ସୁରକ୍ଷିତ ଅବତରଣ କରାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ସକାଳ ୫ଟା ୩୦ରେ ସେମାନେ ଏକ ଧମକପୂର୍ଣ୍ଣ ଇମେଲ୍ ପାଇଥିଲେ। ହାଇଦ୍ରାବାଦ ବିମାନବନ୍ଦରରେ ଇଣ୍ଡିଗୋର ୬ଇ୬୮ ନମ୍ବର ବିମାନ ଅବତରଣକୁ ରୋକିବା ପାଇଁ ସେଥିରେ ସତର୍କ କରିଦିଆଯାଇଥିଲା। ବିମାନରେ ଏଲ୍‌ଟିଟିଇ-ଆଇଏସ୍‌ଆଇର କେତେଜଣ ଅପରେଟିଭ୍ ରହିଛନ୍ତି। ସେମାନେ ୧୯୮୪ର ମାଡ୍ରାସ ଏୟାରପୋର୍ଟ ବିସ୍ଫୋରଣ ଭଳି ଅନୁରୂପ ଆକ୍ରମଣ କରିବାକୁ ଯୋଜନା କରିଥିବା ଇମେଲ୍‌ରେ କୁହାଯାଇଥିଲା। ଏନେଇ ସମସ୍ତଙ୍କୁ ସତର୍କ କରିଦିଆଯିବା ସହ ବିମାନକୁ ମୁମ୍ବାଇ ଏୟାରପୋର୍ଟ ନିଆଯାଇଥିଲା। ସେଠାରେ ସମସ୍ତ ସୁରକ୍ଷାଗତ ଯାଞ୍ଚ କରାଯାଇଥିବାବେଳେ ମାନବବୋମା ଥିବାର କୌଣସି ସୂଚନା ମିଳିନାହିଁ।

### ନ୍ୟାୟ ପାଇଁ ୫୦ ବର୍ଷର ଆଇନଗତ ଲଢ଼େଇ

**ଭୋପାଳ, ୧।୧୧**

ଏକ ହିନ୍ଦୀ ଫିଲ୍ମରେ ଅଭିନେତା ସନି ଦେଓଲ ଅଦାଲତରେ କହିଥିଲେ, 'କେବଳ ତାରିଖ ପରେ ତାରିଖ ଚାଲିଛି, କିନ୍ତୁ ନ୍ୟାୟ ମିଳୁନାହିଁ। ଗ୍ୱାଲିୟରର ଜଣେ ୭୯ ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ ଅନୁରୂପ ଘଟଣା ଘଟିଛି। ମିଥିଲେଶ ଶ୍ରୀବାସ୍ତବ ନାମ୍ନୀ ମହିଳା ତାଙ୍କ ସ୍ୱାମୀଙ୍କ ଗ୍ରାଚ୍ୟୁଇଟି, ପେନ୍‌ସନ ଆଦି ପାଇଁ ୫୦ ବର୍ଷ ହେଲା କୋର୍ଟରେ ଅଇନଗତ ଲଢ଼େଇ କରିଆସୁଛନ୍ତି। ଏହି ୫୦ ବର୍ଷରେ ସେ କେବଳ କୋର୍ଟ ସମନ ଓ ନୂଆ ଶୁଣାଣି ତାରିଖ ବ୍ୟତୀତ ଅନ୍ୟ କିଛି ପାଇ ନାହାନ୍ତି। ମିଥିଲେଶଙ୍କ ସ୍ୱାମୀ ଶଙ୍କରଲାଲ୍ ମଧ୍ୟପ୍ରଦେଶ ପୋଲିସରେ ୨୩ ବର୍ଷ କାର୍ଯ୍ୟ କରିବା ପରେ ୧୯୭୧ରେ ଇସ୍ତଫା ଦେଇଥିଲେ। ୧୯୮୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ତାଙ୍କ ବିଧବା ସ୍ତ୍ରୀ ମାସିକ ମାତ୍ର ୩୩ ଟଙ୍କା ଅସ୍ଥାୟୀ ପେନ୍‌ସନରେ ବଞ୍ଚିଛନ୍ତି। ସ୍ୱାମୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ପାଇଁ ସେ ବାରମ୍ବାର ବିଭାଗ ନିକଟରେ ଆବେଦନ କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ତାଙ୍କ ଫାଇଲ୍ ହଜିଯାଇଥିଲା। ଶେଷରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୫ରେ ସିଭିଲ୍ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ବିଭାଗ ବିଭିନ୍ନ ଆଳ ଦେଖାଇ ଟଙ୍କା ଦେଇ ନ ଥିଲା। ଏପରିକି ମଧ୍ୟପ୍ରଦେଶ ହାଇକୋର୍ଟ ମଧ୍ୟ ତାଙ୍କୁ କୌଣସି ସହାୟତା କରିପାରି ନାହାନ୍ତି। ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ ଶେଷ ଶୁଣାଣି ବେଳେ କହିଛନ୍ତି, ଯଦି ଅଦାଲତଙ୍କ ନିର୍ଦ୍ଦେଶ ନଭେମ୍ବର ସୁଦ୍ଧା କାର୍ଯ୍ୟକାରୀ ନ ହୁଏ ତେବେ ଶେଓପୁର ଏସ୍‌ପି କୋର୍ଟରେ ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ହେବ। ପ୍ରଶାସନ ନ୍ୟାୟ ପ୍ରଦାନରେ ମୌଳିକ କର୍ତ୍ତବ୍ୟକୁ ଭୁଲିଯାଉଥିବା କହି ଅଦାଲତ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ତାଞ୍ଜାନିଆ ନିର୍ବାଚନରେ ରାଷ୍ଟ୍ରପତି ହାସନ ବିଜୟୀ



ସାମିଆ ସୁଲୁହୁ ହାସନ

**କାମ୍ପାଲା, ୧।୧୧**

ତାଞ୍ଜାନିଆରେ ଅନୁଷ୍ଠିତ ବିବାଦୀୟ ନିର୍ବାଚନରେ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ ୯୭ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ପ୍ରଶାସନିକ ରାଜଧାନୀ ଡୋଡୋମାରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିର୍ବାଚନ କର୍ତ୍ତୃପକ୍ଷଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଜଣେ ମହିଳା ନେତାଙ୍କ ସପକ୍ଷରେ ତାଞ୍ଜାନିଆ ଜନସାଧାରଣ ବହୁଳ ଭାବେ ଭୋଟ ଦେଇଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ହାସନ କହିଛନ୍ତି। ଏବେ ଏକାଠି ହେବାର ସମୟ ଆସିଛି। ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଆମେ ଯାହା ଗଢ଼ିଛେ, ତାକୁ ଧ୍ୱଂସ ହେବାକୁ ଦେବା ନାହିଁ। ଦେଶରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ସୁରକ୍ଷା ବଳ ସହ ସାମିଲ ହୋଇ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ବୋଲି ରାଷ୍ଟ୍ରପତି କହିଛନ୍ତି। ସୂଚନାଯୋଗ୍ୟ, ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଥିଲା। ରାଷ୍ଟ୍ରପତି ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ନିର୍ବାଚନୀ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଉତ୍ତେଜନା ଦେଖାଦେଇଥିଲା।

## ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ସଂଗ୍ରହାଳୟ ଉନ୍ମୋଚିତ



**କାଇରୋ, ୧।୧୧**

ଇଜିପ୍ଟରେ ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଇଜିପ୍ଟିଆନ୍ ମ୍ୟୁଜିୟମ ଶନିବାର ଉଦ୍‌ଘାଟିତ ହୋଇଯାଇଛି, ଯାହାକି ବିଶ୍ୱର ସର୍ବବୃହତ୍ ସଂଗ୍ରହଳାୟ। ଏହାକୁ ଇଜିପ୍ଟର ପ୍ରାଚୀନ ସଭ୍ୟତାକୁ ଉତ୍ସର୍ଗ କରାଯାଇଛି। ଦେଶର ପର୍ଯ୍ୟଟନ ଶିଳ୍ପ ଓ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ଏହି ମେଗା ପ୍ରକଳ୍ପର ଲକ୍ଷ୍ୟ। କାଇରୋର ଗିଜା ପିରାମିଡ୍ ନିକଟରେ ଅବସ୍ଥିତ ଏହି ମ୍ୟୁଜିୟମ ନିର୍ମାଣ ଲାଗି ୨ ଦଶନ୍ଧି ଲାଗିଛି। ଏଥିରେ ପୁରାତନ ଇଜିପ୍ଟର ଜୀବନଯାପନ ସମ୍ପର୍କିତ ୫୦ ହଜାରରୁ ଊର୍ଦ୍ଧ୍ୱ କଳାକୃତି ପ୍ରଦର୍ଶିତ ହୋଇଛି। ଇଜିପ୍ଟ ରାଜଧାନୀରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅନେକ ବିଶ୍ୱନେତା, ରାଜା, ରାଷ୍ଟ୍ର ଓ ସରକାରର ମୁଖ୍ୟମାନେ ଯୋଗଦେଇଥିଲେ।

## ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁନାହୁଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧।୧୧ (ପି.ଟି.)**

### ସନ୍ତାନକୁ ହେପାଜତକୁ ନେବା ମାମଲା

ଜଣେ ରୁଷୀୟ ମହିଳା ତାଙ୍କ ପିଲାକୁ ନେଇ ଭାରତ ଛାଡ଼ି ମସ୍କୋ ପଳାଇଥିବାବେଳେ ସନ୍ତାନକୁ ପାଇବା ନେଇ ତାଙ୍କଠାରୁ ଦୂରେଇ ଯାଇଥିବା ଭାରତୀୟ ସ୍ୱାମୀ ମାମଲା ଦାଏର କରିଥିଲେ। ରୁଷୀୟ ମହିଳାଙ୍କୁ ଖୋଜି ବାହାର କରିବାରେ ଆନ୍ତରିକ ଉଦ୍ୟମର ଅଭାବକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଥିବାବେଳେ କୌଣସି ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁ ନ ଥିବା କହିଛନ୍ତି। ଏହି ମାମଲାର ସମାଧାନ ପନ୍ଥା ବାହାର କରିବା ଏବଂ ପିଲାକୁ ସୁପ୍ରିମକୋର୍ଟଙ୍କ ହେପାଜତକୁ ଆଣିବା ଲାଗି ପଦକ୍ଷେପ ନେବାରେ କୂଟନୈତିକ ଚ୍ୟାଲେଞ୍ଜ ରହିଛି। ତେଣୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ, ମସ୍କୋରେ ଥିବା ଭାରତୀୟ ଦୂତାବାସ ଏବଂ ଦିଲ୍ଲୀରେ ଥିବା ରୁଷିଆ ଦୂତାବାସ ଉପଯୁକ୍ତ ସମନ୍ୱୟ ରକ୍ଷାକରି ସମାଧାନର ସୂତ୍ର ବାହାର କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପାରସ୍ପରିକତା ଓ ସୌହାର୍ଦ୍ଦ୍ୟ ସିଦ୍ଧାନ୍ତ ଆଧାରରେ ସହାୟତା ଏବଂ ସହଯୋଗ ପାଇଁ ଭାରତୀୟ ଦୂତାବାସ ରୁଷିଆର ପ୍ରୋସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତି (ଏମ୍‌ଏଲ୍‌ଏଟି) ଅନୁଯାୟୀ ସାନି ନିବେଦନ କରିଛି। ଏଥିରେ ନେପାଳୀ ନାଗରିକଙ୍କ ସମେତ ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସ ସହ ସମନ୍ୱୟ ରକ୍ଷାକରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଅଦାଲତଙ୍କୁ କହିଛନ୍ତି। ରୁଷିଆ ଦୂତାବାସ ସହାୟତାରେ ମହିଳା ଜଣକ ନେପାଳ ଏବଂ ୟୁଏଇର ଶାରଜା ଦେଇ ମସ୍କୋ ପଳାଇଯାଇଥିବା କୁହାଯାଉଛି। ଦିଲ୍ଲୀ ପୋଲିସ ରୁଷିଆ କର୍ତ୍ତୃପକ୍ଷଙ୍କୁ ନୋଟିସ ପଠାଇ ଅଧିକ ତଥ୍ୟ ମାଗିଥିବାବେଳେ ଏପର୍ଯ୍ୟନ୍ତ ଉପଯୁକ୍ତ ପ୍ରମାଣ ମିଳିନାହିଁ। ମହିଳା ଜଣକ ଏକ୍ସ-୧ ଭିଜା ଜରିଆରେ ୨୦୧୯ରେ ଭାରତ ଆସି ରହିଥିଲେ। ତାଙ୍କ ଭିଜା କାର୍ଯ୍ୟକାଳ ଶେଷହେବା ପରେ ମାମଲା ବିଚାରାଧୀନ ଥିବାରୁ ଏହାର ଅବଧି ବଢ଼ାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପିଲାଟି ମା' ପାଖରେ ଥିବାରୁ ଭଲରେ ଥିବ ଏବଂ ଏହା ମାନବ ଚାଲାଣ ମାମଲା ହୋଇ ନ ଥିବ ବୋଲି ଅଦାଲତ ଆଶାବ୍ୟକ୍ତ କରିଛନ୍ତି।

## ୟୁନେସ୍କୋ ସୃଜନାତ୍ମକ ସହର ତାଲିକାରେ ଲକ୍ଷ୍ନୌ

**ଜାତିସଂଘ, ୧।୧୧**

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହର ଏହାର ସମୃଦ୍ଧ ତଥା ବିବିଧ ଭୋଜନ ପ୍ରସ୍ତୁତି ଐତିହ୍ୟ ପାଇଁ ୟୁନେସ୍କୋର ସୃଜନାତ୍ମକ ସହର ତାଲିକାରେ ସାମିଲ ହୋଇଛି। ଜାତିସଂଘର ଶୈକ୍ଷିକ, ବିଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ସୃଜନାତ୍ମକ ସହର ନେଟ୍‌ୱର୍କରେ ୫୮ଟି ସହରକୁ ନୂଆ ସଦସ୍ୟ ଭାବେ ନିଆଯାଇଛି। ଫଳରେ ଉକ୍ତ ନେଟ୍‌ୱର୍କର ମୋଟ ସହର ସଂଖ୍ୟା ୪୦୮ରେ ପହଞ୍ଚିଛି। ଲକ୍ଷ୍ନୌକୁ ଦିବ୍ୟ ଭୋଜନ ପ୍ରସ୍ତୁତି କଳା ବର୍ଗରେ ସ୍ୱୀକୃତି ମିଳିଛି।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ କାଶିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ଦଳାଚକଟା ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଏକାଦଶୀ ଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ବଢ଼ୁଛି ରଶ୍ମିକାଙ୍କ କ୍ରେଜ୍



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ବଲିଉଡ ସିନେମାରେ ଚୁଲବୁଲି ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ କାହିଁରେ କେତେ। ସେ ଯେଉଁ ସିନେମା ପାଇଁ ହଁ କହୁଛନ୍ତି ତାହା ବକ୍ସ ଅଫିସରେ ଭଲ ବ୍ୟବସାୟ କରୁଛି। ଏଇ ଯେମିତି ନିକଟରେ ରିଲିଜ ହୋଇଥିବା 'ଥାମା'କୁ ଦେଖନ୍ତୁ।

ସିନେମା ହଲ୍‌ରେ ରିଲିଜର ୧୦ ଦିନ ମଧ୍ୟରେ ଭଲ କଲେକ୍ସନ କରିଛି 'ଥାମା'। ସେମିତି ଦେଖିଲେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମଗୁଡ଼ିକର ବଜେଟ ଏତେ ଅଧିକ ନ ଥାଏ। ନିର୍ମାତା କାହାଣୀ ଉପରେ ପୂରା ଫୋକସ୍ କରିଥାନ୍ତି। ହେଲେ 'ଥାମା'ରେ କିଛି ଭିନ୍ନ ଦେଖିବାକୁ ମିଳିଛି। ବଡ଼ ବଜେଟରେ ଏହି ଫିଲ୍ମ ନିର୍ମାଣ ହୋଇଥିବା ବେଳେ ଉଭୟଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି।

ଆୟୁଷ୍ମାନ-ରଶ୍ମିକାଙ୍କ ଫିଲ୍ମ ବିଶ୍ୱସ୍ତରରେ ୧୭୩.୪୨ କୋଟି ଟଙ୍କା ରୋଜଗାର କରିଛି। ଏହା ୧୪୫ କୋଟିରେ ନିର୍ମିତ ଫିଲ୍ମ।

ଦର୍ଶକଙ୍କ ମତରେ ରଶ୍ମିକାଙ୍କ ଉପସ୍ଥିତି ଆୟୁଷ୍ମାନଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ଯଦି ଏହା ଦୁଇ ଶହ କୋଟି କ୍ଲବରେ ସାମିଲ ହୁଏ ତେବେ ଅଭିନେତାଙ୍କ ଜୀବନର ଏହା ମାଇଲଖୁଣ୍ଟି ସାବ୍ୟସ୍ତ ହେବ ବୋଲି ଆଲୋଚନା ହେଉଛି।

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୧୧(ଭାସ୍କର ରାଉତରାୟ)




କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ନଗେନ୍ଦ୍ର ମାଝୀ, ପୁରସ୍ତମ ଜେନା, ବିଦ୍ୟାଧର ମାଝୀ, ଭରତ ଜେନା, ରାଜେଶ ଖଟୁଆ, ଅଜୟ ମାଝୀ, ଦୁଃଶାସନ ତରାଇ ଓ ନନ୍ଦୁ ସିଂ। ଏମାନଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫମାନେ ବାଲେଶ୍ୱର ସଦର ଜିଲାର ବୋଲି ଜଣାପଡିଛି।

ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ଭାରତୀ ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୨୫ କେଜି ମାଛ, ୧ ଟିଜିପିଏସ୍,୨ଟିଭି ଏଚ୍ଏଫ ଓ ୭ ଜାଲ ଜବତ କରାଯାଇଛି।

# ରାଜନଗର ପେଣ୍ଠର କ୍ଷତିଗ୍ରସ୍ତ ପଥରବନ୍ଧ

**ସ୍ଥିତି ଅନୁଧ୍ୟାନକଲେ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ**

ରାଜନଗର,୧।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ବାତ୍ୟା ମୋନ୍ଥା ଯୋଗୁ ବଙ୍ଗୋପସାଗରର ଅଶାନ୍ତ ପ୍ରଭାବ ଦେଖିବାକୁ ମିଳିଥିଲା। ଏଠାରେ ଉଚ୍ଚ ଜୁଆର ଉଠି ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ୍ ୱାଲ୍ ଉପରେ ପ୍ରବଳ ମାତ୍ରାରେ ମାଡ ହୋଇଥିଲା। ଭୟଙ୍କର ଭାବେ ଜୁଆର ମାଡ ହେବା ଯୋଗୁ ସିନ୍ଥେଟିକ୍ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ସ୍ଥାନକୁ ଶନିବାର ଜଳ ସମ୍ପଦ ବିଭାଗ ମହାନଦୀ, ବିରୂପା ଓ ବ୍ରାହ୍ମଣୀ ସିଷ୍ଟମ ମୁଖ୍ୟଯନ୍ତ୍ରୀ ବିପ୍ଳବରାଜ ପୁରୋହିତ ଓ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ସାହୁ ପରିଦର୍ଶନ କରିଥିଲେ। ରାଜନଗର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ପଥରବନ୍ଧ ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ବୁଝାଇଥିଲେ।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟା ପରଠାରୁ ପେଣ୍ଠ ନିକଟରେ ସମୁଦ୍ର ସ୍ଥଳଭାଗ ଆଡ଼କୁ ୩ କିଲୋମିଟର ମାଡ଼ିଆସିଛି। ପେଣ୍ଠ ନିକଟରେ ରାଜନଗରବାସୀଙ୍କ ସୁରକ୍ଷାକବଚ ଲୁଣାଘେରି ବନ୍ଧ ସମୁଦ୍ରର ଉଚ୍ଚ ଜୁଆରରେ ବାରମ୍ବାର କ୍ଷତିଗ୍ରସ୍ତ ହେବା ପରେ ସୁରକ୍ଷା ପାଇଁ ପେଣ୍ଠ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୫ ମିଟରର ଜିଓ ସିନ୍ଥେଟିକ୍ ୱାଲ୍ ତିଆରି କରାଯାଇଥିଲା। ଜିଓ ସିନ୍ଥେଟିକ୍ ଉପରେ ସମୁଦ୍ର ଜୁଆର ମାଡ଼ନେଇ ଗ୍ୟାବିନ ବକ୍ସକୁ କ୍ଷତି ପହଞ୍ଚାଇବା ପରେ ଏହି ୱାଲକୁ ସୁରକ୍ଷା ଦେବାପାଇଁ ସମୁଦ୍ର ଭିତରେ ଓ ସିନ୍ଥେଟିକ୍ ୱାଲର ଦୁଇ ପାର୍ଶ୍ୱରେ ପଥର ବନ୍ଧ ତିଆରି କରାଯାଇଥିଲା।

# Classified Everyday

**0674-2580101, 9692975378**




## Bride Wanted

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧାମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338




## SALE

**3BHK flat, 1646 sqft., (Ready to move), near KIIT University. Contact No.- 9090030067, 9090090068.** D-2460

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ **200**ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ **2700**ଟଙ୍କା। **Registration, Conversion and Mutation Free. Contact: 9438220432/ 8144658008.** D-2438

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 7008815552. D-2364




**Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.** D- 76944

Fully furnished residential accommodation near Allen College Koustav Chandrasekharpur. 8895154066. D-2416




The massage felt totally professional & comfortable at all times- 7978109255. D-205

## AFFIDAVIT

By virtue of an affidavit sworn before Notary Public, dated- 31st Oct. 2025, I, Biba Huika, Address: At- Kolenge, Village- Tadama, P.O.- Todama, Dist.- Rayagada, Odisha, 765002 declare that I have changed my name from Lati Huika to Biba Huika. Henceforth, I shall be known as Biba Huika for all purposes.
Biba Huika D-2455

By virtue of an affidavit sworn before the Notary Public, Saintala, dtd.- 01.11.2025, Court Fees No. 95, I, Baladeb Majhi, S/o.- Kabiraj Majhi, R/O Village- Barahamal, P.O.- Khasbahal, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Bhagyabati Majhi to Bhagabati Majhi. Henceforth, my daughter shall be known as Bhagabati Majhi for all purposes.
Baladeb Majhi D-2456

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Dated- 23.09.2025, I, Anjan Kumar Sahoo, At- Kilipal, P.O.- Narijanga, P.S.- Tirtol, Dist.- Jagatsinghpur, PIN- 754137 declare that I have changed my name from Anjan Kumar Show to Anjan Kumar Sahoo. Henceforth, I shall be known as Anjan Kumar Sahoo for all purposes.
Anjan Kumar Sahoo D-2457

By virtue of an affidavit sworn before the Notary Public, Jajpur dated- 09.10.2025, I, Omm Kumar, aged 18 years, Permanent address: At- Panthanivas Road, P.O.- Rambha, Dist.- Ganjam, State- Odisha, At present Kanheipur, Jajpur Road, Jajpur, 755019 do hereby declare that myself Om Kumar Sethy and Omm Kumar is one and same person. D-2458

By virtue of an affidavit sworn before the Executive Magistrate, Boudh, No.1470, date- 25.10.25, I, Anapurna Jhankar, W/o.- Ganesh Jhankar, R/o. village- Jhankarpada, P.O.- Ambajhari, P.S./ Dist.- Boudh, Odisha, PIN- 762015 declare that I have changed my name from Birajini Mallik to Anapurna Jhankar. Henceforth, I shall be known as Anapurna Jhankar for all purposes.
Anapurna Jhankar D-2459

By virtue of an affidavit sworn before Executive Magistrate, Bhubaneswar on 24.4.25, I, Ramesh Chandra Balabantaray, S/o.- Late Aparti Balabantaray, Resident of At- Nuasahi Sakhigopal, Near Market Gate No.2, P.S.- Satyabadi, Sakhigopal, Dist.- Puri, Odisha, PIN- 752014 state that my wife's actual name is Kiranbala Balabantray and date of birth is 17.07.1965 but in my ARMY PPO vide No. 240199702168 my wife's name has been mentioned as Kiran Bala Baalabantara. Hence Kiranbala Balabantray and Kiran Bala Baalabantara is one and same person who is my wife, aadher date of Birth is 17.07.1965. D-2449

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## LEGAL NOTICE

1739/12.09.2025
ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୯୧୪/୨୦୨୪
ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ
ଅଜିତ୍ କୁମାର ସିହ୍ନା .....ବାଦୀ
ବନାମ
ତହସିଲଦାର, ଜଟଣୀ ଓଗେର ......ପ୍ରତିବାଦୀ

ପ୍ରତିବାଦୀ ନଂ. ୭– ଗୀତାଞ୍ଜଳି ମିଶ୍ର, ପ୍ରତିବାଦୀ ନଂ. ୮– ମିତାଞ୍ଜଳି ମିଶ୍ର, ଉଭୟଙ୍କ ପିତା– ନୃସିଂହ ଚରଣ ମିଶ୍ର, ପ୍ରତିବାଦୀ ନଂ. ୧୦– ଜେନାମଣି ମିଶ୍ର, ସ୍ୱାମୀ– √ଉଦ୍ୟନାଥ ମିଶ୍ର, ପ୍ରତିବାଦୀ ନଂ. ୧୬– ନେତ୍ରମଣି ମିଶ୍ର, ସ୍ୱାମୀ– √କାଶୀନାଥ ମିଶ୍ର, ଏ ସମସ୍ତଙ୍କର ଠିକଣା ସା– ଭାତଖୁରୀ, ପୋ– ଗଙ୍ଗପଡ଼ା, ଥାନା– ଚନ୍ଦକା,ଜିଲ୍ଲା– ଖୋର୍ଦ୍ଧା।

ନୋଟିସ ସି.ପି.ସି ଅର୍ଡର ୫ ରୁଲ୍ ୨୦ ମତେ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍. କେସ ବାଦୀ ଅଜିତ୍ କୁମାର ସିହ୍ନା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭ ଓ ୮ଙ୍କର ଠିକଣା ଭୁଲ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ହୋଇ ଶ୍ରୀ ହଜୁରଙ୍କ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି ଏବଂ ପ୍ରତିବାଦୀ ନଂ.– ୧୦ ଓ ୧୬ ମୃତ ବୋଲି ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ମଧ୍ୟ ଫେରସ୍ତ ଆସିଅଛି ।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୦।୧୧।୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୧୪, ମୌଜା– ଭାତଖୁରୀ
ସାବକ ଖାତା ନଂ.– ୩୭୫, ପ୍ଲଟ୍ ନଂ.– ୩୦୫, ଏରିଆ– ଏ୦.୧୯୦ଡି. ସ୍ୱଧରୁ ଏରିଆ ଏ୦.୦୩୦ଡି., ହାଲ୍ ଖାତା ନଂ.– ୪୮୬, ପ୍ଲଟ୍ ନଂ.– ୬୭୭, ଏରିଆ ଏ୦.୧୬୦ଡି. ସ୍ୱଧରୁ ଏ୦.୦୩୦ଡି.।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭, ୮ ଏବଂ ୧୦ ଓ ୧୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର
ଧ–୨୪୫୧

IR No.- 1560
Date- 10.10.2025
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨
(ଶ୍ରୀ ଆଶୁତୋଷ ସାମଲ, ଓ.ଏ.ସ୍., ଏସ୍.ଏ.ଜି), ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର,ଜିଲ୍ଲା– ଖୋର୍ଦ୍ଧା,
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.– ୮୩୯/୨୦୨୩
ପ୍ରମିତ କୁମାର ରଥ, ପିତା ପ୍ରଶାନ୍ତ କୁମାର ରଥ .....ବାଦୀ
ବନାମ
ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ୍ ଏବଂ ଅନ୍ୟମାନେ ......ପ୍ରତିବାଦୀ
ନୋଟିସ୍ ସି.ପି.ସି. ଅର୍ଡର– ୫ ରୁଲ– ୨୦ ମୁତାବକ

୧. ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ୍, ଏହାର ପରିଚାଳନା ନିର୍ଦ୍ଦେଶକ ଅଭିଜିତ ମହାନ୍ତି, ପିତା ଗଙ୍ଗାଧର ମହାନ୍ତି, ସା–ପ୍ଲଟ୍ ନଂ.– ୬୦୫, ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ୪. ବିଶ୍ୱନାଥ ପରିଡ଼ା, ପିତା– ସ୍ୱର୍ଗତ ବାୟା@ବୟାଧର ପରିଡ଼ା, ସା/ପୋଷ୍ଟ– ତିରିମଲ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ୫. ରଘୁନାଥ ସ୍ୱାଇଁ, ପିତା– ସ୍ୱର୍ଗତ ବାସୁ ସାଇଁ, ସା/ପୋଷ୍ଟ– ଜଜାରସିଂହ, ଥାନା/ଜିଲ୍ଲା– ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୪।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ
ମୌଜା– ପାଣ୍ଡିଆବିଲ, ତହସିଲ– ଜଟଣୀ, ଥାନା– ଜଟଣୀ, ଜିଲା– ଖୋର୍ଦ୍ଧା
ସାବକ: ଖାତା ନଂ.– ୧୧୯, ପ୍ଲଟ୍ ନଂ– ୧୦୩, କିସମ– ବାଜେ–ଫସଲ–୨, ରକବା– ଏ୦.୭୧୫ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍। ହାଲ: ଖାତା ନଂ.– ୪୦୧, ପ୍ଲଟ୍ ନଂ– ୧୩୯, କିସମ– ତଇଳା, ରକବା– ଏ୦.୧୭୯ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/– କୋର୍ଟ ଅଫିସର
ଧ–୨୪୫୪

1893/16.10.2025
ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୪୭୧/୨୦୨୩
ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ
ଶ୍ରୀମତୀ ସୌଦାମିନୀ ବେହେରା .....ବାଦୀ
ଦନାମ
ତହସିଲଦାର, ଭୁବନେଶ୍ୱର ଓଗେର ......ପ୍ରତିବାଦୀ

ପ୍ରତିବାଦୀ ନଂ.୩– ସୀମା ବେଓ୍ୱା, ସ୍ୱାମୀ– ମଦନ ନାୟକ, ସା/ପୋ/ଥାନା– ବରଗଡ଼, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ନଂ.୪– ରମା ନାୟକ, ପିତା– √ଦାସ ନାୟକ, ସା/ପୋ– ଘାଟିକିଆ, ଥାନା– ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର ୫ରୁଲ୍ ୨୦ ମତେ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍. କେସ୍ ବାଦୀ ଶ୍ରୀମତୀ ସୌଦାମିନୀ ବେହେରା ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଠିକଣା ଭୁଲ୍ ବୋଲି ଦର୍ଶାଯାଇ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୨୪।୧୧।୨୦୨୫ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୪୭, ମୌଜା– ଶଙ୍କରପୁର
ସାବକ ଖାତା ନଂ.– ୩୩୭, ପ୍ଲଟ୍ ନଂ.– ୧୨୨, ବିକ୍ରୟକୃତ ଏରିଆ ଏ୦.୫୯୦ଡି. ସ୍ୱଧରୁ ଏରିଆ ଏ୦.୦୮୪ଡି, ୧୯୬୨ ପଟ୍ଟା ଅନୁସାରେ ହାଲ୍ ଖାତା ନଂ.– ୧୭୧୭, ପ୍ଲଟ୍ ନଂ.– ୧୮୫୯, ଏ୦.୧୦୦ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର
ଧ–୨୪୫୨

ମାନ୍ୟବର ଅତିରିକ୍ତ କମିଶନର ନଂ.– ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୧୦୪୧/୨୦୨୩
ଅଭିମନ୍ୟୁ ପାତ୍ର .......ବାଦୀ
ବନାମ
ସପନି ଦାଶ ଏବଂ ଅନ୍ୟମାନେ .......ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର– ୫ ରୁଲ– ୨୦ ମୁତାବକ

୧. ସପନି ଦାସ, ପିତା– ସ୍ୱର୍ଗତ ଭାଲୁ ଦାସ, ୩. ରଥିନ କୁମାର ଦାସ, ପିତା– ସ୍ୱର୍ଗତ ଅପରତି ଦାସ, ୫. ଧୂଳି ଦାସ, ପିତା– ଭଗବାନ ଦାସ, ୭. ଚତୁର୍ଭୁଜ ଦାସ, ୯. ନେତ୍ରାନନ୍ଦ ଦାସ, ଉଭୟଙ୍କର ପିତା– ସ୍ୱର୍ଗତ ବାଙ୍କ ବିହାରୀ ଦାସ, ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ଗ୍ରାମ– ଚକେଇସିହାଣି, ପୋଷ୍ଟ– ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ. ୧, ୩, ୫ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୯ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୮।୧୨।୨୦୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା– ଗାଡ଼କଣ ୟୁନିଟ–୩୯, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ସାବକ ଖାତା ନଂ.– ୪୨୯, ସାବକ ପ୍ଲଟ୍ ନଂ.– ୩୩୦୪, ସବ୍ ପ୍ଲଟ୍ ନଂ.– ୯, ଏରିଆ– ଏ୦.୦୫ଡି., ହାଲ୍ ଖାତା ନଂ.– ୧୫୪୧, ହାଲ୍ ପ୍ଲଟ୍ ନଂ.–୫୯୪୪/୧୦୩୧୭, ଏରିଆ– ଏ୦.୦୫୦ଡି.।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଧିକାରୀ
ଧ–୨୪୫୩

# ମହିଳା ବନରକ୍ଷୀଙ୍କୁ ହତ୍ୟା ଉଦ୍ୟମ

## ଜବତ ଟ୍ରାକ୍ଟର ଛଡ଼ାଇନେଲେ, ଭିଡିଓ ଭାଇରାଲ

କେନ୍ଦୁଝର/ପାଟଣା,୧।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ଥାନା ପିଛୁଲାବେଡ଼ା ଗ୍ରାମ ଅଟେଇ ସଂରକ୍ଷିତ ଜଙ୍ଗଲରେ କାର୍ଯ୍ୟରତ ଜଣେ ମହିଳା ବନରକ୍ଷୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ ସହ ହତ୍ୟା ଉଦ୍ୟମ ହୋଇଛି। ସଂରକ୍ଷିତ ଜଙ୍ଗଲରୁ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ମହିଳା ବନରକ୍ଷୀ ଅଟକାଇଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ବାଲିକୁ ଢାଳି ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଘଟଣାକୁ ନେଇ ବନରକ୍ଷୀ ଜଣକ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପିଛୁଲାବେଡ଼ା ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲର ଏକ ନାଳରୁ ଶୁକ୍ରବାର ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିଲା। ସୂଚନା ପାଇ ପାଟଣା ରେଞ୍ଜ ତଣ୍ଡୋବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଦେବଯାନୀ ମହାନ୍ତ ସ୍ୱାଡ କୈଳାସ ମହାନ୍ତଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ଏକ ଟ୍ରାକ୍ଟର (ଓଡି ୦୯- ଜେ- ୩୨୭୧)ରେ କିଛି ଲୋକ ବାଲି ଲୋଡ୍ କରୁଥିବା ଦେଖିଥିଲେ। ବନରକ୍ଷୀଙ୍କୁ ଦେଖି ବାଲି ଉତ୍ତୋଳନ କରୁଥିବା ଲୋକେ ଭୟରେ ପଳାଇଥିଲେ। ଘଟଣା ସମ୍ପର୍କରେ ରେଞ୍ଜ୍ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ସହାୟତା ଲୋଡ଼ିଥିଲେ। ଗାଡି ଜବତ ପାଇଁ ତାଲିକା ପ୍ରସ୍ତୁତ କରିବା ସମୟରେ ଟ୍ରାକ୍ଟର ମାଲିକ ପ୍ରହଲ୍ଲାଦ ପଲେଇ ୫ ଜଣ ସହଯୋଗୀଙ୍କ ସହ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇ ଟ୍ରାକ୍ଟର ନେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ମାରିବାରୁ ସେ ତଳେ ପଡ଼ିଯାଇଥିବା ମହିଳା ବନରକ୍ଷୀ କହିଛନ୍ତି। ଖାକି ପୋଷାକକୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଡ୍ରାଇଭର ସହାୟତାରେ ଟ୍ରାକ୍ଟରକୁ ଜଙ୍ଗଲରୁ ବାହାରକୁ ନେବାକୁ ଉଦ୍ୟମ ସମୟରେ ବନରକ୍ଷୀ ପୁନର୍ବାର ଗାଡ଼ି ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ସେଠାରେ ବାଲି ଢାଳି ଟ୍ରାକ୍ଟର ଧରି ଫେରାର ହୋଇଯାଇଥିଲେ ବୋଲି ବନରକ୍ଷୀ କହିଛନ୍ତି। ଗଲା ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଘଟଣାକୁ ନେଇ ଥାନାରେ ପ୍ରମୋଦ ପଲେଇ ଓ ଅନ୍ୟମାନଙ୍କ ନାମରେ ଏତଲା ଦିଆଯାଇଛି। ଜଙ୍ଗଲ ଆଇନ ଅନୁଯାୟୀ ଏକ ମାମଲା କରାଯାଇଛି । ଅଭିଯୁକ୍ତଙ୍କୁ ହାଜର ହେବାକୁ ନୋଟିସ୍ ହୋଇଛି। ହାଜର ହୋଇ ସହାୟତା ନ କଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗ ଆଧାରରେ ଘଟଗାଁ ଥାନାରେ ଏକ ମାମଲା(ନଂ. ୫୦୮/୨୫) ରୁଜୁ ହୋଇଛି। ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି। ଟ୍ରାକ୍ଟର ମାଲିକ ପଲେଇ କହିଛନ୍ତି, ଗାର୍ଡଙ୍କ ଅଭିଯୋଗ ଭିତ୍ତିହୀନ। ଉଦ୍ଦେଶ୍ୟ ପ୍ରଣୋଦିତ। ଆଇନ ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ।


ଡ୍ରାଇଭର ଟ୍ରାକ୍ଟରକୁ ଜବରଦସ୍ତ ନେଇ ପଳାଉଛନ୍ତି।

# ଜଙ୍ଗଲ ଭିତରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

ପାଟଣାଗଡ଼,୧।୧୧ (ସଚ୍ଚିଦାନନ୍ଦ ମହାକୁଡ଼)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଡେଣ୍ଟାପଦର ପଞ୍ଚାୟତ ରତାଖଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ପୋଲିସ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି । ମୃତା ଯୁବତୀ ଜଣକ ହେଲେ ରତାଖଣ୍ଡି ଗ୍ରାମର ସୁନିତା ଷାଣ୍ଡ (୨୦)। ତାଙ୍କୁ କେହି ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେଇଥିବା ଯୁବତୀଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ରତାଖଣ୍ଡି ଗ୍ରାମର କେତେଜଣ ବ୍ୟକ୍ତି ସକାଳେ ଜଙ୍ଗଲ ଭିତରକୁ କୌଣସି କାମରେ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ । ସେମାନେ ଏ ସମ୍ପର୍କରେ ଆସି ଗ୍ରାମରେ କହିଥିଲେ । ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲା । ଏ ନେଇ ପୋଲିସ ନଂ. ୩୩୮/୨୦୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଉଛି । ସୂଚନାଯୋଗ୍ୟ, ଜଗଦାନନ୍ଦ ଷାଣ୍ଡ ଓରଫ ଜଇଙ୍କ ଝିଅ ସୁନିତା ଗତ ୮ ତାରିଖ ରାତି ପ୍ରାୟ ୯ ଟାରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପରଦିନ ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ । ସେହି ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲା । ତେବେ ନିଖୋଜର ୨୩ ଦିନ ପରେ ଜଙ୍ଗଲରୁ ଗଳିତ ଅବସ୍ଥାରେ ସୁନିତାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଏ ସମ୍ପର୍କରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ।


ମୃତଦେହ ଜବତ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି ।

# ଘର ଭିତରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଜବତ

ବରଗଡ଼,୧।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଖୁଣ୍ଟପାଲି ପଞ୍ଚାୟତର ଗଞ୍ଜିଆପିଲାରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ବୃଦ୍ଧ ଦମ୍ପତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି । ସେମାନେ ହେଲେ, କୌଣସି ପ୍ରଧାନ (୭୫) ଏବଂ ସ୍ତ୍ରୀ ଶାନ୍ତି (୭୦)। ଘର ଭିତରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଏ ନେଇ ସ୍ଥାନୀୟ ସଦର ଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମୃତ ଦମ୍ପତିଙ୍କ ୨ପୁଅ। ଉଭୟେ ବିବାହିତ ହୋଇଥିବା ବେଳେ ସେମାନଙ୍କ ପିଲାଛୁଆ ଅଛନ୍ତି। ଗତ ପ୍ରାୟ ବର୍ଷକ ତଳେ ତାଙ୍କ ସାନପୁଅଙ୍କ ଦେହାନ୍ତ ହୋଇଥିଲା। ସେହିଦିନଠାରୁ ବୃଦ୍ଧ ଦମ୍ପତି ସାନପୁଅକୁ ହରାଇ ଚିନ୍ତିତ ରହୁଥିଲେ। ଅକସ୍ମାତ ଶୁକ୍ରବାର ରାତିରେ ଘର ଭିତରେ ଦମ୍ପତିଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଦ୍ୱିବେନ୍ଦୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇର ଜେରା

ଭୁବନେଶ୍ୱର,୧।୧୧ (ସତ୍ୟଜିତ ରାଉତ)

## କଲ୍‌ସେଣ୍ଟର ଜରିଆରେ ଜାପାନ ଲୋକଙ୍କୁ ଠକେଇ
### ଜେଲରେ ଅଛନ୍ତି ୬ ସହଯୋଗୀ

ଏକ ବଡ଼ଧରଣର ଅନ୍ତର୍ଜାତୀୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କଳକର ଦ୍ୱିବେନ୍ଦୁ ମହାରଣାଙ୍କୁ ସିବିଆଇ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏନେଇ ଶନିବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିବା ପରେ ତାଙ୍କୁ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା। ପରେ ଦିଲ୍ଲୀସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଦ୍ୱିବେନ୍ଦୁଙ୍କୁ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ୩ଦିନିଆ ରିମାଣ୍ଡରେ ନେଇ ସିବିଆଇ ଜେରା କରୁଛି। ପୂର୍ବରୁ ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି ବୋଲି ସିବିଆଇ କହିଛି। ସିବିଆଇ ସୂଚନା ଅନୁଯାୟୀ, ଦ୍ୱିବେନ୍ଦୁ ଦିଲ୍ଲୀ ନୋଏଡାରେ 'ଓିଏଆଇପି କନେକ୍ଟ ପ୍ରାଇଭେଟ୍ ଲି' ନାମରେ ଏକ କଲ୍ ସେଣ୍ଟର ଖୋଲି ଜାପାନର ଲୋକମାନଙ୍କୁ ବହୁ କୋଟି ଟଙ୍କା ଠକେଇ କରିଥିଲେ। ଜାପାନୀ ଲୋକଙ୍କୁ କଲ୍ କରି ଅଭିଯୁକ୍ତମାନେ ବହୁଦେଶୀୟ କମ୍ପାନୀର ଟେକ୍ନିକାଲ ସପୋର୍ଟ ବୋଲି ପରିଚୟ ଦେଉଥିଲେ। କମ୍ପ୍ୟୁଟର ହ୍ୟାକ୍ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଦେବାକୁ କହି ଟଙ୍କା ଆଣି ଠକେଇ କରୁଥିଲେ। ଏନେଇ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିବା ସହ ଜାପାନର ନ୍ୟାଶନାଲ୍ ପୋଲିସ ଏଜେନ୍ସି ଓ ମାଇକ୍ରୋସଫ୍ଟ କର୍ପୋରେସନ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଗତ ମେ ୨୮ରେ ଦିଲ୍ଲୀ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ୧୯ ସ୍ଥାନରେ ଚଢ଼ାଉ କରି ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିଥିଲା। ଦ୍ୱିବେନ୍ଦୁଙ୍କ କଲ୍ ସେଣ୍ଟରରେ ସିବିଆଇ ଚଢ଼ାଉ ସୂଚନା ପାଇ ସେ ମେ ୨୯ରେ ଭୁବନେଶ୍ୱରରୁ ଯୁଏଇକୁ ଚାଲିଯାଇଥିଲେ। ତେବେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେସନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ଶୁକ୍ରବାର ସକାଳେ ସେ ଯୁଏଇରୁ ଫେରୁଥିବାବେଳେ ଭୁବନେଶ୍ୱର ବିମାନବନ୍ଦରରେ ଇମିଗ୍ରେସନ୍ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଏମ୍‌କେସିଜିରେ ରାଗିଂ ଅଭିଯୋଗ

ବ୍ରହ୍ମପୁର,୧।୧୧ (ପ୍ରକାଶ ଚନ୍ଦ୍ର ପାଢ଼ୀ)

## ସତ୍ୟାସତ୍ୟ ଯାଞ୍ଚ ଦାବି କଲେ ଡାକ୍ତରୀ ଛାତ୍ରଛାତ୍ରୀ

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ଥରେ ରାଗିଂ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଅଭିଯୋଗକାରୀ ତାଙ୍କ ନାମ ଦର୍ଶାଇ ନ ଥିବା ବେଳେ ଶନିବାର ଆଣ୍ଟି ରାଗିଂ ସେଲରେ ୫ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆଣିଛନ୍ତି। ହଷ୍ଟେଲ ନଂ.୨ରୁ ୩ ଜଣ ଓ ହଷ୍ଟେଲ ନଂ.୩ରୁ ୨ ଜଣ ରାଗିଂ କରିଥିବା ରିପୋର୍ଟ ଆସିଥିଲା। ଏକାକୁନେଇ ଶନିବାର ସନ୍ଧ୍ୟାରେ ଏମ୍‌କେସିଜି ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏହାପୂର୍ବରୁ ଗତ ଅଗଷ୍ଟ ମାସରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। ସେପ୍ଟେମ୍ବର ୨ ତାରିଖରେ ଡିନ୍ ଉକ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇଥିଲେ। ତେବେ ବାରମ୍ବାର ଏପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ମେଡିକାଲ କଲେଜ ନାଁରେ ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଏପରିକି ପାଠପଢ଼ାରେ ବ୍ୟାଘାତ ହେବା ସହ ମାନସିକ ଚାପରେ ରହୁଥିବା ଅନେକ ଛାତ୍ରଛାତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏପରି ଅନେକ ଅଭିଯୋଗ ଆସିଥିଲା। ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। କର୍ତ୍ତୃପକ୍ଷ ଆଡରେ ଭେଜକ ମହାବିଦ୍ୟାଳୟର ଛବିକୁ ମଳିନ କରୁଥିବା ଅନେକ ପୂର୍ବତନ ଛାତ୍ର ମତବ୍ୟକ୍ତ କରିଛନ୍ତି।

ସଂସ୍କୃତରେ ଡକ୍ଟରେଟ୍ ଉପାଧିପ୍ରାପ୍ତ



ଶ୍ରୀ ଜନାର୍ଦ୍ଦନ ଭୋଇ ... Mahatma Gandhi Central University (MGCU) ର ସଂସ୍କୃତ ବିଭାଗରୁ ପିଏଚ୍‌ଡି ଉପାଧି ... Professor ଭାବରେ କାର୍ଯ୍ୟରତ ।
ଓ-2465

# ଓଏଚ୍‌ପିସିରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା)

ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଏହାର କର୍ପୋରେଟ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ୟୁନିଟ୍‌ରେ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ କରୁଛି। କର୍ପୋରେଟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେଶନ) ଆଇ/ସି, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଶପଥ ପାଠ କରିଥିଲେ। କାର୍ଯ୍ୟାଳୟ ପରିସରରେ ପ୍ରମୁଖ ସ୍ଥାନରେ ସତର୍କତା ବିଷୟବସ୍ତୁ ଉପରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଓଏଚ୍‌ପିସି ତାଲିମ କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ, କର୍ପୋରେଟ ଅଫିସ ଏବଂ ତାଲିମ କେନ୍ଦ୍ରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ସହ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାର ବିଜେତା ଡିଜିଏମ୍ (ବିଦ୍ୟୁତ୍) ସମୀର ମହାପାତ୍ର, ପରିଚାଳକ (ବିଦ୍ୟୁତ୍) ସୁଶ୍ରୀ ଚନ୍ଦନ ପଣ୍ଡା ଏବଂ ଡିଏମ୍ (ବିଦ୍ୟୁତ୍) ମାଧବ ଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

## BUSINESS

# ନୃପେନ୍ଦ୍ର ନାଥ ସିଏମ୍‌ପିଡିଆଇର ଟେକ୍ନିକାଲ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୧

ସିଏମ୍‌ପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ) ଭାବେ ନୃପେନ୍ଦ୍ର ନାଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୮୮ରେ ନୃପେନ୍ଦ୍ର ଆଇଆଇଟି (ଆଇଏସ୍‌ଏମ୍) ଧାନବାଦରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ସିସିଏଲ୍‌ର ଏନ.କେ. ଏରିଆରୁ ସେବା ଆରମ୍ଭ କରି ଦୁଇ ଦଶନ୍ଧି ଧରି ବିଶ୍ୱ ବ୍ୟାଙ୍କ ଦ୍ୱାରା ସହାୟତା ପ୍ରାପ୍ତ କେଡିଏଚ୍ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଇଏସ୍‌ଏଲ୍‌ର ବିଭିନ୍ନ ଖଣିରେ ପ୍ରକଳ୍ପ ଅଧିକାରୀ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସିସିଏଲ୍‌ର ମଗଧ-ସଂଘମିତ୍ରା ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭାବେ ଉକ୍ତ ଅଞ୍ଚଳକୁ ପ୍ରତିଷ୍ଠିତ ୨୦ ମିଲିୟନ ଟନ୍ ଉତ୍ପାଦନ କ୍ଲବରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଅଷ୍ଟ୍ରେଲିଆରେ ପ୍ରଶିକ୍ଷିତ ସିମଟାର୍ସ-ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ନୃପେନ୍ଦ୍ର ସିଆଇଏଲ୍‌ର ସହାୟକ କମ୍ପାନୀରେ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।


ନୃପେନ୍ଦ୍ର ନାଥ

# ଜିନ୍ଦଲ ଫାଉଣ୍ଡେସନକୁ ଏକ୍ସିଡ ସିଏସ୍‌ଆର ପୁରସ୍କାର

ଭୁବନେଶ୍ୱର,୧।୧୧

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍‌ଆର ପ୍ରକଳ୍ପ ପାଇଁ ଏକ୍ସିଡ ସିଏସ୍‌ଆର ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାର୍ସର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ ଶୁକ୍ରବାର ଭୁବନେଶ୍ୱରରେ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫାଉଣ୍ଡେସନର ଜନହିତକର କାର୍ଯ୍ୟକ୍ରମଗୁଡ଼ିକୁ ସ୍ୱୀକୃତି ଦିଆଯାଇଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ସାମଗ୍ରିକ ବିକାଶରେ ନିହିତ - ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଏବଂ ସଂସ୍କୃତି ଏକତ୍ର ହୋଇ ସମ୍ମିଳିତ ଏବଂ ସ୍ଥାୟୀ ଉପାୟରେ ଜୀବନକୁ ଉନ୍ନତ କରିଥାଏ। ସ୍ଥାପିତ ଏବଂ ମାନବିକ ମର୍ଯ୍ୟାଦାର ନୀତି ସହିତ ଜିନ୍ଦଲ ଫାଉଣ୍ଡେସନ ପଦକ୍ଷେପଗୁଡ଼ିକୁ ସମର୍ପିତ କରି ସାମାଜିକ, ଆର୍ଥିକ ଏବଂ ପରିବେଶଗତ ଭାବରେ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ (ସିଏସ୍‌ଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ସେ ସିଏସ୍‌ଆର ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ରଣନୀତି ଏବଂ ଉପାୟ ଉପରେ ଆଲୋକପାତ କରିଥିଲେ।


ଶାଲୁ ଜିନ୍ଦଲ


# ମନେ ପଡ଼ନ୍ତି

୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ବେବର୍ତ୍ତା
ଓ-2463

ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀ



୰ଡାକ୍ତର ପ୍ୟାରୀ ମୋହନ ସିଂହ
ଆବିର୍ଭାବ - ୧୩.୦୫.୧୯୩୧
ତିରୋଧାନ - ୦୨.୧୧.୨୦୧୨
ଓ-2462

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ମହେନ୍ଦ୍ର କୁମାର ଦାସ
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁନୀତା ସାହୁ


# ୟୁକୋ ବ୍ୟାଙ୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୧।୧୧

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା ସହଯୋଗରେ ଜାତୀୟ ସତର୍କତା ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ନେତାଜୀ ସ୍କୁଲ ଏବଂ କଲେଜ ଅଫ ନର୍ସିଂଠାରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଶାଖା ପରିଚାଳକ ସନ୍ତୋଷ କୁମାର ସାହାନି ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଦୈନନ୍ଦିନ ଜୀବନ ଓ ଜନସେବାରେ ସତର୍କତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଅନୁଷ୍ଠାନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ସତର୍କତାର ଭୂମିକାକୁ ଆଲୋକପାତ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ ବିଜୟଲକ୍ଷ୍ମୀ ପ୍ରଧାନ, ଶୁଭଲକ୍ଷ୍ମୀ ପାଣି ଏବଂ ଶାଶ୍ୱତୀ ସ୍ୱରୂପା ଶୁକ୍ଳା ଶ୍ରେଷ୍ଠ ୩ ଜଣ ବିଜେତା ଭାବରେ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ.ବିଜନ କୁମାର ଜେନା, ସିଇଓ ରଶ୍ମିତା ଜେନା ଏବଂ ବ୍ୟାଙ୍କ ଅଧିକାରୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ୟାଙ୍କ ଅଫ୍ ଇଣ୍ଡିଆର ମାନବ ଶୃଙ୍ଖଳ ଗଠନ

ଭୁବନେଶ୍ୱର,୧।୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ ଗଠନ ଓ ୱାକଥନ କରାଯାଇଥିଲା। ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ବିକାଶ କୃଷ୍ଣା, ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ଏସ୍‌ଏଲ୍‌ସିର ସହାୟକ ମହାପ୍ରବନ୍ଧକ ଏସ୍.ଏନ୍ ମହାନ୍ତି, [illegible] ବିହାର ଶାଖାର ସହାୟକ ମହାପ୍ରବନ୍ଧକ ପ୍ରେମପ୍ରଭାଞ୍ଜନ ବେହେରା ଥିଲେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨ ନଭେମ୍ବର, ୨୦୨୫ Bhubaneswar, Sunday, 2 November, 2025

# ପେସାଦାର ଟେନିସ୍‌ରୁ ବୋପାନ୍ନାଙ୍କ ଅବସର



ରୋହନ ବୋପାନ୍ନା।

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ଭାରତୀୟ ଟେନିସ୍ ଭେଟେରାନ ରୋହନ ବୋପାନ୍ନା ଶନିବାର ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିଯୋଗୁ ତାଙ୍କର ଦୁଇ ଦଶନ୍ଧି ଲମ୍ବା ଏଟିପି ଟୁର କ୍ୟାରିୟର ଶେଷ ହୋଇଛି। ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୪ ଭାରତୀୟଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ। ୪୫ ବର୍ଷୀୟ ବୋପାନ୍ନା ଚଳିତ ପ୍ୟାରିସ ମାଷ୍ଟର୍ସରେ ତାଙ୍କର ଅନ୍ତିମ ମ୍ୟାଚ୍ ଖେଳିଥିଲେ। କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବଲିକଙ୍କ ସହ ଯୋଡ଼ି କରି ଖେଳିଥିବା ବୋପାନ୍ନା ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ବୋପାନ୍ନା ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି।

"ମୁଁ ଆନୁଷ୍ଠାନିକ ଭାବେ ଟେନିସ୍‌ରୁ ଅବସର ନେଉଛି। ଏହା ବିଦାୟ କିନ୍ତୁ ଅନ୍ତ ନୁହେଁ। ଜୀବନକୁ ତା'ର ଅର୍ଥ ଦେଇଥିବା ଖେଳରୁ ତୁମେ କେଉଁ ଭଳି ବିଦାୟ ନେବ। ୨୦ ଅବିସ୍ମରଣୀୟ ବର୍ଷ ପରେ ବିଦାୟର ସମୟ ହୋଇଯାଇଛି। ଭାରତର ଏକ ଛୋଟ ସହର କୁର୍ଗଠାରୁ ଆରମ୍ଭ କରିବାଠାରୁ ସର୍ଭକୁ ମଜଭୁତ କରିବା ପାଇଁ କାଠ କାଟିବା, ଷ୍ଟାମିନା ବଢ଼ାଇବା ପାଇଁ ଦୀର୍ଘ ସମୟ ଜଗିଂ କରିବା ଓ ବିଶ୍ୱର ସର୍ବବୃହତ୍ ଏରିନାରେ ସ୍ୱପ୍ନ ପୂରା କରିବା ପର୍ଯ୍ୟନ୍ତ ସବୁକିଛି ଅବାସ୍ତବ ଲାଗୁଛି। ମୁଁ ଯେତେ ଥର କୋର୍ଟକୁ ଓହ୍ଲାଇଛି, ତାହା ପ୍ରତ୍ୟେକ ଥର ମୋତେ ଧୈର୍ଯ୍ୟ, ସ୍ଥିରତା, ପୁଣି ଥରେ ଲଢ଼େଇ କରିବା ଶିକ୍ଷା ଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ମୋତେ ମନେପକାଇ ଦିଏ ଯେ, ମୁଁ କାହିଁକି ଆରମ୍ଭ କରିଥିଲି ଏବଂ ମୁଁ କିଏ" ବୋଲି ବୋପାନ୍ନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ବାପା-ମା'ଙ୍କର ବଳିଦାନ, ଭଉଣୀ ରଶ୍ମିର ପ୍ରୋତ୍ସାହନ ଓ ସ୍ତ୍ରୀ ସୁପ୍ରିୟାଙ୍କୁ କୋର୍ଟ ବାହାରେ ସବୁଠୁ ଭଲ ପାର୍ଟନର ହେବା ପାଇଁ ଧନ୍ୟବାଦ୍ କହିଛନ୍ତି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ ଭାରତୀୟ ଦଳ କ୍ୟାରିୟର ଶେଷ କରିଥିଲେ। ସେ ୨୦୨୩ରେ ଡେଭିସ କପ୍ କ୍ୟାରିୟର ଶେଷ କରିଥିଲେ। ଅନ୍ତିମ ଥର ଲକ୍ଷ୍ନୌଠାରେ ମରୋକୋ ବିପକ୍ଷରେ ଡେଭିସ କପ୍ ମ୍ୟାଚ୍ ଖେଳିଥିଲେ।

୨୦୦୦ ମସିହାରେ ପେସାଦାର ପାଲଟିଥିବା ବୋପାନ୍ନା ଦେଶର ସବୁଠୁ ସଫଳ ଡବଲ୍ସ ଖେଳାଳି ଥିଲେ। ଏହି ଡବଲ୍ସ ସ୍ପେଶାଲିଷ୍ଟ ଅନେକ ଡେଭିସ କପ୍ ମ୍ୟାଚ, ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୭ ଫ୍ରେଞ୍ଚ ଓପନ ମିକ୍ସଡ ଡବଲ୍ସରେ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ମିଶି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହାପରେ ୨୦୨୪ରେ ମାଥ୍ୟୁ ଏବଡେନଙ୍କ ସହ ଅଷ୍ଟ୍ରେଲିଆ ଓପନ ପୁରୁଷ ଡବଲ୍ସ ଟାଇଟଲ ହାତେଇଥିଲେ। ୨୦୨୩ରେ ସେ ଏବଡେନଙ୍କ ସହ ଇଣ୍ଡିଆନ ୱେଲ୍ସ ଟ୍ରଫି ଜିତିବା ସହ ୪୩ ବର୍ଷରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ଚାମ୍ପିୟନ ହୋଇଥିଲେ। ସେ ୨୦୨୪ରେ ଅଷ୍ଟ୍ରେଲିଆ ଓପନ ଜିତିବା ପରେ ୪୩ ବର୍ଷ ବୟସରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବଲ୍ସରେ ୱାର୍ଲ୍ଡ ନଂ-୧ ହୋଇଥିଲେ।

## କ୍ୟାରିୟର ରେକର୍ଡ

| | |
|---|---|
| **ଡବଲ୍ସ** | |
| ବିଜୟ-ପରାଜୟ | ୫୩୯-୪୧୦ |
| ମୋଟ ଟାଇଟଲ | ୨୬ |
| ସର୍ବାଧିକ ର୍ୟାଙ୍କିଙ୍ଗ୍ | ୱାର୍ଲ୍ଡ ନଂ-୧ (ଜାନୁଆରୀ, ୨୦୨୪) |
| **ଗ୍ରାଣ୍ଡସ୍ଲାମ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ଚାମ୍ପିୟନ (୨୦୨୪) |
| ଫ୍ରେଞ୍ଚ ଓପନ | ସେମିଫାଇନାଲ (୨୦୨୨ ଓ ୨୦୨୪) |
| ୱିମ୍ବଲଡନ | ସେମିଫାଇନାଲ (୨୦୧୩, ୨୦୧୫, ୨୦୨୩) |
| ୟୁଏସ୍ ଓପନ | ରନରଅପ୍(୨୦୧୦ ଓ ୨୦୨୩) |
| **ମିକ୍ସଡ୍ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ରନରଅପ୍ (୨୦୧୮ ଓ ୨୦୨୩) |
| ଫ୍ରେଞ୍ଚ ଓପନ | ଚାମ୍ପିୟନ (୨୦୧୭) |
| ୱିମ୍ବଲଡନ | କ୍ୱାର୍ଟର ଫାଇନାଲ (୨୦୧୧, ୨୦୧୨, ୨୦୧୩, ୨୦୧୭) |
| ୟୁଏସ୍ ଓପନ | ସେମିଫାଇନାଲ (୨୦୧୫ ଓ ୨୦୨୪) |

# ଐତିହାସିକ ବିଶ୍ୱକପ୍ ବିଜୟ ଲକ୍ଷ୍ୟରେ ଭାରତ





ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ବର୍ତ୍ତମାନ ଏକ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ପ୍ରଥମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ଏଠାରେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଛି। ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ୧୩ତମ ସଂସ୍କରଣର ଫାଇନାଲରେ ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ଦଳ ମିଳିବା ନିଶ୍ଚିତ। ଏହି ମ୍ୟାଚ୍‌ର ଫଳାଫଳ ମହିଳା କ୍ରିକେଟକୁ ଅପ୍ରତ୍ୟାଶିତ ସ୍ତରକୁ ପହଞ୍ଚାଇପାରେ। ଭାରତ ତୃତୀୟଥର ପାଇଁ ଫାଇନାଲ ଖେଳୁଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୩୪ଟି ଦିନିକିଆ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୦ ଥର ଓ ଦକ୍ଷିଣ ଆଫ୍ରିକା ୧୩ ଥର ବିଜୟୀ ହୋଇଛି। ଅନ୍ୟ ଏକ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟ୍ ପିଛା କରି ମିଳିଥିବା ବିଜୟ ଘରୋଇ ଦଳର ମନୋବଳକୁ ବୃଦ୍ଧି କରିଛି। ଏହି ଅବିଶ୍ୱସନୀୟ ବିଜୟ ପାଇଁ ଫାଇନାଲ ପୂର୍ବରୁ ଭାରତୀୟ ଦଳକୁ ଫେଭରାଇଟ୍ ଟ୍ୟାଗ ମିଳିଛି। କିନ୍ତୁ ଆଇସିସି ଓମେନ୍ସ ଟୁର୍ନାମେଣ୍ଟ ନକ୍‌ଆଉଟ୍ ମ୍ୟାଚ୍‌ରେ ଭାରତୀୟ ଦଳର ରେକର୍ଡ ଭଲ ନାହିଁ। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡଠାରୁ ୯ ରନରେ ପରାଜିତ ହୋଇଥିବା ବେଳେ ୨୦୨୩ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୫ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୨୨ କମନୱେଲଥ ଗେମ୍ସ ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆଠାରୁ ଅଳ୍ପକେ ଭାରତୀୟ ଦଳ ପରାଜିତ ହୋଇଥିଲା।

ଫାଇନାଲରେ ଭାରତୀୟ ଦଳର ଶ୍ରେଷ୍ଠ ବ୍ୟାଟର ସ୍ମୃତି ମନ୍ଧାନାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ସେ ଟୁର୍ନାମେଣ୍ଟରେ ଏକ ଶତକ ସହ ୩୮୫ ରନ କରିଛନ୍ତି। ନଂ-୩ରେ ଖେଳୁଥିବା ଜେମିମାଙ୍କୁ ଦଳ ପାଇଁ ଆଙ୍କର ଭୂମିକା ତୁଲାଇବା ଦରକାର। ଡିୱାଇ ପାଟିଲ ଷ୍ଟାଡିୟମରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ଓ ସନ୍ଧ୍ୟାରେ କାକରର ପ୍ରଭାବ ଦେଖାଯାଏ। ଏଣୁ ସେମିଫାଇନାଲ ଭଳି ଫାଇନାଲ ମଧ୍ୟ ହାଇ ସ୍କୋରିଂ ହୋଇପାରେ। ଏହା ଭାରତର ଫିଲ୍ଡିଂ ଓ ବୋଲିଂ ବିଭାଗର ପରୀକ୍ଷା ନେବ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପେସର କ୍ରାନ୍ତି ଗୌଡ଼ ଓ ରେଣୁକା ସିଂ ଠାକୁର ଲାଇନ୍ ଓ ଲେନ୍ଥକୁ ନେଇ ସଂଘର୍ଷ କରିଥିବା ବେଳେ ଅଧିନାୟିକା କୌର ଏକ ସହଜ କ୍ୟାଚ୍ ହାତଛଡ଼ା କରିଥିଲେ। ଦୀପ୍ତି ଶର୍ମା ଭାରତୀୟ ଦଳର ସଫଳତା ପଛର କାରଣ ସାଜିପାରନ୍ତି। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ୧୭ ଉଇକେଟ ନେଇଛନ୍ତି।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ ପରବର୍ତ୍ତୀ ୩ ମ୍ୟାଚ୍‌ରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜବରଦସ୍ତ ବିଜୟ ସହ ଟିମ ଇଣ୍ଡିଆ ଏବେ ଟ୍ରଫିଠାରୁ ହାତେ ଦୂରରେ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଖୁବ୍ ସଂଘର୍ଷ କରି ଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନରେ ଅଲଆଉଟ ହୋଇଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରି ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛି। ଦଳ ପାଇଁ ଭେଟେରାନ ମାରିଜେନ କାପ (୨୦୪ ରନ ଓ ୧୨ ଉଇକେଟ), ନାଦିନେ ଡି କ୍ଲର୍କ (୧୯୦ ରନ ଓ ୮ ଉଇକେଟ), ତଜମିନ ବ୍ରିଟ୍ସ(୨୧୨ ରନ), କ୍ଲୋ ଟ୍ରାଇଅନ (୧୬୭ ରନ ଓ ୫ ଉଇକେଟ) ଓ ଅଧିନାୟିକା ଲୌରା ୱାଲଭାର୍ଡଟ (୪୭୦ ରନ) ଭଲ ପ୍ରଦର୍ଶନ କରିଛନ୍ତି। ଅଧିନାୟିକା ୱାଲଭାର୍ଡଟ ଓ ବ୍ରିଟ୍ସଙ୍କ ସ୍ଥିର ପ୍ରଦର୍ଶନ ଭାରତୀୟ ବୋଲରଙ୍କ ପାଇଁ ସମସ୍ୟା ଛିଡ଼ା କରିବ। ବାମହାତୀ ସ୍ପିନର ନନକୁଲୁଲେକୋ ଏମ୍‌ଲାବା (୧୨ ଉଇକେଟ) ଭାରତୀୟ ଦଳରେ ଭରି ରହିଥିବା ଡାହାଣହାତୀ ବ୍ୟାଟରଙ୍କ ଲାଗି ଚ୍ୟାଲେଞ୍ଜ ଛିଡ଼ା କରିବେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ହରମନପ୍ରୀତ କୌର(ଅଧିନାୟିକା), ଅମନଜୌତ କୌର, ରିଚା ଘୋଷ(ଉଇକେଟକିପର), ଦୀପ୍ତି ଶର୍ମା, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ଶ୍ରୀ ଚରନୀ, ରାଧା ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱାଲଭାର୍ଡଟ (ଅଧିନାୟିକା), ତଜମିନ ବ୍ରିଟ୍ସ, ମାରିଜେନ କାପ, ଆନେକେ ବୋଶ୍ଚ, ସୁନେ ଲୁସ, ସିନାଲୋ ଜାଫ୍ତା (ଉଇକେଟକିପର), ନାଦିନେ ଡି କ୍ଲର୍କ, କ୍ଲୋ ଟ୍ରାଇଅନ, ଆନେରି ଡର୍କସେନ, ନନକୁଲୁଲେକୋ ଏମ୍‌ଲାବା, ଆୟାବୋଙ୍ଗା ଖାକା।

**ସମୟ: ଅପରାହ୍ନ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

# ଓଡ଼ିଶା ବିପକ୍ଷରେ ଆନ୍ଧ୍ର ପ୍ରଦେଶ ୨୨୨/୩

**ଭୁବନେଶ୍ୱର,୧।୧୧(ଅନାଦି କର)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଶନିବାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ରଣ୍‌ଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ

## ରଣ୍‌ଜୀ ଟ୍ରଫି

କରି ୬୮ ଓଭରରେ ୩ ଉଇକେଟ ହରାଇ ୨୨୨ ରନ କରିଛି। ଦଳ ପାଇଁ ଅଭିଷେକ ରେଡ୍ଡୀ ୭୬ ଓ ଶ୍ରୀକର ଭରତ ୯୩ ରନର ପାଳି ଖେଳିଥିବା ବେଳେ ଅଧିନାୟକ ରିକି ଭୁଇ ଖାତା ଖୋଲିପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ଏସ୍ ବରାଳ ୨ ଓ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଶେକ ରଶିଦ ୨୫ ଓ କିର୍ଦାନ୍ତ କରନ ଶିନ୍ଦେ ୧୬ ରନ କରି ଅପରାଜିତ ରହିଛନ୍ତି।



**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୬୮ ଓଭରରେ ୨୨୨/୩ (ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ଶେକ ରଶିଦ-୨୫*, ସମ୍ବିତ ଏସ୍ ବରାଳ-୨/୩୨, ବାଦଲ ବିଶ୍ୱାଳ-୧/୫୨)।

# ଦୁର୍ଘଟଣାରେ ପୂର୍ବତନ ରଣ୍‌ଜୀ ଖେଳାଳିଙ୍କ ମୃତ୍ୟୁ

**ଅଗରତାଲା,୧।୧୧(ପି.ଟି.)**

ତ୍ରିପୁରାର ପୂର୍ବତନ ଅଲରାଉଣ୍ଡର ରାଜେଶ ବନିକ ପଶ୍ଚିମ ତ୍ରିପୁରାର ଆନନ୍ଦନଗରରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ୧୯ ବର୍ଷ କମ୍ ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା ଏବଂ ସେ ବାପା, ମା' ଓ ଭାଇଙ୍କ ସହ ରହୁଥିଲେ। ସେ ୨୦୦୨-୦୩ ସିଜନରେ ରଣ୍‌ଜୀ ପଦାର୍ପଣ କରିଥିଲେ। ତାଙ୍କ ସମୟରେ ସେ ରାଜ୍ୟର ପ୍ରମୁଖ କ୍ରିକେଟରଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଏହା ଦୁର୍ଭାଗ୍ୟର ବିଷୟ ଯେ, ଆମେ ଜଣେ ପ୍ରତିଭାବାନ କ୍ରିକେଟର ଓ ୧୬ ବର୍ଷରୁ କମ୍ ରାଜ୍ୟ କ୍ରିକେଟ ଦଳର ଚୟନକର୍ତ୍ତାଙ୍କୁ ହରାଇଛୁ। ତାଙ୍କ ମୃତ୍ୟୁ ଖବର ଆମକୁ ଚକିତ କରିଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ। ସେ ଆମ ରାଜ୍ୟର ଜଣେ ଦକ୍ଷ ଅଲରାଉଣ୍ଡର ଥିଲେ। ତାଙ୍କ ପାଖରେ ପ୍ରତିଭା ଚିହ୍ନିବାର ଦକ୍ଷତା ଥିଲା। ଏଥିଯୋଗୁ ତାଙ୍କୁ ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଥିଲା ବୋଲି ତ୍ରିପୁରା କ୍ରିକେଟ ଆସୋସିଏଶନ (ଟିସିଏ) ସମ୍ପାଦକ ସୁବ୍ରତ ଦେ କହିଛନ୍ତି।

# ଜିତିଲେ ମହିଳାଙ୍କୁ ପୁରୁଷଙ୍କ ଭଳି ପୁରସ୍କାର

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯଦି ଆଇସିସି ଟ୍ରଫି ଉଠାଇବାରେ ସଫଳ ହୁଏ, ତେବେ ବିସିସିଆଇ ପକ୍ଷରୁ ସେମାନଙ୍କୁ ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଭଳି ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯିବ। "ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ବେତନକୁ ବିସିସିଆଇ ସମର୍ଥନ କରେ। ଏଣୁ ଯଦି ମହିଳାମାନେ ବିଶ୍ୱକପ୍ ଜିତନ୍ତି, ତେବେ ସେମାନଙ୍କୁ ବିଶ୍ୱକପ୍ ବିଜୟୀ ପୁରୁଷ ଦଳଠାରୁ କମ୍ ଦିଆଯାଇପାରିବ ନାହିଁ। କିନ୍ତୁ ଏ ସମ୍ପର୍କରେ ଘୋଷଣା କରିବା ଉଚିତ ହେବ ନାହିଁ" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

# ହାଜେଲଉଡ୍ ବିନା ଖେଳିବ ଅଷ୍ଟ୍ରେଲିଆ

**ହୋବାର୍ଟ, ୧।୧୧ (ପି.ଟି.)**

ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଗତ ମ୍ୟାଚରେ ଶୋଚନୀୟ ପରାଜୟ ପରେ ଭାରତ ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଘରୋଇ ଦଳ ଜୋଶ ହାଜେଲଉଡ୍‌ଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ଜଣାପଡ଼ିବା ପରେ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କ

## ଆଜି ତୃତୀୟ ଟି୨୦

ମନରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ଗତ ମ୍ୟାଚରେ ହାଜେଲଉଡ୍‌ଙ୍କ ଶାଣିତ ବୋଲିଂ ଭାରତୀୟ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲା; ଯାହାଫଳରେ ଏହି ମ୍ୟାଚରେ ସେମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ତୃତୀୟ ଟି୨୦ରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆ ନ ଯାଏ ତେବେ ଏହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ଚଳିତମାସ ଶେଷ ଭାଗରେ ଆଶେଷ ଟେଷ୍ଟ ଆରମ୍ଭ ହେବ। ୫ମ୍ୟାଚ ବିଶିଷ୍ଟ ଏହି କଠିନ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ହାଜେଲଉଡ୍‌ଙ୍କୁ ବିଶ୍ରାମ ଦେଇଛି। ମେଲବୋର୍ନ ମ୍ୟାଚ ପରେ ଷ୍ଟାର ଓପନର ଅଭିଷେକ ଶର୍ମା କହିଛନ୍ତି, ଅଷ୍ଟ୍ରେଲିଆର ଏହି ସ୍ପିଡଷ୍ଟର ଯେପରି ମାରାତ୍ମକ ସିମ୍ ବୋଲିଂ କରୁଥିଲେ ତାହା ସେ ପୂର୍ବରୁ କେବେ ସାମ୍ନା କରି ନ ଥିଲେ। ସେ ରବିବାର ମ୍ୟାଚ ନ ଖେଳିବା ଆମ ପାଇଁ ସ୍ୱାଭାବିକ ଆଶ୍ୱସ୍ତିର ବିଷୟ। କାରଣ ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟକୁ ସାମ୍ନା କରିବାରେ ଭାରତୀୟ ବ୍ୟାଟରଙ୍କ ବୈଷୟିକ ତ୍ରୁଟି ରହିଛି। ସେ ତୁଳନାରେ ଜାଭିଏର ବାର୍ଟଲେଟ, ନାଥାନ ଏଲିସ ଓ ସିନ ଆବଟଙ୍କୁ ସାମନା କରିବା ତୁଳନାତ୍ମକ ଭାବେ ସହଜ ହେବ। ଉଭୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ଷେତ୍ରରେ ଏକ୍ସଟ୍ରା ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟ ବୋଲିଂକୁ ସାମ୍ନା କରିବା କଷ୍ଟସାଧ୍ୟ ମନେହେଉଛି। ହୋବାର୍ଟର ବେଲିରିଭ ଓଭାଲ ଏଭଳି ଏକ ଗ୍ରାଉଣ୍ଡ, ଯାହାର ସାଇଡ୍ ବାଉଣ୍ଡରିର ଆକାର ଛୋଟ। ଏହି ଗ୍ରାଉଣ୍ଡରେ ଚାମ୍ପିୟନ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ବିରାଟ କୋହଲି ୨୦୧୨ରେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ଶ୍ରୀଲଙ୍କା ବିପକ୍ଷ ଏକ ମ୍ୟାଚରେ ୩୨୧ରନ ଚେଜ୍ କରୁଥିବା ବେଳେ ସେ ୧୩୩ ରନର ଏକ ଅପରାଜିତ ଇନିଂସ ଖେଳିଥିଲେ। ବେଲିରିଭ ଓଭାଲର ଟ୍ରାକ୍ ସାଧାରଣତଃ ହ୍ୱାଇଟ୍ ବଲ୍ ଗେମ୍ ପାଇଁ ଖୁବ୍ ଭଲ। ପିଚ୍‌ରେ ଏକ୍ସଟ୍ରା ବାଉନ୍ସ ଲକ୍ଷଣ ଥିବାରୁ ଭାରତ ଯଦି ୩ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଏ ତେବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିଥିବା ଏକମାତ୍ର ଭାରତୀୟ ବୋଲର ଅର୍ଶଦୀପଙ୍କୁ ହୁଏତ ଦଳରେ ପୁଣି ସ୍ଥାନ ନ ମିଳିପାରେ।

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

# ଓଡ଼ିଶା ପୋଲିସ ଚାମ୍ପିୟନ

**ଭୁବନେଶ୍ୱର, ୧।୧୧ (ବିଜୟ ରଣା)**

ଓଡ଼ିଶା ପୋଲିସ, କଟକ ଏଠାରେ ଚାଲିଥିବା ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଦଳ ଶନିବାର ଅନୁଷ୍ଠିତ ଫାଇନାଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ୪-୧ ଗୋଲ୍‌ରେ ହରାଇ ଦେଇଛି। ସ୍ଥାନୀୟ ସିଟି କ୍ଲବ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫୁଟ୍‌ବଲ ଏକାମେଡୀ ପଡ଼ିଆରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲରେ ବିଜୟୀ ଦଳର ପ୍ୟାରୀ ଖାଖା ୩ଟି ଗୋଲ୍ ଏବଂ ଯଶୋଦା ମୁଣ୍ଡା ଗୋଟିଏ ଗୋଲ୍ ଦେଇଥିଲେ। ନୀତା ଫୁଟ୍‌ବଲ ଏକାଡେମୀ ତରଫରୁ ପ୍ରିୟାରୁବି ଦାସ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ପ୍ୟାରୀ ଖାଖା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ଭାରତର ଅର୍ଥ ପରାମର୍ଶଦାତା ରାଜୀବ ଶେଖର ସାହୁ, ସୁରେଶ ରାଉତରାୟ, ଡ. ପ୍ରକାଶ ଶ୍ରୀଚନ୍ଦନ, ଭାଗ୍ୟଧର ଜଗଦ୍ଦେବ, ଆଦିତ୍ୟ ପ୍ରସାଦ ପାଢ଼ୀ, ନିରଞ୍ଜନ ମିଶ୍ର, ରଶ୍ମି




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ।

ମହାପାତ୍ର, ସତ୍ୟବ୍ରତ ରଥ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବୃନ୍ଦାବନ ଦଳବେହେରା, ଅଭିନେତା ସବ୍ୟସାଚୀ, ସିଟି କ୍ଲବ ସଭାପତି ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ନନ୍ଦକିଶୋର ପଟ୍ଟନାୟକଙ୍କ ସହଧର୍ମିଣୀ ସଞ୍ଜୁ ପଟ୍ଟନାୟକ। ଏହି ଅବସରରେ ବିଜେତା ଦଳ ଓଡ଼ିଶା ପୋଲିସକୁ ଟ୍ରଫି ସହ ୩୧ ହଜାର ଟଙ୍କା ଏବଂ ଉପବିଜେତା ନୀତା ଫୁଟ୍‌ବଲ ଏକାଡେମୀକୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୃଙ୍ଖଳିତ ଦଳ ଭାବେ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର ଭାବେ ପ୍ୟାରୀ ଖାଖା, ଶ୍ରେଷ୍ଠ ଗୋଲ୍‌କିପର ଭାବେ ସସ୍ମିତା ପରିଡ଼ା, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଅମ୍ବାଲିକା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଯଶୋଦା ମୁଣ୍ଡା ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିତୁ ବଦରିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଆଶୀର୍ବାଦ ବେହେରାଙ୍କୁ ଏବଂ କୋଚ୍ ଗଙ୍ଗରଥୀ ବେହେରା ଓ ବିଜୟ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ